# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୧୯/୨୦୧୯ (୧୬ ପୃଷ୍ଠା) Sambalpur, Friday, July 19 / 2019 ★★

୧୫ଶ ଭାଗ ୨୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ପ୍ରିୟଙ୍କା ଚୋପ୍ରାଙ୍କୁ ୩୭ ଛୁଇଁଲା

ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ୩୭ବର୍ଷରେ ପାଦ ଦେଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ମିଳିଛି।

୦୨ ୧୫

## ସିନ୍ଧୁ କ୍ୱାର୍ଟରଫାଇନାଲରେ

ପି. ଭି. ସିନ୍ଧୁ ଇଣ୍ଡୋନେସିଆନ ଓପନ୍ ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



■ ରାଜ୍ୟପାଳଙ୍କ ନିର୍ଦ୍ଦେଶକୁ ବାଚସ୍ପତିଙ୍କ ଅବଜ୍ଞା, ବିଧାନସଭା ଦିନକ ପାଇଁ ସ୍ଥଗିତ

# ଆସ୍ଥାଭୋଟ କରାଇଦେଲେନି

ବେଙ୍ଗାଲୁରୁ,୧୮।୭ (ପି.ଟି./ଆଇଏଏନ୍ଏସ୍)

### କର୍ନାଟକରେ ଜଟିଳ ସଙ୍କଟ

- ■ ରାଜ୍ୟପାଳଙ୍କୁ ହସ୍ତକ୍ଷେପ ଲାଗି ଅନୁରୋଧ କରିଥିଲା ଭାଜପା
- ■ ଗୁରୁବାର ଆସ୍ଥାଭୋଟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଭଜୁଭାଇ ଭାଲା
- ■ ରାତିସାରା ବିଧାନସଭାରେ ଭାଜପା ବିଧାୟକଙ୍କ ଧାରଣା ନିଷ୍ପତ୍ତି
- ■ କଂଗ୍ରେସ ବିଧାୟକଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ଆଣିଲା ଦଳ



ବାଚସ୍ପତି କେ.ଆର. ରମେଶ କୁମାର



ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ

ଘଡ଼ିକେ ଘୋଡ଼ା ଛୁଟୁଛି। କର୍ନାଟକ ରାଜନୀତିର ପାଣି କେତେବେଳେ କେଉଁ ଆଡ଼କୁ ବହିବ କିଛି କହି ହେଉନାହିଁ। ୧୬ ବିଦ୍ରୋହୀ ବିଧାୟକଙ୍କ ଇସ୍ତଫା ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ସଂଖ୍ୟାଲଘୁରେ ପରିଣତ କରି ରାଜ୍ୟରେ ରାଜନୈତିକ ସଙ୍କଟ ସୃଷ୍ଟି କରିଛି। ଏଥିଲାଗି ବିଧାନସଭାରେ ଗୁରୁବାର ଆସ୍ଥାଭୋଟ ହେବାକୁ ଥିବାବେଳେ ଦେଖିବାକୁ ମିଳିଥିଲା ହାଇଡ୍ରାମା। ଏଥିରେ ସାମିଲ ହୋଇଥିଲେ ଉଭୟ ଶାସକ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ଏବଂ ବିରୋଧୀ ଭାଜପା ବିଧାୟକମାନେ। ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେପଟେ ଭାଜପା ନେତାମାନେ ରାଜ୍ୟପାଳ ଭଜୁଭାଇ ଭାଲାଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଥିଲେ। ଗୁରୁବାର ହିଁ ଶକ୍ତିପରୀକ୍ଷା କରାଇବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଧାନସଭାରେ ହଟ୍ଟଗୋଳ ଓ ଅଚଳାବସ୍ଥାକୁ ଆଳକରି ବାଚସ୍ପତି ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କଲେ। ଏହାର ପ୍ରତିବାଦରେ ବିରୋଧୀ ଦଳ ନେତା ବି.ଏସ୍. ୟେଦୁରପ୍ପାଙ୍କ ସମେତ ଭାଜପା ବିଧାୟକମାନେ ରାତିସାରା ବିଧାନସଭାରେ ଧାରଣାରେ ବସିବାର ନିଷ୍ପତ୍ତି ନେଲେ। ଶୁକ୍ରବାର ଆସ୍ଥାଭୋଟ କରା ନ ଗଲେ ପରବର୍ତ୍ତୀ ଦୁଇଦିନ ଶନିବାର ଓ ରବିବାର ଛୁଟି ପଡୁଥିବାରୁ ସୋମବାର ରାଜ୍ୟ ରାଜନୀତି କେଉଁ ଆଡ଼େ ମୁହାଁଇସାରିଥିବ ସେନେଇ ଆକଳନ କରିବା କଷ୍ଟକର।

ବାଚସ୍ପତିଙ୍କ ଅନୁମତି ପରେ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ମେଣ୍ଟ ସରକାର ସପକ୍ଷରେ ଆସ୍ଥାଭୋଟ ପାଇଁ ସଂକ୍ଷିପ୍ତ ପ୍ରସ୍ତାବ ଆଗତ କରିଥିଲେ। ତାଙ୍କ ନେତୃତ୍ୱାଧୀନ ୧୪ ମାସିଆ ସରକାର ପ୍ରତି ବିଦ୍ରୋହୀ ବିଧାୟକମାନେ ସନ୍ଦେହ ବ୍ୟକ୍ତ କରିଛନ୍ତି। କର୍ନାଟକର ଘଟଣାକ୍ରମକୁ ସାରା ଦେଶ ଦେଖୁଛି। ଆମକୁ ସତ କହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପ୍ରସ୍ତାବ ଆଗତ ହେବା ମାତ୍ରେ ଭାଜପା ନେତା ୟେଦୁରପ୍ପା ଛିଡ଼ାହୋଇ କହିଥିଲେ, ଆସ୍ଥାଭୋଟ ପ୍ରକ୍ରିୟା ଦିନକ ମଧ୍ୟରେ ହିଁ ଶେଷ ହେବା ଉଚିତ। ଏହାର ଜବାବରେ କୁମାରସ୍ୱାମୀ କହିଥିଲେ, ବିରୋଧୀ ଦଳ ନେତା ତରତର ହେଉଥିବା ଭଳି ମନେହେଉଛି। ସୁପ୍ରିମକୋର୍ଟ ରାୟ ପରିପ୍ରେକ୍ଷୀରେ ହୁଇପ୍ ଜାରି କରିବା ନେଇ ବାଚସ୍ପତି ନିଷ୍ପତ୍ତି ନେବା ପର୍ଯ୍ୟନ୍ତ ଆସ୍ଥାଭୋଟ ଟାଳିବା ପାଇଁ କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ନେତା ସିଦ୍ଧାରାମାୟା ପ୍ରସ୍ତାବ ଦେଇଥିଲେ। ସେ କହିଥିଲେ, ୧୫ ବିଦ୍ରୋହୀ ବିଧାୟକ ସୁପ୍ରିମକୋର୍ଟଙ୍କ ରାୟ ଦ୍ୱାରା ପ୍ରଭାବିତ ହୋଇ ଅନୁପସ୍ଥିତ ଅଛନ୍ତି। ସିଏଲ୍‌ପି ନେତା ଭାବେ ସେ ଜାରି କରିଥିବା ହୁଇପ୍‌ର ଭାଗ୍ୟ ସମ୍ପର୍କରେ ବାଚସ୍ପତି ଏକ ରୁଲିଂ ଦିଅନ୍ତୁ। ଅନାସ୍ଥା ପ୍ରସ୍ତାବକୁ ଗ୍ରହଣ କରିବା ଅସାମ୍ବିଧାନିକ ବୋଲି ସିଦ୍ଧାରାମାୟା ଦର୍ଶାଇଥିଲେ। ଏସମ୍ପର୍କରେ ଆଡ୍‌ଭୋକେଟ ଜେନେରାଲଙ୍କ ପରାମର୍ଶ ନେବେ ବୋଲି କହି ବାଚସ୍ପତି ମଧ୍ୟାହ୍ନଭୋଜନ ପାଇଁ ଗୃହକୁ ସ୍ଥଗିତ ରଖିଥିଲେ। ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ଶାସକ ଓ ବିରୋଧୀ ସଦସ୍ୟ ହୁଇପ୍ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ। ଭାଜପା ନେତାମାନେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେବା ପରେ ଭଜୁଭାଇ ଭାଲାଙ୍କ ବାର୍ତ୍ତାକୁ ବାଚସ୍ପତି ଗୃହରେ ପଢ଼ି ଉପସ୍ଥିତ ସଦସ୍ୟଙ୍କୁ ଶୁଣାଇଥିଲେ। ସେପଟେ ସରକାର ଭାଙ୍ଗିବା ପାଇଁ ବିଧାୟକ ଶ୍ରୀମନ୍ତଙ୍କୁ ଭାଜପା ଅପହରଣ କରିଛି ବୋଲି କଂଗ୍ରେସ ଅଭିଯୋଗ ଆଣିଥିଲା। ତାଙ୍କୁ ଅପହରଣ ପରେ ଏକ ସ୍ୱତନ୍ତ୍ର ବିମାନରେ ମୁମ୍ବାଇ ନେଇ ଜବରଦସ୍ତି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାର ପ୍ରମାଣ ଦିଆଯିବ ବୋଲି ବରିଷ୍ଠ ମନ୍ତ୍ରୀ ଡି.କେ. ଶିବକୁମାର କହିଥିଲେ। ଉଦ୍ଦେଶ୍ୟମୂଳକ ଭାବେ ଗୃହକାର୍ଯ୍ୟ ବିଳମ୍ବିତ କରାଯାଉଥିବା ଅଭିଯୋଗ ଆଣି ଭାଜପା ଅସନ୍ତୋଷ ବ୍ୟକ୍ତ କରିଥିଲା। ଏହାକୁ ନେଇ ବାଚସ୍ପତି ଓ ଭାଜପା ସଦସ୍ୟ ମଧୁସ୍ୱାମୀଙ୍କ ମଧ୍ୟରେ କଥା କଟାକଟି ହେବା ପରେ ଗୃହକୁ ଘଣ୍ଟାକ ପାଇଁ ସ୍ଥଗିତ କରାଯାଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ପୁଣି ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ୩ ଥର ସ୍ଥଗିତ ହେବା ପରେ ମଧ୍ୟ ସ୍ୱାଭାବିକ ଅବସ୍ଥା ନ ଆସିବାରୁ ସନ୍ଧ୍ୟାରେ ବାଚସ୍ପତି ବିଧାନସଭାକୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ହେଲେ ଆସ୍ଥାଭୋଟ ନେଇ ବିତର୍କ ହୋଇପାରି ନ ଥିଲା। ନିଜ ସପକ୍ଷରେ ୧୦୫ ଏବଂ ଶାସକ ମେଣ୍ଟ ନିକଟରେ ୧୦୦ରୁ କମ୍ ବିଧାୟକଙ୍କ ସମର୍ଥନ ଥିବା ଦାବି କରୁଥିବା ୟେଦୁରପ୍ପା ଏହାକୁ ବିରୋଧ କରିଥିଲେ। ବାଚସ୍ପତିଙ୍କ ଏହି ନିଷ୍ପତ୍ତି ପ୍ରତିବାଦରେ ସେ ଓ ଭାଜପା ସଦସ୍ୟମାନେ ରାତିସାରା ବିଧାନସଭାରେ ଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଇତିମଧ୍ୟରେ କଂଗ୍ରେସ ବିଧାୟକ ଶ୍ରୀମନ୍ତ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ତାଙ୍କୁ କେହି ଅପହରଣ କରିନାହାନ୍ତି। ଛାତିରେ ଯନ୍ତ୍ରଣା ହେବାରୁ ସେ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

## କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିଲମ୍ବନ ଦାବି କଲେ ବିରୋଧୀ

ଭୁବନେଶ୍ୱର, ୧୮।୭ (ବ୍ୟୁରୋ)

### ପାଟକୁରାରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

■ ଗୃହ ମୁଲତବୀ, ଧାରଣାରେ ବସିଲେ ଭାଜପା, କଂଗ୍ରେସ

ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ହଟାଯାଉ, ନଚେତ୍ ଗୃହ ଚଳାଇ ଦେବୁ ନାହିଁ। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ବିଧାନସଭାରେ ହଟ୍ଟଗୋଳ କରିଥିଲେ। ପ୍ରସଙ୍ଗ ଗୋଟିଏ ହେଲେ ମଧ୍ୟ ଭାଜପା ଏବଂ କଂଗ୍ରେସ ଭିନ୍ନ ଭିନ୍ନ ଢଙ୍ଗରେ ସରକାରଙ୍କୁ ଘେରିଛନ୍ତି। ପାଳି କରି ଉଭୟ ଦଳ ଗୃହକୁ ବାରମ୍ବାର ଅଚଳ କରିଛନ୍ତି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ବିରୋଧୀଙ୍କ ହୋ ହଲ୍ଲା ଯୋଗୁ ବିଭିନ୍ନ ପର୍ଯ୍ୟାୟରେ ୧୧ଟା ୪୯ ମିନିଟ୍‌ରୁ ଅପରାହ୍ନ ୩ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଶୂନ୍ୟକାଳ ଆରମ୍ଭ ମାତ୍ରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ପାଟକୁରାଠାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ ଏକ ଟିଭି ଚ୍ୟାନେଲ ଖବରଦାତାଙ୍କୁ କେନ୍ଦ୍ରାପଡା ଏସ୍‌ପି ମାଡ଼ ମାରିଥିବା ବିଷୟ ଉଠାଇଥିଲେ। ସେ କହିଥିଲେ ଯେ, ରାଜ୍ୟରେ ଖବରଦାତାମାନେ ମଧ୍ୟ ସୁରକ୍ଷିତ ନୁହନ୍ତି। ଏସ୍‌ପି ଖବରଦାତାଙ୍କୁ ଦୁର୍ବ୍ୟବହାର କରିଛନ୍ତି, ମାଡ଼ ମାରିଛନ୍ତି। ତୁରନ୍ତ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜିଲାପାଳମାନେ ବିଜେଡିର ଜିଲା ସଭାପତି ଏବଂ ଏସ୍‌ପିମାନେ ଜିଲା ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ସାମ୍ବାଦିକମାନେ ଖବର ସଂଗ୍ରହ କରିବାକୁ ଯାଇଥାନ୍ତି। ସେମାନଙ୍କୁ ଏଭଳି ବ୍ୟବହାର କରିବା କେତେଦୂର ଯଥାର୍ଥ ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଥିଲେ। ଏସ୍‌ପିଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ବିରୋଧୀ ଦଳ ନେତା ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରି କହିଥିଲେ, ବୁଧବାର ମୁଖ୍ୟମନ୍ତ୍ରୀ ପାଟକୁରାରେ ରୋଡ୍ ଶୋ' କରୁଥିଲେ। ଗୋଟିଏ ଟିଭି ଚ୍ୟାନେଲର ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରାଗଲା, ରାଜ୍ୟରେ ଗଣତନ୍ତ୍ର ନା ରାଜତନ୍ତ୍ର ନା ପୋଲିସତନ୍ତ୍ର ନା ନବୀନତନ୍ତ୍ର ଚାଲିଛି। ଦେଶ ଓ ରାଜ୍ୟ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ।

ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଗତ ଦୁଇ ତିନି ଦିନ ପୂର୍ବରୁ ଆମେ ଆଇନଶୃଙ୍ଖଳା କଥା ଉଠାଇଥିଲୁ। ମୁଖ୍ୟମନ୍ତ୍ରୀ ଏହାର ଜବାବ ରଖିଲେ। ସେହି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ଧକ୍କା ମରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରକୁ ଜମି ହଡ଼ପ ମାମଲାରେ ଯାଇଥିବା ସାମ୍ବାଦିକମାନଙ୍କୁ ମଧ୍ୟ ସେଠାରେ ଭଡ଼ାଟିଆ ଗୁଣ୍ଡା ଲଗାଇ ମାଡ଼ ମରାଗଲା। ସେହି ସଂସ୍ଥାର ଲୋକଙ୍କୁ ବିଜେଡି ଟିକେଟ ଦେଇଛି। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭକୁ କାହିଁକି ସୁରକ୍ଷା ଦିଆଯାଉନାହିଁ। ମହାରାଷ୍ଟ୍ରରେ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ଆଇନ ରହିଛି। ରାଜ୍ୟରେ ମଧ୍ୟ ସାମ୍ବାଦିକଙ୍କ ପାଇଁ ଆଇନ ହେଉ। ବାଚସ୍ପତି ଏନେଇ ରୁଲିଂ ଦିଅନ୍ତୁ ବୋଲି ସେ କହିଥିଲେ। ଏହି ସମୟରେ ଭାଜପା ସଭ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରୁଲିଂ ଦିଆଯାଉ ବୋଲି ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ମାତ୍ର ବାଚସ୍ପତି ସଭ୍ୟମାନଙ୍କୁ ନିଜ ସିଟ୍‌କୁ ଚାଲିଯିବାକୁ କହିବା ସହିତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଏ ବିଷୟରେ ଚିନ୍ତା କରି କହିବି ବୋଲି ବାଚସ୍ପତି କହିଥିଲେ। ମାତ୍ର ଭାଜପା ସଭ୍ୟମାନେ ବାଚସ୍ପତିଙ୍କ କଥାକୁ ଏଡ଼ାଇ ଦେଇ ନାରାବାଜି କରିବା ସହ ଗୃହରେ ଧାରଣାରେ ବସିଥିଲେ।

## ଆର୍ଥିକ ଅନଟନ: ନାତିକୁ ବିକିଲେ ଆଈ

ସୋନପୁର,୧୮।୭(ନି.ପ୍ର.)

ଆର୍ଥିକ ଅନଟନ ଯୋଗୁ ଆଈ ନିଜର ୧ ବର୍ଷର ନାତିକୁ ଝିଅଠାରୁ ଅଲଗା କରି ଅନ୍ୟତ୍ର ବିକ୍ରି କରିବାକୁ ପଛାଇ ନାହାନ୍ତି। ସୁବର୍ଣ୍ଣପୁର ଜିଲା ବିନିକା ଥାନା ବିଶାଳପାଲିରେ ଏଭଳି ଘଟଣା ଘଟିଛି। ଶିଶୁପୁତ୍ର ବିକ୍ରି ହୋଇଥିବା ନେଇ ଶିଶୁର ମା' ସସ୍ମିତା କୁମ୍ଭାର(୨୨) ବିନିକା ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ସେ ଅସୁସ୍ଥ ଥିବା ସମୟରେ ତାଙ୍କ ମା, ତଥା ଶିଶୁର ଆଈ ଜୟନ୍ତୀ ଜଗଦଲା(୪୭) ଶିଶୁକୁ ବିକ୍ରି କରିଛନ୍ତି। ଗତ ୨ମାସ ପୂର୍ବରୁ ଶିଶୁ ବିକ୍ରି ହୋଇଛି। ଏଥିରେ ଜୟନ୍ତୀଙ୍କୁ ସ୍ଥାନୀୟ ବଲାରଙ୍ଗା ଅଞ୍ଚଳର ଦଶରଥ ସୁନା ସହଯୋଗ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ବିନିକା ପୋଲିସ ତଦନ୍ତ ଆରମ୍ଭ କରିଛି। ଜୟନ୍ତୀଙ୍କୁ ପଚରାଉଚୁରା ସମୟରେ ଝିଅ ସସ୍ମିତାଙ୍କ ଜାଣତରେ ରାୟଗଡା ଜିଲାରେ ଶିଶୁକୁ ବିକ୍ରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ତେବେ ପୋଲିସ ଜୟନ୍ତୀଙ୍କୁ ଥାନାରୁ ଛାଡି ଦେଇଛି। ପ୍ରକାଶ ଯେ, ସସ୍ମିତା ନୂଆପଡା ଜିଲା ବାଞ୍ଜିବାହାଲରେ ବିବାହ କରିଥିଲେ। ସ୍ୱାମୀଙ୍କର ମୃତ୍ୟୁ ହେବାରୁ ମା'ଙ୍କ ସହିତ ବିଶାଳପାଲିରେ ରହି ସେ ରାଇସ୍ ମିଲ୍‌ରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମଜୁରି ଟଙ୍କାରେ ଝିଅ ଆରୁଷୀ(୫) ଓ ପୁଅ ଅମନ(୧)ଙ୍କୁ ପ୍ରତିପୋଷଣ କରୁଥିଲେ। ତେବେ ଦେହ ଖରାପ ହେବାରୁ ସେ ଆଉ କାମ କରିବାକୁ ଯାଇ ପାରୁ ନ ଥିଲେ। ଏହି ସୁଯୋଗରେ ସେ ଘରେ ଶୋଇଥିବା ସମୟରେ ଜୟନ୍ତୀ ନାତିକୁ ବିକ୍ରି କରିଥିବା ଅଭିଯୋଗ ହୋଇଛି। ତେବେ ସ୍ଥାନୀୟ ପୋଲିସ ଏହି ଘଟଣାକୁ ହାଲୁକା ଭାବେ ନେବା ସହିତ ତଦନ୍ତ ଚାଲିଥିବା ଆଳରେ ଗଣମାଧ୍ୟମକୁ କୌଣସି ସୂଚନା ଦେଉନାହିଁ।



ଗୁରୁବାର ସମ୍ବଲପୁରରେ ପଞ୍ଚକୁଣ୍ଡୀୟ ରୁଦ୍ରଚଣ୍ଡୀ ମହାଯଜ୍ଞ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ।

### ଆଜିର ସମ୍ପାଦକୀୟ

ଭୁଲ୍ ନିଷ୍ପତ୍ତି

### ଆଜିର ମନ୍ତବ୍ୟ

" ତ୍ରିପୁରାକୁ ଗଣତନ୍ତ୍ର ହତ୍ୟାର କ୍ଷେତ୍ରରେ ପରିଣତ କରିଦେଇଛି ଭାଜପା।

– ମାଣିକ ସରକାର, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

୨୦୧୮-୧୯ରେ ଦେଶରେ ୨୧୧.୬ ନିୟୁତ ଟନ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାର ହୋଇଛି। ଏହା ମଧ୍ୟରେ ଡିଜେଲ ୮୩.୫ ନିୟୁତ ଟନ ଏବଂ ପେଟ୍ରୋଲ ୨୮.୩ ନିୟୁତ ଟନ୍ ରହିଛି।

– ପେଟ୍ରୋଲିୟମ ମନ୍ତ୍ରଣାଳୟ


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY) PARDHIAPALI, SAMBALPUR
For Admission please Contact: 7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 18.07.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 66 | 114 | 124 |
| DKL | 66 | 114 | 124 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 65 | 113 | 123 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers


## ୩ ମାସ ପରେ ମାଟିତଳୁ କଢ଼ାଗଲା ମୃତଦେହ

ବରଗଡ଼ ଅଫିସ/ପଦ୍ମପୁର,୧୮।୭(ଡି.ଏନ.ଏ.)

- ■ ସ୍ତ୍ରୀ ଆଣିଲେ ହତ୍ୟା ଅଭିଯୋଗ
- ■ ପୋଲିସର ତନାଘନା ଜାରି
- ■ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ମୃତ୍ୟୁ ପରେ ପାରମ୍ପରିକ ରୀତିନୀତିରେ ମୃତଦେହ ସଂସ୍କାର କରାଯାଇଥିଲା । ମାତ୍ର ଏହାର ୩ ମାସ ପରେ ଅର୍ଥାତ୍ ଗୁରୁବାର ମୃତକଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କୁ ମଦରେ ବିଷ ଦେଇ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାଟିତଳୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି । ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଅମାମୁଣ୍ଡା ଗ୍ରାମରେ ଏହି ଘଟଣା ଘଟିଛି ।

ସୂଚନା ଅନୁସାରେ, ଗତ ଏପ୍ରିଲ ୧୭ତାରିଖରେ ଅମାମୁଣ୍ଡା ଗ୍ରାମର ଉଦୟ ତାଣ୍ଡି(୬୦) ଝାଡ଼ାବାନ୍ତି ହୋଇ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ତା'ପରଦିନ ଅର୍ଥାତ୍ ୧୮ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ପରିବାର ଲୋକେ ବିଧିମତେ ମୃତଦେହ ମାଟିତଳେ ପୋତି ସଂସ୍କାର କରିଥିଲେ । ଘଟଣାର କିଛିଦିନ ପରେ ଗ୍ରାମର ଜଣେ ଯୁବକ ତାଙ୍କ ଘରକୁ ଆସି ଉଦୟଙ୍କୁ ବିଷ ମିଶା ମଦ ପିଆଇ ମାରି ଦେଇଥିବା କହିବା ସହିତ ସେଥିରେ ସମ୍ପୃକ୍ତ ଲୋକଙ୍କ ନାମ ପ୍ରକାଶ କରିଥିଲେ । ଘଟଣାଟି ପ୍ରଘଟ ହେବା ପରେ ଗ୍ରାମରେ ଏକ ସଭା ହୋଇଥିଲା ଏବଂ ସଭାର ନିଷ୍ପତ୍ତିକ୍ରମେ ମୃତ ଉଦୟଙ୍କ ସ୍ତ୍ରୀ ଇଲା ମେଲଛାମୁଣ୍ଡା ଥାନାରେ ଏତଲା ଦେଇଥିଲେ । ଏହାପରେ ମେଲଛାମୁଣ୍ଡା ପୋଲିସ ଏକ ମାମଲା(ନଂ.୯୧/୧୯) ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି । ଏ ନେଇ ଇଲା କହିଛନ୍ତି, ଉକ୍ତ ଘଟଣା ପ୍ରଘଟ ହେବା ପରେ ଭୟଭୀତ ହୋଇ ପରିବାର ଲୋକେ ଥାନାରେ ଏତଲା ଦେଉ ନ ଥିଲେ । ମାତ୍ର ତାଙ୍କ ସ୍ୱାମୀଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବାରୁ ସେ ନିଜେ ଥାନାକୁ ଆସି ଏତଲା ଦେଇଥିବା କହିଛନ୍ତି। ସେହିପରି ପୂର୍ବ ଶତ୍ରୁତା ଯୋଗୁ ତାଙ୍କ ବାପାଙ୍କୁ ଯୋଜନାବଦ୍ଧ ଭାବେ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଉଦୟଙ୍କ ପୁଅ ଜିତ୍ ଅଭିଯୋଗ କରିଛନ୍ତି । ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ପଦ୍ମପୁର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ପ୍ରକାଶ କରିଛନ୍ତି ।



ହତ୍ୟା ଅଭିଯୋଗ ଆଣିଥିବା ଉଦୟଙ୍କ ସ୍ତ୍ରୀ ।

■ ଥାନାବାବୁଙ୍କୁ ଲାଞ୍ଚ ଯାଚିବା ମହଙ୍ଗା ପଡ଼ିଲା

## ଭାଇକୁ ମୁକୁଳାଇବାକୁ ଯାଇ ସମ୍ପର୍କୀୟ ଭାଇ ଗିରଫ

ବରଗଡ଼ ଅଫିସ/ ସୋହେଲା,୧୮।୭



ରାମକୃଷ୍ଣ ସେଠ

ଭାଇକୁ ମୁକୁଳାଇବାକୁ ସେ ଥାନାକୁ ଯାଇଥିଲେ। ଏଥିପାଇଁ ସେ ଥାନା ଆଇଆଇସିଙ୍କୁ ୧ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ଉଦ୍ୟମ କରିଥିଲେ। ହେଲେ ଭାଇକୁ ମୁକୁଳାଇବା ବଦଳରେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ରାମକୃଷ୍ଣ ସେଠ। ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଅଧିକାରୀମାନେ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବନାବିରା ଗ୍ରାମର ଚୂଡ଼ାମଣି ସେଠ ବେଆଇନ ଭାବେ ଏସକଫ୍ (କଫ୍ ସିରପ) ବିକ୍ରି କରୁଥିବା ବେଳେ ଗୁରୁବାର ପୂର୍ବାହ୍ନ ୯ଟା ୪୫ରେ ସୋହେଲା ଥାନା ପୋଲିସ ତାଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରୁ ୩୦୦ ବୋତଲ ଏସକଫ୍ ପୋଲିସ ଜବତ କରିଥିଲା। ଦିନପ୍ରାୟ ୧୦ଟାରେ ଚୂଡ଼ାମଣିଙ୍କ ସମ୍ପର୍କୀୟ ଭାଇ ରାମକୃଷ୍ଣ ଥାନାରେ ପହଞ୍ଚିଥିଲେ। ଚୂଡ଼ାମଣିଙ୍କୁ ଛାଡ଼ିଦେବା ପାଇଁ ଆଇଆଇସି ନିର୍ମଳ କୁମାର ମହାପାତ୍ରଙ୍କୁ ୧ଲକ୍ଷ ଟଙ୍କା ଲାଞ୍ଚ ଯାଚିଥିଲେ। ହେଲେ ଚୂଡ଼ାମଣିଙ୍କ ବିରୋଧରେ ଦଫା ୨୭୨, ୨୭୩, ୨୭୪/୨୭୫କ୍ରମେ ଏକ ମାମଲା(ନଂ. ୧୧୭/୧୯) ରୁଜୁ ହେବା ସହିତ ତାଙ୍କୁ ଗିରଫ କରାଯାଇଥିବାରୁ ଆଉ ଛାଡ଼ିବା ସମ୍ଭବ ନୁହେଁ ବୋଲି ଆଇଆଇସି ମହାପାତ୍ର ରାମକୃଷ୍ଣଙ୍କୁ କହିଥିଲେ। ଏହାସତ୍ତ୍ୱେ ରାମକୃଷ୍ଣ ଆଇଆଇସି ମହାପାତ୍ରଙ୍କୁ ସେଭଳି ଅର୍ଥ ଯାଚି ଚୂଡ଼ାମଣିଙ୍କୁ ଛାଡ଼ିଦେବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ।

ଆଇଆଇସି ମହାପାତ୍ର ଏ ନେଇ ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ପରାମର୍ଶକ୍ରମେ ସେ ଏ ସମ୍ପର୍କରେ ଭିଜିଲାନ୍ସକୁ ଅବଗତ କରିଥିଲେ। ଏହାପରେ ଭିଜିଲାନ୍ସ ଟିମ୍ ଲାଞ୍ଚ ଯାଚୁଥିବା ରାମକୃଷ୍ଣଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ଅପରାହ୍ନ ପ୍ରାୟ ୩ଟାରେ ଆଇଆଇସି ମହାପାତ୍ର ନିଜ ସରକାରୀ କ୍ୱାର୍ଟର୍ସରେ ଥିବାବେଳେ ରାମକୃଷ୍ଣ ୪୦ହଜାର ଟଙ୍କା ଧରି ତାଙ୍କ ପାଖରେ ପହଞ୍ଚିଥିଲେ। ୪୦ହଜାର ଟଙ୍କା ଦେଇ ବାକି ୬୦ହଜାର ଟଙ୍କା ସନ୍ଧ୍ୟା ସୁଦ୍ଧା ଦେବେ ବୋଲି ସେ ଆଇଆଇସି ମହାପାତ୍ରଙ୍କୁ କହିଥିଲେ। ପୂର୍ବ ଯୋଜନା ଅନୁଯାୟୀ, ବରଗଡ଼ ଭିଜିଲାନ୍ସ ଡିଏସ୍‌ପି ବି. କେ. ନାୟକଙ୍କ ନେତୃତ୍ୱରେ ଛପି ରହିଥିବା ଭିଜିଲାନ୍ସ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ରାମକୃଷ୍ଣଙ୍କୁ ଗିରଫ କରିଥିଲେ। ଜେରା ସମୟରେ ସମ୍ପର୍କୀୟ ଭାଇଙ୍କୁ ମୁକୁଳାଇବା ପାଇଁ ରାମକୃଷ୍ଣ ଆଇଆଇସି ମହାପାତ୍ରଙ୍କୁ ୪୦ହଜାର ଟଙ୍କା ଲାଞ୍ଚ ଯାଚିଥିବା ସ୍ୱୀକାର କରିଛନ୍ତି। ଏହାପରେ ତାଙ୍କୁ ଗିରଫ କରାଯିବା ସହିତ ଲାଞ୍ଚ ଟଙ୍କା ଜବତ କରାଯାଇଥିବା ଭିଜିଲାନ୍ସ ଅଧିକାରୀମାନେ କହିଛନ୍ତି।



"ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ କର୍ନାଟକ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଅର୍ଥବଳ ଓ ବାହୁବଳ ପ୍ରୟୋଗ କରି ଗଣତନ୍ତ୍ରକୁ ସ୍ପଷ୍ଟ ଦିବାଲୋକରେ ଅପହରଣ କରିଛି ଭାଜପା।
-ରଣଦୀପ ସୁର୍ଜେଓ୍ବାଲା, କଂଗ୍ରେସ ମୁଖପାତ୍ର

## ସଂକ୍ଷେପରେ

### ଆବାସି ଗିରଫ



**ଲାହୋର,୧୮।୭(ପି.ଟି.):** ବହୁକୋଟି ଟଙ୍କା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶାହିଦ ଖାକନ ଆବାସିଙ୍କୁ ଦୁର୍ନୀତି ନିବାରଣ ବିଭାଗ ଗୁରୁବାର ଗିରଫ କରିଛି। ଆବାସି ୨୦୧୭ ଅଗଷ୍ଟରୁ ୨୦୧୮ ମେ ପର୍ଯ୍ୟନ୍ତ ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ। ଏହା ପୂର୍ବରୁ ସେ ନଓ୍ବାଜ ଶରିଫଙ୍କ ମନ୍ତ୍ରିମଣ୍ଡଳରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଥିବାବେଳେ କୁଏଟ୍‌ରୁ ଏଲ୍‌ଏନ୍‌ଜି ଆମଦାନି ଠିକା ପ୍ରଦାନରେ ଏହି ଦୁର୍ନୀତି ହୋଇଥିଲା। ସେ ଲାହୋରକୁ ଏକ ଖବରଦାତା ସମ୍ମିଳନୀରେ ଯୋଗଦେବାକୁ ଆସୁଥିବାବେଳେ ନ୍ୟାଶନାଲ୍ ଆକାଉଣ୍ଟେବିଲିଟି ବ୍ୟୁରୋ (ଏନ୍‌ଏବି) ଟିମ୍ ପିଛା କରି ତାଙ୍କୁ ଠୋକର ନିଆଜ ବେଗ୍‌ଠାରେ ଗିରଫ କରିଥିଲା। ପୂର୍ବରୁ ଏନ୍‌ଏବି ଆବାସିଙ୍କୁ ଉକ୍ତ ଦୁର୍ନୀତି ମାମଲାରେ ତଦନ୍ତର ସମ୍ମୁଖୀନ ହେବା ଲାଗି ସମନ କରିଥିଲେ ମଧ ସେ ଏହାକୁ ଏଡାଇଯାଇଥିଲେ।

### ଭାଜପାରେ ମିଶିଲେ ୧୩ ବଙ୍ଗାଳୀ ଫିଲ୍ମଷ୍ଟାର

**ନୂଆଦିଲ୍ଲୀ,୧୮।୭(ପି.ଟି.):** ବଙ୍ଗାଳୀ ଚଳଚ୍ଚିତ୍ର ଓ ଟେଲିଭିଜନର ୧୩ ଜଣ ଅଭିନେତା ଅଭିନେତ୍ରୀ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ବେଳେ ପଶ୍ଚିମବଙ୍ଗ ଭାଜପା ସଭାପତି ଦିଲୀପ ଘୋଷ ଉପସ୍ଥିତ ଥିଲେ। ପର୍ଣ୍ଣୋ ମିତ୍ର, ଋଷି କୌଶିକ୍, କାଞ୍ଚନ ମୈତ୍ର, ରୁପାଞ୍ଜନା ମିତ୍ର, ବିଶ୍ୱଜିତ ଗାଙ୍ଗୁଲି ସମେତ ସମସ୍ତ କଳାକାରଙ୍କୁ ଦଳକୁ ସ୍ୱାଗତ କରିବା ଅବସରରେ ଦିଲୀପ କହିଥିଲେ, ପଶ୍ଚିମବଙ୍ଗର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟରେ ବେଶ୍ ପ୍ରଭାବିତ ହୋଇଛନ୍ତି। ଲୋକ ସଭା ନିର୍ବାଚନ ପରେ ପଶ୍ଚିମବଙ୍ଗରୁ ଅନେକ ଟିଏମ୍‌ସି, ସିପିଏମ୍ ଏବଂ କଂଗ୍ରେସ ନେତା ଭାଜପାରେ ଯୋଗଦେଲେଣି।

### ଇତିହାସର ଆଇନାରେ

#### ଜୁଲାଇ ୧୯ର ପ୍ରମୁଖ ଘଟଣା

୧୯୮୦ ଜୁଲାଇ ୧୯ରେ ମସ୍କୋରେ ସମର ଅଲିମ୍ପିକ୍ସ ଆରମ୍ଭ ହୋଇଥିଲା। ୧୯୮୦ ସମର ଅଲିମ୍ପିକ୍ସ ୨୨ତମ ଅଲିମ୍ପିଆଡ ଗେମ୍‌ସ ଭାବେ ପରିଚିତ। ଏହା ଏକ ଅନ୍ତର୍ଜାତୀୟ ମଲ୍ଟି-ସ୍ପୋର୍ଟ ଇଭେଣ୍ଟ ଏବଂ ରୁଷିଆର ରାଜଧାନୀ ମସ୍କୋରେ ଅନୁଷ୍ଠିତ ହୋଇଥିଲା। ୧୯୮୦ ଗେମ୍‌ସ ପୂର୍ବ ୟୁରୋପରେ ଆୟୋଜିତ ହେବାରେ ପ୍ରଥମ ଅଲିମ୍ପିକ୍ ଗେମ।

୧୯୮୯ ଜୁଲାଇ ୧୯ରେ ୟୁନାଇଟେଡ ଏୟାରଲାଇନ୍ସ ବିମାନ-୨୩୨ ସିଓକ୍ସ ସିଟିରେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ୧୧୧ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଏହି ବିମାନ ନିୟମିତ ଡେନ୍‌ଭରରୁ ଚିକାଗୋ ଯାତ୍ରା କରୁଥିଲା। ଏହାର ଟେଲ୍‌ମାଉଣ୍ଟେଡ ଇଞ୍ଜିନ୍ ସମ୍ପୂର୍ଣ୍ଣ ଅଚଳ ହୋଇପଡିବା ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨୯୬ ଯାତ୍ରୀଙ୍କ ମଧ୍ୟରୁ ୧୧୧ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୮୫ ଜଣ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ।

# ଷ୍ଟୁଡିଓରେ ନିଆଁ ଲଗାଇଦେଲେ: ୩୩ ଦଗ୍ଧ

**ଟୋକିଓ,୧୮।୭(ଏଏଫ୍‌ପି)**



ଜାପାନର କ୍ୟୋଟୋ ଆନିମେଶନ୍ କମ୍ପାନୀ ଉପରେ ଗୁରୁବାର ଆକ୍ରମଣ ହୋଇଛି। ଏଥିରେ ୩୩ ଜଣଙ୍କ ମୃତ୍ୟୁ ହେବା ସହ ୩୬ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କ୍ୟୋଟୋ ସହରରେ ଥିବା ଏହି ବିଲ୍ଡିଂରେ ନିଆଁ ଲାଗିବାବେଳେ ପାଖାପାଖି ୭୦ ଜଣ ଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ କହିଛି। କେହି ଜଣେ ବିଲ୍ଡିଂ ଚାରିପଟେ ଗ୍ୟାସୋଲିନ୍ ଭଳି ତରଳ ପଦାର୍ଥ ଢାଳି ନିଆଁ ଲଗାଇ ଦେଇଥିବା କୁହାଯାଉଛି। ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ ଲଗାଇବା ପଛର ସମ୍ଭାବ୍ୟ କାରଣ ଜଣାପଡିନାହିଁ। ଜାପାନରେ ଗତ କିଛି ଦଶନ୍ଧି ମଧ୍ୟରେ ଏହା ସବୁଠୁ ବଡ଼ ହିଂସାତ୍ମକ ଅପରାଧ ବୋଲି କୁହାଯାଉଛି।

ତିନି ମହଲା ବିଲ୍ଡିଂର ଝରକାଗୁଡ଼ିକରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି। ପ୍ରଥମ ମହଲାରେ ଶକ୍ତିଶାଳୀ ବିସ୍ଫୋରଣର ଶବ୍ଦ ପରେ ବିଲ୍ଡିଂରେ ନିଆଁ ବ୍ୟାପିଯାଇଥିଲା। ତଳ ମହଲାରୁ ୨ ଜଣ, ଦ୍ୱିତୀୟ ମହଲାରେ ୧୧ ଏବଂ ତୃତୀୟ ମହଲା ଏବଂ ସିଡି ପାହାଚରୁ ୨୦ ଜଣଙ୍କ ମୃତଦେହ ମିଳିଥିଲା ବୋଲି ଜଣେ ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି। ନିଆଁର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ଏହା ଏକ ଅଗ୍ନିଜନିତ

**ଜାପାନର କ୍ୟୋଟୋ ଆନିମେଶନ୍ କମ୍ପାନୀକୁ ଟାର୍ଗେଟ**

ଆକ୍ରମଣ। ନିଆଁରେ ଆହତ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ଚିକିତ୍ସା ପାଇଁ ହସ୍ପିଟାଲ ନେଇଛି। ବିଲ୍ଡିଂ ବାହାରେ ଉକ୍ତ ବ୍ୟକ୍ତିଙ୍କୁ ଠାବ କରାଯାଇଥିଲା। ଗରୁତର ଆହତ ଏହି ବ୍ୟକ୍ତିଜଣକ ନିଆଁ ଲଗାଇଥିବା ସନ୍ଦେହ କରାଯାଉଛି। ଆକ୍ରମଣକାରୀ ସାଙ୍ଗରେ ଛୁରି ନେଇ ଆସିଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣା ପାଇଁ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଦୁଃଖପ୍ରକାଶ କରିଛନ୍ତି। ଏଭଳି ମର୍ମନ୍ତୁଦ ଘଟଣାର ବର୍ବରତା ବର୍ଣ୍ଣନା କରିବା ପାଇଁ ତାଙ୍କ ପାଖରେ ଭାଷା ନାହିଁ ବୋଲି ସେ ଟୁଇଟ୍ କରିଛନ୍ତି। ପୂର୍ବରୁ ହତ୍ୟା ଧମକ ଥାଇ ଇ-ମେଲ୍ ଆସିଥିଲା ବୋଲି କ୍ୟୋଟୋ ଆନିମେଶନ୍‌ର ଅଧ୍ୟକ୍ଷ ହିଦେଆକି ହାଟା କହିଛନ୍ତି। କମ୍ପାନୀର ମୁଖ୍ୟ ବିଲ୍ଡିଂ ଜଳିଯାଇଛି, ଯେଉଁଥିରେ ଅନେକ ଟେଲିଭିଜନ ଆନିମେଶନ୍ ଚିତ୍ର ପ୍ରସ୍ତୁତ ହୋଇଥିଲା। ଏହି ଆକ୍ରମଣ ଆନିମେଶନ ଚଳଚ୍ଚିତ୍ର ଜଗତ ଓ ଏଥିସହ ସମ୍ପୃକ୍ତ ଲୋକମାନଙ୍କ ପାଇଁ ବଡ଼ ଝଟକା। ଜାପାନର ଆନିମେଶନ୍ ଶିଳ୍ପ ସାରା ବିଶ୍ୱରେ ଜଣାଶୁଣା।



କର୍ନାଟକ ରାଜ୍ୟପାଳ ଭଜୁଭାଇ ଭାଲା(ଡାହାଣ)ଙ୍କୁ ରାଜଭବନରେ ଭେଟୁଛନ୍ତି ଭାଜପା ନେତା ଜଗଦୀଶ ଶେଟ୍ଟାର(ମଝି), ଅରବିନ୍ଦ ଲିମ୍ବାଭାଇ (ବାମରୁ ତୃତୀୟ) ଓ ଅନ୍ୟମାନେ।

ଅଯୋଧ୍ୟା ଜମି ବିବାଦ: ମଧ୍ୟସ୍ଥ କମିଟିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ୧ ସୁଦ୍ଧା ରିପୋର୍ଟ ଦାଖଲ କର

**ନୂଆଦିଲ୍ଲୀ,୧୮।୭(ପି.ଟି.)**



ରାମ ଜନ୍ମଭୂମି -ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାରେ ମଧ୍ୟସ୍ଥତା ପ୍ରକ୍ରିୟା ଜାରି ରଖିବା ଲାଗି ସୁପ୍ରିମକୋର୍ଟ ଗୁରୁବାର ଅନୁମତି ଦେଇଛନ୍ତି। ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ ଏହି ମାମଲାରେ ଅଗଷ୍ଟ ୧ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ଉକ୍ତ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟକୁ ଅନୁଧ୍ୟାନ କଲା ପରେ ମାମଲାରେ ଶୁଣାଣି ଆବଶ୍ୟକ କି ନୁହେଁ, ତାହା ଉପରେ ୨ ତାରିଖରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି।

ଜୁଲାଇ ୧୮ ସୁଦ୍ଧା ମଧ୍ୟସ୍ଥ ପ୍ରକ୍ରିୟାର କେତେ ଅଗ୍ରଗତି ହୋଇଛି ତାହା ଉପରେ ଖଣ୍ଡପୀଠ ଏକ ରିପୋର୍ଟ ମାଗିଥିଲେ। ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଏହି ରିପୋର୍ଟକୁ ଗୁପ୍ତ ରଖାଯିବ। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ମଧ୍ୟସ୍ଥ କମିଟି ଷ୍ଟାଟସ୍ ରିପୋର୍ଟ ଦାଖଲ କରିଥିବାବେଳେ ଜୁଲାଇ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ମଧ୍ୟସ୍ଥତା ପ୍ରକ୍ରିୟାର ରିପୋର୍ଟ ଅଗଷ୍ଟ ୧ରେ ଦାଖଲ କରିବାକୁ ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ସୁପ୍ରିମକୋର୍ଟ ମଧ୍ୟସ୍ଥତା ପ୍ରକ୍ରିୟାର ଷ୍ଟାଟସ୍ ରିପୋର୍ଟ ମାଗିବା ସହ ଆବଶ୍ୟକ ପଡ଼ିଲେ ଜୁଲାଇ ୨୫ରୁ ମାମଲାର ଦୈନନ୍ଦିନ ଶୁଣାଣି ହେବ ବୋଲି କହିଥିଲେ।

ଅଯୋଧ୍ୟାର ରାମ ଜନ୍ମଭୂମି ଜମିକୁ ନେଇ ଦୀର୍ଘବର୍ଷ ହେଲା ବିବାଦ ଲାଗି ରହିଛି। ୧୯୯୨ ଡିସେମ୍ବର ୬ରେ ହିନ୍ଦୁ କରସେବକମାନେ ଷୋଡଶ ଶତାବ୍ଦୀରୁ ଉକ୍ତ ସ୍ଥାନରେ ନିର୍ମିତ ବାବ୍ରୀ ମସ୍‌ଜିଦକୁ ଭାଙ୍ଗିଦେଇଥିଲେ। ଉକ୍ତ ୨.୭୭ ଏକର ଜମିକୁ ତିନିପକ୍ଷ ସୁନ୍ନି ଓ୍ୱାକଫ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା। ଆପୋସ ବୁଝାମଣା ମାଧ୍ୟମରେ ଦୀର୍ଘଦିନର ଏହି ମାମଲାର ତୁରନ୍ତ ସମାଧାନ ଲାଗି ସୁପ୍ରିମକୋର୍ଟ ମଧ୍ୟସ୍ଥ କମିଟି ଗଠନ କରିଥିଲେ। ଏଫ୍.ଏମ୍.ଆଇ. କଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଆର୍ଟ ଅଫ ଲିଭିଙ୍ଗ୍‌ର ପ୍ରତିଷ୍ଠାତା ଶ୍ରୀଶ୍ରୀ ରବିଶଙ୍କର ଏବଂ ଜଣାଶୁଣା ମଧ୍ୟସ୍ଥ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି। ଉତ୍ତରପ୍ରଦେଶର ଫୈଜାବାଦ୍‌ଠାରେ ମଧ୍ୟସ୍ଥ କମିଟି ବିଭିନ୍ନ ପକ୍ଷଙ୍କର ଶୁଣାଣି କରିଥିଲା।

# ୨୨ରେ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ

**ଶ୍ରୀହରିକୋଟା,୧୮।୭**



ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ପ୍ରସ୍ତୁତ ଚନ୍ଦ୍ରୟାନ-୨ର ପରବର୍ତ୍ତୀ ଉତ୍କ୍ଷେପଣ ଜୁଲାଇ ୨୨କୁ ଧାର୍ଯ୍ୟ କରାଯାଇଛି। ସେଦିନ ଅପରାହ୍ନ ୨ଟା ୪୩ରେ ଏହାକୁ ଚନ୍ଦ୍ର ଅଭିମୁଖେ ଛଡାଯିବ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ଜୁଲାଇ ୧୫ରେ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ କରାଯିବାକୁ ସମସ୍ତ ପ୍ରସ୍ତୁତି ସରିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଥିବା ଦର୍ଶାଇ ଏହାକୁ ସ୍ଥଗିତ ରଖାଯାଇଥିଲା। 'ବାହୁବଳୀ' ନାମକ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟରେ ଥିବା ତ୍ରୁଟିକୁ ସ୍ପେସ୍ ଏଜେନ୍ସି ସଂଶୋଧନ କରିପାରିଛି। ଏଥିପାଇଁ 'ଇସ୍ରୋ' ଏକ ବିଶେଷଜ୍ଞ କମିଟି ଗଠନ କରିବା ସହିତ ତ୍ରୁଟି ପଛରେ ଥିବା ମୂଳକାରଣ ଖୋଜାଯାଇଥିଲା। ରକେଟରେ ଥିବା ହିଲିୟମ୍ ଟ୍ୟାଙ୍କରେ ଯଥେଷ୍ଟ ଚାପ ସୃଷ୍ଟି କରାଯାଇ ପାରୁ ନ ଥିବାରୁ ଉତ୍କ୍ଷେପଣର ଘଣ୍ଟାଏ ପୂର୍ବରୁ ଉତ୍କ୍ଷେପଣ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ରକେଟ ସିଷ୍ଟମ୍ ସ୍ୱାଭାବିକ ରହିଥିବାରୁ ଆସନ୍ତା ୨୨ରେ ଏହାକୁ ଲଞ୍ଚ୍ କରିବା ଯଥେଷ୍ଟ ସମ୍ଭାବନା ଅଛି।

## ଭାଜପାରେ ମିଶିଲେ ଅଳ୍ପେଶ ଠାକୁର

**ଗାନ୍ଧୀନଗର, ୧୮।୭ (ପି.ଟି.)**

ଗୁଜରାଟରେ କଂଗ୍ରେସର ପୂର୍ବତନ ବିଧାୟକ ଅଳ୍ପେଶ ଠାକୁର ଓ ଧବଳସିଂ ଜାଲା ଭାଜପାରେ ସାମିଲ ହୋଇଛନ୍ତି। ଦଳର ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏମାନେ ଗୁଜରାଟ ଭାଜପା ଅଧ୍ୟକ୍ଷ ଜିତୁ ଭଗାନୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ରାଜ୍ୟ ସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ବିରୋଧରେ ଭୋଟଦେବା ପରେ ଠାକୁର ଓ ଜାଲା ଜୁଲାଇ ୫ରେ



ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। କଂଗ୍ରେସରେ ଏମାନେ ଖୁସି ନ ଥିବା ପୂର୍ବରୁ ପ୍ରକାଶ କରିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଠାକୁର କଂଗ୍ରେସର ସବୁ ପଦବୀରୁ ଇସ୍ତଫା ଦେଇଥିଲେ।

ହନୁମାନ ଚାଳିଶା କାର୍ଯ୍ୟକ୍ରମରେ ଯୋଗଦେବାରୁ

# ଇଶ୍‌ରତ ଜହାନ୍‌ଙ୍କୁ ଧମକ

**ହାଓଡ଼ା, ୧୮।୭**

ହିନ୍ଦୁଧର୍ମର ଏକ କାର୍ଯ୍ୟକ୍ରମରେ ଯୋଗଦେବାରୁ ଭାଜପା ନେତ୍ରୀ ଇଶ୍‌ରତ ଜହାନ୍‌ଙ୍କୁ ଧମକ ଦିଆଯିବା ସହ ତୁରନ୍ତ ଭଡ଼ାଘର ଖାଲି କରିବାକୁ ସ୍ଥାନୀୟ ଲୋକମାନେ ନିର୍ଦ୍ଦେଶ ଦେଇଥିବା ପୋଲିସ କହିଛି। ପୋଲିସରେ ଜହାନ୍ କରିଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ହାଓଡ଼ାର ଏସି ମାର୍କେଟ ଅଞ୍ଚଳରେ ଭାଜପାର ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମରେ ସେ ବୁର୍ଖା ପିନ୍ଧି ଯୋଗ ଦେଇଥିଲେ। ଧାର୍ମିକ କାର୍ଯ୍ୟ ଶେଷହେବା ପରେ ସେ ଘରକୁ ଆସିଥିଲେ। ପରେ ନିଜ ସମ୍ପ୍ରଦାୟର ଲୋକମାନେ ଘରକୁ ଆସି ତାଙ୍କୁ ଗାଳିଗୁଲଜ କରି ସେଠାକୁ କାହିଁକି ଯାଇଥିଲ ବୋଲି ପ୍ରଶ୍ନ କରିଥିଲେ। ଘର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ମୋତେ ଜୋର୍‌ଜବରଦସ୍ତ ଘରୁ ତଡ଼ିଦେବା ଓ ହତ୍ୟା କରାଯିବା ଭଳି ଧମକ ଦିଆଯାଉଥିବା ଜହାନ୍ ଅଭିଯୋଗ କରିଛନ୍ତି। ପୁଅ ସହ ଏକୁଟିଆ ରହୁଥିବାରୁ ସେ ପୋଲିସର ସୁରକ୍ଷା ଲୋଡ଼ିଛନ୍ତି। ଏନେଇ ତଦନ୍ତ ଜାରି ରହିଥିବା ହାଓଡ଼ା ଏସିପି ପ୍ରତୀକ୍ଷା ଝରକାରିଆ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଦୁବାଇରେ ଥିବା ସ୍ୱାମୀଙ୍କଠାରୁ ୨୦୧୪ରେ ତଲାକ୍ ପାଇ ଏବେ ଅଲଗା ରହୁଥିବା ଜହାନ୍ ତିନି ତଲାକ୍ ମାମଲାର ଆବେଦନକାରୀ ଅଟନ୍ତି।

## ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ

**ରାଞ୍ଚି, ୧୮।୭ (ପି.ଟି.) :** ଝାଡ଼ଖଣ୍ଡର ଲୋହାରଦାଗା ଜିଲାରେ ୩ ମାଓବାଦୀ ଏନ୍‌କାଉଣ୍ଟରରେ ଗୁରୁବାର ନିହତ ହୋଇଛନ୍ତି। ଜିଲାର ବାଗ୍‌ରୁ ଅନ୍ତର୍ଗତ ବାହେଗରା ଗ୍ରାମରେ ମାଓବାଦୀ ଥିବା ଜାଣି ମିଳିତ ଅପରେଶନ ଆରମ୍ଭ ହୋଇଥିଲା। ସିଆର୍‌ପିଏଫ୍, ରାଜ୍ୟ ପୋଲିସ ମିଳିତଭାବେ ଚଢାଉ କରିଥିଲେ। ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ଶେଷରେ ଏନ୍‌କାଉଣ୍ଟରରେ ୩ ମାଓବାଦୀ ନିହତ ହୋଇଥିବାବେଳେ ସେମାନଙ୍କଠାରୁ ୨ଟି ଏକେ-୪୭ ରାଇଫଲ ଓ କେତେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଜଣାପଡ଼ିଛି। ଅଧିକ ମାଓବାଦୀ ଲୁଚିଥିବା ସନ୍ଦେହରେ ସୁରକ୍ଷା କର୍ମୀଙ୍କ ସର୍ଚ୍ଚ ଅପରେଶନ ଜାରି ରହିଥିବା ପ୍ରକାଶ।



ପଶ୍ଚିମବଙ୍ଗର ନଦୀୟାରେ ବରଗଛରେ ଚଢ଼ି ଫଳ ଖାଉଛି ଗୁଣ୍ଡୁଚି ମୂଷା।

# ଦାଉଦ ଇବ୍ରାହିମଙ୍କ ପୁତୁରା ଗିରଫ

**ମୁମ୍ବାଇ, ୧୮।୭ :** ଜୋର ଜବରଦସ୍ତ ଟଙ୍କା ଅସୁଲ କରିବା ମାମଲାରେ ଅଣ୍ଡର ଓ୍ୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମଙ୍କ ପୁତୁରା ରିଜ୍‌ଓ୍ୱାନ କସ୍କରଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ଦାଉଦଙ୍କ ଭାଇ ତଥା ଇକ୍‌ବଲ କସ୍କରଙ୍କ ପୁଅ ରିଜ୍‌ଓ୍ୱାନ ଦେଶଛାଡ଼ି ଚାଲିଯିବାକୁ ଉଦ୍ୟମ କରୁଥିବାବେଳେ ଅନ୍ତର୍ଜାତୀୟ ବିମାନବନ୍ଦରରୁ ତାଙ୍କୁ ଏବଂ ତାଙ୍କ ୨ ସହଯୋଗୀଙ୍କୁ ବୁଧବାର ରାତିରେ ଗିରଫ କରାଯାଇଥିଲା। ଦୁଇଦିନ ପୂର୍ବରୁ ଦାଉଦ ଗ୍ୟାଙ୍ଗ୍‌ର ସଦସ୍ୟ ଫହିମ୍ ମଚ୍‌ମଚ୍‌ଙ୍କ ସହଯୋଗୀ ଅହମଦ ରାଜା ଓ୍ୱାଧାରିଆଙ୍କୁ ଗିରଫ କରାଯାଇଥିଲା। ଜେରାବେଳେ ରିଜ୍‌ଓ୍ୱାନଙ୍କ ନାମ ପଦାକୁ ଆସିଥିଲା। ପରେ ତାଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରାଯାଇ ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଠାରେ ଗିରଫ କରାଯାଇଥିଲା।

# ୩୭ ବର୍ଷରେ ପାଦ ଦେଲେ ପ୍ରିୟଙ୍କା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଗୁରୁବାର ୩୭ବର୍ଷରେ ପାଦ ଦେଇଛନ୍ତି। ତାଙ୍କ ଜନ୍ମଦିନରେ ଅନିଲ କପୁର, ବରୁଣ ଧାଓ୍ୱନ, ଆଲିଆ ଭଟ୍ଟ, ମାଧୁରୀ ଦୀକ୍ଷିତ ନେନେଙ୍କ ଭଳି ବହୁ ବଲିଉଡ ସେଲିବ୍ରିଟି ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ପ୍ରିୟଙ୍କାଙ୍କ ବନ୍ଧୁ ଏବଂ ସହ-କଳାକାରମାନେ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ପୋଷ୍ଟ କରିଛନ୍ତି। ଅନିଲ କପୁର 'ହାପି ବାର୍ଥ ଡେ' ଜଣାଇବା ସହିତ ଆପଣଙ୍କ ସହିତ କାର୍ଯ୍ୟ କରିବା ଖୁବ୍ ଖୁସି ଲାଗେ ବୋଲି ଉଲ୍ଲେଖ କରିଛନ୍ତି। ମାଧୁରୀ ଦୀକ୍ଷିତ ନେନେ ଦେଶୀ ଗର୍ଲ ପ୍ରିୟଙ୍କାଙ୍କୁ ହାପି ବାର୍ଥଡେ ଜଣାଇ ପରଦାରେ ଓ ପରଦା ବାହାରେ ସବୁବେଳେ ଆନନ୍ଦ ଓ ଖୁସିରେ ଥାଅ ବୋଲି କାମନା କରିଛନ୍ତି। ଆଲିଆ ଭଟ୍ଟ ଲେଖିଛନ୍ତି, 'ସାରା ବିଶ୍ୱର ବାଳିକାଙ୍କ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରୁହ।' ସୋନମ କପୁର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ବାର୍ତ୍ତା ଦେଇଛନ୍ତି, 'ତୁମ ପାଇଁ ଆଗାମୀ ବର୍ଷଗୁଡ଼ିକ ଚମତ୍କାର ହେଉ।' ପ୍ରିୟଙ୍କା ମିସ୍ ଓ୍ୱାର୍ଲଡ ୨୦୦୦ ପ୍ରତିଯୋଗିତାରେ ବିଜୟୀ ହୋଇ ବିଶ୍ୱ ସୁନ୍ଦରୀ ମାନ୍ୟତା ପାଇଥିଲେ। ନ୍ୟାଶନାଲ ଫିଲ୍ମ ଆଓ୍ୱାର୍ଡ ସମେତ ଅନେକ ପୁରସ୍କାର ସେ ଲାଭ କରିଛନ୍ତି। ୨୦୧୬ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଛନ୍ତି। ୨୦୦୩ରେ ପ୍ରଥମ କରି 'ଦି ହିରୋ: ଲଭ୍ ଷ୍ଟୋରି ଅଫ୍ ଏ ସ୍ପାଏ'ରେ ସେ ଅଭିନୟ କରିଥିଲେ। ଏହାପରେ 'ଅନ୍ଦାଜ୍' ଏବଂ 'ମୁଝ୍‌ସେ ଶାଦି କରୋଗୀ' ଭଳି ଅନେକ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ଭାଜନ ହୋଇପାରିଥିଲେ। ୨୦୧୮ରେ ଆମେରିକୀୟ ପପ୍ ଗାୟକ ତଥା ଅଭିନେତା ନିକ୍ ଜୋନାସ୍‌ଙ୍କୁ ସେ ପ୍ରେମବିବାହ କରିଛନ୍ତି।

## ନେପାଳରେ ୫ ବୁଦ୍ଧମୂର୍ତ୍ତି ଭାଙ୍ଗିଦେଲେ

**କାଠମାଣ୍ଡୁ, ୧୮।୭ (ପି.ଟି.):** ନେପାଳର ରୁପନ୍‌ଦେହୀ ଜିଲାର ତିଲୋତ୍ତମା ମ୍ୟୁନିସିପାଲିଟି ଅଞ୍ଚଳ ଅନ୍ତର୍ଗତ ଲୁମ୍ବିନୀ ନିକଟରେ ଦୁର୍ବୃତ୍ତମାନେ ୫ଟି ବୁଦ୍ଧମୂର୍ତ୍ତିକୁ ଭାଙ୍ଗିଦେଇଛନ୍ତି। ବାଲି, ସିମେଣ୍ଟ ଓ ଚୂନପଥରରେ ନିର୍ମିତ ବୁଦ୍ଧଙ୍କ ବସିଥିବା ପ୍ରତିମୂର୍ତ୍ତି ଭାଙ୍ଗିଦିଆଯିବାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପ୍ରତ୍ୟେକ ମୂର୍ତ୍ତି ୧୨୦ କେଜିରୁ ଊର୍ଦ୍ଧ୍ୱ ଓଜନର ଥିଲା। ଏହାକୁ ନେଇ ନେପାଳୀ କଂଗ୍ରେସର ନେତା ବାଳକ୍ରିଷ୍ଣ ଖଣ୍ଡ୍ ସ୍ୱର ଉଠାଇବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ମ୍ୟୁନିସିପାଲିଟି ମେୟର ବାସୁଦେବ ଘିମିରେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।



# କୁଳଭୂଷଣଙ୍କୁ ଧରିଥିବା କ୍ୟାପ୍‌ଟେନ୍‌ଙ୍କୁ ପାକ୍‌ରେ ପ୍ରଶଂସା

**ଇସ୍‌ଲାମାବାଦ୍,୧୮।୭**

ପାକିସ୍ତାନର ସାମରିକ ଗୋଇନ୍ଦା ସଂସ୍ଥାର ଜଣେ କ୍ୟାପଟେନ୍‌ଙ୍କୁ ଭିକାରି ବେଶରେ ଅଶାନ୍ତ ବେଲୁଚିସ୍ତାନ ପ୍ରଦେଶରେ ମୁତୟନ କରାଯାଇଥିଲା। ଗୁପ୍ତଚର ବୃତ୍ତି ଅଭିଯୋଗରେ ପୂର୍ବତନ ନୌସେନା ଅଫିସର କୁଳଭୂଷଣ ଯାଦବଙ୍କୁ ଗିରଫ କରିବାରେ ଭିକାରି ବେଶଧାରୀ କ୍ୟାପଟେନ୍‌ଙ୍କୁ ପାକିସ୍ତାନ ପ୍ରଶଂସା କରିବା ସହିତ ତାଙ୍କର ଭାବଭଙ୍ଗୀ ଓ କାର୍ଯ୍ୟକଳାପ ସୋସିଆଲ ମିଡିଆରେ ପୋଷ୍ଟ କରିଛି। ଏହି ବ୍ୟକ୍ତି ହେଉଛନ୍ତି କ୍ୟାପ୍‌ଟେନ୍ କାଦିର ଅହମଦ୍। ସେ ଆଇଏସ୍‌ଆଇ ପାଇଁ ବେଲୁଚିସ୍ତାନରେ କାର୍ଯ୍ୟ କରୁଥିଲେ।

ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ ଜୁଲାଇ ୧୭ରେ ଯାଦବଙ୍କ ଫାଶୀଦଣ୍ଡ ଉପରେ ରୋକ ଲଗାଇବା ସହିତ ତାଙ୍କୁ ଦୂତାବାସ ସହାୟତା ଯୋଗାଇଦେବା ପାଇଁ ରାୟ ଦେଇଥିଲେ। ଏହାର ଦିନକ ପରେ ପାକିସ୍ତାନ କ୍ୟାପ୍‌ଟେନ୍ କାଦିର ଅହମଦ୍‌ଙ୍କୁ 'ଶହୀଦ' ବର୍ଣ୍ଣନା କରିବା ସହିତ ୨୦୧୬ରେ ଯାଦବଙ୍କ ଗିରଫଦାରି ପାଇଁ ତାଙ୍କୁ ପ୍ରଶଂସା କରିଛି। ଅପରପକ୍ଷରେ ଭାରତ କହିଆସୁଛି, କୁଳଭୂଷଣ ଯାଦବ ହେଉଛନ୍ତି ଅବସରପ୍ରାପ୍ତ ସେନା ଅଫିସର। ସେ ଇରାନ୍‌ରେ ନିଜ ବ୍ୟବସାୟ ଚଳାଉଥିବାବେଳେ ତାଙ୍କୁ ପାକିସ୍ତାନୀ ଅପହରଣ କରିନେଇଛନ୍ତି।



କାଦିର ଅହମଦ୍

ରିପୋର୍ଟ ଅନୁଯାୟୀ, କାଦିର ଅହମଦ୍ ଏକ ଧନୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ନିଜ ପରିବାର ଇଚ୍ଛା ବିରୋଧରେ ସେ ମିଲିଟାରି କ୍ୟାରିୟରକୁ ବାଛି ନେଇଥିଲେ। ତାଙ୍କ ଦକ୍ଷତା ଦେଖି ଆଇଏସ୍‌ଆଇ ନିଜ ଓ୍ୱିଙ୍ଗ୍‌ରେ ସାମିଲ କରିବା ସହିତ ବେଲୁଚି ନେତାଙ୍କ ସ୍ୱାଧୀନତା ସପକ୍ଷବାଦୀ ଆନ୍ଦୋଳନ ଉପରେ ପ୍ରତ୍ୟକ୍ଷ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାଦିର ଭିକାରି ବେଶରେ ବେଲୁଚିସ୍ତାନରେ ୩ବର୍ଷ ରହିଥିଲେ। ଏହି ସମୟ ମଧ୍ୟରେ ସେ ମଇଳା, ଚିରା ପୋଷାକ ପିନ୍ଧି ଡଷ୍ଟବିନ୍ ଖେଳାଇବା ସହିତ ରାସ୍ତାକଡର ବାରଣ୍ଡାରେ ଶୋଇପଡୁଥିଲେ। ଏହି ଯୁବ କ୍ୟାପଟେନ୍‌ଙ୍କ ଭିକାରି ବେଶର ଅଭିନୟ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ସେ ୨୦୧୮ ଜୁନ୍‌ରେ କ୍ୱେଟାରୁ ଖୁଜ୍‌ଦାର ନିଜ କାର୍‌ରେ ଆସୁଥିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ଜିଲା ଟିଠି ଯାଜପୁର

# ପ୍ୟାକ୍ସ କେଳେଙ୍କାରୀ

ଜିଲାରେ ୧୨୨ସେବା ସମବାୟ ସମିତି(ପାକ୍ସ) କାର୍ଯ୍ୟ କରୁଛି। ତେବେ ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ସମିତି ଦୁର୍ନୀତିରେ ବୁଡ଼ି ରହିଛି। ଗତ ୫ବର୍ଷ ମଧ୍ୟରେ ଚାଷୀଙ୍କ ନାମରେ ଧାନ ବିକ୍ରି ଟଙ୍କା, କୃଷି ବୀମା, ଋଣ, ସାର ଆଦି ସୁବିଧାସୁଯୋଗ ହାତେଇ ପ୍ୟାକ୍ସ କର୍ତ୍ତୃପକ୍ଷ ସହଜରେ ଖସି ଯାଉଛନ୍ତି। ଏଭଳି ଦୁର୍ନୀତିରେ ସହଯୋଗୀ ପାଲଟିଥିବା ପ୍ୟାକ୍ସ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଡିଆର୍‌ସିଏସ୍ କାର୍ଯ୍ୟାଳୟର ବହୁ ଅଧିକାରୀ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସେମାନଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। କେବଳ ଚଳିତ ମାସରେ ଦଶରଥପୁର ବ୍ଲକ ମଙ୍ଗଳପୁର ଓ ଯାଜପୁର ବ୍ଲକ ମାର୍କଣ୍ଡପୁର ପ୍ୟାକ୍ସରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ପର୍ଦ୍ଦାଫାଶ ହୋଇଛି। ମଙ୍ଗଳପୁର ପାକ୍ସର ଦୁର୍ନୀତି ଉପରେ ଡିଆର୍‌ସିଏସ୍(ଉପ ନିବନ୍ଧକ ସମବାୟ ସମିତି ସମୂହ, କଟକ) ପକ୍ଷରୁ ତଦନ୍ତ ଚାଲିଛି। ୨୦୧୭ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ପାକ୍ସ କର୍ମଚାରୀ ଓ ଦଶରଥପୁର ସମବାୟ ସମିତିର କର୍ତ୍ତୃପକ୍ଷ ଚକ୍ରାନ୍ତକରି ପ୍ରାୟ ୫୦ ଲକ୍ଷ ଟଙ୍କାର ହରିଲୁଟ କରିଛନ୍ତି। କୃଷିବୀମା ଅର୍ଥ ଚାଷୀଙ୍କ ଆକାଉଣ୍ଟକୁ ନ ଯାଇ ପାକ୍ସ କର୍ମକର୍ତ୍ତା ଓ କର୍ମଚାରୀଙ୍କ ଆକାଉଣ୍ଟରେ ଜମା ହୋଇଛି। ଏହି ବେଆଇନ କାରବାରକୁ ଦଶରଥପୁର ସମବାୟ ସମିତି ବ୍ୟାଙ୍କର କର୍ତ୍ତୃପକ୍ଷ ଅକୁଣ୍ଠ ସମର୍ଥନ ଦେଇଛନ୍ତି। ଅନ୍ୟଏକ ଘଟଣାରେ ମାର୍କଣ୍ଡପୁର ପ୍ୟାକ୍ସରେ ୨୦୧୫-୧୬ ବର୍ଷରେ ଏକ ପରିବାରର ୪ଜଣ ସଦସ୍ୟଙ୍କ ନାମରେ ଜମି ଜାଲିଆତି କରି ୧୧୧୨ କ୍ୱିଣ୍ଟାଲ ଧାନ କିଣାଯାଇଥିବା ଅଭିଯୋଗ ଉଠିଛି। ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହେବାପରେ ନ ଶୁଣିବାରୁ ଅଭିଯୋଗକାରୀ ୫ ଜଣ ଚାଷୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏହି ଦୁର୍ନୀତିରେ ଦାୟିତ୍ୱରେ ଥିବା ତତ୍କାଳୀନ ପ୍ୟାକ୍ସ ସମ୍ପାଦକ, କମ୍ପ୍ୟୁଟର ପ୍ରୋଗ୍ରାମର, ଏଆରସିଏସ ପ୍ରମୁଖ ସାମିଲ ଥିବା ସନ୍ଦେହ କରାଯାଉଛି। ତେବେ ହାଇକୋର୍ଟ ମାମଲାରୁ ଖସି ଯିବାକୁ ଓଡିଶା ଫୁଡ ପୋର୍ଟାଲରୁ ଚାଷୀ ପଞ୍ଜିକରଣ ତଥ୍ୟ ଉଭାନ କରି ଦିଆଯାଇଛି। ଏପରିକି ଯୋଗାଣ ବିଭାଗ, ବ୍ୟାଙ୍କ ପକ୍ଷରୁ ଆବଶ୍ୟକ ତଥ୍ୟ ଯୋଗାଇ ଦିଆଯାଇ ପାରିନାହିଁ। ଜାଣିଶୁଣି ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଏଭଳି ଅସହଯୋଗ କରାଯାଉଥିବା ମନେ ହୋଇଛି। ସେହିପରି ୨୦୧୭ ଜୁନ ୬ ତାରିଖରେ କୋରେଇ ବ୍ଲକ ବନ୍ଧାଲ ସେବା ସମବାୟ ସମିତିରେ କେତେକ ଭାଗଚାଷୀଙ୍କ ନାମରେ ମିଥ୍ୟା ଧାନ ବିକ୍ରୀ କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ତଦନ୍ତ କରିବାକୁ ଏଆର୍‌ସିଏସଙ୍କୁ ନିର୍ଦ୍ଦେଶ ହୋଇଥିଲା। ହେଲେ ତାହା ତଦନ୍ତ ନିର୍ଦ୍ଦେଶରେ ସୀମିତ ରହିଛି। ୫।୧୧।୨୦୧୬ ତାରିଖରେ ରସୁଲପୁର ବ୍ଲକ ବ୍ରହ୍ମବରଦା ସେବା ସମବାୟ ସମିତିର ସମ୍ପାଦକଙ୍କ ବିରୋଧରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଯାଜପୁର ଏଆର୍‌ସିଏସଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏଠାରେ କର୍ମଚାରୀ ନିଯୁକ୍ତିରେ ଜାଲିଆତି, ବେନିୟମ କାର୍ଯ୍ୟ ଓ ଅର୍ଥ ତୋଷରପାତ ଭଳି ସଙ୍ଗୀନ ଅଭିଯୋଗ ହୋଇଥିଲା। ୫।୧।୨୦୧୭ରେ ଧର୍ମଶାଳା ବ୍ଲକ ରଖିଦେଇପୁର ସେବା ସମିତି ଉପରେ ହୋଇଥିବା ଅଭିଯୋଗ ଉପରେ ଅତିରିକ୍ତ ନିବନ୍ଧକ ତଦନ୍ତ କରିବାକୁ କଟକ ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ମାସ ୨୦ ତାରିଖରେ ଭିଜିଲାନ୍ସ କାଗଜପତ୍ର ଜବତ କରି ଏହାର ତଦନ୍ତ ଆରମ୍ଭ କରିଛି।

– ହର୍ଷବର୍ଦ୍ଧନ ବେହେରା




# ଆଶ୍ରମ ସ୍କୁଲରେ ଛାତ୍ରୀଙ୍କୁ ଅସଦାଚରଣ, ପ୍ରଧାନଶିକ୍ଷକ ଗିରଫ

କେନ୍ଦୁଝର,୧୮।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ଥିବା ଏକ ଆଶ୍ରମ ସ୍କୁଲରେ ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯିବା ସହ ଅସଦାଚରଣ କରାଯାଉଛି । ପ୍ରଧାନଶିକ୍ଷକ ଅଧିକାଂଶ ସମୟରେ ଛାତ୍ରୀମାନଙ୍କୁ ନିଜର ବ୍ୟକ୍ତିଗତ କାମରେ ଲଗାଉଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗକୁ ଭିତ୍ତି କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏନେଇ କାଞ୍ଜିପାଣି ଥାନାରେ ଏକ ମାମଲା (ନଂ.୪୧/୨୦୧୯) ରୁଜୁ ହୋଇଛି । ଅଭିଯୁକ୍ତ ପ୍ରଧାନଶିକ୍ଷକ ଅର୍ଜୁନ କୁମାର ମହନ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି। ଆଦିବାସୀ ଉନ୍ନୟନ ବିଭାଗ ଅଧୀନରେ ଚାଲିଥିବା ଉକ୍ତ ସ୍କୁଲରେ ଏପରି ଘଟଣା ପଦାକୁ ଆସିବା ପରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ଦୀର୍ଘଦିନ ଧରି ପ୍ରଧାନଶିକ୍ଷକ ମହନ୍ତ ଛାତ୍ରୀମାନଙ୍କୁ ନିଜ କକ୍ଷକୁ ଡାକି ବିଭିନ୍ନ ପ୍ରକାର କାମ କରାଇବା ସହ ଅସଦାଚରଣ କରିଆସୁଥିଲେ। ଏନେଇ ଜଣେ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ଏନେଇ ପ୍ରଧାନଶିକ୍ଷକ ତଥା ମାଟ୍ରନ୍‌ଙ୍କୁ ଜଣାଇ ନ୍ୟାୟ ନ ପାଇବାରୁ ଜିଲା ମଙ୍ଗଳ ଅଧିକାରୀଙ୍କ ପାଖରେ ଗତ ବୁଧବାର ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଗୁରୁବାର ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାସ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ । ଅଭିଯୋଗ ସତ୍ୟ ବୋଲି ପ୍ରମାଣ ମିଳିବା ପରେ କାଞ୍ଜିପାଣି ଥାନାରେ ସଂପୃକ୍ତ ଛାତ୍ରୀଙ୍କ ବାପା ଏତଲା ଦେଇଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷେ ଦୋଷୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ମଙ୍ଗଳ ଅଧିକାରୀ କହିଛନ୍ତି। କେନ୍ଦୁଝରଠାରୁ ପ୍ରାୟ ୨୫ କି.ମି. ଦୂରରେ ଥିବା ଉକ୍ତ ଆଶ୍ରମ ବିଦ୍ୟାଳୟ ରହିଛି । ସେହି ସ୍କୁଲ ହଷ୍ଟେଲରେ ୧୧୦ ଜଣ ଛାତ୍ରୀ ରହୁଛନ୍ତି।

# ବ୍ଲକ, ପଞ୍ଚାୟତରେ ଲାଗିବ ବୃଷ୍ଟିମାପକ ଯନ୍ତ୍ର

ଭୁବନେଶ୍ୱର, ୧୮।୭ (ବ୍ୟୁରୋ)

## ପ୍ରାକ୍ ସତର୍କତା ସୂଚନା ଉପରେ ଗୁରୁତ୍ୱ

- ୧୦ କୋଟି ବ୍ୟୟବରାଦ
- ପ୍ରାକୃତିକ ବିପର୍ଯ୍ୟୟ ସୂଚନା ଦେଉଛି 'ସତର୍କ' ଆପ୍

ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଚିର ସହଚର। ବନ୍ୟା, ବାତ୍ୟା, ମରୁଡ଼ି, ବଜ୍ରପାତ, ଅଂଶୁଘାତ ଭଳି ପ୍ରାକୃତିକ ବିପତ୍ତି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି। ପ୍ରାକ୍ ସୂଚନା ଅଭାବରୁ ଅନେକ ଧନଜୀବନ ନଷ୍ଟ ହେଉଛି। ତେଣୁ ରାଜ୍ୟ ସରକାର ପ୍ରାକ୍ ସତର୍କତା ସୂଚନା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିସହିତ ପ୍ରତ୍ୟେକ ବ୍ଲକରେ ସ୍ୱୟଂଚାଳିତ ପାଣିପାଗ ମାପକ ଯନ୍ତ୍ର ଏବଂ ପ୍ରତ୍ୟେକ ପଞ୍ଚାୟତରେ ସ୍ୱୟଂଚାଳିତ ବୃଷ୍ଟିମାପକ ଯନ୍ତ୍ର ଲଗାଯିବାକୁ ବ୍ୟବସ୍ଥା କରୁଛନ୍ତି। ଫଳରେ ପ୍ରତ୍ୟେକ ଅଞ୍ଚଳର ତାପମାତ୍ରା, ବାୟୁର ଚାପ ଓ ଆର୍ଦ୍ରତା, ପବନର ଦିଗ ଓ ବେଗ, ସୂର୍ଯ୍ୟତାପର ପରିମାଣ, ଉତ୍ତାପ, ବୃଷ୍ଟିର ପରିମାଣ ଇତ୍ୟାଦି ପ୍ରତି ଘଣ୍ଟାରେ ମିଳିପାରିବ। ଏହିସବୁ ତଥ୍ୟକୁ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରାଯିବ। ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ କୃଷିବୀମା ଆଦି କ୍ଷେତ୍ରରେ ଏହା ବିଶେଷ ଭାବେ ସହାୟକ ହେବ। ପ୍ରଥମ ପର୍ଯ୍ୟାୟରେ ଜାତୀୟ ବାତ୍ୟା ପ୍ରଶମନ ପ୍ରକଳ୍ପ ଅଧୀନରେ ୬ଟି ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲାରେ ପ୍ରାକ୍ ସତର୍କତା ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଅନ୍ୟ ସମସ୍ତ ଜିଲାରେ ପ୍ରାକ୍ ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ ବଜେଟରେ ୧୦କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏଥିସହିତ ବାତ୍ୟାର ପ୍ରାକ୍ ସୂଚନା ପାଇଁ ପାରାଦୀପ ଓ ଗୋପାଳପୁରରେ ଡପ୍‌ଲର ରାଡାର ସ୍ଥାପନ କରାଯାଇଥିବା ବେଳେ ସମ୍ବଲପୁର ଏବଂ ବାଲେଶ୍ୱରଠାରେ ପରେ ଲଗାଯିବ। ଗୁରୁବାର ବିଧାନସଭା ପ୍ରଶ୍ନୋତ୍ତର ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ସୂଚନା ଦେଇଛନ୍ତି।

ବିଜେଡି ସଭ୍ୟ ଅଶ୍ୱିନୀ କୁମାର ପାତ୍ର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାକୁ ସରକାର କି ପ୍ରକାର ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ବିଭାଗୀୟ ମନ୍ତ୍ରୀ କହିଥିଲେ ଯେ, ବାତ୍ୟା ଫନୀ ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ୧କୋଟି ୮୦ଲକ୍ଷ ଲୋକଙ୍କୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରାକ୍ ସୂଚନା ଦିଆଯାଇଥିଲା। ଏଥିସହିତ ଆଲର୍ଟ ସାଇରନ ଟାୱାର ଜରିଆରେ ମଧ୍ୟ ବାତ୍ୟା ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚା ଯାଇଥିଲା। ବଜ୍ରପାତ ଯୋଗୁ ରାଜ୍ୟରେ ବହୁ ଅମୂଲ୍ୟ ଜୀବନ ଚାଲିଯାଉଛି। ଏଥିରୁ ଲୋକଙ୍କୁ ସୁରକ୍ଷା ଦେବା ସକାଶେ ବଲାଙ୍ଗୀର, କେନ୍ଦୁଝର, ବ୍ରହ୍ମପୁର, ଜୟପୁର, ରାଉରକେଲା ଏବଂ ପାଣିକୋଇଲି ଆଦି ୬ଟି ସ୍ଥାନରେ ଲାଇଟିନିଂ ଡେଟେକ୍‌ସନ୍ ସେନ୍ସର ଲଗାଯାଇଛି। ୩୦ରୁ ୪୦ ମିନିଟ୍ ପୂର୍ବରୁ ବଜ୍ରପାତ ସମ୍ପର୍କରେ ସୂଚନା ଦିଆଯାଉଛି। ଏହାଛଡ଼ା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜନସାଧାରଣଙ୍କୁ ବିପର୍ଯ୍ୟୟ ସମ୍ପର୍କରେ ପ୍ରାକ୍ ସୂଚନା ଦେବା ଲାଗି 'ସତର୍କ' ନାମରେ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ଜରିଆରେ ବନ୍ୟା, ବାତ୍ୟା, ଗ୍ରୀଷ୍ମପ୍ରବାହ, ବଜ୍ରପାତ, ମରୁଡ଼ି, ସୁନାମି, ସଡ଼କ ଦୁର୍ଘଟଣା ଭଳି ବିପର୍ଯ୍ୟୟର ପ୍ରାକ୍ ସୂଚନା ମିଳିପାରିବ। ଏଥିସହିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଏକ ଜିଓଗ୍ରାଫିକ୍ ଇନ୍‌ଫର୍ମେଶନ ସିଷ୍ଟମ ସ୍ଥାପନ କରାଯାଇଛି, ଏହାକୁ ବ୍ୟବହାର କରି ବାତ୍ୟା ଗତିପଥର ନିରୂପଣ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ନୃସିଂହ ଚରଣ ସାହୁ, ଅନନ୍ତ ଦାସ, ମୁକେଶ ପାଲ, ରଘୁନାଥ ଗମାଙ୍ଗ ଏବଂ ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ବାତ୍ୟାର ଗତି ଓ ବେଗ ବଦଳାଇବା ପାଇଁ ରାଜ୍ୟ ସରକାର କିଛି ଆଧୁନିକ ଜ୍ଞାନକୌଶଳ ଆପଣାଇଛନ୍ତି କି? ଧାମରାରେ ଏକ ଡପ୍‌ଲର ରାଡାର ସ୍ଥାପନ କରିବା, ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ଦୂରତ୍ୱ ୧୦ କିମି ବ୍ୟବଧାନକୁ ହଟାଇବା ଓ ବଜ୍ରପାତ ସମ୍ପର୍କରେ ପୂର୍ବ ସୂଚନା ଦେବା ପାଇଁ ବ୍ୟବସ୍ଥା କରିବାକୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତ୍ତରରେ କହିଛନ୍ତି ଯେ, ଅନ୍ୟ ଦେଶର ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଲୋକମାନଙ୍କୁ ବନ୍ୟା ବାତ୍ୟାରୁ ରକ୍ଷା କରିବା ସକାଶେ ବ୍ୟବସ୍ଥା କରାଯାଉଛି।









ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସ୍ରିଷ୍ଟି
ପରିବାରବର୍ଗ



ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଆସାମର କାଜିରଙ୍ଗା ଜାତୀୟ ଉଦ୍ୟାନ ବନ୍ୟାଜଳରେ ବୁଡ଼ିଯାଇଥିବାବେଳେ ପ୍ରାଣ ବିକଳରେ ଏକ ଘରେ ଆଶ୍ରୟ ନେଇଛି ବାଘ।

### ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରି କ୍ଷମା ମାଗିଲେ କେନ୍ଦ୍ରାପଡ଼ା ଏସ୍‌ପି

# ଅନୁଧ୍ୟାନ ପାଇଁ କେନ୍ଦ୍ରାଞ୍ଚଳ ଆଇଜିଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

କେନ୍ଦ୍ରାପଡା ଜିଲା ବାରିମୂଳଠାରେ ବୁଧବାର ମୁଖ୍ୟମନ୍ତ୍ରୀ ପ୍ରଚାର ପାଇଁ ଯାଇଥିବାବେଳେ ଏକ ଘରୋଇ ଟିଭି ଚ୍ୟାନଲର ଖବରଦାତାଙ୍କୁ କେନ୍ଦ୍ରାପଡା ଏସ୍‌ପି ନୀତି ଶେଖର ନାଲି ଆଖି ଦେଖାଇବା ସହ ହାତ ଉଠାଇଥିଲେ। ଏହି ଘଟଣାକୁ ନେଇ ଗୁରୁବାର ବିଧାନସଭା ହୁଲୁସ୍ଥୁଲୁ ହେବା ସହ ବହୁ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଇଛି। ପରିସ୍ଥିତି କ୍ରମଶଃ ଜଟିଳ ହେଉଥିବାବେଳେ ଶେଷରେ ଏସ୍‌ପି କ୍ଷମା ପ୍ରାର୍ଥନା କରିଛନ୍ତି। ସେ କହିଛନ୍ତି ଯେ, ଅଧିକ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ଉଚ୍ଚ ଗଳାରେ କଥା ହୋଇଥିଲି। ମୁଁ କୌଣସି ଉଦ୍ଦେଶ୍ୟ ମୂଳକଭାବେ ଏପରି କରି ନ ଥିଲି। ମୁଁ ସାମ୍ବାଦିକଙ୍କୁ ଯଥେଷ୍ଟ ସମ୍ମାନ ଦିଏ। କେବେବି ଖରାପ ବ୍ୟବହାର କରିନାହିଁ। କେନ୍ଦ୍ରାପଡାର ସ୍ଥାନୀୟ ସାମ୍ବାଦିକମାନେ ମୋତେ ଭଲଭାବେ ଜାଣନ୍ତି। ଯଦି ମୋ ବ୍ୟବହାର କାହାକୁ ଆଘାତ ଦେଇଥାଏ ତେବେ ମୁଁ କ୍ଷମା ପ୍ରାର୍ଥନା କରୁଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ସେପଟେ ଏହି ପ୍ରସଙ୍ଗକୁ ନେଇ ବିଧାନସଭା ବାରମ୍ବାର ମୁଲତବି ହେବାପରେ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଘଟଣାର ଅନୁଧ୍ୟାନ ପାଇଁ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶିନୀଙ୍କୁ ଦାୟିତ୍ୱ ଦେଇଛନ୍ତି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ସୁଜିତ ସାହୁ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ୩ସପ୍ତାହ ମଧ୍ୟରେ ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଉ। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଜିଲାରେ ଥିବା ସାମ୍ବାଦିକ ସଂଘ ଏହାକୁ ବିରୋଧ କରି ପ୍ରତିବାଦ କରିଛନ୍ତି। ଏସ୍‌ପିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଭୁବନେଶ୍ୱରରେ କଳିଙ୍ଗ ସାମ୍ବାଦିକ ସଂଘ ପିଏମ୍‌ଜିରେ ଧାରଣା ଦେବା ସହ ଡିଜିପି ଡା. ଶର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଡିଆସିଲି ବୋଝେଇ ଟ୍ରକ୍ ଜଳିଗଲା

**ଭଣ୍ଡାରିପୋଖରୀ, ୧୮।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ଛତାବର ଛକ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଡିଆସିଲି ବୋଝେଇ ଟ୍ରକ ଜଳିଯାଇଛି। ଗାଡ଼ି ଚାଳକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଟ୍ରକ (ନଂ.ଟିଏନ୍‌୫୨ ଡି ୪୩୭୭) ଡିଆସିଲି ବୋଝେଇ କରି ପାଣିକୋଇଲି ପଟୁ ଭଦ୍ରକ ଆଡ଼କୁ ଆସୁଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ, ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଟ୍ରକ ଚାଳକଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚାଳକ ତାମିଲନାଡୁ ଅଞ୍ଚଳର ହୋଇଥିବା ଜଣାପଡ଼ିଛି।

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

### ସ୍ୟାଟ୍ ଉଚ୍ଛେଦ ମାମଲା

**କଟକ ଅଫିସ,୧୮।୭**

ସ୍ୟାଟ୍ ଉଚ୍ଛେଦ ମାମଲା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟତଃ ସ୍ୟାଟ୍‌ରେ ନିଯୁକ୍ତି ସଂକ୍ରାନ୍ତରେ ସରକାର କ'ଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେ ସମ୍ପର୍କିତ ତଥ୍ୟ ଅଗଷ୍ଟ ୮ ତାରିଖ ମଧ୍ୟରେ ହାଇକୋର୍ଟଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ଏବଂ କଟକ ସ୍ୟାଟ୍ ବାର୍ ଆସୋସିଏଶନ୍ ପକ୍ଷରୁ ଗୁରୁବାର ଆଗତ ଏହି ମାମଲାର ଶୁଣାଣି ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। ସ୍ୟାଟ୍ ଉଚ୍ଛେଦ ନେଇ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିବା ପରେ ଏହି ମାମଲା ରୁଜୁ ହୋଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ବୁଦ୍ଧଦେବ ରାଉତରାୟ ଯୁକ୍ତି ଦର୍ଶାଇଥିଲେ ଯେ, ସ୍ୟାଟ୍ ଉଚ୍ଛେଦ ନେଇ ଉଭୟ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରିପାରିବେ ନାହିଁ। କାରଣ ଏହା ତାଙ୍କ କ୍ଷମତା ପରିସର ବାହାରେ। ତେଣୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେବା ସମ୍ପୂର୍ଣ୍ଣ ବେଆଇନ। ଦ୍ୱିତୀୟତଃ ଏଭଳି ନିଷ୍ପତ୍ତି ନେବା ପରେ ସ୍ୟାଟ୍‌ରେ ବିଭିନ୍ନ ପଦବୀ ପୂରଣ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ନିଯୁକ୍ତି ନ ହେବା ଦ୍ୱାରା ଅନେକ ପଦବୀ ଫାଙ୍କା ପଡ଼ିଛି। ସାମ୍ପ୍ରତିକ ଅବସ୍ଥାରେ ସ୍ୟାଟ୍‌ରେ ୭୦ହଜାର ମାମଲା ବିଚାର ନ ହୋଇ ପଡ଼ି ରହିଥିବା ଆଡଭୋକେଟ ରାଉତରାୟ ଦର୍ଶାଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରାଶ୍ୟାଧିପତିଙ୍କ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରୁଥିବାରୁ ଅଭିଳଷିତ କାର୍ଯ୍ୟ ହାସଲ କରିପାରିବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ପାରିବାରିକ ଜୀବନରେ ସ୍ନେହ, ସହାନୁଭୂତିର ଅଭାବ ରହିବ ନାହିଁ। ଧାର କରଜ କରିବାକୁ ପଡିପାରେ। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଦେଖାଦେବାର ଆଶଙ୍କା ରହିଛି।

**ବୃଷ** ଶନିଙ୍କ ଦୃଷ୍ଟିରେ ଶୁକ୍ର ରହିଥିବାରୁ କୌଣସି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅର୍ଥହାନିର ଯୋଗ ରହିଛି। ବନ୍ଧୁମାନଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ଅପ୍ରିୟତା ଅର୍ଜନ କରିବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡିବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଧନାଧିପତି ଧନସ୍ଥାନକୁ ଦେଖୁଥିବାରୁ ଅର୍ଥଲାଭ ହେଲେ ମଧ ପାପଗ୍ରହ ପ୍ରଭାବରୁ ଝିନଝଟ୍ ଭିତରେ ଗତି କରିବାକୁ ପଡିବ। ସାଧାରଣ କଥାରେ ଉତ୍ତେଜିତ ହେବା ଦ୍ୱାରା ପାଖ ପଡୋଶୀ ମାନଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ମାମଲାମକଦ୍ଦମାରେ ବିଚାର ବିଳମ୍ବ ହୋଇପାରେ।

**କର୍କଟ** ରାଶିକୁ ଏକାଧିକ ଗ୍ରହ ପ୍ରଭାବିତ କରୁଥିବାରୁ ଅତୀତ ଘଟଣା, ବନ୍ଧୁଙ୍କ ଅବିବେକୀ କାମ, ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। କର୍ମକ୍ଷେତ୍ରସ୍ଥ ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ** ଆଜି ଆପଣ କୌଣସି କାମ କରିସାରିବାରେ ଅନୁତାପ କରିବାକୁ ପଡିପାରେ। ଆବଶ୍ୟକୀୟ ଟଙ୍କା ପଇସା ଯୋଗାଡ କରିବା ସକାଶେ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି। ସହକର୍ମୀଙ୍କ ସହ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ଗଣ ଯୋଗାଯୋଗ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ସାମାନ୍ୟ କଥାରୁ ମତାନ୍ତର ଘଟିଥିବାରୁ ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମ କଲେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା** ସ୍ଥଗିତ କାମଟି ଆଜି ହିଁ ଶେଷ କରିବାକୁ ଭାବୁଥିଲେ ମଧ ତାହା ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ପରିବାରରେ ଝଗଡା ଲାଗିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ତୃତୀୟସ୍ଥ ଚନ୍ଦ୍ର ମାନସିକ ସ୍ତରକୁ ଶିଥିଳ କରି ରଖିପାରେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପ୍ରଶାସନିକ ସ୍ତରରେ ଅନ୍ୟମାନଙ୍କୁ ନିଜ କାମରେ ସହଭାଗିତା କରାଇପାରିବେ। ଅତୀତର ବିବାଦକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ବାକ୍‌ବିତଣ୍ଡା ସୃଷ୍ଟି ହେବାର ସୂଚନା ରହିଛି।

**ଧନୁ** କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିଥିଲେ ମଧ ଭାବୁଥିବା କଥାଟି ଆଜି ଯଥା ସମୟରେ ହୋଇଯିବ। ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସୀ ରହିବ।

**ମକର** ସ୍ଥଗିତ ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ କରିବା ସକାଶେ ବନ୍ଧୁଙ୍କ ସହ ଯୋଗର ଆବଶ୍ୟକତା ଅନୁଭବ କରିବେ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। କଳା, ସାହିତ୍ୟ, କ୍ରୀଡା, ଚଳଚ୍ଚିତ୍ରରେ ଉନ୍ନତି କରିବେ। ପ୍ରତ୍ୟାବର୍ତ୍ତନ ପଥରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ଜମା ଭଲ ସମ୍ପର୍କ ନ ଥିବା ନିଜ ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ କିଛି କରିପାରିବେ ନାହିଁ। ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ପାରିବାରିକ ସମସ୍ୟା ସମାଧାନ ହୋଇଯିବ। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଆତ୍ମୀୟମାନଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି।

ଆଜି ଶ୍ରାବଣ କୃଷ୍ଣ ତୃତୀୟା ଶୁକ୍ରବାର, ଜୁଲାଇ ୧୯ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ ଦିବା ଘ.୬।୫୦ମି. ମଧ୍ୟେ ଘ.୪।୩୫ ଗତେ, ଘ.୬।୧୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୬।୫୦ମି. ଗତେ ଘ.୮।୨୨ମି. ମଧ୍ୟେ, ଘ.୧୧।୪୩ମି. ଗତେ ଘ.୧।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦।୧୪ମି. ଗତେ ଘ.୧୧।୫୩ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302



**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**ଭୁବନେଶ୍ୱର ଗୀତା କଲେଜରୁ 4k.m ମେଣ୍ଢାଶାଳ ମୌଜାରେ satellitecity ପାଖରେ Demarcated Plot sqft.300/-ରେ ମିଳୁଅଛି। 9439857581.** D-66733

Bhubaneswar-Pitapalli Chhaka ଠାରୁ 100 ମିଟର ଦୂରରେ BDA Plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 9438115383, 9937837967. D-13423

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

1BHK simplex 15,00,000/- finishing Hanspal, duplex Nakhara Road-8093465134, 9668194157. D-67013

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/Bhubaneswar. 7809525452, 8249851363.** D-66927

**2400sqft. BDA plot for sale at K9/A Patrapada. Contact: 8114860043.** D-64987

2400sqft. commercial plot at Bomikhal near Ekamratalkies, Bhubaneswar: 9861066949, 8018595307. D-67201

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ୍ sideରେ 1200sqft. 6,60,000/-. 9437306208.** D-66728

645sqft. commercial space in Basudha tradecentre, Mastercanteen, Bhubaneswar: 9861066949, 8018595307. D-67202

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

Corporate office space in DLF, Patia and Esplanade, Rasulgarh, Bhubaneswar: 9861066949, 8018595307. D-67203

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 8917502591.** D-66731

**3storied commercial building for sale at Canal Road, Laxmisagar. Present rental income 1,30,000/- Construction area 4610 sqft., land 2200sqft. 6371449544.** D-13466

SUM hospital ନିକଟରେ ଏବଂ Tamando ବଜାର Infocity- 2 ପାଖରେ plot ମିଳୁଅଛି। 9439864322. D-66715

**Bhubaneswar Pitapalliର BDA plot sqft. 549/-ରେ ମିଳୁଅଛି। 9090963952, 9937605788.** D-66737

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

ଉତ୍ତରାସ୍ଥିତ ଘରବାରି ପ୍ଲଟ ୩୦ଫୁଟ ରୋଡକୁ ଲାଗି ଇଲେକ୍ଟ୍ରିଫିକେସନ୍ ବାଉଣ୍ଡରିୱାଲ ସହିତ। 9938663762. D-59935

**LEASE**

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/garage. Contact: 9611131676, 9437081529.** D-13302



3500sqft. godown space with an outhouse at Nayapalli, Bhubaneswar: 9861066949, 8018595307. D-67204

Open space with boundary for rent of 30000sqft. for godown/stockyard available opposite Synergy College, Nakhara, Bhubaneswar. Call: 9337122452. D-13476

1000 sqft ଅଫିସ୍ ପାଇଁ ୪୮୧, ସହିଦ ନଗରରେ ଭଡା ଦିଆଯିବ। SBI ମାର୍କେଟ ବ୍ରାଞ୍ଚ ପାଖ: 9078675838, 9937298412. D-66261

3000 sqft. 3rd floor and 1300 sqft. 4th floor adjacent to BMC mall, Sahid Nagar, Bhubaneswar for rent to Bank/ Office/ Corporates. Call: 9337122452. D-13477

Fully furnished room with attached toilet, AC, LED, fridge, bed, sofa, working executives preferred. Also furnished office space of 150 & 100 sqft AC, CCTV, Wifi: 9437030054, 7978988326. D-66260



Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

Herbal full body massage by smart/expert therapist. Contact: 8338067247. D-67315

**AFFIDAVIT**

By virtue of an affidavit before Notary, Bhubaneswar, I Abdul Zakir Khan changed my name to Zakir Khan vide affidavit dated 17-07-2019 for all future purposes. D-13479

**LEGAL NOTICE**

**ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ**

ଓ.ଏସ୍.ଏସ୍. କେସ୍ ନମ୍ବର ୭୫/୨୦୧୬
(ଓଡ଼ିଶା ବନ୍ଦୋବସ୍ତ ଆଇନ ଧାରା-୧୫-ବି-ଅନୁଯାୟୀ)

**ସଂଘମିତ୍ରା ନାୟକ,** ବୟସ ୨୭ ବର୍ଷ, ପିତା- ଶ୍ରୀ ସରତ ଚନ୍ଦ୍ର ନାୟକ, ଠିକଣା: ସା- ଖଇରାବାଦ, ପୋ- ଗୁଲନଗର, ଥାନା/ଜିଲ୍ଲା- କେନ୍ଦ୍ରାପଡ଼ା, ବର୍ତ୍ତମାନ ଠିକଣା- ସା- କ୍ୱାର୍ଟର ନଂ- ଜେ/୭୧, ଇ.ପି.ଏଫ୍ ଷ୍ଟାଫ୍ କଲୋନୀ, ଫେଜ୍-୨, ପୋ/ଥାନା- ସହୀଦନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। .........ବାଦୀ

**ବନାମ**

**ନଂ-୩: ଶ୍ରୀମତୀ କମଳା ମହାକୁଡ,** ବୟସ ୬୫ ବର୍ଷ, ପିତା- ସ୍ୱର୍ଗତ ଜଗା ଦାସ, ସ୍ୱାମୀ- ସ୍ୱର୍ଗତ ରାଧୁ ମହାକୁଡ, ଠିକଣା: ସା- ମଧୁପୁର, ପୋ.ଅ- ଅଙ୍ଗାରପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। **ନଂ-୪: ଶ୍ରୀ ପ୍ରେମାନନ୍ଦ ମହାକୁଡ଼,** ବୟସ ୪୬ ବର୍ଷ, ପିତା- ସ୍ୱର୍ଗତ ରାଧୁ ମହାକୁଡ଼, ଠିକଣା: ସା- ମଧୁପୁର, ପୋ.ଅ- ଅଙ୍ଗାରପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। **ନଂ-୫: ମେସର୍ସ ସ୍ମାର୍ଟ ଲାଇଫ୍ ଷ୍ଟାଇଲ୍ ମଲ୍ଟିଟ୍ରେଡ୍ ପ୍ରା.ଲି.** ତରଫ ମ୍ୟାନେଜିଂ ଡାଇରେକ୍ଟର/ଚେୟାରମ୍ୟାନ, ଶ୍ରୀ ଶିବ ଶଙ୍କର ଦାଶ, ବୟସ ୪୧ ବର୍ଷ, ପିତା- ଶ୍ରୀ ଦେବେନ୍ଦ୍ରନାଥ ଦାଶ, ଅଫିସ୍ ସା-ବି-୧୯୦, ପ୍ରଜ୍ଞା ବିହାର, ପୋ- ବରମୁଣ୍ଡା, ବି.ଡି.ଏ ଡୁପ୍ଲେକ୍ସ, ଭୁବନେଶ୍ୱର- ୭୫୧୦୦୩, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ... ପ୍ରତିବାଦୀ।

ଏତଦ୍ୱାରା ଉପରୋକ୍ତ ନଂ. ୫ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡ଼ାକଯୋଗେ ନୋଟିସ୍ ପଠାଯାଇଥିଲା, କିନ୍ତୁ ଏହି ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି। **ଜମିର ତଫସିଲ:** ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଜଟଣୀ, ଥାନା-ଜଟଣୀ, ଥାନା ନଂ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ- ୧୮୮/୨ମ୍ବର, ସାବିକ ପ୍ଲଟ ନଂ- ୪୬୯ମ୍ବର, ରକବା ଏ୦.୪୫୫ଡି. ସ୍ୱଧରୁ ଏ୦.୦୫୭.୩୯ଡି. ଯାହାର ହାଲ ଖାତା ନଂ- ୨୨୦ମ୍ବର, ହାଲ ପ୍ଲଟ ନଂ୫୯୫ମ୍ବର, ରକବା ଏ୦.୪୫୫ଡି. ସ୍ୱଧରୁ ଏ୦.୦୫୭.୩୯ଡି. ଅଟେ। ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ଼, ଓଡ଼ିଶା କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ କେଶରୀ ନଗର, ୟୁନିଟ-୫ ରେ ଆସନ୍ତା ତା.୦୬।୦୮।୨୦୧୯ରିଖ ଦିବା ଘ.୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଉଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ, ତେବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଏସଲା କରାଯିବ।

**ଅଦାଲତଙ୍କ ଆଦେଶକ୍ରମେ**
**ଅତିରିକ୍ତ ସଚିବ (ବିଚାର)**
**ସ୍ୱା: ବି. ରଞ୍ଜନ ଦାଶ**
ଧ-୧୩୪୪୧


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



# ରିସ୍କ ନିଅ
# ସବୁ ପ୍ରଶ୍ନକୁ ସାମ୍ନା କର

**ଓଡିଶାର ପ୍ରଥମ ତଥା ଏକମାତ୍ର କୁଇଜ୍ ମହାକୁମ୍ଭ 'ମେଟଲ୍ ମିଟ୍– ୨୦୧୯' ଏଥର ପ୍ରତିଯୋଗୀଙ୍କ ପାଇଁ ନେଇଆସୁଛି ଏକ ଭିନ୍ନ ଓ ନିଆରା ପ୍ରତିଯୋଗିତା। ପୂର୍ବବର୍ଷ ଅପେକ୍ଷା ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଚଳିତବର୍ଷ ଆହୁରି ଆକର୍ଷଣୀୟ ଓ ବଡ଼ଧରଣର ଆୟୋଜିତ ହେବାକୁ ଯାଉଛି। ଅଗଷ୍ଟ ୩ ଓ ୪ ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ହେବାକୁ ଥିବା ମେଟଲ୍ ମିଟ୍‌ର ଏହି ସଂସ୍କରଣକୁ ହୋଷ୍ଟ କରିବାକୁ ଯାଉଛନ୍ତି ଲୋକପ୍ରିୟ ହୋଷ୍ଟ ତଥା ଖ୍ୟାତନାମା କୁଇଜ୍ ମାଷ୍ଟର ଅଜୟ ପୁନିଆ। ଜାତୀୟସ୍ତରରେ ଦକ୍ଷ କୁଇଜ୍ ମାଷ୍ଟରଭାବେ ପରିଚିତ ପୁନିଆ ନିଜର ପ୍ରଶ୍ନ ପଚାରିବା ଶୈଳୀ ଓ ନିଆରା ପରିଚାଳନା ଦକ୍ଷତା ପାଇଁ ବେଶ୍ ପରିଚିତ। ମେଟଲ୍ ମିଟ୍ ପୂର୍ବରୁ ପୁନିଆଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ।**

ଧରିତ୍ରୀ ଆଳାପ



କୁଇଜ୍ ମାଷ୍ଟର ଅଜୟ ପୁନିଆ

Reviving Quizzing METTLE MEET 2019 A Quiz Extravaganza

**ଭାରତରେ ଏବେ କୁଇଜିଂର ଲୋକପ୍ରିୟତା କିଭଳି ରହିଛି? ବିଶେଷକରି ପୂର୍ବ ଭାରତରେ କୁଇଜିଂ କଲଚରକୁ ନେଇ କିଭଳି ଆଗ୍ରହ ଦେଖିବାକୁ ମିଳୁଛି ?**

➡ କୁଇଜିଂ କଲଚର୍ ବେଶ୍ ଆଗକୁ ଯାଇଛି। ବିଗତ କିଛିବର୍ଷ ମଧ୍ୟରେ କୁଇଜିଂ ଏକ ଟ୍ରେଣ୍ଡ୍‌ରେ ପରିଣତ ହୋଇଛି। ହେଲେ ଏହାକୁ ସ୍ପନ୍‌ସର୍ କରିବା ପାଇଁ ଅଧିକରୁ ଅଧିକ ସଂସ୍ଥା ଆଗେଇ ଆସିବା ଉଚିତ। ମୁଁ ଏହାସହ ଜଡ଼ିତ ଅଛି ବୋଲି କହୁନି, ବରଂ ଅଧିକ ଦକ୍ଷ ଓ କୁଶଳୀ ହ୍ୟୁମାନ୍ ରିସୋର୍ସ ପାଇବା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ। ବିଶ୍ୱ ଏବେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି, ତାହାର ସମାଧାନ ଲାଗି ଅଧିକ ଜ୍ଞାନୀ ଓ ଦକ୍ଷ ମାନବସମ୍ବଳର ଆବଶ୍ୟକତା ରହିଛି। ମୋ ମତରେ କୁଇଜିଂ ସେଭଳି ଏକ ପ୍ଲାଟଫର୍ମ ଯୋଗାଇଦେବାର କ୍ଷମତା ରଖୁଛି।

**'ମେଟଲ୍ ମିଟ୍' ଦେଶର ବଡ଼ କୁଇଜ୍ ଇଭେଣ୍ଟ। ଆପଣ ପ୍ରଥମଥର ପାଇଁ ଏହାକୁ ହୋଷ୍ଟ କରିବାକୁ ଯାଉଛନ୍ତି। ପ୍ରତିଯୋଗିତା ଓ ପ୍ରତିଯୋଗୀଙ୍କଠାରୁ କ'ଣ ଆଶା ରହିଛି ?**

➡ ସମସ୍ତେ ଉପଭୋଗ କଲାଭଳି ଏକ ଭଲ କୁଇଜ୍ ଇଭେଣ୍ଟ ମୁଁ ଆଶା କରୁଛି। ପ୍ରତି ଟିମ୍ ଯେମିତି ପରସ୍ପରକୁ କଡ଼ା ଟକ୍କର ଦେବେ, ସେଭଳି ଏକ ଦୃଢ଼ ପ୍ରତିଯୋଗିତା ହେବ ବୋଲି ଭାବୁଛି। ଗୋଟିଏ ଟିମ୍ ଦକ୍ଷ ଓ ଆଉ ଗୋଟିଏ ଟିମ୍ ଦୁର୍ବଳ ହେଲେ ପ୍ରତିଯୋଗିତା ନିଶ୍ଚୟ ବୋରିଂ ଲାଗିବ। ଯଦି ଏକ ଟିମ୍ ଆରାମରେ ଜିତିଗଲା ତା'ହେଲେ କୁଇଜିଂର ମଜା ଆସିବନି। ସବୁ ଟିମ୍ ପରସ୍ପରକୁ ଯେମିତି କଡ଼ା ଚ୍ୟାଲେଞ୍ଜ୍ ଦେବେ ସେଥିପାଇଁ ମୁଁ ଅଶାବାଦୀ। ଶେଷ ପ୍ରଶ୍ନରେ ହିଁ ଜଣାପଡୁ କିଏ ବିଜେତା ହେବ। ଆଶାକରୁଛି ବହୁ ଉଚ୍ଚସ୍ତରୀୟ ଟିମ୍ ଓ ପ୍ରତିଯୋଗୀଙ୍କୁ ମେଟଲ୍ ମିଟ୍ ମଞ୍ଚରେ ଦେଖିବାକୁ ମିଳିବ।

**ବର୍ତ୍ତମାନର ଗ୍ଲାମର ଦୁନିଆରେ କୁଇଜିଂର ସ୍ଥିତି କିଭଳି ରହିଛି? ଜଣେ ଏଥିରେ କ୍ୟାରିୟର କରିପାରିବ କି ?**

➡ କୁଇଜିଂ ସମସ୍ତଙ୍କ ପାଇଁ କ୍ୟାରିୟର ହୋଇପାରିବ ବୋଲି ମୁଁ କହିପାରିବିନି। କାରଣ ଏହା ବହୁତ ବିରଳ। କିନ୍ତୁ କୁଇଜିଂ ଏବଂ ଗ୍ଲାମର ଦୁନିଆ ସମାନ୍ତରାଳଭାବେ ଗତିକରେ। ନାଚ, ଗୀତ ଭଳି କାର୍ଯ୍ୟକ୍ରମ ଲୋକଙ୍କୁ ମନୋରଞ୍ଜନ କରିବାର କ୍ଷମତା ରଖେ। କୁଇଜିଂ ଜଣଙ୍କର ଜ୍ଞାନ, ଦକ୍ଷତା ବୃଦ୍ଧି ଓ ପ୍ରଦର୍ଶନରେ ସହାୟକ ହୁଏ। ସମାନ୍ତରାଳ ଭାବେ ଆଗକୁ ବଢ଼ିବାକୁ ଏଥିରେ ସୁଯୋଗ ରହିଛି। ଜଣେ କେବଳ ଉଚିତ ମାର୍ଗ ଖୋଜି ନିଜ ପ୍ରତିଭାକୁ ଲୋକଙ୍କ ସାମ୍ନାକୁ ଆଣିବାର ଅଛି।

**ପ୍ରତିଯୋଗିତାରେ ଭାଗନେବାକୁ ଥିବା ପ୍ରତିଯୋଗୀଙ୍କୁ କ'ଣ ପରାମର୍ଶ ଦେବେ ?**

➡ ଭଲରେ ପ୍ରସ୍ତୁତ ହୁଅ। କେବଳ ଭାଗ୍ୟ ଉପରେ ସବୁ ଛାଡ଼ିଦିଅ ନାହିଁ। ଶ୍ରେଷ୍ଠ ପ୍ରଦର୍ଶନ କର। ଭୟ କରନି। ଦୃଢ ପରିଶ୍ରମର କୌଣସି ବିକଳ୍ପ ନାହିଁ। କୁଇଜିଂ ଭଳି ପ୍ଲାଟ୍‌ଫର୍ମରେ କଠିନ ପରିଶ୍ରମ ଓ ଭଲ ପ୍ରସ୍ତୁତି ହିଁ ସବୁଠାରୁ ଅଧିକ ଜରୁରୀ।

**ଏକ ପ୍ରଶ୍ନକୁ ସାମ୍ନା କରିବାକୁ କିଛି ନିର୍ଦ୍ଦିଷ୍ଟ ଟୁଲ୍ କିମ୍ବା କୌଶଳ ଅଛି କି ?**

➡ ସବୁ ପ୍ରଶ୍ନକୁ ସାମ୍ନା କରିବା ଆବଶ୍ୟକ। ରିସ୍କ ଓ ଚାନ୍ସ ନେବା ଜରୁରୀ। ରିସ୍କ ନ ନେଲେ ଜିତିବାର ସମ୍ଭାବନା ବି କମିଯିବ। ଯଦି ଏକ ପ୍ରଶ୍ନ ବା ସୁଯୋଗ ସାମ୍ନାକୁ ଆସୁଛି ତା'ହେଲେ ତାକୁ ନିଶ୍ଚୟ ସାମ୍ନା କରିବା ଆବଶ୍ୟକ। ଭାବିଚିନ୍ତି ସତର୍କତାର ସହ ଉତ୍ତର ଦିଅ। ନିଜ ଦକ୍ଷତାକୁ ବିଶ୍ୱାସ କର ଓ ଯାହା ମନ କହୁଛି ତାହାସହ ଯାଅ। ଯାହା ଜାଣିଛ ସେଥିରେ ପ୍ରଥମେ ନିଜେ ନିଶ୍ଚିତ ହୁଅ, ତା'ପରେ ଟିମ୍ ସଦସ୍ୟଙ୍କୁ କୁହ। ନ ହେଲେ ନିଜ ସହ ତୁମେ ନିଜ ଟିମ୍‌କୁ ବି ଦ୍ୱନ୍ଦ୍ୱରେ ପକାଇବ।

**ମେଟଲ୍ ମିଟ୍ ସମ୍ପର୍କରେ କ'ଣ କହିବେ ?**

➡ ମୁଁ ଗତ ୩ବର୍ଷ ହେଲା ମେଟଲ୍ ମିଟ୍‌କୁ ଅନୁସରଣ କରୁଛି। ଏହା ବର୍ଷକୁ ବର୍ଷ ଆଗକୁ ବଢୁଛି। କୁଇଜ୍‌ର ଷ୍ଟାଣ୍ଡାର୍ଡ ଓ କୁଇଜର୍‌ଙ୍କ ଦକ୍ଷତା ମୋତେ ଆକର୍ଷିତ କରିଛି। 'ଓଡ଼ିଶା ପୋଷ୍ଟ' ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଏକ ଉଦାହରଣ ସୃଷ୍ଟିକରିଛି। ଏଭଳି ଏକ କାର୍ଯ୍ୟକ୍ରମର ଅଂଶ ହେବାକୁ ଯାଉଥିବାରୁ ଏହାକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି। ଆଶାକରୁଛି ସମସ୍ତେ ମୋ ସହ ଏହି ଇଭେଣ୍ଟକୁ ଉପଭୋଗ କରିବେ। ମୁଁ ସବୁ ଟିମ୍‌କୁ ଗୁଡ୍ ଲକ୍ ୱିଶ୍ କରୁଛି।

**ଓଡ଼ିଶାର କ'ଣ ଆପଣଙ୍କୁ ଆକୃଷ୍ଟ କରେ ?**

➡ ମୁଁ ପୂର୍ବରୁ ଅନେକଥର ଓଡ଼ିଶା ଆସିଛି। ଯେତେଥର ଏଠାକୁ ଆସିଛି ଏଠାକାର ଲୋକେ ଓ ଏଠାକାର ପରିବେଶ ମୋତେ ଆକୃଷ୍ଟ କରିଛି। ଓଡ଼ିଶା ଏକ ଭାଇବ୍ରାଣ୍ଟ ଓ କଲରଫୁଲ୍ ରାଜ୍ୟ। ନିକଟରେ ଓଡ଼ିଶା ଅନେକଗୁଡ଼ିଏ ଆଖିଦୃଶିଆ ପଦକ୍ଷେପ ହାତକୁ ନେଇଛି। ବିଶେଷକରି କ୍ରୀଡା କ୍ଷେତ୍ରରେ ଆଗକୁ ବଢିଛି। ଦେଶର କ୍ରୀଡା ରାଜଧାନୀରେ ପରିଣତ ହୋଇଛି। ଏଠାକାର ଲୋକେ, ଏଠାକାର ଖାଦ୍ୟ, କଳା ସଂସ୍କୃତି ସବୁକିଛି ଭିନ୍ନ ଓ ସ୍ୱତନ୍ତ୍ର।

*–ସାକ୍ଷାତ୍: ସସ୍ମିତା ପାଇକରାୟ*

### ■ଶୀତଳ ଭଣ୍ଡାର ପ୍ରସଙ୍ଗକୁ ନେଇ ମହାରଥୀଙ୍କ କ୍ଷୋଭ

## ମୋତେ ଭାରି ବାଧୁଛି, କାଲିଠାରୁ ଖାଇନି

**ଭୁବନେଶ୍ୱର,୧୮।୭(ବ୍ୟୁରୋ)** କାଲିଠୁ ମୁଁ ଖାଇନି। ଆପଣ ମନ୍ତ୍ରୀ ହୋଇଥିଲେ କ'ଣ ଏ କଥା ସହିପାରିଥାନ୍ତେ। ମୋର ସବୁ ସମ୍ମାନ ଆପଣଙ୍କ ପାଖରେ। ବୁଧବାର ମୋହନ ମାଝିଙ୍କ ପ୍ରଶ୍ନର ଉତ୍ତର ଦେଲା ବେଳେ ଅର୍ଥମନ୍ତ୍ରୀ ମୋ ସମ୍ପର୍କରେ ଯେଉଁ ମନ୍ତବ୍ୟ ଦେଲେ, ତାହା ମୋତେ ବହୁତ ବାଧୁଛି। ଏ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ଆପଣ ଏ ସବୁକୁ ଗୃହର ବିବରଣୀରୁ ବାଦ୍ ଦିଅନ୍ତୁ। ନଚେତ ବିଧାନସଭା ଶେଷ ହେବାଯାଏ ମୁଁ ଆଉ ଗୃହକୁ ଆସିବି ନାହିଁ। ପୂର୍ବତନ କୃଷିମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ଗୁରୁବାର ବିଧାନସଭାରେ ଏଭଳି ଶାଣିତ ଢଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୂନ୍ୟକାଳରେ ମହାରଥୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ମୁଁ କୃଷିମନ୍ତ୍ରୀ ଥିଲାବେଳେ ରାଜ୍ୟରେ ମାତ୍ର ୨୪ଟି ଶୀତଳଭଣ୍ଡାର ଚାଲୁଥିଲା। ମୋ ସମୟରେ ଏହା ୪୮କୁ ବୃଦ୍ଧି ପାଇଲା। ମୁଁ କୃଷିମନ୍ତ୍ରୀ ଥିବାବେଳେ ରାଜ୍ୟକୁ ୪ଥର କୃଷିକର୍ମଣ ପୁରସ୍କାର ମିଳିଛି। ବୁଧବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଲେ, ମୋ' ସମୟରେ ଶୀତଳଭଣ୍ଡାର ଓ ଆଳୁ ମିଶନ ବନ୍ଦ ହୋଇଛି। ଏହାକୁ ତୀବ୍ର ବିରୋଧ କରୁଛି। ସାତଥର ବିଧାୟକ ହେଲିଣି, ଏମିତି ମୋତେ କେବେ ବାଧି ନ ଥିଲା। ରାତିରେ ମୋତେ ନିଦ ହୋଇନାହିଁ। ମୁଁ ଆପଣଙ୍କୁ ହାତ ଯୋଡୁଛି ମନ୍ତ୍ରୀ ମୋ ବିଷୟରେ କହିଥିବା ବକ୍ତବ୍ୟକୁ ଗୃହର ବିବରଣୀରୁ ବାଦ୍ ଦିଅନ୍ତୁ। ବାଚସ୍ପତି ମହାରଥୀଙ୍କ ଉଦ୍‌ବେଗକୁ ଦେଖି କହିଥିଲେ ଯେ, ବିବରଣୀରେ ଯଦି କୌଣସି ଆପତ୍ତି ଥାଏ, ତେବେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ। ବାଚସ୍ପତିଙ୍କ ଏଭଳି ଆଶ୍ୱାସନା ବାଣୀ ଭାଜପା ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ହଜମ ହେଲାନାହିଁ। ସେ ଠିଆହୋଇ ବିରୋଧ କରିବା ସହ କହିଥିଲେ ଯେ, ଯେତେବେଳେ ଯାହା ଚାହିଁବେ ବିବରଣୀରୁ ବାଦ୍ ଦେଇଦେବେ। ଗୃହ ଏଭଳି ଚାଲେନାହିଁ। ଗୃହ ବାହାରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଆଁରେ ଘିଅ ଢାଳିଥିଲେ। ସେ କହିଥିଲେ ଯେ, ମହାରଥୀ ରାଗିନାହାନ୍ତି। ତାଙ୍କ କହିବା ଷ୍ଟାଇଲ ସେମିତି।

**ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା**



ସାନ୍‌ଭି ସଲୋନୀ (ପିହୁ)
ଆପଟ ସାହି, ପ୍ରତାପରୁଦ୍ରପୁର, ବାଲିଅନ୍ତା
ଆଜି ତୁମର ଜନ୍ମଦିବସରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ ପୁଷ୍ପିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ ହେଉ।
ଶୁଭେଚ୍ଛାସହ:
ବାବା, ମାମା, ଅଜା, ଆଈ, ଜେଜେ, ଜେଜେ ମା', ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ
ଧ-୬୭୩୧୬

**ଜନ୍ମଦିନ ଶୁଭେଚ୍ଛା**



ପ୍ରିୟ ସାଜୀ (SAJEE)
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ତଥା ଭଲପାଇବା।
"ହରିଶ୍"
ଧ-୧୩୪୭୮

**DAYANAND INSTITUTE**
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
**ADMISSION NOTICE**
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US– 8 TO 11AM (OFFICE) EVERYDAY

ODISHA SKILL DEVELOPMENT AUTHORITY
National Career Service
Right Opportunities, Right Time
OSOU
श्रम एवं रोजगार मंत्रालय
Ministry of Labour & Employment
भारत सरकार (Government of India)
**MEGA JOB FAIR**
Organised by
ODISHA STATE OPEN UNIVERSITY, SAMBALPUR
in association with
MODEL CAREER CENTRE
DISTRICT EMPLOYMENT EXCHANGE, SAMBALPUR
Age 18-40 Yrs.
Eligibility 8th Pass to Post Graduate/ Experienced
Wednesday, the 24th July 2019 @ 9 AM - 2 PM
Employer Registration upto 22.7.2019 (4 PM)
Student Registration upto 23.7.2019 (2 PM)
Venue: Netaji Subhash Chandra Bose College, Dhanupali, Putibandh, Sambalpur-768005
Please visit our website for online registration & further details
www.osou.ac.in
Registrar




## ପାଟକୁରା ନିର୍ବାଚନ ପାଇଁ ପ୍ରଚାର ଶେଷ
### ଆଜି ଫେରିବେ ମାଳମାଳ ନେତା

**ଭୁବନେଶ୍ୱର, ୧୮।୭ (ବ୍ୟୁରୋ):** ପାଟକୁରା ବିଧାନସଭା ଆସନ ପାଇଁ ଆସନ୍ତା ଶନିବାର ଭୋଟ ହେବ। ଏହାର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ୍ ଗୁରୁବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ପାଟକୁରା ଆସନ ହାତେଇବାକୁ ବିଜେଡି ପୂରା ଦମ୍‌ରେ ଲାଗିପଡିଥିଲା ବେଳେ ଦଳର ମାଳମାଳ ବିଧାୟକ, ମନ୍ତ୍ରୀ ଏବଂ ନେତାମାନେ ପ୍ରଚାରରେ ସାମିଲ ହୋଇଥିଲେ। କିଛିଦିନ ହେବ ବିଧାନସଭାରେ ଉପସ୍ଥିତ ନ ରହି ଶାସକ ଦଳ ବିଧାୟକମାନେ ପାଟକୁରାରେ ଡେରାପକାଇ ରହିଛନ୍ତି। ଭାଜପାର ବହୁ ନେତା ବିଜୟ ମହାପାତ୍ରଙ୍କ ପାଇଁ ମଧ୍ୟ ପ୍ରଚାର କରୁଛନ୍ତି। କଂଗ୍ରେସ ପ୍ରଚାରରେ ବିଜେଡି ଓ ଭାଜପାଠାରୁ ପଛରେ ଥିବା ଶୁଣିବାକୁ ମିଳୁଛି। ଅନ୍ୟପଟେ ପ୍ରଚାରର ଶେଷଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରା ଗସ୍ତ କାର୍ଯ୍ୟ ଶେଷକରି ଫେରି ଆସିଛନ୍ତି। ପାଟକୁରାରେ ଡେରା ପକାଇଥିବା ନେତାମାନେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ରାଜଧାନୀ ଫେରିବେ ବୋଲି ଜଣାପଡିଛି।

## ୨୧ରେ ସ୍ୱତନ୍ତ୍ର ଓଜେଇଇ

**ଭୁବନେଶ୍ୱର,୧୮।୭(ବ୍ୟୁରୋ):** ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ବା ସ୍ପେଶାଲ ଓଜେଇଇ ୨୦୧୯ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ। ବି.ଟେକ୍ ସହ ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା), ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍(ବିଏସ୍‌ସି), ଏମ୍‌ବିଏ, ଏମ୍‌ସିଏ, ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏ, ବି ଫାର୍ମା ଓ ଏମ୍ ଫାର୍ମା ପାଠ୍ୟକ୍ରମରେ ନାମଲେଖା ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେବ। ମୋଟ ୧୭,୬୭୯ ଛାତ୍ରୀଛାତ୍ର ଏହି ସ୍ପେଶାଲ ଓଜେଇଇ ଦେବାକୁ ଥିବାବେଳେ ଏଥିପାଇଁ ରାଜ୍ୟର ୨୦ଟି ସହରରେ ୩୧ ପରୀକ୍ଷା କେନ୍ଦ୍ର ହୋଇଛି। ୨ଟି ସିଫ୍ଟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ସିଫ୍ଟରେ ବି.ଟେକ୍ ଓ ବି. ଫାର୍ମା ପାଇଁ ପରୀକ୍ଷା ହେବ। ମଧ୍ୟାହ୍ନ ୧୨ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଦ୍ୱିତୀୟ ସିଫ୍ଟରେ ଅନ୍ୟ ପାଠ୍ୟକ୍ରମଗୁଡ଼ିକ ଲାଗି ପରୀକ୍ଷା ହେବ। ଛାତ୍ରୀଛାତ୍ରମାନେ ojee.nic.in ୱେବ୍‌ସାଇଟ୍‌ରୁ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ୨୫ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ। ୨୫ରୁ ୨୭ ତାରିଖ ମଧ୍ୟରେ ଛାତ୍ରୀଛାତ୍ର ର୍‍ୟାଙ୍କକାର୍ଡ ଡାଉନ୍‌ଲୋଡ୍ କରିବା ସହ ଅନ୍‌ଲାଇନ୍ ଚଏସ୍ ଫିଲିଂ କରିପାରିବେ। ଆସନ୍ତା ୩୦ ତାରିଖରେ ପ୍ରଥମ ପର୍ଯ୍ୟାୟ ଆଲଟ୍‌ମେଣ୍ଟ ଓ ଅଗଷ୍ଟ ୩ରେ କଲେଜରେ ପିଲାମାନେ ରିପୋର୍ଟିଂ କରିପାରିବେ। ମିଳିଥିବା ସୂଚନା ମୁତାବକ, ବି.ଟେକ୍‌ରେ ସର୍ବାଧିକ ୭,୭୭୧ ଜଣ ଛାତ୍ରୀଛାତ୍ର ରହିଥିବାବେଳେ ଲାଟେରାଲ ଏଣ୍ଟ୍ରି ବି.ଟେକ୍(ଡିପ୍ଲୋମା)ରେ ୪,୩୧୨ଜଣ, ଲାଟେରାଲ୍ ଏଣ୍ଟ୍ରି ବି.ଟେକ୍(ବିଏସ୍‌ସି)ରେ ୧୨୦, ଏମ୍‌ବିଏ ପାଇଁ ୩,୪୦୪, ଏମ୍‌ସିଏରେ ୬୧୪, ଲାଟେରାଲ୍ ଏଣ୍ଟ୍ରି ଏମ୍‌ସିଏରେ ୨୪୭, ବି.ଫାର୍ମାରେ ୧୧୬୨ ଓ ଏମ୍. ଫାର୍ମାରେ ୪୯ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି।



ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# ଭୁଲ୍ ନିଷ୍ପତ୍ତି

ଜୁଲାଇ ୫ ତାରିଖର କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୁନା ଉପରେ ଆମଦାନୀ ଶୁଳ୍କ ୨.୫ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଅଧିକ ସୁନା କିଣିବାରୁ ନିରୁତ୍ସାହିତ କରିବା। ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ସୁନା ଆମଦାନିକାରୀ। ଏହା ବର୍ଷକୁ ହାରାହାରି ୬୫୦ ଟନ୍ ସୁନା ଆମଦାନି କରିଥାଏ। ତେବେ ସୁନା ପ୍ରତି ଆମର ଏତେ ଆକର୍ଷଣ ମୂଳରେ କେବଳ ସାଂସ୍କୃତିକ କାରଣ ନାହିଁ ବା ପର୍ଯ୍ୟାପ୍ତ ସୁନାର ମାଲିକ ହୋଇ ଗହଣାରେ ନିଜକୁ ସଜେଇ ଦେଖେଇହେବାର ପ୍ରଲୋଭନ ନାହିଁ। ଭାରତୀୟମାନଙ୍କ ସୁନା ପ୍ରତି ମୋହ ଏକ ପ୍ରକାର ମାନସିକ ରୋଗ ପରି। ଭାରତ ବ୍ୟାପକ ପରିମାଣର ସୁନା ଅମାଦାନି କରିବାର ଆଉ ଏକ କାରଣ ହେଉଛି ଭାରତରେ ବହୁ କମ୍ ପରିମାଣର ସୁନା ଉତ୍ପାଦନ ହୁଏ। ହଜାର ହଜାର ବର୍ଷ ଭିତରେ ପୃଥିବୀର ବହୁ ପରିମାଣର ସୁନା ଭାରତକୁ ଆସିଛି। ବିଦେଶୀମାନେ ଆମ ଦେଶରୁ ଏହାର ବହୁଳାଂଶ ଲୁଣ୍ଠନ କରି ନେଇଛନ୍ତି। ବର୍ତ୍ତମାନ ଆମ ପାଖରେ ଯାହା କିଛି ବି ସୁନା ଅଛି, ତାହା ବାହାର ଦେଶରୁ ଆସୁଛି। ବର୍ତ୍ତମାନ ଆମଦାନୀ ଶୁଳ୍କ ବୃଦ୍ଧି କରାଯିବା ଯୋଗୁ ସୁନା ମୂଲ୍ୟରେ କିଛିଟା ବୃଦ୍ଧି ଘଟିଛି। ବର୍ତ୍ତମାନ ଘରୋଇ ବଜାରରେ ୧୦ ଗ୍ରାମ୍ ସୁନାର ମୂଲ୍ୟ ପ୍ରାୟ ୩୫,୦୦୦ ଟଙ୍କା। ତେବେ ଦାମ୍ ବଢ଼ିଗଲା ବୋଲି କ'ଣ ଭାରତୀୟମାନେ ସୁନା କିଣିବା ବନ୍ଦ କରିଦେବେ ? ବାସ୍ତବରେ କେବେ ନୁହେଁ।

ଭାରତୀୟମାନଙ୍କର ସୁନା ଏତେ ପ୍ରିୟ ହେବାର ଗଭୀରତର କାରଣ ଏହାର ସାଂସ୍କୃତିକ ଚେତନା ଭିତରେ ରହିଛି। ଜାତି, ବର୍ଣ୍ଣ, ଧର୍ମ, ମତ, ଗୋଷ୍ଠୀ, ସମ୍ପ୍ରଦାୟ ନିର୍ବିଶେଷରେ ଭାରତୀୟମାନେ ସୁନା କିଣନ୍ତି। କୌଣସି ପର୍ବପର୍ବାଣି ହେଉ ବା ପାରିବାରିକ ଉତ୍ସବ ଅବସରରେ ସୁନା ଗହଣା କିଣିବା, ପିନ୍ଧିବା ଓ ପ୍ରଦର୍ଶନ କରିବାର ଏକ ନିଆରା ଆକର୍ଷଣ ଥାଏ।

ଭାରତୀୟ ପରିବାରଗୁଡ଼ିକ ପାଖରେ ବିଶ୍ୱର ମୋଟ ସୁନା ଭଣ୍ଡାରର ପ୍ରାୟ ୧୧ ପ୍ରତିଶତ ଅଛି ବୋଲି ବିଶ୍ୱାସ କରାଯାଏ, ଯାହା ପ୍ରାୟ ୨୪,୦୦୦ ଟନ୍ ଓଜନର ଓ ପାଖାପାଖି ୧ ଟ୍ରିଲିୟନ (ଲକ୍ଷ କୋଟି) ଡଲାର ମୂଲ୍ୟର ହେବ। ଏଥି ସହ ଭାରତର ମନ୍ଦିରଗୁଡ଼ିକରେ ମହଜୁଦ ଥିବା ସୁନାକୁ ମିଶାନ୍ତୁ, ଯାହା ୪୦୦୦ ଟନରୁ ଅଧିକ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ୬୧୫ ଟନ୍ ସୁନା ଗଚ୍ଛିତ ଅଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ୮,୧୩୩ ଟନରୁ ଅଧିକ ସୁନା ମହଜୁଦ ଅଛି, ଯାହା ବିଶ୍ୱର ଅନ୍ୟ ପ୍ରତ୍ୟେକ ଦେଶ ମହଜୁଦ ରଖିଥିବା ସୁନାର ପରିମାଣଠାରୁ ଅଧିକ। ଏହି ତାଲିକାରେ ଆମ ଦେଶର ସ୍ଥାନ ୧୦ ନମ୍ବରରେ ରହିଛି। ବିଶ୍ୱର ସୁନା ସମାଲୋଚକ ଓ କେତେକ ପାଶ୍ଚାତ୍ୟ ଅର୍ଥନୀତିଜ୍ଞଙ୍କ ମତରେ ସୁନାରେ ଅର୍ଥ ନିବେଶ କରିବା ମୂଲ୍ୟହୀନ କାରଣ ଏଥିରୁ କିଛି ସୁଧ ମିଳି ନ ଥାଏ। ସେମାନେ ଚାହାନ୍ତି ଟିକସ ବୃଦ୍ଧି ସମେତ ଯେକୌଣସି ଉପାୟରେ ସୁନାରେ ନିବେଶ ହାର କମାଇବାକୁ। ତେବେ ଏକଥା ସତ ଯେ, ସୁନାରେ ଟଙ୍କା ନିବେଶ କଲେ ସେଥିରୁ କିଛି ସୁଧ ମିଳେ ନାହିଁ ଓ ସେହି ଟଙ୍କା ଅବରୁଦ୍ଧ ହୋଇ ରହିଯାଏ। ଅର୍ଥନୀତିରେ ଏହା ସଚଳ ହୁଏ ନାହିଁ, ଯେପରି ବ୍ୟାଙ୍କରେ ଟଙ୍କା ଜମା କଲେ ହୁଏ। ତଥାପି ସୁନାର କିଣାବିକା ଦ୍ୱାରା ଅର୍ଥନୀତିକୁ ଲାଭ ମିଳେ। ରତ୍ନପଥର ଓ ଗହଣା ଶିଳ୍ପ ଲକ୍ଷ ଲକ୍ଷ ଗହଣା କାରିଗର ଓ ବେପାରୀଙ୍କୁ ନିଯୁକ୍ତି ଦିଏ, ଯେଉଁମାନେ ଏହା ଉପରେ ନିର୍ଭର କରି ବଞ୍ଚନ୍ତି। ଦେଶକୁ ଆମଦାନି କରାଯାଉଥିବା ସୁନାର ଏକ ବୃହତ୍ ଅଂଶରେ ମୂଲ୍ୟଯୁକ୍ତ ହୋଇ ତାହା ପୁଣି ବିଦେଶକୁ ରପ୍ତାନି ହୁଏ। ସାରା ବିଶ୍ୱରେ ଅର୍ଥନୈତିକ ଅନିଶ୍ଚିତତାକୁ ରୋକିବାରେ ସୁନାକୁ ଏକ ବାଡ଼ ଭାବେ ବିବେଚନା କରାଯାଏ। ଭାରତୀୟ ପରିବାରଗୁଡ଼ିକ ଏହା ଭଲଭାବେ ବୁଝିଛନ୍ତି। ତେଣୁ ସରକାର ସୁନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରିବା ଏକ ଉତ୍ତମ ଚିନ୍ତାଧାରା ନୁହେଁ। ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ଘରୋଇ ବଜାରରେ ସୁନାର ମୂଲ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ଚାଇନା–ଆମେରିକା ବାଣିଜ୍ୟ ଯୁଦ୍ଧ ଯୋଗୁ ସୁନାର ଅନ୍ତର୍ଜାତୀୟ ମୂଲ୍ୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି କାରଣ ସୁନା ହିଁ ଅର୍ଥନୈତିକ ଅସ୍ଥିରତାରୁ ମୁକ୍ତି ଦେଇପାରିବ ବୋଲି ଲୋକେ ବିଶ୍ୱାସ କରୁଛନ୍ତି। ସୁନାର ଆମଦାନି ହ୍ରାସ କରିବା ଲାଗି ସରକାର ଚେଷ୍ଟା କରିବା ଯେ ଅନୁଚିତ, ତା'ର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଅନ୍ତର୍ଜାତୀୟ ବଜାର ତୁଳନାରେ ଘରୋଇ ବଜାରରେ ସୁନାର ମୂଲ୍ୟ ବୃଦ୍ଧି ପାଇଲେ ସୁନାର କଳାବଜାର ବୃଦ୍ଧି ପାଇବ, ଯାହା ଅଣ୍ଡରୱାର୍ଲ୍ଡ ଦ୍ୱାରା ନିୟନ୍ତ୍ରିତ ହେବ। ଏକ ସର୍ବେକ୍ଷଣ ଅନୁସାରେ ଏହି ବେଆଇନ କାରବାର ଆଇନାନୁମୋଦିତ କାରବାରର ପ୍ରାୟ ୨୦ ପ୍ରତିଶତ। ଆମଦାନୀ ଶୁଳ୍କ ବୃଦ୍ଧି ମାଧ୍ୟମରେ ସରକାର ଆପଣାଉଥିବା ସଂରକ୍ଷଣବାଦ (Protectionism) ଭଲ ଅପେକ୍ଷା ସ୍ଥାନୀୟ ଶିଳ୍ପର ଅଧିକ କ୍ଷତିସାଧନ କରିବ। ତେଣୁ ସରକାର ଏ ପ୍ରକାର ସଂରକ୍ଷଣବାଦ ତ୍ୟାଗ କରିବା ଉଚିତ, କାରଣ ଏହା ଏକ ଭୁଲ୍ ନିଷ୍ପତ୍ତି।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜୁଲାଇ ୧୯୯୪

- ଦ୍ୱୈତ ଟିକସ ବ୍ୟବସ୍ଥାକୁ ଦୂର କରିବା ଏବଂ ଟିକସ ଫାଙ୍କି କାରବାରକୁ ରୋକିବା ପାଇଁ ଚାଇନା ଓ ଭାରତ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଶ୍ରୀଲଙ୍କାର ଜାଫନା ଅଞ୍ଚଳରେ ନିର୍ବାଚନକୁ ସ୍ଥଗିତ ରଖିବା ଆବେଦନକୁ ଦେଶର ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | | | | 4 | | C | | | | 6 | | 7 |
| | B | 7 | | | 9 | | | D | 0 | | 1 | 5 | | |
| | | | | | | | | | | 3 | A | 2 | 1 | D |
| 9 | | | | | 3 | | | E | | C | | | | |
| | | | | 6 | | | | A | | 4 | D | | 8 | |
| 2 | | | 0 | | | C | | | | | 5 | 9 | 4 | |
| | | 0 | | | 6 | | | | | 9 | | | | |
| | | | | A | | B | 5 | | | 0 | | | | |
| C | | | | | 7 | E | | | | | 4 | D | 2 | |
| | D | A | 4 | | 8 | | | | | | 6 | 7 | 3 | |
| | | | 2 | | 0 | 5 | | | 7 | | 3 | | C | 6 |
| | | 3 | | 9 | | | | | E | | 8 | | | 1 |
| | | | 5 | | 4 | | A | | | | | | 9 | 2 |
| | | 5 | | 7 | | | 1 | | | A | | 0 | | |
| | | D | A | 8 | 1 | | 9 | | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | B | 6 | 2 | 7 | C | D | 8 | 3 | 5 | 9 | 0 | 4 | A | E |
| E | 2 | C | 8 | 0 | 6 | A | 4 | 5 | 1 | B | D | 9 | 3 | 7 |
| D | 0 | 5 | 3 | E | 4 | C | 9 | 2 | 6 | 7 | A | 1 | B | 8 |
| 7 | A | 8 | 9 | B | D | 0 | E | 1 | C | 3 | 4 | 2 | 6 | 5 |
| 4 | 3 | 9 | 1 | 5 | A | B | 7 | 6 | 2 | E | 8 | 0 | C | D |
| 5 | E | D | A | 2 | 8 | 6 | 3 | C | B | 0 | 9 | 7 | 4 | 1 |
| 3 | 8 | 2 | 6 | 1 | B | 7 | 5 | D | 4 | C | E | A | 9 | 0 |
| 0 | 4 | B | 5 | 3 | 9 | 2 | A | 8 | 7 | D | 1 | 6 | E | C |
| 6 | 7 | A | C | 4 | 0 | 9 | 1 | E | 3 | 5 | 2 | D | 8 | B |
| C | 9 | 1 | E | D | 7 | 4 | 0 | B | 8 | A | 6 | 5 | 2 | 3 |
| 2 | 1 | 0 | 7 | C | E | 5 | B | 9 | A | 6 | 3 | 8 | D | 4 |
| A | D | 3 | 4 | 6 | 5 | E | 2 | 7 | 0 | 8 | C | B | 1 | 9 |
| B | 5 | E | D | 8 | 2 | 1 | C | A | 9 | 4 | 7 | 3 | 0 | 6 |
| 9 | 6 | 7 | 0 | A | 3 | 8 | D | 4 | E | 1 | B | C | 5 | 2 |
| 8 | C | 4 | B | 9 | 1 | 3 | 6 | 0 | D | 2 | 5 | E | 7 | A |

ଗତକାଲିର ଉତ୍ତର

# ଚୌକି ମୋତେ ଚାହେଁ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଗତ ନିର୍ବାଚନ ଫଳ ଘୋଷିତ ହେବା ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଲେ, ''ମୁଁ ଚୌକି ଚାହୁଁ ନାହିଁ, ଚୌକି ମୋତେ ଚାହେଁ।'' ତାଙ୍କର ଏହି କଥା ପଦକ ମନେ ପକାଇ ଦେଉଥିଲା ପଞ୍ଜାବର ଏକ ଲୋକକଥା। ଦୁଇଜଣ ପଥିକ ଏକ ନିର୍ଜନ ନଈକୂଳରେ ଯାଉଥାନ୍ତି। ନଈରେ ଆସିଥାଏ ବନ୍ୟା। ନଈରେ ଭାସିଯାଉଥାଏ କଳାରଙ୍ଗର ଏକ ଦ୍ରବ୍ୟ। ଜଣେ ପଥିକକୁ ମନେହେଲା ତାହା ଏକ କମ୍ବଳ। ତା'ର ଇଚ୍ଛା ହେଲା କମ୍ବଳଟିକୁ ସଂଗ୍ରହ କରିବା ପାଇଁ ଓ ସେ ସଙ୍ଗେ ସଙ୍ଗେ ଡେଇଁ ପଡ଼ିଲା ନଈ ଭିତରକୁ। ତଥାକଥିତ ସେହି କମ୍ବଳଟିକୁ ସେ ଧରିଲା। ମାତ୍ର ସେ ଆଉ କମ୍ବଳଟିକୁ ଧରି ନଈକୂଳକୁ ଫେରିପାରିଲା ନାହିଁ। ଦ୍ୱିତୀୟ ପଥିକ ତାକୁ ନଈକୂଳରେ ଅପେକ୍ଷା କରିଥାଏ। ମାତ୍ର ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲା ତା'ର ସହଯାତ୍ରୀ କମ୍ବଳଟିକୁ ଧରି ଫେରିବା ପରିବର୍ତ୍ତେ କମ୍ବଳ ସହ ନିଜେ ଭାସିଯାଉଛି। ଦ୍ୱିତୀୟ ପଥିକ ନଈକୂଳରେ ଠିଆ ହୋଇ କହିଲା, ମୂର୍ଖ! କମ୍ବଳ ଦରକାର ନାହିଁ। ତାକୁ ଛାଡିଦେଇ ନଈକୂଳକୁ ଚାଲିଆ। ପ୍ରଥମ ପଥିକ କହିଲା, ''ଆରେ ଭାଇ, ମୁଁ କମ୍ବଳକୁ ଛାଡିବାକୁ ଚେଷ୍ଟା କରୁଛି, ମାତ୍ର କମ୍ବଳଟି ମୋତେ ଛାଡୁନାହିଁ।'' କ୍ରମେ ପ୍ରବଳ ସ୍ରୋତରେ ସେ କମ୍ବଳ ସହ ଭାସିଯାଇ ଅଦୃଶ୍ୟ ହୋଇଗଲା। ପ୍ରକୃତରେ ତାହା କମ୍ବଳ ନ ଥିଲା, ଥିଲା କମ୍ବଳ ଭଳି ଦିଶୁଥିବା ଏକ ଭାଲୁ। ଠିକ୍ ସେହି ଢଙ୍ଗରେ ମମତା ବାନାର୍ଜୀ କହିଲେ, ମୁଁ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ ପ୍ରସ୍ତୁତ, ମାତ୍ର ଏହି ପଦ ମୋତେ ଛାଡୁନାହିଁ। ସତରେ କ୍ଷମତାର କି ପ୍ରଚଣ୍ଡ ଆକର୍ଷଣ। ମଣିଷ ଥରେ କ୍ଷମତାର ସ୍ୱାଦ ଚାଖିଲେ, ସେ ଆଉ କ୍ଷମତାକୁ ଛାଡିପାରେ ନାହିଁ। କେବଳ ଛଳନା କରି ସେ କହେ ''କ୍ଷମତା ମୋତେ ଛାଡୁନାହିଁ''।

ଜୀବଜଗତରେ ଆମେ ଦେଖୁ ଦୁଇପ୍ରକାର କ୍ଷମତାପ୍ରବଣତା– ଗୋଟିଏ ସହଜାତ ଓ ଅନ୍ୟଟି ଅହମିକାପ୍ରଣୋଦିତ। ପଶୁ ଜଗତରେ ଦେଖାଯାଏ ସହଜାତ କ୍ଷମତାପ୍ରବଣତା। ଗୋଟିଏ ସିଂହ ବା ବାଘ ଅନ୍ୟ ପ୍ରାଣୀମାନଙ୍କ ଉପରେ ପ୍ରାକୃତିକ ନିୟମର ବଶବର୍ତ୍ତୀ ହୋଇ କ୍ଷମତା ସାବ୍ୟସ୍ତ କରେ। ମାତ୍ର ମଣିଷ ଅହମିକା ପ୍ରଣୋଦିତ ହୋଇ କ୍ଷମତା ସାବ୍ୟସ୍ତ କରେ। ଆଜି ଯେଉଁ ରାଜନେତାମାନେ କହୁଛନ୍ତି, ଚୌକି ମୋତେ ଚାହେଁ, ମୁଁ ଚୌକି ଚାହୁଁ ନାହିଁ, ସେମାନେ ଅହଂ–କବଳିତ। ଜଣେ ସାଧାରଣ ମଣିଷ କ୍ଷମତା ଓ ପଦ ପାଇବା ପରେ କ୍ରମେ ଅହଂଗ୍ରସ୍ତ ହୋଇଯାଏ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କାହାଣୀ। ଜଣେ ରାଜପୁତ୍ର ନିଜର ବିବାହ ପାଇଁ ଜଣେ ରାଜକୁମାରୀ ସନ୍ଧାନରେ ଥାନ୍ତି। ତାଙ୍କର ଧାରଣା ହେଲା ରାଜକୁମାରୀ ମାତ୍ରେ ଉଦ୍ଧତ ଓ ଅହଂକାରୀ। ଏଣୁ ସେ ମନେ ମନେ ଖୋଜିଲେ ଜଣେ ସୌମ୍ୟା ନମ୍ର ବଧୂ ଯିଏ କି ରାଜ ପରିବାରରେ ଜନ୍ମଗ୍ରହଣ କରି ନ ଥିବ। ରାଜକୁମାର ତାଙ୍କର ଜଣେ ଶିକ୍ଷକଙ୍କ ସୁନ୍ଦରୀ କନ୍ୟା ପ୍ରତି ଆକର୍ଷିତ ହେଲେ, କାରଣ ସେ ଥିଲା ଅତ୍ୟନ୍ତ ବିନୟୀ। ଦିନେ ରାଜକୁମାର ଶିକ୍ଷକଙ୍କ ନିକଟକୁ ଯାଇ କହିଲେ, ''ଗୁରୁଦେବ ! ଯଦି ଆପଣ ଆପଣଙ୍କ ବିନୟୀ କନ୍ୟାକୁ ମୋତେ ଅର୍ପଣ କରନ୍ତେ ମୁଁ ତାକୁ ବିବାହ କରି ନିଜକୁ ଭାଗ୍ୟବାନ୍ ମଣନ୍ତି।'' ଶିକ୍ଷକ ଆଶ୍ଚର୍ଯ୍ୟ ହେଲେ। କାରଣ କେତେ ଉଚ୍ଚବଂଶଜ ସୁନ୍ଦରୀ ରାଜକୁମାରୀଙ୍କୁ ପ୍ରତ୍ୟାଖ୍ୟାନ କରି ରାଜକୁମାର ଜଣେ ସାଧାରଣ ଶିକ୍ଷକଙ୍କ କନ୍ୟାକୁ ସ୍ତ୍ରୀରୂପେ ବାଛିଛନ୍ତି। ତେଣୁ ସେ କହିଲେ, ''ଦେଖ ପୁଅ! ତୁମେ ମୋ କନ୍ୟାକୁ ବିବାହ କଲେ ମୁଁ ଓ ମୋ କନ୍ୟା ଉଭୟେ ନିଜକୁ ଭାଗ୍ୟଶାଳୀ ମଣିବୁ। ମାତ୍ର ତୁମେ ପ୍ରକୃତରେ ଭାଗ୍ୟବାନ୍ ହୋଇପାରିବ କି ନାହିଁ ସେ କଥା ମୁଁ କହିପାରିବି ନାହିଁ।'' ମାତ୍ର ରାଜକୁମାର ତାଙ୍କ ସିଦ୍ଧାନ୍ତରେ ଅଟଳ ରହିଲେ ଓ ଶିକ୍ଷକଙ୍କ କନ୍ୟାକୁ ବିବାହ କଲେ।

ଅନେକ ବର୍ଷ ଅତିକ୍ରାନ୍ତ ହେଲା। ପିତାଙ୍କ ନିକଟରେ ଥିବାବେଳେ ଯେଉଁ କନ୍ୟା ଅତ୍ୟନ୍ତ ବିନୟୀ ଥିଲା ସେ ରାଜକୁମାରଙ୍କୁ ବିବାହ କରିବା ପରେ କ୍ରମେ ଉଦ୍ଧତ ଓ ଅହଂକାରୀ ହୋଇଗଲା। ରାଜକୁମାର ତା'ର ପରିବର୍ତ୍ତିତ ବ୍ୟବହାରରେ ବିସ୍ମିତ ହେଲେ ଓ ଶିକ୍ଷକଙ୍କୁ ଏହାର କାରଣ ପଚାରନ୍ତେ ଶିକ୍ଷକ କହିଲେ, ''ପୁଅ ! ତୁମେ ତା'ର ପରିବର୍ତ୍ତିତ ବ୍ୟବହାରରେ ବିସ୍ମିତ ହୋଇଥାଇ ପାର, ମାତ୍ର ମୁଁ ବିସ୍ମିତ ନୁହେଁ। ତୁମେ ଅନେକ ସୁନ୍ଦରୀ ରାଜକୁମାରୀଙ୍କ ବିବାହ ପ୍ରସ୍ତାବକୁ ଅଗ୍ରାହ୍ୟ କରି ମୋ କନ୍ୟାକୁ ପସନ୍ଦ କଲ। ଫଳରେ ସେ ଭାବିନେଲା ଯେ ସେ ନିଶ୍ଚୟ ଅସାମାନ୍ୟା ହୋଇଥିବ, ନ ହେଲେ ତୁମେ ତାକୁ ବିବାହ କରି ନ ଥାନ୍ତ। ସେ ଏହି ଧାରଣା ଦ୍ୱାରା କବଳିତ ହୋଇ ବନିଗଲା ଅହଂକାରୀ। ନିର୍ବାଚନ ସମୟରେ ନେତାମାନେ ଯେତେବେଳେ ଘର ଘର ବୁଲି ଭୋଟ ଭିକ୍ଷା କରନ୍ତି, ସେତେବେଳେ ସେମାନେ ଅତ୍ୟନ୍ତ ବିନୟୀ ଜଣାପଡନ୍ତି। ସେମାନଙ୍କ ବିନୟ ଭାବରେ ପ୍ରଭାବିତ ହୋଇ ଜନସାଧାରଣ ସେମାନଙ୍କୁ ଭୋଟ ଦିଅନ୍ତି। ନିର୍ବାଚନ ସରେ, ସେମାନେ କ୍ଷମତାରେ ଅଧିଷ୍ଠିତ ହୁଅନ୍ତି। ଶିକ୍ଷକଙ୍କ କନ୍ୟା ଭଳି ସେମାନଙ୍କ ଭାବାନ୍ତର ଘଟେ। ଅନେକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅଗ୍ରାହ୍ୟ କରି ଭୋଟରମାନେ ଯେତେବେଳେ ତାଙ୍କୁ ମନୋନୀତ କରି ଶାସନ ଗାଦିରେ ବସାଇଛନ୍ତି ସେମାନେ ନିଶ୍ଚୟ ଅସାମାନ୍ୟ ବ୍ୟକ୍ତିତ୍ୱ ହୋଇଥିବେ ବୋଲି ସେମାନଙ୍କ ଧାରଣା ସୃଷ୍ଟି ହୁଏ। କ୍ରମେ ସେମାନଙ୍କ ପ୍ରାକ୍–ନିର୍ବାଚନ ସମୟର ବିନୟଭାବ ଉଭେଇଯାଏ ଓ ସେମାନେ ପାଲଟିଯାଆନ୍ତି କ୍ଷମତାଶାଳୀ ଅହଂକାରୀ ବ୍ୟକ୍ତି। ଆଜି ଅଧିକାଂଶ ରାଜନେତାଙ୍କ ଆଚରଣରେ ଏହାହିଁ ପ୍ରତିଫଳିତ ହେଉଛି।

ଲର୍ଡ ଏକ୍‌ଟନ ତାଙ୍କର Historical Essays and Studies ପୁସ୍ତକରେ କହିଛନ୍ତି କ୍ଷମତା ଦୁର୍ନୀତିପରାୟଣ କରାଏ, ସୀମାହୀନ କ୍ଷମତା ସୀମାହୀନ ମାତ୍ରାରେ ଦୁର୍ନୀତିପରାୟଣ କରାଏ (Power corrupts and absolute power corrupts absolutely)। ମାତ୍ର ଜର୍ଜ ବର୍ଣ୍ଣାଡ୍ଶ ଏକ ଭିନ୍ନ କଥା କହିଛନ୍ତି। ତାଙ୍କ ମତରେ କ୍ଷମତା ବ୍ୟକ୍ତିକୁ ଦୁର୍ନୀତିପରାୟଣ କରେ ନାହିଁ, କିନ୍ତୁ ନିର୍ବୋଧମାନେ ଯଦି କ୍ଷମତାସୀନ ହୁଅନ୍ତି, ସେମାନେ ହିଁ କ୍ଷମତାକୁ ଦୁର୍ନୀତିମୟ କରିପକାନ୍ତି (Power does not corrupt man ; but fools, if they get into position of power, corrupt power)। ବର୍ଣ୍ଣାଡ୍‌ଙ୍କ ମତରୁ ଆମେ ଆଶା କରିପାରିବା ଅଣନିର୍ବୋଧମାନେ କ୍ଷମତାସୀନ ହେଲେ କିଛି ବିପଦ ନାହିଁ। ମାତ୍ର ଆଜି ଅନେକ ଗୁଣୀ, ଜ୍ଞାନୀ ଓ ଶିକ୍ଷିତ ବ୍ୟକ୍ତି ଶାସନର ମଙ୍ଗ ଧରିଲେଣି। ମାତ୍ର ପରବର୍ତ୍ତୀ ସମୟରେ ସେମାନେ ବି ଦୁର୍ନୀତିରେ ବୁଡି ରହୁଛନ୍ତି। ଦୁର୍ନୀତି ପଛରେ ରହିଥାଏ ସେହି କ୍ଷମତାର ଆକର୍ଷଣ। ଏହି ପ୍ରସଙ୍ଗରେ ସାହିତ୍ୟିକ ଜନ ଷ୍ଟେଇନ୍‌ବେକ୍ କହିଛନ୍ତି, କ୍ଷମତା ଦୁର୍ନୀତିପରାୟଣ କରେନାହିଁ, ଦୁର୍ନୀତିପରାୟଣ କରାଏ ଭୟ, ସମ୍ଭବତଃ କ୍ଷମତା ଚାଲିଯିବାର ଭୟ (Power does not corrupt, Fear corrupts, perhaps the fear of loss of power)। ଭୋଟ ପାଇ ଶାସନ ଗାଦିରେ ପାଞ୍ଚବର୍ଷ ସିନା ବସିହୁଏ, ତା'ପରେ ପୁଣି ଭୋଟ ମିଳିବ କି ନା ସେହି ଆଶଙ୍କା ରହିଥାଏ। କ୍ଷମତା ଚାଲିଯିବା ପରେ ତାଙ୍କ ଅବସ୍ଥା କ'ଣ ହେବ ସେହି ଭୟ ନେତାଙ୍କୁ ଗ୍ରାସ କରେ। ଫଳରେ ଆହୁରି ନିର୍ମମ ଭାବରେ ସେମାନେ କ୍ଷମତାକୁ ଜାବୁଡି ଧରିବା ପାଇଁ ତା'ର ଅପପ୍ରୟୋଗ କରନ୍ତି ଓ ଦୁର୍ନୀତି କରନ୍ତି। ତା' ସତ୍ତ୍ୱେ ଛଳନା କରି ସେମାନେ କହନ୍ତି, ''ମୁଁ ଶାସନ ଗାଦି ଚାହୁଁନାହିଁ, ହେଲେ ମୋର ଦେଶପ୍ରେମ ମୋତେ ବାଧ୍ୟ କରୁଛି।''

ସେଦିନ ନିଜର ଅଜ୍ଞାନତାବଶତଃ ପଥିକ ଜଣକ ଭାଲୁକୁ କମ୍ବଳ ଭାବି ଧରିଥିଲା। ମାତ୍ର ଭାଲୁଟି ତାକୁ ଜାବୁଡି ଧରିଲା ଓ ଉଭୟେ ପ୍ରବଳ ସ୍ରୋତରେ ଭାସିଗଲେ। ଆଜି ମଣିଷ ସଚେତନ ଭାବରେ କ୍ଷମତାକୁ ଜାବୁଡି ଧରୁଛି। ତା'ର ଅପପ୍ରୟୋଗ କରୁଛି। ସେ ଭୁଲିଯିବା ଉଚିତ ନୁହେଁ ଯେ ଭାଲୁଟି ପଥିକକୁ ଭସାଇନେବା ଭଳି ସେ ଅପପ୍ରୟୋଗ କରିଥିବା କ୍ଷମତା ତାକୁ ମଧ୍ୟ ଭସାଇନେବ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ,
ମୋ–୯୪୩୭୩୨୯୨୬୩

# ଏଜେଣ୍ଟଙ୍କ ଦୁଃଖ



ରୁଦ୍ର ପ୍ରସନ୍ନ ରଥ

ଗତ କିଛି ବର୍ଷ ହେଲା ଦେଶର ପୂର୍ବାଞ୍ଚଳର ରାଜନୀତିକୁ ଚିଟ୍ ଫଣ୍ଡ ବେଶ୍ ସରଗରମ କରି ରଖିଛି। ଖାସ୍ କରି ଓଡ଼ିଶା ଏବଂ ପଶ୍ଚିମବଙ୍ଗରେ ହଜାର ହଜାର ଲୋକଙ୍କର କୋଟି କୋଟି ଟଙ୍କା ଚିଟ୍ ଫଣ୍ଡରେ ଫସିରହିଛି। ଅନେକଙ୍କର କଷ୍ଟଲବ୍ଧ ଧନକୁ ନେଇ ଚିଟ୍ ଫଣ୍ଡ କମ୍ପାନୀଗୁଡ଼ିକ ଛୁ' ମାରିଥିବା ବେଳେ ସାଧାରଣ ଲୋକ ନିଜର ସର୍ବସ୍ୱ ହରାଇଛନ୍ତି। କିଏ ଧାନ ଜମି ବିକି ରଖିଥିବା ପଇସାକୁ ଚିଟ୍ ଫଣ୍ଡ କମ୍ପାନୀ ହାତକୁ ଟେକିଦେଇଛି ତ ଆଉ କିଏ ଝିଅ ବାହାଘର ପାଇଁ ରଖିଥିବା ଅର୍ଥକୁ ଚିଟ୍ ଫଣ୍ଡ କମ୍ପାନୀ ଟାଣିନେଇଛି। ଆଉ କାହାର ଅବସରକାଳୀନ ଅର୍ଥ ଚିଟ୍ ଫଣ୍ଡ କମ୍ପାନୀଙ୍କ ଲୋଭିଲା ଆଁ ଭିତରେ ଗଳିଯାଇଛି। ଲୋକମାନେ ପଇସା ଫେରିପାଇବାକୁ ଅନେଇ ରହିଥିବା ବେଳେ ଚିଟ୍ ଫଣ୍ଡ କମ୍ପାନୀର ମାଲିକମାନେ ଜେଲରେ ଅଛନ୍ତି।

ଏ ଭିତରେ କିନ୍ତୁ ଆଉ ଦଳେ ଫସିଛନ୍ତି ଯେଉଁମାନେ ଏହିସବୁ କମ୍ପାନୀରେ ଏଜେଣ୍ଟ ହୋଇ ନିଜର ଗୁଜୁରାଣ ମେଣ୍ଟାଉଥିଲେ। କମ୍ପାନୀଗୁଡ଼ିକ ଗାଁରୁ ଅଳ୍ପ ଶିକ୍ଷିତ ଯୁବକ, ଘରୋଇ ମହିଳା କିମ୍ବା ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କୁ ଏ ନେଇ ଏଜେଣ୍ଟଭାବେ ନିଯୁକ୍ତି ଦେଇଥିଲେ। ଦରମା ୫ରୁ ୭ ହଜାର ସହ ବିଭିନ୍ନ ଭତ୍ତା ଏବଂ ପ୍ରୋତ୍ସାହନ ରାଶିର ଲୋଭ ଦେଖାଇ ଏହି ଏଜେଣ୍ଟମାନଙ୍କୁ ବଳିର ବୋଦା ଭାବେ ବ୍ୟବହାର କରାଯାଇଥିଲା। ଲୋକଙ୍କଠାରୁ ଅଣାଯାଇଥିବା ପଇସା କେଉଁଠି ବିନିଯୋଗ ହେଉଛି, କେମିତି ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ଠୁ ଅଧିକ ସୁଧ ଲୋକଙ୍କୁ ଦେବା ସମ୍ଭବ ହେଉଛି, ଚିଟ୍‌ଫଣ୍ଡ ଚଳାଉଥିବା ଅନୁଷ୍ଠାନ କେଉଁ ଆଇନ ବଳରେ ଏହି ବ୍ୟବସାୟ କରୁଛି ତାହା ଏମାନଙ୍କ ପକ୍ଷରେ ବୁଝିବା ସମ୍ଭବ ହୋଇ ନ ଥିଲା। କିଛି ବୁଝିବାକୁ ଚାହିଁ ନ ଥିଲେ ଆଉ କିଛି ବୁଝିବାକୁ ଚାହିଁଥିଲେ ବି ସେମାନଙ୍କ ଆଖି ଆଗରେ ସ୍ୱପ୍ନର ଅଟ୍ଟାଳିକା ଠିଆକରାଇ ଦିଆଯାଇଥିଲା। ଅଧିକ ପଇସାର ଲୋଭ, ବିଦେଶ ଯିବାର ପ୍ରଲୋଭନ ଏବଂ କମ୍ ଦିନରେ ବଡ଼ଲୋକ ହେବା ମୋହରେ ଏମାନଙ୍କୁ ଏମିତି ବାନ୍ଧି ଦିଆଯାଇଥିଲା ଯେ ସେମାନେ ଚାହିଁଲେ ବି ସେଥିରୁ ବାହାରିପାରି ନ ଥିଲେ। ଏପରି ଭାବେ କମ୍ପାନୀ ଏହି ଏଜେଣ୍ଟଙ୍କୁ ମାଧ୍ୟମ କରି ବିଭିନ୍ନ ଅଞ୍ଚଳରୁ ଗୋଟାଇ ନେଇଥିଲା କୋଟି କୋଟି ଟଙ୍କା। ଅଧାବୁଝି କାମ କଲେ ଯାହା ହୁଏ ତାହା ହିଁ ହେଲା। କମ୍ପାନୀ ପଇସା ନେଇ ଛୁ' ମାରିଲା ପରେ ଏଜେଣ୍ଟଙ୍କ ଘର ଆଗରେ ଜମାକାରୀଙ୍କ ଭିଡ଼ ଦେଖାଗଲା। ଜମାକାରୀ ଯଦିଓ ଚିଟ୍ ଫଣ୍ଡ ଯୋଜନାର ଲାଭ ଦେଖି ପ୍ରଲୋଭିତ ହୋଇ ପଇସା ଦେଇଥିଲେ, ପଇସା ବୁଡ଼ିଲା ବେଳକୁ ଏଜେଣ୍ଟଙ୍କୁ ଭରସାକରି ଦେଇଥିଲେ ବୋଲି କହିଲେ। ଅବଶ୍ୟ ଜମାକାରୀଙ୍କ ପାଖରେ ଅନ୍ୟ ବାଟ ନ ଥିଲା। ଅଶିକ୍ଷିତ ଏବଂ ଅଳ୍ପ ଶିକ୍ଷିତ ଜମାକାରୀ ଏଜେଣ୍ଟଙ୍କ ଛଡ଼ା ଆଉ କାହାକୁ ଚିହ୍ନି ନ ଥିଲେ। କମ୍ପାନୀଙ୍କ ଚତୁର ତାଲିମଦାତାମାନେ ଏଜେଣ୍ଟମାନଙ୍କୁ ଏପରି କହିବାକୁ ତାଲିମ ଦେଇଥିଲେ।

ଏହାର ପରବର୍ତ୍ତୀ ଅବସ୍ଥା ଏଜେଣ୍ଟମାନଙ୍କ ପାଇଁ ସତରେ କରୁଣ। ଓଡ଼ିଶାରେ ୨୦ରୁ ଊର୍ଦ୍ଧ୍ୱ ଜମାକାରୀ ଆତ୍ମହତ୍ୟା କରିସାରିଲାବେଳେ ପଶ୍ଚିମବଙ୍ଗରେ ଏହାର ସଂଖ୍ୟା ପଚାଶ ଟପିଲାଣି। ଏବେ ବି ସଂଖ୍ୟାଧିକ ଏଜେଣ୍ଟ ଆତ୍ମଗୋପନ କରିଛନ୍ତି। ଆଉ କିଛି ଏଜେଣ୍ଟ ନିଜ ଘରବାଡ଼ି ବିକି କିସ୍ତି କିସ୍ତି କରି ପଇସା ଫେରାଉଛନ୍ତି। ପୁଣି ଆହୁରି ଅନେକ ଜାଗାରେ ଏଜେଣ୍ଟମାନଙ୍କ ଉପରେ ତୁରନ୍ତ ପଇସା ଫେରାଇବାକୁ ଚାପ ବଢ଼ୁଛି। ପଇସା ଫେରାଇବାକୁ ଯାଇ ଅନେକେ ଏବେ ରୋଗଗ୍ରସ୍ତ। ପଇସା ଫେରାଇ ନ ପାରିବାରୁ ଅନେକେ ବିଟ୍ ବଜାରରେ ନିୟମିତ ବେଜିତ୍ ହେଉଛନ୍ତି। ଏଥିରେ ଅନେକ ଏଜେଣ୍ଟଙ୍କର ନିଜର ପଇସା ନେଇ କମ୍ପାନୀ ଛୁ ମାରିଛି ବୋଲି କହିଲେ ବି ଲୋକେ ଏକଥା ମାନିବାକୁ ପ୍ରସ୍ତୁତ ନାହାନ୍ତି। ଏହି ଚାପରେ ଅନେକେ ଏବେ କତରାଲଗା ହୋଇଗଲାଣି। କେତେକ ନିଜ ବିକଳ୍ପ ରୋଜଗାର ଅର୍ଥରୁ କିସ୍ତିରେ ଲୋକଙ୍କୁ ପଇସା ଫେରାଇଲେ ବି ଏହା କମ୍ ପଡୁଛି।

ଚିଟ୍ ଫଣ୍ଡ କାରବାର ଯୋଗୁ ଅନେକ ଲୋକ ଯେ ବାରଦୁଆର ହେଉଛନ୍ତି ତାହା କହିବାରେ ଦ୍ୱିଧା ନାହିଁ। ମାତ୍ର ଏଜେଣ୍ଟମାନେ ଯେ ଏଥିରେ ସବୁମତେ ଦାୟୀ ତାହା କହିବା ଭୁଲ୍ ହେବ। ଅନେକ ଏଜେଣ୍ଟଙ୍କ ପାଠ ଏତେ କମ୍ ଯେ ସେମାନଙ୍କୁ ସବୁ ଜିନିଷ ପ୍ରାଞ୍ଜଳଭାବେ ବୁଝାଇଥିଲେ ଯେ ସେମାନେ ବୁଝିପାରିଥାନ୍ତେ ତା' କହିବା ସତ୍ୟର ଅପଳାପ ହେବ। ପୁଣି ଏମାନଙ୍କ ଉପରେ ମାସିକ ଜମାକାରୀ ଯୋଗାଡ଼ କରିବାର ଆଗୁଆ ଲକ୍ଷ୍ୟ ଦିଆଯାଉଥିଲା ଯାହାକୁ ପୂରଣ କରି ନ ପାରିଲେ ପାଇଥିବା ସେଇ ଛୋଟିଆ ଚାକିରି ଚାଲିଯିବାର ବି ଭୟ ରହିଥିଲା।

ଏପରି ପରିସ୍ଥିତି ଯେ ଆଗକୁ ନ ଆସିବ ତାହା କହିହେବ ନାହିଁ। ଅଳ୍ପ ପରିଶ୍ରମରେ ଅଧିକ ପଇସା ରୋଜଗାର କରିବାର ନିଶା ଯେପର୍ଯ୍ୟନ୍ତ ମଣିଷ ମନରୁ ନ ଯାଇଛି ସେ ଯାଏ ଚିଟ୍ ଫଣ୍ଡ କମ୍ପାନୀ ପରି ଭିନ୍ନ ଭିନ୍ନ ବାଟରେ କମ୍ପାନୀଗୁଡ଼ିକ ବାଟ ଖୋଜି ଚାଲିବେ। ଅଧାବୁଝି କିମ୍ବା ଆଦୌ ନ ବୁଝି କମ୍ପାନୀର କାର୍ଯ୍ୟକୁ ଲାଭଦାୟକ କହି ଗୋଷ୍ଠୀରେ ପ୍ରଚାର ପ୍ରସାର କରୁଥିବା ଏଜେଣ୍ଟମାନେ ହିଁ ଏମାନଙ୍କ ବଳିର ବୋଦା ହେବେ। ଏପରି ସ୍ଥଳରେ ସରକାର ଏହିପରି କମ୍ପାନୀଗୁଡ଼ିକ ଉପରେ ନଜର ରଖିବା ଆବଶ୍ୟକ। ଏଜେଣ୍ଟମାନଙ୍କର ପଞ୍ଜୀକରଣ କରାଯିବା ସହ କମ୍ପାନୀଗୁଡ଼ିକ ଏମାନଙ୍କ ପାଇଁ ସାମାଜିକ ସୁରକ୍ଷା ବନ୍ଦୋବସ୍ତ କରିବା ଆବଶ୍ୟକ। ଆଉ ଲୋକମାନେ ମଧ୍ୟ ଏହିପରି ଏଜେଣ୍ଟମାନଙ୍କ ସହ କାରବାର କରିବା ପୂର୍ବରୁ ନିଜକୁ ସଚେତନ କରିନେବା ଆବଶ୍ୟକ। ଆବଶ୍ୟକତାଠାରୁ ଅଧିକ ଏବଂ ସମୟଠାରୁ ଶୀଘ୍ର ପାଇବାର ଆଶା ସବୁବେଳେ ବିନାଶର କାରଣ ସାଜେ– ଏ କଥାକୁ ଯେଉଁ ବ୍ୟକ୍ତି ବୁଝିଛି ସେ କେବେ ବି ପ୍ରବଞ୍ଚକ କମ୍ପାନୀ ଏବଂ ତା' ପ୍ରଲୋଭନର ଶିକାର ହେବ ନାହିଁ।

ଧବଳଗିରି, ଯାଜପୁର ରୋଡ୍,
ମୋ–୭୯୭୮୬୭୧୭୭୬

## ଏଇ ଭାରତରେ

ହସ୍ପିଟାଲରେ ସ୍ଥାନର ଅଭାବ ଯୋଗୁ ଚିକିତ୍ସା ପାଇଁ ଆସିଥିବା ୧୦୦ ଶିଶୁଙ୍କୁ ନିଜ ବଙ୍ଗଳାକୁ ନେଲେ ଜିଲାପାଳ। ଏବେ ତାଙ୍କର ମହତ୍‌ପଣିଆ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେ ହେଉଛନ୍ତି ମଧ୍ୟପ୍ରଦେଶ ସିଦ୍ଧି ଜିଲାର ଜିଲାପାଳ ଅଭିଷେକ ସିଂ। ସ୍ଥାନୀୟ ସିହାୱାଲ ଅଞ୍ଚଳରେ ଥିବା ଏକ ସରକାରୀ ହସ୍ପିଟାଲକୁ ଡାଇରିଆ ନିରାକରଣ ଅଭିଯାନରେ ବହୁ ଶିଶୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କଠାରେ ରକ୍ତହୀନତା ଲକ୍ଷଣ ଚିହ୍ନଟ ହୋଇଥିଲା। ଏତେସଂଖ୍ୟକ ଶିଶୁଙ୍କୁ ହସ୍ପିଟାଲରେ ରଖିବା ପାଇଁ ସ୍ଥାନର ଅଭାବ ଦେଖାଦେଇଥିଲା। ତେବେ ଏଥିରେ ବିଚଳିତ ନ ହୋଇ ଜିଲାପାଳ ଅଭିଷେକ ୧୦୦ ଶିଶୁଙ୍କୁ ଚିକିତ୍ସା ପାଇଁ ନିଜ ସରକାରୀ ବଙ୍ଗଳାକୁ ନେଇଯାଇଥିଲେ। ସେଠାରେ ଶିଶୁଙ୍କ ପରିବାର ସଦସ୍ୟଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ମଧ୍ୟ କରିଥିଲେ। ଏନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ପ୍ରଶଂସା କରିଛନ୍ତି।

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ ?
ଖେଳାଇଲ ହାସ୍ୟ କେତେ ବୁହାଇଲ
ଲୋତକ ଯମୁନା
ଭୁବନ ବାଞ୍ଛିତ ଚିର ହେ ବିଜୟୀ
ହେ ମହାନ୍ ସୁନା !
ସାଧନାର ଶ୍ରେଷ୍ଠ ସିଦ୍ଧି ଦୁନିଆର
ଉଚ୍ଚତମ ଆଶା
ମାନବର ଅଗ୍ରଚିନ୍ତା, ଶେଷ ଶିକ୍ଷା
ଶ୍ରେଷ୍ଠତମ ଭାଷା !
ନୀତି ଧର୍ମ ସ୍ନେହ ପ୍ରେମ ତଳେ ଯେତେ
ଭଣ୍ଡାମି ଛଳନା
କରିଛ ପ୍ରକାଶ ସବୁ, ମୂଲ୍ୟ ତା'ର
କରିଛ କଳନା।

(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାର୍କ ବଦଳରେ ଲିଖିତ ପରୀକ୍ଷା କରାଯାଉ

ମହାଶୟ,

ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଭିନ୍ନ ଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ଆୟୋଜିତ ହେଉଛି ପ୍ରତିଯୋଗିତାମୂଳକ ପରୀକ୍ଷା। ତେବେ କେତେକ କ୍ଷେତ୍ରରେ ଲିଖିତ ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯାଉଥିବା ବେଳେ ଆଉ କେତେକ କ୍ଷେତ୍ରରେ ୧୦ମ, +୨ କିମ୍ବା +୩ ଶ୍ରେଣୀରେ ରଖିଥିବା ନମ୍ବରକୁ ଭିତ୍ତିକରି ନିଯୁକ୍ତି ଦିଆଯାଉଛି। ପୁଣି କିଛି ନିର୍ଦ୍ଦିଷ୍ଟ କୋର୍ସ ବା ଶ୍ରେଣୀରେ ନାମ ଲେଖାଇବା ବେଳେ ପୂର୍ବ ଶ୍ରେଣୀରେ ହାସଲ କରିଥିବା ନମ୍ବରକୁ ଆଧାର କରି ନାମ ଲେଖାଯାଉଛି। ତେଣୁ ଅନେକ ମେଧାବୀ ଛାତ୍ରୀଛାତ୍ରଙ୍କର ଶତପ୍ରତିଶତ ଦକ୍ଷତା ଥିଲେ ମଧ୍ୟ କୌଣସି କାରଣବଶତଃ ଅଧିକ ନମ୍ବର ରଖିପାରି ନ ଥିବାରୁ ସେମାନେ ଚାକିରି କରିବା ବା ନାମ ଲେଖାରୁ ବଞ୍ଚିତ ହେଉଛନ୍ତି। ଅନେକ ଛାତ୍ରୀଛାତ୍ର ବିନା ପରିଶ୍ରମରେ କପିକରି ବି ଅଧିକ ନମ୍ବର ରଖିବାରେ ସମର୍ଥ ହେଉଛନ୍ତି। ଏହା ସେମାନଙ୍କୁ ମାର୍କକୁ ଆଧାରକରି ଚୟନ କରାଯାଉଥିବା ପଦପଦବୀ ପାଇଁ ବେଶ୍ ସହାୟକ ହୋଇପାରୁଛି। ତେଣୁ ପ୍ରତ୍ୟେକ ଚାକିରି ଓ ନାମଲେଖା ପାଇଁ ଶିକ୍ଷାଗତ ଯୋଗ୍ୟତା କେବଳ ୧୦ମ, ଯୁକ୍ତ୨ କିମ୍ବା ଯୁକ୍ତ୩ ପାସ ରଖାଯାଉ ଏବଂ ଲିଖିତ ପରୀକ୍ଷାକୁ ସବୁଥିରେ ବାଧ୍ୟତାମୂଳକ କରାଯାଉ।

ସୁଶାନ୍ତ କୁମାର ଖଟୁଆ, ଉତ୍କଳମଣି ସେବା ସଂଗଠନ, ଜେନାପୁର, ଯାଜପୁର

### ପିଲା ଜୋତା ମୁଣ୍ଡାଇ ଫେରୁଛନ୍ତି

ଗତବର୍ଷ ସରକାରୀ ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ସରକାରଙ୍କ ତରଫରୁ ଜୋତା ଓ ମୋଜା ମିଳିଛି। ପୂର୍ବରୁ ପୋଷାକ ମିଳୁଥିଲା। ଘରୋଇ ବିଦ୍ୟାଳୟଗୁଡ଼ିକ ଭଳି ପିଲାମାନେ ଏକାଭଳି ପୋଷାକ ପିନ୍ଧି ବିଦ୍ୟାଳୟ ଯିବେ। ବହୁତ ଭଲ କଥା। କିନ୍ତୁ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପ୍ରାୟତଃ ଚଟାଣ କିମ୍ବା ସତରଞ୍ଜିରେ ବସନ୍ତି। ସେଠାରେ ଜୋତା ପିନ୍ଧି ବସିବା ସମ୍ଭବ ନୁହେଁ। ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଜୋତା ପିନ୍ଧି ଆସୁନି। କୌଣସି ପ୍ରକାର ସ୍କୁଲ ବାରଣ୍ଡାରେ ଜୋତା ଖୋଲି ଘରେ ବସନ୍ତି। ଫେରିଲା ବେଳକୁ ଆଉ ଜୋତା ପିନ୍ଧିବା ସମ୍ଭବ ହେଉନି। ଫଳରେ ଏକାଭଳି ବାରଣ୍ଡାରେ ଗଦା ହୋଇଥିବା ଜୋତାରୁ ୨ଟି ବ୍ୟାଗ୍‌ରେ ପୂରାଇ ଆସୁଛନ୍ତି। ଫଳରେ କାହାର ୨ଟି ଡାହାଣ ହେଲା ବେଳେ ଆଉ କାହାର ୨ଟି ବାମ ହେଉଛି। ତେଣୁ ୧ମ ଶ୍ରେଣୀଠାରୁ ଛୋଟ ପିଲା ବସିବା ଭଳି ଡେସ୍କବେଞ୍ଚ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ। ନଚେତ୍ ଛୋଟ ପିଲା ସ୍କୁଲରୁ ଜୋତା ମୁଣ୍ଡାଇ ଫେରୁଥିବେ।

ନାରାୟଣ ପରିଜା, ଦଣ୍ଡାସାହି, ତିର୍ତ୍ତୋଲ, ଜଗତ୍‌ସିଂହପୁର

### ଶିଶୁ ଶ୍ରମିକଙ୍କ ଦୁରବସ୍ଥା

ଆଜିର ଶିଶୁ କାଲିର ଭବିଷ୍ୟତ। କିନ୍ତୁ ପ୍ରତିଦିନ ଆଖିରେ ପଡୁଛି ଶିଶୁ ଶ୍ରମିକଙ୍କ ଦୁରବସ୍ଥା। କିଏ ରିକ୍ସା ଟାଣୁଛି ତ କିଏ ଭାରି ଜିନିଷ ବୋହୁଛି। ସରକାର ଏ ଦିଗରେ କଡ଼ା ପଦକ୍ଷେପ ନିଅନ୍ତୁ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ

## ଆଜି କ'ଣ କେଉଁଠି

**ସୁବର୍ଣ୍ଣପୁର**

- ଡେଙ୍ଗୁ ନିରାକରଣ ମାସ ପାଇଁ ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ, ସ୍ୱାସ୍ଥ୍ୟକେନ୍ଦ୍ର ତାଲିମ କେନ୍ଦ୍ର, ପୂର୍ବାହ୍ନ ସାଢେ ୧୦ଟା ।

**ଟିକ୍ରାପଡ଼ା**

- ଭାଜପାର ବ୍ଲକସ୍ତରୀୟ ସଦସ୍ୟତା ଅଭିଯାନ ସଭା, କଳା ଓ ସଂସ୍କୃତି ପରିଷଦ ପରିସର, ପୂର୍ବାହ୍ନ ୧୦.୩୦।

**ସମ୍ବଲପୁର**

- ପଞ୍ଚକୁଣ୍ଡିୟ ରୁଦ୍ରଚଣ୍ଡୀ ମହାଯଜ୍ଞ, ଗୋପାଳମାଲ, ସକାଳ ୮ଟା।
- ଶ୍ରୀପାରଦେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା କଳସ ଯାତ୍ରା, କ୍ଷେତରାଜପୁର ବୈଷ୍ଣଦେବୀ ମନ୍ଦିର ପରିସର, ପୂର୍ବାହ୍ନ ସାଢ଼େ ୧୦ଟା।
- ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ମେଳା, ମାନେଶ୍ୱର ବ୍ଲକ ପରିସର, ପୂର୍ବାହ୍ନ ୧୧ଟା।

**ଭବାନୀପାଟଣା**

- ବୃକ୍ଷରୋପଣ କାର୍ଯ୍ୟକ୍ରମ, ଧର୍ମଗଡ ଉପଖଣ୍ଡ ବେହେରା ଗ୍ରାମ, ପୂର୍ବାହ୍ନ ୧୦ ଟା ।

**ବରଗଡ଼**

- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ଅପରାହ୍ନ ସାଢ଼େ ୩ଟା।

## ସ୍ୱାଧୀନତା ସଂଗ୍ରାମୀ ବୀରଭଦ୍ର ଆଚାରୀଙ୍କ ପରଲୋକ

**ଓଡ଼ଗାଁ,୧୮।୭(ସ୍ୱ.ପ୍ର.):** ନୟାଗଡ଼ ଜିଲାର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବୀରଭଦ୍ର ଆଚାରୀଙ୍କ ଓଡ଼ଗାଁ ବ୍ଲକ ବଡଫୁଟ ଗ୍ରାମସ୍ଥିତ ତାଙ୍କ ବାସଭବନରେ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୩ ବର୍ଷ ବୟସ ହୋଇଥିଲା। ସେ ନୟାଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇ ୩ ମାସ କାରାବରଣ କରିଥିଲେ। ୧୯୮୧ରେ ନନ୍ଦିଘୋର ପଞ୍ଚାୟତ ଅନ୍ତର୍ଗତ ଆରଡା ଆର୍ଯ୍ୟ ସମାଜର ସେ ପ୍ରତିଷ୍ଠାତା ସଦସ୍ୟ ରହିଥିବା ବେଳେ ଅନ୍ଧ ବିଶ୍ୱାସ ବିରୋଧରେ ଲୋକଙ୍କୁ ବୁଝାଉଥିଲେ। ସଂଗ୍ରାମୀ ବୀରଭଦ୍ରଙ୍କ ଶେଷ ଇଚ୍ଛା ଅନୁସାରେ ନିଜ ଗ୍ରାମ ବଡଫୁଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।





ସମ୍ବଲପୁର ବନଖଣ୍ଡ ସଦରରେଞ୍ଜ ଅଧୀନ ବେହେରେନବସା ଗ୍ରାମବାସୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଘନ ଜଙ୍ଗଲ ।

# ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ୨୫ ବର୍ଷ

- ଅନ୍ୟ ପାଇଁ ଉଦାହରଣ ସାଜିଛନ୍ତି ବେହେରେନବସା ଗ୍ରାମବାସୀ
- ୧୦୦ ହେକ୍ଟର ଜଙ୍ଗଲର ସୁରକ୍ଷା ବୃଦ୍ଧି
- ପରିବାର ପିଛା ଚାନ୍ଦା କରି ଖର୍ଚ୍ଚ କରୁଥିଲେ

**ସମ୍ବଲପୁର,୧୮।୭(ବ୍ୟୁରୋ)**

ଜଙ୍ଗଲ ହ୍ରାସ ଯୋଗୁ ଦିନକୁ ଦିନ ପାଣି ପାଗରେ ପରିବର୍ତ୍ତନ ଦେଖା ଦେଉଛି। ଏହା ସମାଜ ପାଇଁ ଚିନ୍ତାର କାରଣ ହୋଇଛି। ଏଭଳିସ୍ଥିତିରେ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ସହ ଘଞ୍ଚ ସବୁଜିମା କରି ଅନ୍ୟମାନଙ୍କ ପାଇଁ ବେହେରେନବସା ଗ୍ରାମବାସୀ ଉଦାହରଣ ପାଲଟିଛନ୍ତି।

ସମ୍ବଲପୁର ବନଖଣ୍ଡ ସଦରରେଞ୍ଜ ଅଧୀନ ୧୦୦ ହେକ୍ଟର ପରିମିତ ସଂରକ୍ଷିତ ଜଙ୍ଗଲକୁ ବେହେରେନବସା ଗ୍ରାମବାସୀ ୨୫ ବର୍ଷ ହେଲା ସୁରକ୍ଷା ଦେଇଆସୁଛନ୍ତି। ଏପରି କି ପ୍ରତିବର୍ଷ ଜଙ୍ଗଲରେ ଚାରା ରୋପଣ କରିବା ସହ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛନ୍ତି। ଫଳରେ ଜଙ୍ଗଲ ଘଞ୍ଚ ହେବା ସାଙ୍ଗକୁ ସବୁଜିମାରେ ପରିଣତ ହୋଇପାରିଛି। ଗ୍ରାମବାସୀ ଚଳିତ ବର୍ଷ ଆହୁରି ୪୦ ହେକ୍ଟର ଜଙ୍ଗଲର ସୁରକ୍ଷା ନିଜ ହାତକୁ ନେଇଛନ୍ତି। ଗ୍ରାମବାସୀଙ୍କ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାର ୨୦୧୦ରେ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ । ବର୍ତ୍ତମାନ ଜଙ୍ଗଲରୁ କିପରି ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇପାରିବ ସେ ନେଇ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି । ଚଳିତ ବର୍ଷ ଜଙ୍ଗଲରେ ଅଁଳା, ବାହାଡା, ଆମ୍ବ, ପିଜୁଳି, ଜାମୁକୋଳି, ପଣସ ଆଦି ଚାଷ କରିବା ନେଇ ଚାରା ପ୍ରସ୍ତୁତ କରିଛନ୍ତି। ଏଭଳିସ୍ଥିତିରେ ଜଙ୍ଗଲରେ ୩ ହଜାର ଚାରା ରୋପଣ କରିବାକୁ ଗ୍ରାମବାସୀ ଲକ୍ଷ୍ୟ ରଖିଛନ୍ତି। ଏପରି କି ଗ୍ରାମବାସୀ ଜଙ୍ଗଲ ସୁରକ୍ଷା ଦିଗରେ ଯୁବପିଢିଙ୍କୁ ଆକୃଷ୍ଟ କରୁଛନ୍ତି। ଅନ୍ୟପକ୍ଷେ ବନ ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ଏବଂ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୧୯୯୧-୯୨ ଆର୍ଥିକ ବର୍ଷରେ ଗ୍ରାମରେ ଏକ କମିଟି ଗଠନ କରାଯାଇଥିଲା। ଯୁଯୁମୁରା ବ୍ଲକରେ କାମ କରୁଥିବା ଗତିକୃଷ୍ଣ ପ୍ରଧାନ ନାମକ ଜଣେ ଅଧିକାରୀ ଜଙ୍ଗଲ ସୁରକ୍ଷା ଦିଗରେ କାମ କରିବାକୁ ଗ୍ରାମବାସୀଙ୍କୁ ପ୍ରେରଣା ଦେଇଥିଲେ। ସେତିକିବେଳେ ଗ୍ରାମର ଭୂପତି ବିଶ୍ୱାଳ, ଟିକେଶ୍ୱର ମିର୍ଦ୍ଧା, ଉମେଶ ମିର୍ଦ୍ଧା, ସୁନ୍ଦରମଣୀ ମିର୍ଦ୍ଧା ପ୍ରମୁଖ ଆଗେଇ ଆସିଥିଲେ। ଗ୍ରାମବାସୀଙ୍କ ସହ ବୈଠକ କରି ଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ଓ ବୃଦ୍ଧି ଦିଗରେ କାମ କରିବାକୁ ସ୍ଥିର ହୋଇଥିଲା। ଖର୍ଚ୍ଚ ପାଇଁ ପ୍ରତ୍ୟେକ ପରିବାରରୁ ୬ ମାସରେ ୫୦ କେଜି ଧାନ, ସପ୍ତାହରେ ୧୦ ଟଙ୍କା ଓ ପ୍ରତି ଗୁରୁବାର ଗ୍ରାମର ପ୍ରତ୍ୟେକ ପରିବାର ଜଣେ ସଦସ୍ୟ ଗୋଟିଏ ଓଳି ଶ୍ରମଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ଜଙ୍ଗଲ ସୁରକ୍ଷା ଓ ଏହାର ବୃଦ୍ଧି ନେଇ ଗ୍ରାମବାସୀ ଆଗେଇ ଆସିଥିଲେ। ଏପରି କି ଗ୍ରାମବାସୀ କାଠ ମାଫିଆଙ୍କ ଉପରେ ନଜର ରଖିଥିଲେ। ବହୁ ବାଧା ସତ୍ତ୍ୱେ ଗ୍ରାମବାସୀ ଜଙ୍ଗଲର ସୁରକ୍ଷା ଦିଗରେ କାମ କରିଥିଲେ। ୨୦୦୫ରେ ଏକ ବନ ସୁରକ୍ଷା ସମିତି ଗଠନ ହୋଇଥିଲା । ସେତିକିବେଳେ ବନ ବିଭାଗ ପକ୍ଷରୁ କିଛି ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ବର୍ତ୍ତମାନ ସମିତି ପକ୍ଷରୁ ଜଙ୍ଗଲର ସୁରକ୍ଷା ସହ ରକ୍ଷଣାବେକ୍ଷଣ କାମ କରାଯାଉଛି । ଏପରି କି ପାଖପାଖି ଗ୍ରାମବାସୀ ମଧ୍ୟ ବନ ସମିତି କରି ଜଙ୍ଗଲର ସୁରକ୍ଷା ଦିଗରେ କାମ କରୁଛନ୍ତି । ସବୁଜ ଘନ ଜଙ୍ଗଲ ଦେଖିଲେ ମନରେ ଆନନ୍ଦ ମିଳିଥାଏ ବୋଲି କମିଟି ସଦସ୍ୟ କହନ୍ତି । କମିଟିର ସଭାପତି ଭାବେ ପ୍ରଶାନ୍ତ କୁମାର ପ୍ରଧାନ, ପର୍ଶୁରାମ ମିର୍ଦ୍ଧା, ଓମପ୍ରକାଶ ବିଶ୍ୱାଳ, ବିଶ୍ୱାମିତ୍ର ମିର୍ଦ୍ଧା, ଆନନ୍ଦ ମିର୍ଦ୍ଧା, କାର୍ତ୍ତିକ ମିର୍ଦ୍ଧା, ମହେନ୍ଦ୍ର ମିର୍ଦ୍ଧା, ପ୍ରଶାନ୍ତ ମିର୍ଦ୍ଧା ପ୍ରମୁଖ ସଦସ୍ୟ ରହିଛନ୍ତି ।

# କ୍ଷତିପୂରଣ ପାଉନାହାନ୍ତି ହୀରାକୁଦ ବିସ୍ଥାପିତ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ):** ହୀରାକୁଦ ବନ୍ଧ ନିର୍ମାଣ ହେବାର ୭୦ ବର୍ଷ ପରେ ମଧ ବିସ୍ଥାପିତଙ୍କୁ ଏଯାଏ କ୍ଷତିପୂରଣ ମିଳିନାହିଁ। ସେମାନେ ରହୁଥିବା ପଡ଼ା ଗ୍ରାମକୁ ଏ ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ମିଳିନାହିଁ। ଫଳରେ ଉକ୍ତଅଞ୍ଚଳର ଲୋକମାନେ କୌଣସି ସୁବିଧା ସୁଯୋଗ ପାଇପାରୁ ନାହାନ୍ତି। ଏପରି କି ଜମି ପଟ୍ଟା ମଧ ସେମାନଙ୍କୁ ମିଳୁନାହିଁ। ସରକାର ତୁରନ୍ତ ବିସ୍ଥାପିତଙ୍କୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଅନ୍ତୁ ବୋଲି ପଶ୍ଚିମ ଓଡ଼ିଶାର ବିଧାୟକମାନେ ଦାବି କରିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ତଥା ବିଜେଡି ସଭ୍ୟ କିଶୋର କୁମାର ମହାନ୍ତି ବିସ୍ଥାପିତଙ୍କୁ ରାଜସ୍ୱ ଗ୍ରାମର ମାନ୍ୟତା କାହିଁକି ଦିଆଯାଉନାହିଁ ବୋଲି ପଚାରିଥିଲେ। ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ ମଧ୍ୟବରଗଡ଼, ଅତାବିରା, ଭଟ୍ଲି ଅଞ୍ଚଳରେ ରହୁଥିବା ଲୋକଙ୍କୁ କ୍ଷତିପୂରଣ ଦିଆଯାଉନାହିଁ ବା ସେମାନଙ୍କ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳୁ ନାହିଁ ବୋଲି କହିବା ସହ ତୁରନ୍ତ ଏକ କମିଟି ଗଠନ କରି ଏହି ସମସ୍ୟାର ସମାଧାନ କରାଯାଉ ବୋଲି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଜେଡି ସଭ୍ୟ ରୋହିତ ପୂଜାରୀ ହୀରାକୁଦ ଓ ରେଙ୍ଗାଲିଠାରେ ବସବାସ କରୁଥିବା ବିସ୍ଥାପିତଙ୍କୁ କୌଣସି ସହାୟତା ମିଳୁନାହିଁ ବୋଲି କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଥିଲେ ଯେ, ହୀରାକୁଦ ନଦୀବନ୍ଧ ହେବା ବେଳେ ୪୬ଟି ରାଜସ୍ୱ ଗ୍ରାମ ଜଳମଗ୍ନ ହୋଇଥିଲା। ସଂପୃକ୍ତ ବାସିନ୍ଦାଙ୍କୁ ୩୨ଟି ଗ୍ରାମରେ ଥଇଥାନ କରାଯାଇଥିଲା। ସେହି ଗ୍ରାମଗୁଡିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇଛି। ଝାରସୁଗୁଡ଼ା ଜିଲାର ୧୯ଟି ରାଜସ୍ୱ ଗ୍ରାମ ଜଳମଗ୍ନ ହୋଇଥିଲା। ବିସ୍ଥାପିତଙ୍କୁ ୧୯ଟି ବସତିରେ ଥଇଥାନ କରାଯାଇଛି। ସେଥିରୁ ଝାରସୁଗୁଡ଼ା ତହସିଲର ଭୁରଶୁଣ୍ଡ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଛି। ଅବଶିଷ୍ଟ ପଡ଼ାଗ୍ରାମଗୁଡିକ ରାଜସ୍ୱ ଆଇନ ପରିସରରେ ଆସୁ ନ ଥିବାରୁ ସେଗୁଡ଼ିକୁ ରାଜସ୍ୱ ଗ୍ରାମ ଘୋଷଣା କରାଯାଇ ପାରିନାହିଁ। ଏ ସମ୍ବନ୍ଧରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ। ପଶ୍ଚିମ ଓଡ଼ିଶା ବିଧାୟକମାନଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ହୀରାକୁଦ ବନ୍ଧ ଚାରିପଟେ ରହିଥିବା ଲୋକଙ୍କ ସମସ୍ୟା ଦୂର କରିବା ପାଇଁ ଅଫିସରମାନଙ୍କୁ ଡାକି ଆଲୋଚନା କରନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀ କହିଥିଲେ, ବିଧାନସଭା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଏ ନେଇ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ।


**ANCHALIKA BASTARANI HIGHER SECONDARY SCHOOL**
**AT/PO-SANCHERGAON-766016, DIST-KALAHANDI (ODISHA)**

POST REQUIRED

Post of Lecturer in Botany and Zoology is lying vacant in the college. The interested candidates having **M.sc** with minimum 55 % of marks in concern subject from any recognised University can apply for the posts within 7 days of this publication of advertisement to the undersigned.

Sd./- Principal

Correspondence Address :- **At/Po.-Sanchergaon,P/s-Kegaon Via-Golamunda, Dist.-Kalahandi(Odisha), PIN-766016**
**E-Mail :- anchalikabastaranimahavidyalaya@gmail.com**

**RAMA DEVI WOMEN'S UNIVERSITY**
**Vidya Vihar, Bhubaneswar - 751022, www.rdwuniversity.nic.in**

**WALK IN INTERVIEW**

A Walk-in-Interview will be conducted for the engagement of **Project Assistant (3 Nos.)** at a fellowship of **Rs.22,000/- (Consolidated)** under the "Consolidation of University Research for Innovation and Excellence in Women Universities (CURIE)" project funded by DST, Govt. of India for a period of **3 Years.**

Date of Interview : **03.08.2019**.

Interested candidates are advised to visit Rama Devi Women's University website **www.rdwuniversity.nic.in** for details on minimum qualification and experience.

**Sd./- Prof. Sasmita Mohanty**
**Coordinator**

**VEER SURENDRA SAI UNIVERSITY OF TECHNOLOGY**
*(A Unitary University Established by Govt. of Odisha)*
P.O.: ENGINEERING COLLEGE BURLA, DIST.: SAMBALPUR, ODISHA-768018,
www.vssut.ac.in

**No. VSSUT/Estt/5880** **Dated: 16.07.2019**

**ADVERTISEMENT FOR RECRUITMENT OF TEACHERS AND OFFICERS**

Applications in prescribed format along with required documents are invited from eligible Indian Nationals for recruitment to the posts of Teachers and Officers for Veer Surendra Sai University of Technology, Burla. The details of the number of posts including required qualifications, eligibility criteria, specialisation, scales of pay, reservations, application form and other general information are available at **www.vssut.ac.in**. The applicants for the post of **Dean, Students' Welfare, Professor and Associate Professor** are required to submit Evaluation of Academic Research Score in the prescribed format along with the application forms. The last date for the receipt of applications at VSSUT,Burla is **30.08.2019** during office hours by **Registered/Speed Post** only. University will not be responsible for any kind of postal delay. The qualifications, eligibility criteria, experience, publications and age limit etc. as on the last date of submission of application only will be considered. Incomplete application or applications received after the last date will not be considered. Consequently, the University advertisement **No.VSSUT/Estt/1813** dated **19.05.2018** hereby stand cancelled. However, the candidates who have applied earlier in pursuant to the aforesaid advertisement are required to submit their applications afresh without any application fees. The authority reserves the right to reject any or all the applications or cancel the entire selection process without assigning any reason thereof.

**Sd/-**
**REGISTRAR**

**RAMA DEVI WOMEN'S UNIVERSITY**

**Vidya Vihar, Bhubaneswar - 751022**
**www.rdwuniversity.nic.in**

**WALK-IN-INTERVIEW**

Application in the prescribed format with CV are invited from desirous organization / persons to act as trainers / counsellors / resource persons in the various programs of career counselling and placement cell of the University for the session 2019-20. Honorarium : Rs.1000/- (Rupees one thousand only/-) per class of 90 minutes duration. Last Date of submission applications is 25.07.2019. For details visit University website www.rdwuniversity.nic.in

Sd./-
Registrar

**GANGADHAR MEHER UNIVERSITY**
**SAMBALPUR-768004, ODISHA**

**RECRUITMENT OF FACULTY**

Gangadhar Meher University invites application from eligible Indian citizens for the following positions :

1. **Assistant Professor [Pay Band of Rs. 15,600-39,100 with AGP of Rs. 6,000.00] - 86 Posts.**

General conditions :

The above positions are available in the following subjects: Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library & Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology

**(i)** The Advertisement is for Regular Positions.
**(ii)** There is an application fee of INR 2750.00 from candidates belonging to General and SEBC Category. The application fee for SC/ST/PwD and Women candidates is INR 1750.00. Those who have applied earlier against the Advertisement No. 001/REC/GMU/FAC: Sambalpur; Dated 28.05.2018 need to pay facilitation charges of INR 250.00 only.
**(iii)** The link for the detailed advertisement and online application submission module is given herewith: https://recruitment.gmuniversity.ac.in
**(iv)** The last date for submission of online application complete in all respects is 14th August 2019 at 23.59. The last date of receipt of print copy of the applications with all supporting documents is 24th August 2019 at 17.00. Online submission of application is mandatory.
**(v)** Application fee is non-refundable. Seven printed copies of the application form will be accepted, when sent through Speed-Post/Registered Post/Courier only.

Advt. No. 002/REC/GMU/FAC; Sambalpur; Dated: 19th July 2019

Sd./- REGISTRAR
GANGADHAR MEHER UNIVERSITY, SAMBALPUR

**Form No. -13**
**BEFORE THE DEBT RECOVERY TRIBUNAL : CUTTACK : ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No.37/2019**

**Allahabad Bank, Bhubaneswar Main Branch** ............ Applicant
-Versus-
**Dr. Prangya Paramesh Swain** ........... Defendant

TO,
**Sole Defendant**
**Dr. Prangya Paramesh Swain,** S/o: Ramesh Chandra Swain, Permanent resident of Mahaveer Dental Clinic, Nimapara- 752016, Dist- Puri and at present at Village- Marthapur, PO- Bhanaragarh, PS- Balipatna, Dist- Khurda, Pin Code- 752103 .

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No 37/2019** in the court of Debt Recovery Tribunal, Cuttack for recovery of **Rs.30,91,871/- (Rupees Thirty Lakhs Ninety One Thousand Eight Hundred Seventy One only)** together with current and future interest, costs and other reliefs. The above mentioned defendant is therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on **30.08.2019** at **10.30 A.M** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this 09th day of July, 2019 .

**Sd/-**
**(Manoj Kumar Patnaik)**
**Registrar**

**Form No. -13**
**BEFORE THE DEBT RECOVERY TRIBUNAL : CUTTACK : ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No.38/2019**

**Allahabad Bank, Bhubaneswar Main Branch** ............ Applicant
-Versus-
**Alok Kumar Das and others** ........... Defendants

TO,
**Defendants**
(1) **Sri Alok Kumar Das,** S/o: Late Satyanarayan Das, Plot No.- N6/176, IRC Village, Nayapalli, Bhubaneswar-751015, Dist- Khordha .
(2) **Smt. Sarmistha Mandal,** W/o: Sri Alok Kumar Das, Plot No.- N6/176, IRC Village, Nayapalli, Bhubaneswar-751015, Dist- Khordha .
........... **Principal Defendants**
(3) **M/s Basera Designs Private Limited**, Plot No.-25(P), Saheed Nagar, Bhubaneswar-751018, Dist- Khordha, represented by its Managing Director, Sri Manoj Kumar Pattnaik, S/o: Nirmal Chandra Pattnaik .
........... **Pro-forma Defendant**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No 38/2019** in the court of Debt Recovery Tribunal, Cuttack for recovery of **Rs.35,35,326/- (Rupees Thirty Five Lakhs Thirty Five Thousand Three Hundred Twenty Six only)** together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on **30.08.2019** at **10.30 A.M** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 09th day of July, 2019 .

**Sd/-**
**(Manoj Kumar Patnaik)**
**Registrar**

**ODISHA JOINT ENTRANCE EXAMINATION-2019 (OJEE - 2019)**

**No: 352/OJEE19** **Date: 18.07.2019**

**NOTICE FOR 2ND/Special OJEE FOR B.TECH, Lateral Entry TO B.TECH, MBA, MCA, Lateral Entry TO MCA, B. PHARM and M. PHARM**

**Date of Examination: 21.07.2019 (SUNDAY)**

2nd / Special OJEE for B.Tech., LE-Tech (Diploma), LE-Tech (B.Sc.), MBA, MCA, LE-MCA, B. Pharm and M. Pharm will be held on 21.07.2019 (SUNDAY) as per the following schedule.

| Date of Examination | Shift and Course | | Type of Examination |
|---|---|---|---|
| | 1st Shift (09.30 AM to 10.30 AM) | 2nd Shift (12.00 Noon to 01.00 PM) | |
| 21.07.2019 (SUNDAY) | B. Tech. B. Pharm | LE-Tech (Dip), LE-Tech (B.Sc.), MBA, MCA, LE-MCA, B.Pharm, M.Pharm | Duration – 1 Hour 60 Questions (Multiple Choice Question Type) |

Candidates are advised to download their Admit Cards for the examination from the OJEE website (**https://ojee.nic.in**).

Candidates are also advised to refer to OJEE websites (**https://ojee.nic.in / https://odishajee.com/**) for complete schedule of activities of 2nd / Special OJEE.

**Sd/-**
**CHAIRMAN, OJEE 2019**

See Career Appointment on every Wednesday & Saturday

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବେଲପଡ଼ା**

**ବିଜ୍ଞାପନ ସଂଖ୍ୟା: ୧୫୭୬** **ତା: ତା୧୭।୦୭।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଥମ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା MGNREGA ଏବଂ NSAPରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ମଷ୍ଟରରୋଲର ଶତପ୍ରତିଶତ ଯାଞ୍ଚ (ଆର୍ଥିକ ବର୍ଷ ୨୦୧୮-୧୯, ୦୧।୦୪।୨୦୧୮ରୁ ୩୧।୦୩।୨୦୧୯ ମଧ୍ୟରେ) ଏବଂ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗ୍ରାମପଞ୍ଚାୟତ ସଦର ମହକୁମାଗୁଡ଼ିକରେ (ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ) ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଗ୍ରାମାଞ୍ଚଳରେ ବାସ କରୁଥିବା ସମସ୍ତ ଜବ୍‌କାର୍ଡ଼ଧାରୀ ଶ୍ରମିକ, ଗାଁ ସାଥୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ମନିଟରିଂ କମିଟିର ସଭ୍ୟସଭ୍ୟା ତଥା ଜନସାଧାରଣ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା।

| କ୍ର. ନଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ତାରିଖ | ଗ୍ରାମସଭା ତାରିଖ | ବିଷୟ | ସ୍ଥାନ | ଯୋଗ ଦେବାକୁ ଥିବା ଅଧିକାରୀ | ବ୍ଲକ୍ ଜନ ଶୁଣାଣି |
|---|---|---|---|---|---|---|---|
| ୧ | ବାଗଦୋର, ସରମୁହାଣ, ବେଲପଡ଼ା, ନୁନହାଡ଼, ବାହାବଳ | ୧୬।୦୭।୧୯ରୁ ୧୯।୦୭।୧୯ | ୩୧।୦୭।୧୯ | NSAP | ଗ୍ରା.ପ. କାର୍ଯ୍ୟାଳୟ | PEO/ GRS/ JE/ GPTA/ Concerned RH/ Nodal Officer | ୩।୧୦।୨୦୧୯ |
| | | ୨୦।୦୭।୧୯ରୁ ୨୯।୦୭।୧୯ | | MGNREGA | | | |
| ୨ | ଧୁମାଭଟା, ତେନ୍ତୁଳିମୁଣ୍ଡା, ଯୁବା, ମଧୁପୁର, ମଣ୍ଡଳ | ୦୨।୦୮।୧୯ରୁ ୦୫।୦୮।୧୯ | ୨୦।୦୮।୧୯ | NSAP | | | |
| | | ୦୮।୦୮।୧୯ରୁ ୧୭।୦୮।୧୯ | | MGNREGA | | | |
| ୩ | ସୁଲେକେଲା, କାନୁଟ, ପଣ୍ଡରୀଯୋର, ସିହିନୀ | ୨୧।୦୮।୧୯ରୁ ୨୪।୦୮।୧୯ | ୦୬।୦୯।୧୯ | NSAP | | | |
| | | ୨୭।୦୮।୧୯ରୁ ୦୫।୦୯।୧୯ | | MGNREGA | | | |
| ୪ | ସଲଣ୍ଡି, ଭରୁଆପାଲି, ଘାଗୁର୍ଲି, ବେହେରାମୁଣ୍ଡା, ପର୍ଲିମାଲ | ୦୭।୦୯।୧୯ରୁ ୧୦।୦୯।୧୯ | ୨୩।୦୯।୧୯ | NSAP | | | |
| | | ୧୧।୦୯।୧୯ରୁ ୨୦।୦୯।୧୯ | | MGNREGA | | | |
| ୫ | କପାଣି, ବାଲିଖମାର, ଗମ୍ଭାରୀ, ଦର୍ଲିପାଲି, କନ୍ଦେନଝୁରା | ୨୪।୦୯।୧୯ରୁ ୨୭।୦୯।୧୯ | ୧୫।୧୦।୧୯ | NSAP | | | |
| | | ୦୧।୧୦।୧୯ରୁ ୧୦।୧୦।୧୯ | | MGNREGA | | | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେଲପଡ଼ା



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ

## ସଂକ୍ଷେପରେ

### ଗ୍ରାମକୁ ବିଦ୍ୟୁତ ଯୋଗାଣ ପାଇଁ ଦାବି

ବାରକୋଟ, ୧୮।୭(ଡି.ଏନ.ଏ): ଦେବଗଡ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କେନ୍ଦୁନାଳୀ ଏବଂ ଖୁଲୁଣ୍ଡି ପାଣି ଗ୍ରାମର ବାସିନ୍ଦାମାନେ ଗ୍ରାମକୁ ବିଦ୍ୟୁତ ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି । ଦୀର୍ଘ ଦିନ ହେଲା ଉଭୟ ଗ୍ରାମକୁ ବିଦ୍ୟୁତ ସଂଯୋଗ ପାଇଁ ତାର ଟଣାଯାଇ ଟ୍ରାନ୍ସଫର୍ମର ବସିଥିଲେ ମଧ ବିଭାଗୀୟ ଅବହେଳା ପାଇଁ ବିଦ୍ୟୁତ ସଂଯୋଗ ହୋଇପାରୁ ନାହିଁ ଏନେଇ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ନମିଳିବାରୁ ବୁଧବାର ଉଭୟ ଗ୍ରାମର ମହିଳାମାନେ ୱେସ୍କୋ ଅଫିସ ଘେରାଉ କରିବାର ଚେତାବନୀ ଦେଇଥିଲେ। ଫଳରେ ବିଭାଗ ତରଫରୁ ଆସନ୍ତା ୨୫ ତାରିଖ ସୁଦ୍ଧା ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଏ ବିଷୟରେ ୱେସ୍କୋ ଏସଡିଓ ଆନନ୍ଦ କୁମାର କାଲୋଙ୍କୁ ପଚାରିବାରୁ ଖୁବ ଶୀଘ୍ର ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ପ୍ରକାଶ କରିଥିଲେ।

### ପ୍ରୋଗ୍ରେସିପ ସମ୍ବଲପୁରର ହେଲ୍ପ ଡେସ୍କ

ସମ୍ବଲପୁର,୧୮।୭(ବ୍ୟୁରୋ): ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମୟୁ) ସ୍ନାତକୋତ୍ତର ବିଭିନ୍ନ ବିଭାଗରେ ନାମଲେଖା ଚାଲିଛି । ଜିଲା ତଥା ଜିଲାବାହାରୁ ଛାତ୍ରୀଛାତ୍ରମାନେ ଆସୁଛନ୍ତି। ନାମଲେଖାରେ ସହଯୋଗ କରିବା ଉଦ୍ଦେଶ୍ୟରେ ଗୁରୁବାର ପ୍ରୋଗ୍ରେସିପ୍ ସମ୍ବଲପୁରର ହେଲ୍ପ ଡେସ୍କ ଆରମ୍ଭ ହୋଇଛି। ଦେବଜ୍ୟୋତି ପଟ୍ଟନାୟକ, ଶିଭମ୍ ଅଗ୍ରୱାଲ, ସୌରଭ ସିହ୍ନା, ଶୁଭ୍ରାଂଶୁସୁରଜିତ ଶର୍ମା, ଶ୍ରୀଚନ୍ଦନ ସାହୁ, ଚିନ୍ମୟ ପଣ୍ଡା, ଅଭିଷେକ ନାୟକ, ଚୁମ୍ବନ ପ୍ରଧାନ, ସତ୍ୟକୃଷ୍ଣ ରାଉତରାୟ, ସପନ ହୋତା, ଅଜିତ ଭୋଇ, ବ୍ରାଜିଲ ମାଝି, ବିଷ୍ଣୁ ଭୋଇ, ବିଷ୍ଣୁ ସାହୁ, ମିଲି ସାହୁ, ଶ୍ରୀୟଙ୍କା ବାବୁ, ଜୟକୁମାର ସିବିଲ, ଶ୍ରାବଣୀ ବାଗ ପ୍ରମୁଖ ହେଲ୍ପ ଡେସ୍କରେ ଉପସ୍ଥିତ ରହିଥିଲେ।

### ଦେବଗଡ଼ରେ ମାଙ୍କଡ଼ ଉପଦ୍ରପ

ଦେବଗଡ଼, ୧୮।୭(ଡ଼ି.ଏନ୍.ଏ.) ଦେବଗଡ଼ ସହରରେ ଦିନକୁ ଦିନ ମାଙ୍କଡ଼ ଉପଦ୍ରବ ବଢ଼ିବାରେ ଲାଗିଛି। ଏନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ବନବିଭାଗ ତଥା ପ୍ରଶାସନ ନିଘୋଡ଼ ନିଦରେ ଶୋଇଛି। ମାଙ୍କଡ଼ମାନଙ୍କୁ ଘଉଡ଼ାଇବାକୁ ବନ ବିଭାଗ ପ୍ରଚୁର ଅର୍ଥ ବ୍ୟୟ କରୁଥିବା ବେଳେ ଧର୍ମକୁ ଆଖିଠାର ପରି ମଙ୍କି ସ୍କ୍ୱାଡ଼୍ ଓ ପ୍ରଧାନପାଟ ପ୍ରୋଟେକସନ୍ ସ୍କ୍ୱାଡ୍ ନାମରେ କର୍ମଚାରୀ ନିଯୁକ୍ତ କରାଯାଇଛି। ତଥାପି ମାଙ୍କଡ଼ ଆକ୍ରମଣରୁ ଲୋକେ ରକ୍ଷା ପାଇ ପାରୁ ନାହାନ୍ତି। ଏପରି ଏକ ଘଟଣା ଘଟିଛି ଶାଶନ ସାହି ୱାର୍ଡ଼ ନଂ ୪ ଠାରେ । ଶାସନସାହିଠାରେ ରହୁଥିବା ବନ ନିଗମ କର୍ମଚାରୀ ଲକ୍ଷ୍ମୀଧର ମିଶ୍ର ମାଙ୍କଡ଼ଙ୍କ ଆକ୍ରମଣରେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ମଧ ତାଙ୍କର ଦୁଇ ଗୋଡ଼ ଅଚଳ ହୋଇଯାଇଛି। ମାଙ୍କଡ଼ମାନେ ବିଭିନ୍ନ ସ୍କୁଲରେ ମଧ ଉପଦ୍ରବ କରିବା ଦ୍ୱାରା ସ୍କୁଲର ଛାତ୍ରୀଛାତ୍ର ମଧ ବହୁ ମାତ୍ରାରେ ଆହତ ହୋଇଛନ୍ତି। ତେଣୁ ଏ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧରଣରେ ଦାବି ହେଉଛି।







ଜେସିବି ମେଶିନରେ ଉଚ୍ଛେଦ କରାଯାଉଛି (ବାମ), ଉଚ୍ଛେଦ ସମୟରେ ଉତ୍ତେଜନା।

■ ଦେବଗଡ଼ ପୌରପରିଷଦର ଜବରଦଖଲ ଉଚ୍ଛେଦ ତୃତୀୟ ଦିନରେ

# ଉଚ୍ଛେଦ ସମୟରେ ଉତ୍ତେଜନା

ଦେବଗଡ଼,୧୮।୭(ଡ଼ି.ଏନ.ଏ)

■ ସହରର ମୁଖ୍ୟ ରାସ୍ତା ଉପରେ ପଡିରହିଛି ଆର୍ବଜନା
■ ଚିହ୍ନଟ ନକରି ଭାଙ୍ଗି ଚାଲିଛି ପୌରପରିଷଦ
■ ଡ୍ରେନ ଉପରେ ନିଜେ ସ୍ଲାବ କଲେ, ନିଜେ ଭାଙ୍ଗିଲେ
■ ଥଇଥାନ ନ କରି ୫ ହୋଟେଲ ଉଚ୍ଛେଦ

ସହରରେ ଟ୍ରାଫିକ୍ ଓ ଡ୍ରେନ ବ୍ୟବସ୍ଥା ସୁଧାରିବା ପାଇଁ ଦେବଗଡ ମ୍ୟୁନିସିପାଲିଟି ତରଫରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ସେଥିପାଇଁ ବୁଧବାର ପୋଲିସ ଫୋର୍ସ ମୁତୟନ କରି ରାସ୍ତା ଦୁଇପାର୍ଶ୍ୱରେ ପୋଲିସ ଛିଡା ହୋଇ ଗାଡିମୋଟର ବନ୍ଦକରି ଉଚ୍ଛେଦ କରାଯାଇଥିଲା । ଗୁରୁବାର ସହରର ମୁଖ୍ୟଛକ କୁହାଯାଉଥିବା ଷ୍ଟେଟ୍‌ବ୍ୟାଙ୍କ ଛକରୁ ବଣିଆଁସାହି, ହସ୍‌ପିଟାଲ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରୁଥିବା ସମୟରେ ପାତରଅନ୍ତର ହେଉଥିବା ଅଭିଯୋଗ କରି ଜନସାଧାରଣ ସେଠାରେ ଉତ୍ତେଜନା ସୃଷ୍ଟି କରିଥିଲେ। ଅନ୍ୟପକ୍ଷରେ ପୌରପରିଷଦ ଅଧିନ ନାଳନର୍ଦ୍ଦମା ଡ୍ରେନ ଉପରେ ଜବରଦଖଲ କାରଣରୁ ସହରର ଡ୍ରେନେଜ ବ୍ୟବସ୍ଥା ପ୍ରାୟ ସ୍ଥାନରେ ଠିକ ନଥିବାରୁ ରାସ୍ତା ଉପରେ ଡ୍ରେନପାଣି ଉଛୁଳି ଚାଲିଛି। ମ୍ୟୁନିସିପାଲିଟି ତରଫରୁ ଡାକବାଜିଯନ୍ତ୍ରରେ ଡାକିଦେଇ ଉଚ୍ଛେଦ କରୁଛି କିନ୍ତୁ କେଉଁ ଜାଗାଟା ଉଚ୍ଛେଦ ହେବ ଚିହ୍ନଟ ନ କରି ମନଇଛା ଭାଙ୍ଗି ଚାଲିଛି। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଭାଙ୍ଗି ଦେଇଥିବାର କ୍ଷତିଗ୍ରସ୍ତଙ୍କ କ୍ଷତି କିଏ ଆକଳନ କରିବ କିଏ ତାଙ୍କ କଥା ଶୁଣିବ କିଏ ଏନେଇ ଚର୍ଚ୍ଚା ଜୋର ଧରିଛି। ଦୁଃଖର କଥା ଦେବଗଡ ମୁଖ୍ୟ ଡାକ୍ତରଖାନା ସମ୍ମୁଖରେ ୫ଟି ହୋଟେଲ ଥିଲା। ତାକୁ ମଧ ଭାଙ୍ଗି ଦେଲେ। ଡାକ୍ତରଖାନାକୁ ପ୍ରତ୍ୟେକ ଦିନ ଆସୁଥିବା ଶହଶହ ଲୋକ ଏହି ହୋଟେଲରେ ଖାଇବା ସହ ରୋଗୀଙ୍କ ପାଇଁ ପାଣି, କ୍ଷୀର ମଧ ଗରମ କରିଥାନ୍ତି। ବର୍ତ୍ତମାନ ରୋଗୀ ଓ ତାଙ୍କର ସମ୍ପର୍କୀୟମାନେ କଉଆଡେ ଯିବେ ଚିନ୍ତାର କାରଣ। ଏପରିକି ସରକାରଙ୍କ ଆହାର ଯୋଜନା ମଧ ଏହିଠି ନାହିଁ । ଏପଟେ ହୋଟେଲ ବ୍ୟବସାୟୀ କରି ପେଟ ପୋଷୁଥିବା ପରିବାରଙ୍କୁ କୌଣସି ଥଇଥାନ ନ କରି ୫ଟି ଯାକ ହୋଟେଲ ଭାଙ୍ଗିଦେବା ଠିକ ପଦକ୍ଷେପ ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ପୂର୍ବରୁ ମ୍ୟୁନିସିପାଲିଟି ତରଫରୁ ଡ୍ରେନ ଉପରେ ନିଜେ ସ୍ଲାବ କରି ପକାଇଥିଲେ। ବର୍ତ୍ତମାନ ନିଜେ ଭାଙ୍ଗୁଛନ୍ତି। ଏପଟେ ଭାଙ୍ଗିଦେଇଥିବା ସ୍ଲାବଗୁଡାକ ରାସ୍ତା ଉପରେ ପଡିରହିଛି। ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଜନସାଧାରଣ ଅସୁବିଧାରେ ଥିଲେ ମଧ କୌଣସି ନେତା, ଜନପ୍ରତିନିଧିଙ୍କ ବି ଦେଖାନାହଁ ।

### ଜିଲା ବିଜେଡି ଆଇନ ସାମ୍ମୁଖ୍ୟର ଜରୁରୀ ବୈଠକ

ଦେବଗଡ଼, ୧୭।୭(ଡି.ଏନ୍.ଏ.)

ସ୍ଥାନୀୟ ପ୍ରଧାନପାଟସ୍ଥିତ ବସନ୍ତ ନିବାସ ଡାକବଙ୍ଗଳାରେ ଦେବଗଡ ଜିଲା ବିଜୁ ଜନତା ଦଳ ଆଇନ ସାମ୍ମୁଖର କର୍ମକର୍ତ୍ତାଙ୍କୁ ନେଇ ଏକ ଜରୁରୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିକାଶ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ବିଗତ ବିଧାନସଭା ନିର୍ବାଚନରେ ଜିଲାବାସୀ ଭାଜପାର ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ଜିତାଇ ଥିଲେ ମଧ ଅଧିକାଂଶ ଜିଲାବାସୀ ବିଜେଡିର ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇଥିବାରୁ ଆଇନ ସାମ୍ମୁଖ୍ୟ ତରଫରୁ ଜନସାଧାରଣଙ୍କୁ ଧନ୍ୟବାଦ ଦେବା ସଙ୍ଗେସଙ୍ଗେ ଆଗାମୀ ଦିନରେ ଉଚ୍ଚସ୍ତରର ସହଯୋଗ କାମନା କରୁଅଛି। ଅନ୍ୟପକ୍ଷରେ ବୈଠକରେ ଜିଲାରେ ଏକମାତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ ହୋଇଥିବାରୁ ବର୍ତ୍ତମାନ ଜିଲାରେ ବିଜେଡିର ଜିଲା ସଭାପତି ଇସ୍ତଫା ଦେବା ପରେ ଏହି ପଦବୀଗୁଡିକ ଖାଲି ହୋଇପଡିଛି। ଏଣୁ ନୂତନ ଜିଲା ସଭାପତି ଓ କମିଟି ଗଠନ ପାଇଁ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କୁ ଜିଲା ପର୍ଯ୍ୟବେକ୍ଷକଙ୍କ ଜରିଆରେ ସାକ୍ଷାତ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ବୈଠକରେ ବରିଷ୍ଠ ଓକିଲ ବିଭୂତି ଗଙ୍ଗଦେବ, ଭୂପେନ୍ଦ୍ର ନାଥ ଦେବ, ପ୍ରମୋଦ କୁମାର ନନ୍ଦ, ସୁଧାଂଶୁ ଅମାତ୍ୟ, ମାଧବଚନ୍ଦ୍ର ମହାପାତ୍ର, ପ୍ରଦୀପ କୁମାର ଧଳ, ଶୈଳେନ୍ଦ୍ର ସାହୁ, ଚୌଧୁରୀ ବେହେରା, ସଂଯୁକ୍ତା ମିଶ୍ର, ମମତା ବିଶ୍ୱାଳ, ରଶ୍ମିତା ଦେଓ, ପୂର୍ଣ୍ଣଚନ୍ଦ୍ର ବୁଡା, ପ୍ରତାପ ପାତ୍ର, ରିଙ୍କୁ ନାଥ ଓ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଡବ୍ଲ୍ୟୁଓଡିସି କାର୍ଯ୍ୟାଳୟ ସ୍ଥାନାନ୍ତର ନ ହେବା ନେଇ ଉଦ୍‌ବେଗ

ଭୁବନେଶ୍ୱର,୧୮।୭(ବ୍ୟୁରୋ)

■ ଯୋଜନା ଓ ସଂଯୋଜନା ବିଭାଗ ଖର୍ଚ୍ଚଦାବି ଆଲୋଚନା
■ ବିଧାୟକ ହାତପାଣ୍ଠି ବୃଦ୍ଧି ପାଇଁ ଦାବି
■ ଅନେକ ଯୋଜନାରେ ଅଧିକ ଅର୍ଥ ପାଇଁ ପ୍ରସ୍ତାବ

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ମୁଖ୍ୟାଳୟ ପଶ୍ଚିମ ଓଡ଼ିଶାକୁ ସ୍ଥାନାନ୍ତରିତ ହୋଇପାରିଲା ନାହିଁ। ଦକ୍ଷ ଲୋକଙ୍କୁ ଅଧକ୍ଷ କରିବା ବଦଳରେ ହାରିଥିବା ଅଥବା ଦଳୀୟ ଟିକେଟ୍‌ରୁ ବଞ୍ଚିତ ହୋଇଥିବା ନେତାଙ୍କୁ ସେହି ପଦପଦବୀରେ ଥଇଥାନ କରାଯାଉଛି। ପରିଷଦକୁ ଅଧିକ ପରିମାଣରେ ଅର୍ଥ ଦିଆଯାଉ ନାହିଁ ବୋଲି ଯୋଜନା ଓ ସଂଯୋଜନା ବିଭାଗ ଖର୍ଚ୍ଚଦାବି ଆଲୋଚନା ସମୟରେ ଏକାଧିକ ସଦସ୍ୟ ମତ ରଖିଥିଲେ। ସେହିପରି ବିଧାୟକମାନଙ୍କୁ ମିଳୁଥିବା ହାତପାଣ୍ଠିକୁ କୋଟିଏ ଟଙ୍କାରୁ ବୃଦ୍ଧି କରାଯାଇ ଅନ୍ୟୂନ ୨କୋଟି କିମ୍ବା ୫ କୋଟି କରାଯାଉ ବୋଲି ମତ ପ୍ରକାଶ ପାଇଛି। ଆଲୋଚନାକୁ ଆରମ୍ଭ କରି ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଥିଲେ ଯେ, ବିଜୁ କେବିକେ ଯୋଜନାର ଅନୁଦାନ ୧୨୦ କୋଟିରୁ ୧୫୦ କୋଟି ଟଙ୍କାକୁ ବୃଦ୍ଧି କରାଯାଉ। ସେହିପରି ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିର ଅନୁଦାନ ବୃଦ୍ଧି ପାଇଁ ସାମଲ ମତ ରଖିଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ଯୋଜନା ଓ ସଂଯୋଜନା ବିଭାଗରେ ପ୍ରକୃତ କାର୍ଯ୍ୟ ଅପେକ୍ଷା କାଗଜପତ୍ର କାମ ଅଧିକ କରାଯାଉଛି। ହୀରାକୁଦ ବିସ୍ଥାପିତଙ୍କୁ ଏ ଯାଏ ଥଇଥାନ କରାଯାଇ ପାରିଲା ନାହିଁ। ସ୍ଥିର ସରକାର ଥାଇ ଏପରି ନ ହୋଇପାରିବା ଦୁର୍ଭାଗ୍ୟଜନକ। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କଥା ସେମିତି ଶୁଣିଆସୁଛୁ, ହେଲେ ପ୍ରକଳ୍ପ କାର୍ଯ୍ୟ ସରୁ ନାହିଁ। ରେଳପଥ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ହୋଇପାରୁ ନାହିଁ, ତେଣୁ କି ବିଭାଗ ଇଏ ବୋଲି ନରସିଂହ ପ୍ରଶ୍ନ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାକୁ ସ୍ଥାନାନ୍ତରିତ ନ ହେବା ନେଇ ସେ ଉଦ୍‌ବେଗ ମଧ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାକୁ ନରସିଂହ ସମାଲୋଚନା କରିବା ସହ ପ୍ରକଳ୍ପ ବାବଦକୁ ନିର୍ଦ୍ଦିଷ୍ଟ ବ୍ୟୟବରାଦ ରଖିବା ପାଇଁ କହିବା ସହ ତାହାକୁ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ବଣ୍ଟନ ପାଇଁ ନରସିଂହ ମତ ରଖିଥିଲେ। ବିଜେଡି ବିଧାୟକ ପ୍ରମୋଦ ମଲ୍ଲିକ ଡବ୍ଲ୍ୟୁଓଡିସିର ମୁଖ୍ୟାଳୟ ନେଇ ସହମତି ହେବା ଉପରେ ଗୁରୁତ୍ୱ ଦେଇଥିଲେ। ନୃସିଂହ ସାହୁ କେତେକ ପ୍ରସ୍ତାବ ରଖିବା ସହ ରାଜ୍ୟ ସରକାରଙ୍କ ଯୋଜନାକୁ ପ୍ରଶଂସା କରିଥିଲେ। ଏହା ପରେ ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ କହିଥିଲେ ଯେ, ଉପକୂଳ ଓଡ଼ିଶାର ଗୋଟିଏ ଗୋଟିଏ ଜିଲାର ବଜେଟ ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବଜେଟ ସମାନ ରହୁଛି। ସହଜରେ ପରିଷଦ ଅର୍ଥକୁ ବାଟମାରଣା କରାଯାଉଛି। ବିଧାୟକ ନ ଚାହିଁଲେ ବି ଠିକାଦାରଟିଏ ଅର୍ଥ ମଞ୍ଜୁର କରେଇ କାର୍ଯ୍ୟ ହାସଲ କରିପାରୁଛି ବୋଲି ଅଧିରାଜ କହିଥିଲେ। ଏହା ପରେ ମୀନାକ୍ଷୀ ମହନ୍ତ, ମୌଷଧୀ ବାଗ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଏହା ପରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ, କୌଣସି ଯୋଜନା ଗାଇଡଲାଇନ ଅନୁଯାୟୀ କାର୍ଯ୍ୟକାରୀ ହେଉନାହିଁ। ଡବ୍ଲ୍ୟୁଓଡିସି ସରକାରୀ ଦଳର ଥଇଥାନ କେନ୍ଦ୍ର ପାଲଟିଛି। ସରକାର ସେଠି ଦକ୍ଷ ଲୋକଙ୍କୁ ନିଯୁକ୍ତି କରନ୍ତୁ ବୋଲି ସାଲୁଜା ମନ୍ତବ୍ୟ ରଖିଥିଲେ। ଏହା ପରେ ଅନନ୍ତ ଦାସ କିଛି ପ୍ରସ୍ତାବ ରଖିବା ସହ ବିଧାୟକ ପାଣ୍ଠି ବୃଦ୍ଧି ନେଇ ମତ ରଖିଥିଲେ। ପରେ ପଏଣ୍ଟ ଅଫ୍ ଅର୍ଡର ଜରିଆରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ ଯେ, ଯାଜପୁର ଜିଲାର ନଗଡା ପରି ଅବିଭକ୍ତ କୋରାପୁଟ ଏବଂ ଗଜପତି ଜିଲାରେ ଅନେକ ଗାଁ ରହିଛି। ସେଠାରେ ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ ହୋଇପାରୁ ନାହିଁ। ଆଜିର ସମୟରେ ବାର୍ଷିକ କୋଟିଏ ଟଙ୍କା ବିଧାୟକ ପାଣ୍ଠି ବାବଦରେ କିଛି ନୁହେଁ, ତେଣୁ ଏହାକୁ ଅନ୍ୟୂନ ୫ କୋଟି ଟଙ୍କାକୁ ବୃଦ୍ଧି କରାଯାଉ।

### ଘରଡିହ ପଟ୍ଟା ପାଇଁ ତହସିଲ ଘେରାଉ



ବାରକୋଟ ତହସିଲ ଘେରାଉ କରିଛନ୍ତି ଗ୍ରାମବାସୀ।

ବାରକୋଟ, ୧୮।୭ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ତହସିଲ ଅଧିନସ୍ଥ ୫ଟି ଗ୍ରାମର ଭୂମିହୀନମାନେ ୪ ଡିସିମିଲ ଘରପଟ୍ଟା ପାଇଁ ଗୁରୁବାର ତହସିଲ ଘେରାଉ କରିଥିବା ଜଣାଯାଇଛି। ବାରକୋଟ ତହସିଲ ଅଧିନସ୍ଥ ଠାକୁରପାଲି ଗ୍ରାମର ୧୩, କଣ୍ଟାବାହାଲ ଗ୍ରାମର ୧୨, ମସିନ୍ତ ଗ୍ରାମର ୩୦ଜଣ, କଣ୍ଟାପାଲି ଗ୍ରାମର ୧୫, ସିଙ୍ଗିର ଗ୍ରାମର ୫ଜଣ ଦୀର୍ଘ ଦିନ ହେଲା ଘରଡିହ କିମ୍ବା କୌଣସି ବସିବାତ ନଥିବାରୁ ବାରକୋଟ ତହସିଲଦାରଙ୍କଠାରେ ଘର ପଟ୍ଟା ପାଇଁ ଆବେଦନ କରିଥିଲେ। ମାତ୍ର ପଟ୍ଟା ପ୍ରଦାନର ବିଳମ୍ବହେତୁ ହିତାଧିକାରୀମାନେ ତହସିଲ ଅଫିସ ଘେରାଉ କରିଥିଲେ। ବାରକୋଟ ତହସିଲଦାର ରାଜୀବ କୁମାର ବେହେରା ହିତାଧିକାରୀଙ୍କୁ ଆଉଥରେ ଆବେଦନ କରିବା ପାଇଁ କହିଥିଲେ । ଫଳରେ ହିତାଧିକାରୀମାନେ ପାଟିତୁଣ୍ଡ କରିଥିଲେ।

### ଶିଶୁ ଦେହରେ ନିଆଁ ଲଗାଇ ମା'ର ଆତ୍ମହତ୍ୟା ଉଦ୍ୟମ

■ ଉଭୟ ଗୁରୁତର ଅବସ୍ଥାରେ ଡ଼ାକ୍ତରଖାନାରେ ଭର୍ତ୍ତି

ଦେବଗଡ ୧୮।୭(ଡି.ଏନ.ଏ)

ଦେବଗଡ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ଚଟୁପାଲି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ମା' ଓ ଶିଶୁ ନିଆଁରେ ପୋଡି ଗୁରୁତର ହୋଇଥିବା ଜଣାପଡିଛି । ଚଟୁପାଲି ଗ୍ରାମର ସୁକାନ୍ତି ଓରାମ ନିଜର ୩ ବର୍ଷର ଶିଶୁକନ୍ୟା ଦେହରେ କିରୋସିନ ଢାଳି ନିଆଁ ଲଗାଇବା ପରେ ନିଜ ଦେହରେ ମଧ ନିଆଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମହିଳାଙ୍କ ସ୍ୱାମୀ ଜାଣିବା ପରେ ଉଭୟଙ୍କୁ ଉଦ୍ଧାର କରିବା ସହ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ଖବରପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜଗଦିଶ ଚନ୍ଦ୍ର ବାରିକ ଉଭୟଙ୍କର ସ୍ୱତନ୍ତ୍ର ଚିକିତ୍ସାର ବ୍ୟବସ୍ଥା କରୁଛନ୍ତି। ଏଭଳି ଘଟଣାର ପ୍ରକୃତ କାରଣ ଜଣାପଡିନାହିଁ। ମାନସିକ ରୋଗରେ ପୀଡିତ ଥିବାରୁ ସୁକାନ୍ତି ଶିଶୁ ଦେହରେ ନିଆଁ ଲଗାଇବାପରେ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ତାଙ୍କ ସ୍ୱାମୀ ଗନ୍ଧର୍ବ ଓରାମ ପ୍ରକାଶ କରିଛନ୍ତି।

# ତଦନ୍ତରେ ସଫଳତା ପାଇଥିବା ୪୦ ଆଇଓ ସମ୍ବର୍ଦ୍ଧିତ



କ୍ରାଇମ ବ୍ରାଞ୍ଚ ସମ୍ମିଳନୀ କକ୍ଷରେ ଡିଜିପି ଡ. ଆର୍.ପି. ଶର୍ମା ଓ ବରିଷ୍ଠ ଅଧିକାରୀଙ୍କ ଗହଣରେ ଉପସ୍ଥିତ ସମ୍ବର୍ଦ୍ଧିତ ହୋଇଥିବା ପୋଲିସ ଅଧିକାରୀମାନେ।

କଟକ ଅଫିସ,୧୮।୭

କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କ୍ଷେତ୍ରରେ ସଫଳତା ପାଇଥିବା ୪୦ ଜଣ ତଦନ୍ତକାରୀ ଅଧିକାରୀ (ଆଇଓ)ଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବଳାତ୍କାର, ହତ୍ୟା ଭଳି ଜଘନ୍ୟ ଆପରାଧିକ ମାମଲାରେ ଠିକ୍ ତଦନ୍ତ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛ। ସମ୍ବର୍ଦ୍ଧିତ ହୋଇଥିବା ଅଫିସରମାନେ ହେଲେ କୋରାପୁଟ ଏସ୍‌ପି କନୱାର ବିଶାଲ ସିଂ, କ୍ରାଇମବ୍ରାଞ୍ଚ ଏସ୍‌ପି ମଡକର ସନ୍ଦୀପ ସମ୍ପତ୍ତ, ଏସ୍‌ଟିଏଫ୍‌ର ଡିଏସ୍‌ପି ପ୍ରିୟରଞ୍ଜନ ଶତପଥୀ, ଏଚ୍‌ଆରପିସି ଡିଏସ୍‌ପି ରଞ୍ଜିତ୍ ନାୟକ, ମୟୂରଭଞ୍ଜ ଜିଲା ଉଦଳା ଏସ୍‌ଡିପିଓ ସ୍ୱପ୍ନା ରଞ୍ଜନ ମହାପାତ୍ର। ସେହିପରି ଇନ୍ସପେକ୍ଟର ର୍‍ୟାଙ୍କର କମିଶନରେଟ୍ ପୋଲିସ ଭୁବନେଶ୍ୱରର ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ନୟାଗଡ ପୋଲିସ ଜିଲାର ନିରଞ୍ଜନ ଧୀର, ଦେଓଗଡର ସୁରେନ୍ଦ୍ର ନାୟକ, ବୌଦ୍ଧର ଗୋପୀନାଥ ପ୍ରଧାନ, ଭୁବନେଶ୍ୱର ଭିଜିଲାନ୍ସ ସେଲ୍‌ର ରୂପାଧର ନାୟକ, କନ୍ଧମାଳର ପି. ଶ୍ୟାମସୁନ୍ଦର ରାଓ, କଟକ ଭିଜିଲାନ୍ସ ଡିଭିଜନର ଅନୁପମା ସାହୁ, ରାଉରକେଲା ଭିଜିଲାନ୍ସର ରୀତାଞ୍ଜଳି ପ୍ରଧାନ, ମାଲକାନଗିରିର ରଞ୍ଜନ ସାହୁ, ନୂଆପଡାର ସୁଧୀର ସାହୁ, ଜଗତ୍‌ସିଂହପୁର ରଜନୀକାନ୍ତ ମିଶ୍ର, ମୟୂରଭଞ୍ଜର ମୁକ୍ତି କୁମାର କୁଲୁ, ବଲାଙ୍ଗୀରର ସଂଗ୍ରାମ କିଶୋର ପଟ୍ଟନାୟକ, ପୁରୀର ଅଭିମନ୍ୟୁ ନାୟକ, ଅନୁଗୋଳର ପ୍ରୀତିମଞ୍ଜରୀ ମେଣ୍ଡୁଲି, କେନ୍ଦୁଝରର ମାନସ ରଞ୍ଜନ ବାରିକ, କୋରାପୁଟର ଗୌରହରି ସାହୁ, ରାୟଗଡାର ସୁଜ୍ଞାନୀ ସାହୁ, କମିଶନରେଟ ପୋଲିସ କଟକର ଅନୀତା ସାହୁ, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ସରିତା ତ୍ରିପାଠୀ, ରାଉରକେଲାର ସନ୍ତୋଷ ଜେନା, କମିଶନରେଟ ପୋଲିସ ଭୁବନେଶ୍ୱରର ଜୟଦେବ ବିଶ୍ୱଜିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସେହିପରି ଏସ୍‌ଆଇ ର୍‍ୟାଙ୍କର ଯାଜପୁରର ଜିନିମା ସାମଲ, ଅନୁଗୋଳର ଯୁଗୋଳ କିଶୋର ଦାସ, ଗଜପତିର ଆଲୋକ ରଞ୍ଜନ ଜଗଦଲ, ଦେଓଗଡର ସଞ୍ଜୀବ ରଣଭିଁଶା, ଇଓଡବ୍ଲ୍ୟୁର ସୁଶାନ୍ତ ବଢେଇ, ଗଞ୍ଜାମର ସୁଶାନ୍ତ ପ୍ରଧାନ, ବାଲେଶ୍ୱରର ମନୋରମା ବାରିକ, ନୂଆପଡାର ସଦାନନ୍ଦ ନାୟକ, ଗଞ୍ଜାମର ବିୟୁଟି ମହାନ୍ତି, ଭଦ୍ରକର ସୁଜାତା ଖମାରି, କେନ୍ଦୁଝରର ପ୍ରତିଭା ମଞ୍ଜରୀ ସାହୁ, ବାଲେଶ୍ୱରର ପ୍ରଶାନ୍ତ ଜେନା, କେନ୍ଦ୍ରାପଡାର ତ୍ରିଲୋଚନ ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି। କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରତିବର୍ଷ ଏଭଳି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଉଛି। ଏହାଦ୍ୱାରା ଆଇଓମାନଙ୍କର ତଦନ୍ତକ୍ଷେତ୍ରରେ ଆଗ୍ରହ ବଢିବ ବୋଲି ଡିଜିପି କହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅରୁଣ ବୋଥ୍ରା ଉପସ୍ଥିତ ଥିଲେ।

### କୁଳଭୂଷଣଙ୍କୁ ତୁରନ୍ତ ମୁକ୍ତ କରୁ ପାକିସ୍ତାନ: ଜୟଶଙ୍କର

ନୂଆଦିଲ୍ଲୀ, ୧୮।୭(ପି.ଟି.): କୁଳଭୂଷଣ ଯାଦବଙ୍କ ମୃତ୍ୟୁଦଣ୍ଡାଦେଶର ସମୀକ୍ଷା କରିବା ଲାଗି ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ପାକିସ୍ତାନକୁ ନିର୍ଦ୍ଦେଶ ଦେବାର ଦିନକ ପରେ ଇସ୍‌ଲାମାବାଦ ତାଙ୍କୁ ତୁରନ୍ତ ମୁକ୍ତକରୁ ବୋଲି ଗୁରୁବାର ଭାରତ ପକ୍ଷରୁ ଦାବି କରାଯାଇଛି। ଏହି ପୂର୍ବତନ ନୌସେନା ଅଧିକାରୀଙ୍କୁ ଫେରାଇ ଆଣିବା ଲାଗି ଭାରତ ତା'ର ଉଦ୍ୟମ ଜାରି ରଖିବ ବୋଲି ପାର୍ଲାମେଣ୍ଟର ଉଭୟ ଗୃହରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି।

### ସିବିଆଇ ଏସ୍‌ପି ହେଲେ ସୁଧା ସିଂ

ଭୁବନେଶ୍ୱର, ୧୮।୭(ବ୍ୟୁରୋ)

ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ଜଗତ୍‌ସିଂହପୁର ଏସ୍‌ପି ସୁଧା ସିଂ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ତାଙ୍କୁ ସିବିଆଇ ଏସ୍‌ପି ଭାବେ ନବନିଯୁକ୍ତି ମିଳିଛି। ଏହିଦାୟିତ୍ୱରେ ସେ ୪ବର୍ଷ ରହିବେ ବୋଲି ଜଣାପଡିଛି। ଡେପୁଟେଶନରେ ଯିବା ପାଇଁ ତାଙ୍କୁ ରାଜ୍ୟ ସରକାର ଅନୁମତି ଦେଇଥିଲେ। ୨୦୦୬ ବ୍ୟାଚର ଏହି ଆଇପିଏସ୍ ଅଫିସର ପୂର୍ବରୁ ଭିଜିଲାନ୍ସ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ତାଙ୍କ ସ୍ଥାନରେ ଜଗତ୍‌ସିଂହପୁରର ନୂଆ ଏସ୍‌ପି ଭାବେ କାହାକୁ ନିଯୁକ୍ତି ମିଳିନି। ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡିଛି।

### ଯକ୍ଷ୍ମା ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ





ଯକ୍ଷ୍ମା ରୋଗ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ,୧୮।୭ (ଡି.ଏନ.ଏ)

ଦେବଗଡ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନି କକ୍ଷରେ ମାରାତ୍ମକ ଯକ୍ଷ୍ମା ରୋଗ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ଡ୍ରଗିଷ୍ଟ ଓ କେମିଷ୍ଟ ସଂଘର କର୍ମକର୍ତ୍ତା ମାନଙ୍କୁ ନେଇ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମନୋଜ କୁମାର ଉପାଧ୍ୟାୟ ସଭାପତିତ୍ୱ କରିଥିଲେ। ଟିବି ଅଧିକାରୀ ଡ. ପ୍ରଭାତ କୁମାର ଓଝା ଓ ଡ୍ରଗ ଇନ୍ସପେକ୍ଟର ଦେବାଶିଷ ପାତ୍ର ପ୍ରମୁଖ ମଞ୍ଚାସୀନ ରହି ଯକ୍ଷ୍ମା ରୋଗର କାରଣ , ନିରାକରଣ ଓ ଏହାର ଦୂରୀକରଣ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦେବଗଡ ଜିଲା ଡ୍ରଗିଷ୍ଟ ଓ କେମିଷ୍ଟ ସଂଘର ସଭାପତି ମୋତିଲାଲ ଶର୍ମା ଓ ସମ୍ପାଦକ ସରୋଜ କୁମାର ପାଢୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।

- ଭଗବାନ ଶ୍ରୀକୃଷ୍ଣ

# ସମ୍ବଲପୁର ଜିଲାରେ ମରୁଡ଼ି ଆଶଙ୍କା

- ପୁଣି ଧୋକାଦେଲା ମୌସୁମୀ
- ଜୁନ୍, ଜୁଲାଇରେ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ରେକର୍ଡ
- ଚାଷ କାର୍ଯ୍ୟ ପ୍ରଭାବିତ, ଚିନ୍ତାରେ ଚାଷୀ

ସମ୍ବଲପୁର,୧୮।୭(ବ୍ୟୁରୋ)

ମୌସୁମୀ ଚାଷୀଙ୍କୁ ଧୋକା ଦେଇଛି। ଜୁନ, ଜୁଲାଇ ମାସରେ ସମ୍ବଲପୁର ଜିଲାରେ ଆବଶ୍ୟକତାଠାରୁ କମ୍ ବୃଷ୍ଟିପାତ ହୋଇଛି। ଫଳରେ ଜିଲାରେ ମରୁଡି ଆଶଙ୍କା ଦେଖାଦେଇଛି। ଜୁନ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିଲେ ମଧ୍ୟ ଅଣ ଜଳସେଚିତ ଅଞ୍ଚଳରେ ଚାଷୀ ଧାନ ବୁଣିଥିଲେ। ବର୍ତ୍ତମାନ ବର୍ଷା ଅଭାବରୁ ବିଭିନ୍ନ ସ୍ଥାନରେ ଜମି ଫାଟି ଆଁ କରିଥିବା ବେଳେ ଧାନ ଗଛ ମରିବାରେ ଲାଗିଛି। ଏନେଇ ଚାଷୀ ଚିନ୍ତାରେ ପଡିଛନ୍ତି।

ମିଳିଥିବା ତଥ୍ୟ ମୁତାବକ, ଖରିଫ୍‌ରେ ଜିଲାରେ ୧ଲକ୍ଷ ୭ହଜାର ୯୦ହେକ୍ଟର ଜମିରେ ଚାଷ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ଜିଲାରେ ୪୩ ହଜାର ୭୬୩ ହେକ୍ଟର ଅଣଜଳସେଚିତ ଜମି ରହିଛି। ବର୍ତ୍ତମାନ ସୁଦ୍ଧା ୩୫ ହଜାର ୬୩୫ ହେକ୍ଟର ଅଣଜଳସେଚିତ ଜମିରେ ଧାନ ବୁଣା କାର୍ଯ୍ୟ ଶେଷ ହୋଇଛି। ହେଲେ ବର୍ଷା ଅଭାବରୁ ବାକି ଜମି ପଡ଼ିଆ ପଡିଛି । ସେହିପରି ୬୩ ହଜାର ୩୨୭ ହେକ୍ଟର ଜଳସେଚିତ ଜମିରେ ଚାଷ କାର୍ଯ୍ୟ ଲକ୍ଷ୍ୟ ରଖାଯାଇଛି। ହେଲେ ମାତ୍ର ୬୧୦ ହେକ୍ଟର ଜମିରେ ଚାଷ ହୋଇଥିବା କୃଷି ବିଭାଗର ଏକ ରିପୋର୍ଟରେ ଦର୍ଶାଯାଇଛି। ଆଗକୁ ବର୍ଷା ନ ହେଲେ ଜିଲାରେ ମରୁଡି ପରିସ୍ଥିତି ଦେଖା ଦେବ ବୋଲି ଚାଷୀମାନେ କହିଛନ୍ତି।

ଅନ୍ୟପକ୍ଷେ ଜୁନ ଓ ଜୁଲାଇରେ ସ୍ୱଳ୍ପ ବୃଷ୍ଟି ହୋଇଥିବା ରେକର୍ଡ କରାଯାଇଛି। ଜୁନ ମାସରେ ଜିଲାରେ ୨୨୧.୩୨ ମି.ମି. ବର୍ଷା ହେବା କଥା। ହେଲେ ୧୪୦.୩୨ ମି.ମି. ବର୍ଷା ହୋଇଥିବା ରେକର୍ଡ ହୋଇଛି। ଜୁଲାଇ ମାସରେ ଲଘୁଚାପ ଓ ମୌସୁମୀ ବର୍ଷା ହେବ ବୋଲି ଚାଷୀ ଆଶା କରିଥିଲେ। ଏଥିରେ ଚାଷୀଙ୍କୁ ନିରାଶ ହେବାକୁ ପଡିଛି। ଜୁଲାଇ ମାସରେ ଜିଲାରେ ସାଧାରଣତଃ ୪୨୯.୦୫ ମି.ମି.ବର୍ଷା ହେବା କଥା। ହେଲେ ଜୁଲାଇ ୧୬ ତାରିଖ ସୁଦ୍ଧା ଜିଲାରେ ୧୯୪.୭୧ ମି.ମି. ବର୍ଷା ରେକର୍ଡ ହୋଇଛି। ଚାଷ କାର୍ଯ୍ୟ ଆରମ୍ଭରୁ ବର୍ଷାର ଅନିୟମିତତା ଯୋଗୁ ଚାଷୀ ହତାଶ ହୋଇପଡିଛନ୍ତି। ଏନେଇ ଜିଲା କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ରନାଥ ଜେନାଙ୍କୁ ପଚାରିବାରୁ ଜୁନ, ଜୁଲାଇ ମାସରେ ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ରେକର୍ଡ ହୋଇଛି। ଆଗକୁ ବର୍ଷା ନ ହେଲେ ଜିଲାରେ ଚାଷ କାର୍ଯ୍ୟ ପ୍ରଭାବିତ ହେବ ବୋଲି କହିଛନ୍ତି।

ସୂଚନା ଯୋଗ୍ୟ, ଜୁଲାଇ ୧୬ ତାରିଖ ପର୍ଯ୍ୟନ୍ତ ଜିଲାର ବାମରା ବ୍ଲକରେ ୧୯୬.୨୦ମି.ମି. ବର୍ଷା ହୋଇଥିବା ବେଳେ କୁଚିଣ୍ଡାରେ ୧୯୧.୬୦ ମି.ମି., ରେଙ୍ଗାଲିରେ ୨୨୩.୬୦ ମି.ମି., ମାନେଶ୍ୱରରେ ୨୦୭.୦୭ ମି.ମି., ଝୁଜୁମୁରାରେ ୨୬୬.୬୦ ମି.ମି., ନାକଟିଦେଉଳରେ ୯୪ ମି.ମି., ରେଢାଖୋଲ ବ୍ଲକରେ ୧୮୮.୭୦ ମି.ମି., ଜମନକିରା ବ୍ଲକରେ ୨୦୧.୦୮ମି.ମି., ଧନକଉଡା ବ୍ଲକରେ ୧୮୭.୧୦ମି.ମି. ବର୍ଷା ରେକର୍ଡକରାଯାଇଛି।



ସମ୍ବଲପୁର ଜିଲାରେ ବର୍ଷା ଅଭାବରୁ ଜମି ଶୁଖିଲା ପଡିଛି ।

# ଡିଆଇଜିଙ୍କୁ ଭେଟିଲା ବରଗଡ଼ ଓକିଲ ସଂଘ

ସମ୍ବଲପୁର,୧୮।୭(ବ୍ୟୁରୋ)

ବରଗଡ଼ ଜିଲା ଓକିଲ ସଂଘ ସଭ୍ୟଙ୍କୁ ସଦର ଥାନା ଆଇଆଇସିଙ୍କ ଦୁର୍ବ୍ୟବହାର ଘଟଣା ତେଜିବାରେ ଲାଗିଛି। ଗୁରୁବାର ଜିଲା ଓକିଲ ସଂଘ କର୍ମକର୍ତ୍ତା ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରଗଡ଼ ଜିଲା ସଦର ଆଇଆଇସି କଲ୍ୟାଣୀ ବେହେରାଙ୍କୁ ଜିଲାରୁ ଅନ୍ୟ ଜିଲାକୁ ବଦଳି କରିବାକୁ ଦାବି କରିଛନ୍ତି। ଏଥିସହ ଜିଲାରେ ଦେଖା ଦେଇଥିବା ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଡିଆଇଜି ସତ୍ୟବ୍ରତ ଭୋଇ ପ୍ରତିନିଧି ଦଳଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପରି କି ଆଇଆଇସିଙ୍କୁ ସଦର ଥାନାରୁ ବଦଳି କରାଯାଇଛି ବୋଲି କହିଥିଲେ। ଏନେଇ ଆନ୍ଦୋଳନ ସ୍ଥଗିତ କରିବାକୁ ସଂଘ କର୍ମକର୍ତ୍ତାଙ୍କୁ ଅନୁରୋଧ କହିଥିଲେ । ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ବରଗଡ଼ ଜିଲା ଓକିଲ ସଂଘ ସଭ୍ୟ ବିନୟ ଯୋଶୀ କୌଣସି ଏକ ମାମଲା କାମରେ ସଦର ଥାନା ଯାଇଥିଲେ । ସେଠାରେ କାର୍ଯ୍ୟରତ ଆଇଆଇସି କଲ୍ୟାଣୀ ବେହେରା ଓ ତାଙ୍କ ସହକର୍ମୀମାନେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ଏହି ଘଟଣାକୁ ନେଇ ଜିଲା ଓକିଲ ସଂଘ ପକ୍ଷରୁ ବରଗଡ଼ ସଦର ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଶୁକ୍ରବାର ସାଧାରଣ ପରିଷଦ ବୈଠକ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ଜିଲା ଓକିଲ ସଂଘ ପକ୍ଷରୁ କୁହାଯାଇଥିଲା। ପ୍ରତିନିଧି ଦଳରେ ସଂଘ ସଭାପତି ବେଲାଳସେନ ସରାଫ, ସମ୍ପାଦକ ହେମନ୍ତ ପୁରୋହିତ, କାର୍ଯ୍ୟକାରୀ କମିଟି ସଭ୍ୟ ଅଶୋକ କୁମାର ଯୋଶୀ, ଶରଦ କୁମାର ପ୍ରଧାନ, ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ବୀରେନ୍ଦ୍ର ହାତୀ, ଲିପସିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

କଲେଜ ଛାତ୍ରୀଙ୍କୁ ବଳାତ୍କାର ଘଟଣା

### ଅଭିଯୁକ୍ତ ଶିକ୍ଷକଙ୍କ ଥାନାରେ ଆତ୍ମସମର୍ପଣ

ସମ୍ବଲପୁର/କୁଚିଣ୍ଡା, ୧୮।୭(ବ୍ୟୁରୋ/ଡି.ଏନ୍.ଏ.): ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ଘଟଣାରେ ସମ୍ପୃକ୍ତ ଶିକ୍ଷକ ପ୍ରମୋଦ ଖର୍ସେଲ କୁଚିଣ୍ଡା ଥାନାରେ ଆତ୍ମସମର୍ପଣ କରିଥିଲେ। ପୋଲିସ ତାଙ୍କୁ ଗିରଫ କରି ଡାକ୍ତରୀ ମାଇନା ପରେ ଗୁରୁବାର କୋର୍ଟ ଚାଲାଣ କରିଥିଲା। ଏନେଇ କୁଚିଣ୍ଡା ଥାନାରେ ଏକ ବଳାତ୍କାର ମାମଲା(ନଂ (୧୬୩/୧୯) ରୁଜୁ ହୋଇଛି।

### ନର୍ସିଂ ସ୍କୁଲ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଜାରି

ସମ୍ବଲପୁର,୧୮।୭(ବ୍ୟୁରୋ): ସମ୍ବଲପୁର ବୁର୍ଲା ଭିମ୍‌ସାର ନର୍ସିଂ ସ୍କୁଲ ଛାତୀଛାତ୍ରଙ୍କ ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି । ଆନ୍ଦୋଳନକୁ ଏବିଭିପି ପକ୍ଷରୁ ସମର୍ଥନ କରାଯାଇଛି। ଗୁରୁବାର ଶତାଧିକ ଛାତ୍ରୀଛାତ୍ର ବୁର୍ଲା ସହରରେ ଏକ ରାଲିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମେଡିକାଲରେ ପହଞ୍ଚି ଧାରଣାରେ ବସିଥିଲେ। ଏପରି କି ନର୍ସିଂ ସ୍କୁଲ ଅଧକ୍ଷା ସ୍ନେହଲତା ଓରାମଙ୍କୁ ଛାତ୍ରୀଛାତ୍ରମାନେ ବହିଷ୍କାର ଦାବି କରିଥିଲେ। ଅନ୍ୟପକ୍ଷେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଘଟଣାର ତଦନ୍ତ କରିବ ବୋଲି ଜଣାପଡିଛି। ଏ ନେଇ ନର୍ସିଂ ସ୍କୁଲ ଅଧକ୍ଷ ସ୍ନେହଲତାଙ୍କୁ ପଚାରିବାରୁ ହଷ୍ଟେଲ ଏବଂ ସ୍କୁଲରେ ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି କେତେକ ନିୟମକୁ କଡାକଡି କରାଯାଇଛି। ହେଲେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରୁଥିବା ସେ କହିଥିଲେ।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ସମ୍ବଲପୁର,୧୮।୭(ବ୍ୟୁରୋ): ସମ୍ବଲପୁର ଜିଲା ଟାଉନ ଥାନା ହାଇସିଂ ବୋର୍ଡ କଲୋନୀରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ସେ ହେଲେ ମୁଦିପଡ଼ାର ସୁରଜ ଶର୍ମା (୨୩) । ମିଳିଥିବା ସୂଚନା ମୁତାବକ, ସୁରଜ ଗୁରୁବାର ହାଇସିଂ ବୋର୍ଡ କଲୋନୀରେ ଇଲେକ୍ଟ୍ରି ଓ୍ୟାରିଂ କାମ କରୁଥିଲେ। ସେତିକିବେଳେ ଏକ ବିଦ୍ୟୁତ୍ ତାର ଛିଣ୍ଡି ଦେହରେ ପଡିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଟାଉନ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ସଦର ଡାକ୍ତରଖାନା ପଠାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ନେଲସନ ମଣ୍ଡେଲାଙ୍କ ଜନ୍ମବାର୍ଷିକୀ ପାଳିତ

ସମ୍ବଲପୁର, ୧୮।୭ (ବ୍ୟୁରୋ): ବିଶ୍ୱ ବର୍ଣ୍ଣ ବୈଷମ୍ୟ ବିରୋଧି ଆନ୍ଦୋଳନର ଅଗ୍ରସାରଥି ତଥା ଦକ୍ଷୀଣ ଆଫ୍ରିକା ପୂର୍ବତନ ରାଷ୍ଟ୍ରପତି ନେଲସନ ମଣ୍ଡେଲାଙ୍କ ଜନ୍ମ ଶତବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି । ଭାରତ ଶାନ୍ତି ଓ ସାଂସ୍କୃତିକ ସହଯୋଗ ସମିତି (ଇସକପ୍) ସମ୍ବଲପୁର ଶାଖା ପକ୍ଷରୁ କଚେରି ଛକଠାରେ କାର୍ଯ୍ୟକ୍ରମ ହୋଇଥିଲା। ନେଲସନ୍ ମଣ୍ଡେଲାଙ୍କ ପ୍ରତି ଛବିରେ ମାଲ୍ୟାର୍ପଣ ପରେ ଜୟଧ୍ୱନୀ କରାଯାଇଥିଲା । ଇସକପ୍ ଜିଲା ସଭାପତି ଡା. ରମାବଲ୍ଲଭ ମିଶ୍ର, ଜାତୀୟ ଉପସଭାପତି ଅଶୋକ ବିଶି, ସୁରେଶ୍ୱର ମିଶ୍ର, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲା ସମ୍ପାଦକ ଏନ୍. ଗୋପାଳ, ଅଶୋକ ବେରିହା, ଚନ୍ଦ୍ରକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ଭିସୁଟ୍‌ରେ ଦ୍ୱିତୀୟ ଦିନରେ ଅଧ୍ୟାପକଙ୍କ ଧାରଣା

ସମ୍ବଲପୁର/ଚିପିଲିମା,୧୮।୭ (ବ୍ୟୁରୋ/ଡି.ଏନ୍.ଏ.): ସମ୍ବଲପୁର ବୁର୍ଲା ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଭିସୁଟ୍) ଅଧ୍ୟାପକଙ୍କ ଆନ୍ଦୋଳନ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି । ସମସ୍ୟାର ସମାଧାନ ପାଇଁ ଉପଜିଲାପାଳ ପ୍ରଦୀପ କୁମାର ସାହୁ ଅଧ୍ୟାପକଙ୍କ ସହ ଆଲୋଚନା କରିଥିଲେ । ହେଲେ ଅଧ୍ୟାପକ ସଂଘ ପକ୍ଷରୁ ସମସ୍ତ ୧୦ ଦଫା ଦାବି ପୂରଣ କରିଥିଲେ । କୁଳପତି ଅଟଳ ଚୌଧୁରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ହେଲେ କୁଳପତି ସମସ୍ତ ଦାବି ପୂରଣ କରି ହେବ ନାହିଁ ବୋଲି କହିଥିଲେ। ଫଳରେ ଆନ୍ଦୋଳନ ଜାରି ରହିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ସିଶାଲଫାର୍ମପଡ଼ାରେ ଶ୍ରୀଜୀଉଙ୍କ ବାହୁଡ଼ା ଯାତ୍ରା

ବାମରା, ୧୮।୭ (ସ୍ୱ.ପ୍ର.)

ବାମରାସ୍ଥିତ ସିଶାଲଫାର୍ମପଡ଼ାରେ ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା ରୀତିନୀତି ଅନୁଯାୟୀ ଗୁରୁବାର ସମ୍ପନ୍ନ ହୋଇଛି। କାର୍ତ୍ତିକ ବାଘଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାହୁଡ଼ାଯାତ୍ରାରେ ଲଇକେରା ବ୍ଲକ ତପଗୁଞ୍ଜା ଗ୍ରାମର ସମ୍ପ୍ରଦା ମଣ୍ଡଳୀ ଭଜନ କୀର୍ତ୍ତନ କରିଥିଲେ। ବାମରା ତଥା ଆଖପାଖ ଅଞ୍ଚଳର ସିଶାଲଫାର୍ମପଡ଼ାର ବାହୁଡ଼ାଯାତ୍ରା ଶେଷ ଯାତ୍ରା ଭାବେ ଜଣାଶୁଣା। କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ମାଝି ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ। ଏଥିରେ ହରିରାମ ବାଦି, ପରବେଶ ନାଏକ, ପିଣ୍ଟୁମାଝି, ରବିମାଝି, ପରମେଶ୍ୱର ରକ୍ସା ପ୍ରମୁଖ ସହଯୋଗ କରିଥିଲେ।



ସିଶାଲଫାର୍ମପଡ଼ାରେ ଗୁରୁବାର ଶ୍ରୀଜୀଉଙ୍କ ବାହୁଡ଼ାଯାତ୍ରା।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସମ୍ବଲପୁର,୧୮।୭(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ସୁନାପାଲି ଗ୍ରାମରୁ ପୋଲିସ ଗୁରୁବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତହେଦ ଉଦ୍ଧାର କରିଛି । ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁର ପ୍ରମୋଦ ନାଏକ(୪୭) । ପ୍ରମୋଦ ଏକ କମ୍ପାନୀରେ ଡ୍ରାଇଭର ଭାବେ କାମ କରୁଥିଲେ । ସୂଚନାଯୋଗ୍ୟ, ପ୍ରମୋଦ ବୁଧବାର ରାତିରେ କାମ ସାରି ଘରକୁ ଆସିଥିଲେ। ହେଲେ କୌଣସି କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ପ୍ରମୋଦ ଏକ କୋଠରିରେ କବାଟ ବନ୍ଦ କରି ଶୋଇଥିଲେ। ହେଲେ ସେ ଗୁରୁବାର ସକାଳେ କବାଟ ଖୋଲି ନ ଥିଲେ। ଏନେଇ ଧନୁପାଲି ଥାନାକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି କବାଟ ଖୋଲି ପ୍ରମୋଦଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏନେଇ ଧନୁପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୬/୧୯) ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

## ବାଇକ୍ ଦୁର୍ଘଟଣା, ଜଣେ ଗୁରୁତର

ବାମରା, ୧୮।୭ (ସ୍ୱ.ପ୍ର.): ବାମରା ସରକାରୀ ଡାକ ବଙ୍ଗଳା ସମ୍ମୁଖରେ ଗୁରୁବାର ରାତି ପ୍ରାୟ ୮ଟାରେ ଏକ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ବାମରା ବ୍ଲକର ଗୁର୍ଲା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକ(୪୦) ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ପୂର୍ଣ୍ଣଚନ୍ଦ୍ର ଏବଂ ବସନ୍ତ ଏକ ବାଇକ୍ ଯୋଗେ ବାମରା ଏକ ପେଟ୍ରୋଲ ପମ୍ପରେ ପହଞ୍ଚି ଥିଲେ। ସେଠାରେ ସେମାନେ ବାଇକ୍‌ରେ ପେଟ୍ରୋଲ ପକାଇ ଘରକୁ ଯାଉଥିଲେ। ହେଲେ ସରକାରୀ ଡାକ ବଙ୍ଗଳା ସମ୍ମୁଖରେ ବୁଲା ଗୋରୁଙ୍କ ସହ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ସେମାନେ ରାସ୍ତାରେ ଛଟିକି ପଡିଥିଲେ। ଫଳରେ ପୂର୍ଣ୍ଣଚନ୍ଦ୍ରଙ୍କ ମୁଣ୍ଡ ଓ ଛାତିରେ ଗୁରୁତର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

- ସର୍ବଭାରତୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍

# ପୂର୍ବତଟ ରେଳ ସୁରକ୍ଷା ବଳ ରନର୍ସଅପ୍

ସମ୍ବଲପୁର,୧୮।୭(ବ୍ୟୁରୋ)

ସର୍ବ ଭାରତୀୟ ରେଳ ସୁରକ୍ଷା ବଳ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ରନର୍ସଅପ୍ ଟ୍ରଫି ହାସଲ କରିଛି। ସେହିପରି ଓପନ ସିଙ୍ଗଲରେ ପି. କୁମାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଗୁରୁବାର ରନର୍ସଅପ୍ ଦଳକୁ ସିନିୟର କମାଣ୍ଡେଣ୍ଟ ଅଜିତ କୁମାର ବର୍ଣ୍ଣୱାଲ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ଆନ୍ତଃ ରେଳ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆହ୍ଲାବାଦ ଏନ୍‌ସି ରେଳୱେଠାରେ ହୋଇଥିଲା । ଏଥିରେ ସମ୍ବଲପୁର ମଣ୍ଡଳ ଅଧୀନ ରେଳ ସୁରକ୍ଷା ବଳର ୬ଜଣ ଖେଳାଳି ସାମିଲ ହୋଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀଙ୍କ ସହ ଗ୍ରାମବାସୀ।

- ତଳାବିରା ୨, ୩ କୋଇଲା ଖଣି ଖନନ

# ତ୍ରିପାକ୍ଷିକ ବୈଠକ ବିଫଳ

ରେଙ୍ଗାଲି,୧୮।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକଲୋଇ ଥାନାରେ ତଳାବିରା ୨ ଏବଂ ୩ କୋଇଲା ଖଣି ଖନନ ପାଇଁ ଗ୍ରାମବାସୀ, କମ୍ପାନୀ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ବୈଠକରେ କୌଣସି ସମାଧାନ ନ ହୋଇ ବିଫଳ ହୋଇଥିବା ଜଣାପଡିଛି। ତଳାବିରା ୨ ଏବଂ ୩ କୋଇଲା ଖଣି ଖନନ ପାଇଁ ଏନ୍‌ଏଲ୍‌ସି କମ୍ପାନୀ କାର୍ଯ୍ୟ ଆରମ୍ଭ କରିଛି। ହେଲେ ଗ୍ରାମବାସୀଙ୍କ ବିରୋଧ ଯୋଗୁ କାମ ଆଗେଇ ପାରୁନାହିଁ। ସମସ୍ୟାର ସମାଧାନ ନେଇ ଗୁରୁବାର ଠେଲକଲୋଇ ଥାନାରେ ଏକ ତ୍ରିପାକ୍ଷୀକ ବୈଠକ ହୋଇଥିଲା। ଏଥିରେ ଥାନା ଅଧିକାରୀ ସୁରେଶ ସାହୁ, ରେଙ୍ଗାଲି ତହସିଲଦାର ଭିକ୍ଟୋରିଆ ଏକ୍କା, ଏନ୍‌ଏଲ୍‌ସି କମ୍ପାନୀ ଜିଏମ୍ ସୁରେଶ ସୁମନ, ଆଦାନୀ କମ୍ପାନୀର ସିଇଓ ମନୋଜ ଅଗ୍ରୱାଲ, ଭାଇସ ପ୍ରେସିଡେଣ୍ଟ ପି.କେ. ପଣ୍ଡାଙ୍କ ସହ ଗ୍ରାମବାସୀମାନଙ୍କ ମଧ୍ୟରୁ ବାବୁଲୁ ରାଉତ, ଟିଙ୍କୁ ଶତପଥୀ, ପଦ୍ମଲୋଚନ ଧର, ପ୍ରଦୀପ ପାତ୍ର, କୃପା ବୁଧିଆ, ପ୍ୟାରି ବୁଧିଆ, କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମବାସୀ ସ୍ଥାନୀୟ ନିଯୁକ୍ତି, ଉଚିତ୍ କ୍ଷତିପୂରଣ ଏବଂ ସରକାରଙ୍କ ନିୟମ ଅନୁସାରେ ଗ୍ରାମବାସୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଥିଲେ। ହେଲେ ବୈଠକରେ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହିପରି ବାରମ୍ବାର ବୈଠକ ବସୁଥିବା ବେଳେ କୌଣସି ସମାଧାନ ହେଉ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବୁଧିଆପାଲି, ଝିଣ୍ଡା, ତଳାବିରା ଗ୍ରାମବାସୀ ଉପସ୍ଥିତ ଥିଲେ ।

# ମନ୍ଦିରର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ଶେଷ

ସମ୍ବଲପୁର,୧୮।୭(ବ୍ୟୁରୋ)

ସମ୍ବଲପୁର କ୍ଷେତରାଜପୁର ମା' ବୈଷ୍ଣୋଦେବୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ପାରଦେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାରଠାରୁ ଜୁଲାଇ ୨୨ ତାରିଖ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେବ । ୧୦୮ କେଜି ପାରଦ ମିଶ୍ରିତ ଶିବଲିଙ୍ଗ ତିଆରି କରାଯାଇଛି। ଏହା ଓଡ଼ିଶାରେ ପ୍ରଥମ ବୋଲି ଆୟୋଜକ ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ କମିଟି ପକ୍ଷରୁ ସୂଚିତ କରାଯାଇଛି ।



ପାରଦରେ ମିଶ୍ରିତ ନିର୍ମାଣ ହୋଇଥିବା ଶିବଲିଙ୍ଗ ।

## ଫଟୋରେ ଖବର




ଗୁରୁବାର ରୋଟାରୀ କ୍ଲବ ସମ୍ବଲପୁର ୱେଷ୍ଟ ପକ୍ଷରୁ ସଦର ଡାକ୍ତରଖାନା ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଶିଶୁଙ୍କ ବ୍ୟବହୃତ ସାମଗ୍ରୀ ବଣ୍ଟନ କରାଯାଉଛି ।



ମାଲେସିଆ ଶିବୁ ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବରେ ଭାଗ ନେବାକୁ ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ ଆର୍ଟ ସେଣ୍ଟର କଳାକାରମାନେ ଅଭ୍ୟାସ କରୁଛନ୍ତି ।

ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ। ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ଚିକିତ୍ସା ପାଇଁ ଖଟିଆରେ ବୁହା ହୋଇ ଆସିଲେ ମହିଳା

**ଆନନ୍ଦପୁର,୧୮।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଘସିପୁରା ବ୍ଲକ ଗୋହିରାବଣି ଗ୍ରାମର ଜଣେ ଅସୁସ୍ଥ ମହିଳାଙ୍କୁ ଖଟିଆରେ ୨ କି.ମି. ବୋହିବା ପରେ ଏକ ଅଟୋରିକ୍ସାରେ ଆଣି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ତୁରାମ ହୋଙ୍କ ସ୍ତ୍ରୀ ବିଟି ୩ ଦିନ ହେଲା ଜ୍ୱରରେ ପୀଡିତ ଥିଲେ। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଖଟିଆରେ ବୋହି ୫୩ ନଂ. ରାଜ୍ୟ ରାଜପଥ ପର୍ଯ୍ୟନ୍ତ ଆଣିଥିଲେ । ପରେ ଏକ ଅଟୋରିକ୍ସାରେ ତାଙ୍କୁ ବସାଇ ଡାକ୍ତରଖାନାକୁ ଅଣାଯାଇଥିଲା । ଘସିପୁରା ବ୍ଲକ ଗୋହିରାବଣି ଗାଁ ଠାରୁ ମୁଖ୍ୟରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏଥିପାଇଁ ସେହି ରାସ୍ତା ଦେଇ କୌଣସି ଯାନବାହନ ଯାତାୟାତ କରିପାରୁନି । ଗାଁକୁ ଭଲ ରାସ୍ତା ନାହିଁ। ରୋଗୀ ଅବସ୍ଥା ଗୁରୁତର ହେଲେ ଗାଁକୁ ଆମ୍ବୁଲାନ୍ସ ମଧ ଆସିପାରୁ ନାହିଁ ବୋଲି ଗାଁ ଲୋକେ କହିଛନ୍ତି ।

### ଭାଜପା ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ

**ଭୁବନେଶ୍ୱର, ୧୮।୭ (ବ୍ୟୁରୋ):** ଗତ ଜୁଲାଇ ୬ରୁ ଦେଶବ୍ୟାପୀ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସମାନ ଭାବେ ଓଡିଶାରେ ମଧ ଦଳର ଏହି କାର୍ଯ୍ୟକ୍ରମ ଚାଲିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଦଳର ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଯୁବ ମୋର୍ଚ୍ଚାର ସଦସ୍ୟତା ଅଭିଯାନ କର୍ମଶାଳା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି । ଆଗାମୀ ଦିନରେ ରାଜ୍ୟର ଯୁବତୀଯୁବକଙ୍କ ସହ ନୂତନ ଭୋଟରଙ୍କୁ ନେଇ ସଦସ୍ୟତା ଅଭିଯାନକୁ ଆହୁରି ସୁଦୃଢ଼ କରାଯିବ ବୋଲି ଏହି କର୍ମଶାଳାରେ ଆଲୋଚନା କରାଯାଇଛି । ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ଯୁବପିଢ଼ିଙ୍କୁ ସଦସ୍ୟ କରି ଭାଜପାକୁ ସର୍ବବ୍ୟାପି-ସର୍ବସ୍ପର୍ଶୀ କରିବାର ଲକ୍ଷ୍ୟ ସ୍ଥିର କରାଯାଇଛି ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି।

■ ପାଟକୁରା ନିର୍ବାଚନ

### କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଦାବି କଲା ଭାଜପା

**ଭୁବନେଶ୍ୱର, ୧୮।୭(ବ୍ୟୁରୋ):** ପାଟକୁରା ବିଧାନସଭା ଆସନ ପାଇଁ ଆସନ୍ତା ଶନିବାର ଭୋଟ ହେବ। ଏହି ଆସନ ପାଇଁ ଗୁରୁବାର ପ୍ରଚାର ଶେଷ ହୋଇଛି। ଭୋଟ୍‌ର ଦୁଇଦିନ ପୂର୍ବରୁ ଶାସକ ଦଳ ବିରୋଧରେ ବୁଥ୍ କ୍ୟାପଚରିଂ ଏବଂ ରିଗିଂର ଅଭିଯୋଗ ଆଣିଛି ଭାଜପା। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ନିର୍ବାଚନମଣ୍ଡଳୀର ସମ୍ବେଦନଶୀଳ ଏବଂ ଅତିସମ୍ବେଦନଶୀଳ ବୁଥ୍‌ଗୁଡିକରେ ଶାସକ ଦଳ ବୁଥ୍ କ୍ୟାପଚରିଂ ଓ ରିଗିଂ କରିବାର ଆଶଙ୍କା ରହିଛି । ବିଜେଡି ଟଙ୍କାର ପ୍ରଲୋଭନ ଦେଖାଇ ଭୋଟ ହାତେଇବା ଘଟଣା ଗତ ନିର୍ବାଚନରେ ନଜରକୁ ଆସିଥିଲା । ପାଟକୁରାରେ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ ଟଙ୍କା ବାଣ୍ଟିବା ନେଇ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଶାସକ ଦଳ ସରକାରୀ କଳ ଲଗାଇ ନିର୍ବାଚନକୁ ନିଜ ସପକ୍ଷରେ କରିବା ଲାଗି ଅପଚେଷ୍ଟା ଚଳାଇଛି। ସରକାରୀ ଅଫିସରମାନେ ମଧ ବିଜେଡି ପାଇଁ ପ୍ରଚାର କରୁଛନ୍ତି । ନିର୍ବାଚନ ସମୟରେ ବୁଥ୍‌ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ସହ ସୁଚାରୁରୂପେ ଭୋଟ କରିବା ପାଇଁ ଗୁରୁବାର ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୮୨ଟି ସମ୍ବେଦନଶୀଳ ଓ ୬୦ଟି ଅତି ସମ୍ବେଦନଶୀଳ ବୁଥ୍‌ର ତାଲିକା ଦେବା ସହ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରିବା ଓ ସିସିଟିଭି କ୍ୟାମେରା ଲଗାଇବାକୁ ଦାବି କରିଛନ୍ତି । ଏଥିସହ ସମସ୍ତ କ୍ଷେତ୍ରୀୟ ଅଧିକାରୀ ଏବଂ ନିର୍ବାଚନ ଅଧିକାରୀମାନଙ୍କୁ ମୁକ୍ତ, ନିରପେକ୍ଷ ଏବଂ ଅବାଧ ନିର୍ବାଚନ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେବାକୁ ଭାଜପା ପ୍ରତିନିଧି ଦଳ ଦାବି କରିଛି।

# ବାପାଙ୍କ ମୃତଦେହ କାନ୍ଧେଇ ଶ୍ମଶାନକୁ ନେଲେ ତିନି ଝିଅ

**ମାଲକାନଗିରି, ୧୮।୭(ଡି.ଏନ୍.ଏ.)**

ଘରେ କାହାର ମୃତ୍ୟୁ ହେଲେ ପୁରୁଷମାନେ ମୃତଦେହକୁ କୋକେଇରେ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନିଅନ୍ତି। ଘରର ପୁଅ ହିଁ ମୁଖାଗ୍ନି ଦିଅନ୍ତି। ଏହା ଆମ ସମାଜରେ ପୁରୁଷ ପୁରୁଷ ଧରି ପ୍ରଚଳିତ ପ୍ରଥା। ଯଦିଓ କେଉଁଠି କେଉଁଠି ଏବେ ଝିଅମାନେ ମୁଖାଗ୍ନି ଦେବାର ଦେଖାଯାଉଛି, କିନ୍ତୁ ସେମାନଙ୍କ ସଂଖ୍ୟା ତାହା କ୍ୱଚିତ୍। ଗୁରୁବାର ମାଲକାନଗିରିରେ ଦେଖିବାକୁ ମିଳିଥିବା ଚିତ୍ର ଏସବୁରୁ ଭିନ୍ନ। ବାପାଙ୍କ ମୃତ୍ୟୁ ପରେ ତିନି ଝିଅ ମୃତଦେହକୁ କାନ୍ଧେଇ ଶ୍ମଶାନ ପର୍ଯ୍ୟନ୍ତ ନେବା ପରେ ସାନ ଝିଅ ଅନ୍ତ୍ୟେଷ୍ଟିକର୍ମ ତୁଲାଇ ମୁଖାଗ୍ନି ଦେଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ସଦର ୧୧୯ କଲୋନୀର ସୁକାନ୍ତ କୁମାର ପଟ୍ଟନାୟକ ଏକ ସାଇକେଲ ଦୋକାନ କରି ପରିବାର ଚଳାଇ ଆସୁଥିଲେ।

**ସାନ ଝିଅ ଦେଲେ ମୁଖାଗ୍ନି**

ଗୁରୁବାର ସକାଳେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିଲା। ଖବର ପାଇ ସାହି ପଡିଶା ସୁକାନ୍ତଙ୍କ ଘରେ ଜମା ହୋଇଥିଲେ। ପୁଅ ନ ଥିବାରୁ କିଏ ମୁଖାଗ୍ନି ଦେବ ଏ ନେଇ ଚାଲିଲା ଚର୍ଚ୍ଚା। ଏହା ମଧରେ ତାଙ୍କର ତିନି ଝିଅ ସସ୍ମିତା, ସ୍ମିତା ଓ ସଙ୍ଗୀତା ବାପାଙ୍କ ମୃତଦେହକୁ କାନ୍ଧ ଦେବା ସହ ମୁଖାଗ୍ନି ଓ ଅନ୍ୟ ସମସ୍ତ କର୍ମ କରିବେ ବୋଲି କହି ଆଗେଇ ଆସିଥିଲେ। କୋକେଇରେ ବାପାଙ୍କ ମୃତଦେହ କାନ୍ଧେଇ ଚାଲିଥିଲେ ମାଲକାନଗିରି ରାସ୍ତାରେ। ଏହି ଦୃଶ୍ୟ ଥିଲା ଅତି ମର୍ମସ୍ପର୍ଶୀ। ଏହି ଘଟଣା ମାଲକାନଗିରିବାସୀଙ୍କ ମନରେ ଆଲୋଡନ ସୃଷ୍ଟି କରିଛି।



ବାପାଙ୍କ ମୃତଦେହକୁ ଝିଅମାନେ କାନ୍ଧେଇ ନେଉଛନ୍ତି।

# ଅପମାନ ସହି ନ ପାରି ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

**ଯୋଡା,୧୮।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଏକ ସ୍କୁଲ ପରିସରରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ବୁଧବାର ଏକ ଦମ୍ପତି ସର୍ବସମ୍ମୁଖରେ ନିସ୍ଥୁକ ପିଟିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏ ନେଇ ଯୋଡ଼ା ଥାନାରେ ଛାତ୍ରଙ୍କ ବାପା ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏତଲା ଅନୁଯାୟୀ, ଅଭିଯୋଗକାରୀଙ୍କ ପୁଅ ନବମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ବୁଧବାର ଅପରାହ୍ନରେ ସ୍କୁଲ ଛୁଟି ହୋଇଥିଲା। ପୁଅ ଘରକୁ ଆସିବାକୁ ସ୍କୁଲ ପରିସରରେ ଠିଆ ହୋଇଥିବା ବେଳେ ଯୋଡ଼ା ସିଗ୍ରିଗେଶନ କ୍ୟାମ୍ପରେ ରହୁଥିବା ଏକ ଦମ୍ପତି ସେଠାରେ ପହଞ୍ଚି ଅଚାନକ ଉକ୍ତ ଛାତ୍ରଙ୍କୁ ଚପଲରେ ପଟିଥିଲେ । ପରେ ଗୋଇଠା, ବିଧା ମାରିଥିଲେ । ତାଙ୍କ ହାବୁଡ଼ରୁ ଛାତ୍ର ଜଣକ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଏହି ଦମ୍ପତି ତାଙ୍କୁ ସ୍କୁଲ ପରିସରରେ ଗୋଡ଼ାଇ ଗୋଡ଼ାଇ ପିଟି ସ୍କୁଲ ଭିତରକୁ ନେଇଯାଇଥିଲେ। ସେଠାରେ ଜଣେ ସ୍କୁଲ ଶିକ୍ଷକ ସେମାନଙ୍କୁ ବାରଣ କରିବାରୁ ସେମାନେ ଶିକ୍ଷକଙ୍କୁ ମଧ ଠେଲାପେଲା କରିଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ସ୍କୁଲରେ ଥିବା କେତେଜଣ ଅଭିଭାବକ, ସ୍କୁଲ ଭ୍ୟାନ ଡ୍ରାଇଭର ପ୍ରତିବାଦ କରିଥିଲେ ହେଁ ସେମାନେ କାହା କଥା ଶୁଣି ନ ଥିଲେ । ଶେଷରେ ସଂପୃକ୍ତ ଛାତ୍ରଙ୍କୁ ସ୍କୁଲ ଶିକ୍ଷକମାନେ ଘରେ ଆଣି ଛାଡ଼ି ଦେଇଥିଲେ। ଛାତ୍ର ଜଣକ କାନ୍ଦି କାନ୍ଦି ସମସ୍ତ ଘଟଣା ତାଙ୍କ ମା'ଙ୍କୁ ଜଣାଇଥିଲେ। ଏହାର କିଛି ସମୟ ପରେ ସଂପୃକ୍ତ ଛାତ୍ର ମାନସିକ ଭାରସାମ୍ୟ ହରାଇ ଘରେ ଥିବା ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଟାଟାଷ୍ଟିଲ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏବେ ତାଙ୍କ ଅବସ୍ଥା ଗୁରୁତର ରହିଛି । ତାଙ୍କୁ ଆଇସିୟୁରେ ଚିକିତ୍ସା କରାଯାଉଛି । ଏହି ସବୁ ଘଟଣା ପାଇଁ ଅଭିଯୋଗକାରୀ ସ୍କୁଲର ଅଧ୍ୟକ୍ଷଙ୍କୁ ମଧ୍ୟ ଦାୟୀ କରିଛନ୍ତି।

**ସ୍କୁଲ ପରିସରରେ ମାଡ଼**

ଏ ସମ୍ପର୍କରେ ସ୍କୁଲର ପ୍ରିନ୍ସିପାଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ହାଇଦ୍ରାବାଦରେ ଅଛନ୍ତି । ଉକ୍ତ ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ଖୁବ ଶୀଘ୍ର ଏନେଇ ସେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଫୋନ ମାଧ୍ୟମରେ ଜଣାଇଛନ୍ତି । ବଡ଼ବିଲ ଏସ୍‌ଡିପିଓ ଦିଲୀପ କୁମାର ବାଗ କହିଛନ୍ତି, ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘୋଡ଼ା ଦଉଡ଼ି ଦଉଡ଼ି ଯେଉଁଠି,**
**ହାତୀ ପାହୁଣ୍ଡ ପକାଇ ସେଇଠି ।**

ଲକ୍ଷ୍ୟହୀନ ବ୍ୟକ୍ତି କୌଣସି କାର୍ଯ୍ୟରେ ସଫଳ ହୋଇପାରି ନ ଥାନ୍ତି। ତେବେ ବୁଦ୍ଧି ବା ଲକ୍ଷ୍ୟ ଠିକ୍ ଥିଲେ ଜଣେ ଧୀର ହେଲେ ମଧ କର୍ମକ୍ଷେତ୍ରରେ ବେଶ୍ ଅଗ୍ରଗତି କରିପାରିବା ସହ ସଫଳତା ହାତେଇପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ କୁଲା ଦେଇ ଓଷା,**
**ଦାଣ୍ଡରେ ବସି ନିଶରେ ଘିଅ ହାତ ଘଷା ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଇଥାଏ। ତେବେ ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଏଭଳି ଆତ୍ମବଡ଼ିମା ଆଦୌ ଶୋଭା ପାଇ ନ ଥାଏ। ଏପରିସ୍ଥଳେ ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୂର୍ବ ଶତ୍ରୁତାରୁ ଘରୁ ଟାଣି ଆଣି ହତ୍ୟା

**ଠାକୁରମୁଣ୍ଡା,୧୮।୭(ଡି.ଏନ୍.ଏ.)**

ମୟୁରଭଞ୍ଜ ଜିଲା ମହୁଲଡିହା ଥାନା ଅନ୍ତର୍ଗତ ନଦା ଗ୍ରାମରେ ବୁଧବାର ରାତିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସଂଘବଦ୍ଧ ଆକ୍ରମଣକାରୀମାନେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଘରୁ ଟାଣିଆଣି ଗଳାକାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ସେହି ଗ୍ରାମର ନାରାୟଣ ପାତ୍ର (୫୫) ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶଯେ, ନାରାୟଣ ଗାଁର କିଛି ଲୋକଙ୍କ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ କରିଥିଲେ। ନିର୍ମାଣ ଶ୍ରମିକଙ୍କୁ ମଜୁରୀ ଦେଇ ବୁଧବାର ରାତି ୮ଟାରେ ଘରକୁ ଚାଲି ଚାଲି ଆସୁଥିବା ବେଳେ ଘର ଠାରୁ କିଛି ଦୂରରେ ଛକି ରହିଥିବା ୪/୫ ଜଣ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପ୍ରାଣ ବିକଳରେ ସେ ଘରକୁ ପଳାଇ ଯାଇଥିଲେ ମଧ ଆକ୍ରମଣକାରୀମାନେ ତାଙ୍କୁ ଘରୁ ଟାଣି ଆଣି ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ଖସିପଳାଇ ଥିଲେ। ଫଳରେ ଘଟଣାସ୍ଥଳରେ ନାରାୟଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ପୁଅ ଏନେଇ ମହୁଲଡ଼ିହା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ. ୨୮/୧୯) ରୁଜୁ ହୋଇଛି। ଏହି ଘଟଣାରେ ସେହି ଗ୍ରାମର ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସୂଚନା ଦେଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ – A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସେଲ୍ଫି କର୍ଣ୍ଣର



@ ବିଜୟ



@ ଦେବରାଜ



@ ନେତ୍ରାନନ୍ଦ



@ ଶ୍ରୀପାଳ



@ ହିରଣ୍ୟ



@ ତୃଷ୍ଣା

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ

**ଭୁବନେଶ୍ୱର,୧୮।୭(ବ୍ୟୁରୋ)**

ରାଜ୍ୟରେ ଥିବା ୧୦୪୭ଟି ଯୁକ୍ତ ୩ ଡିଗ୍ରୀ/ସ୍ୱୟଂଶାସିତ କଲେଜ, ସେଲ୍ଫ ଫାଇନାନ୍ସିଂ ଡିଗ୍ରୀ କଲେଜ, ସଂସ୍କୃତି(ଶାସ୍ତ୍ରୀ) କଲେଜରେ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ତାଲିକା ଗୁରୁବାର ପ୍ରକାଶ ପାଇଛି। ତାଲିକାରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଶୀର୍ଷରେ ରହିଛି। କଳା ବିଭାଗର ଭୂଗୋଳ ବିଷୟରେ ଏଠାରେ ସର୍ବାଧିକ କଟ୍ ଅଫ୍ ମାର୍କ ୮୯ ପ୍ରତିଶତ ହୋଇଛି। ଫିଜିକାଲ ସାଇନ୍ସ ବିଭାଗର ଗଣିତରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ୯୩.୫ ପ୍ରତିଶତ, ବାୟୋଲୋଜିକାଲ ସାଇନ୍ସର ପ୍ରାଣୀବିଜ୍ଞାନ ବିଷୟରେ ସର୍ବାଧିକ ୯୧.୫ ପ୍ରତିଶତ ଓ ବାଣିଜ୍ୟରେ କଟ୍ ଅଫ୍ ମାର୍କ ୮୫.୮୩ ପ୍ରତିଶତ ରହିଛି। ସେହିଭଳି ସେଲ୍ଫ ଫାଇନାନ୍ସିଂ ବିଭାଗର କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମରେ ଚଳିତବର୍ଷ ଏହି କଲେଜର କଟ୍ ଅଫ୍ ମାର୍କ ସର୍ବାଧିକ ୮୨.୪ ପ୍ରତିଶତ ରହିଛି।

ଚଳିତବର୍ଷ ନାମଲେଖା ଲାଗି ମୋଟ ୨ଲକ୍ଷ ୧୦ହଜାର ୪୪୬ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧ଲକ୍ଷ ୮୮ ହଜାର ୨୨୨ଜଣ ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଛନ୍ତି। କଳାରେ ୧ଲକ୍ଷ ୧୩ ହଜାର ୬୬୮ଜଣ, ଫିଜିକାଲ ସାଇନ୍ସରେ ୨୯,୨୯୪, ବାୟୋଲୋଜିକାଲ ସାଇନ୍ସରେ ୨୧,୫୯୭ ଓ ବାଣିଜ୍ୟରେ ୧୮,୬୨୪ଜଣ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିଭଳି ସଂସ୍କୃତରେ ୩,୭୬୫ ଓ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୧,୨୭୪ଜଣ ନାମ ଲେଖାଇପାରିବେ। ଏମାନଙ୍କ ମଧ୍ୟରେ ୮୪,୪୫୬ଜଣ ଛାତ୍ର ଓ ୧ ଲକ୍ଷ ୩ ହଜାର ୭୬୨ଜଣ ଛାତ୍ରୀ ରହିଛନ୍ତି। ସେହିଭଳି ଅନ୍ୟ ବର୍ଗରୁ ୪ଜଣ ରହିଛନ୍ତି। ମୋଟ ସିଟ୍ ମଧ୍ୟରୁ ଏହା ୭୧.୯୧ ପ୍ରତିଶତ ବୋଲି ଜଣାପଡ଼ିଛି। ତେବେ ୨୦୧୮-୧୯ ଶିକ୍ଷାବର୍ଷ ତୁଳନାରେ ଏଥର ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିଛି। ଗତ ଶିକ୍ଷାବର୍ଷରେ ୨ଲକ୍ଷ ୨୧ ହଜାର ୨୮୯ଜଣ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୮୮ ହଜାର ୯୬୦ଜଣ ଚୟନ ହୋଇଥିଲେ। ଚଳିତବର୍ଷ ଯୁକ୍ତ ୨ରେ ପାସ୍ ହାର କମିଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

> **ଆଗରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ**
> - ନାମ ଲେଖାଇବେ ୧ଲକ୍ଷ ୮୮ହଜାର ୨୨୨ ଛାତ୍ରୀଛାତ୍ର
> - କଳାରେ ୧,୧୩,୬୬୮, ବିଜ୍ଞାନରେ ୫୦,୮୯୧, ବାଣିଜ୍ୟରେ ୧୮,୬୨୪
> - ୭୧.୯୧ ପ୍ରତିଶତ ସିଟ୍ ପାଇଁ ଛାତ୍ରୀଛାତ୍ର ମନୋନୀତ
> - ପୂର୍ବବର୍ଷ ଅପେକ୍ଷା କମିଲା ଛାତ୍ରୀଛାତ୍ରଙ୍କ ସଂଖ୍ୟା

# ସଫେଇ ନାଁରେ ଗଛ ଚାଲାଣ

**ବାଲେଶ୍ୱର ଅଫିସ,୧୮।୭**

ବାଲେଶ୍ୱର ଜଳସେଚନ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଥିବା ନିମ୍ବ, ଆକାଶୀ, ଶାଗୁଆନ, କଦମ୍ବ, ଆମ୍ବ ଭଳି ୫୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ କାଟି ୪୦୭ ଏବଂ ପିକଅପ୍ ଭ୍ୟାନ୍ ଯୋଗେ ବେଆଇନ ଭାବେ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଅଫିସ୍ ପଛପଟେ ସଫା କରିବା ନାଁରେ ଏପରି କାର୍ଯ୍ୟ କରାଯାଉଥିବା କର୍ମଚାରୀମାନେ କହିଛନ୍ତି। ଅଭିଯୋଗ ପାଇ ବନବିଭାଗ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି।

ଜଳସେଚନ ବିଭାଗ ବାଲେଶ୍ୱର ନିର୍ବାହୀଯନ୍ତ୍ରୀ କାର୍ଯ୍ୟାଳୟରେ ଥିବା ଏକ ପୋଖରୀ ଚାରିପାଖରେ ଉପରୋକ୍ତ ମୂଲ୍ୟବାନ ଗଛଗୁଡ଼ିକ ଥିଲା। ଚାରିପାଖ ଛୋଟଛୋଟ ଲଟା ଓ ବୁଦାରେ ପରିପୂର୍ଣ୍ଣ ଥିବାବେଳେ ଏହାକୁ ସଫା କରିବା ପାଇଁ ୨ମାସ ପୂର୍ବରୁ ତତ୍କାଳୀନ ନିର୍ବାହୀଯନ୍ତ୍ରୀ ନିରଞ୍ଜନ ମହାଳିକ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ଅଫିସିଆଲ କାର୍ଯ୍ୟାଦେଶ କିମ୍ବା ଚୁକ୍ତିନାମା ନ ପାଇ ସହକାରୀ ଯନ୍ତ୍ରୀ ଉକ୍ତ ପୋଖରୀ ଆଡ଼ିକୁ ସଫା କରିବା ସହ ୫୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ କାଟି ଦେଇଥିଲେ। ଏପରିକି ବନବିଭାଗର କୌଣସି ଅନୁମତି ମଧ୍ୟ ଆଣି ନ ଥିଲେ। ଗଛଗୁଡ଼ିକୁ କାଟି ସାରିବା ପରେ ଗଣ୍ଡିଗୁଡ଼ିକୁ ୪୦୭ ଓ ପିକଅପ୍ ଭ୍ୟାନ୍‌ରେ ଲୋଡ୍ କରି ବାହାରକୁ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ପୋଖରୀରୁ ମାଟି ଉଠାଇ ମୂଳଗୁଡ଼ିକ ପୋତି ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗଛର ବଙ୍କାଟଙ୍କା ଅଂଶ ସହିତ ଡାଳ ଓ ପତ୍ରକୁ ନିଆଁ ଲଗାଇ ପୋଡ଼ି ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରାଯାଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିଲା। ଏନେଇ ସମ୍ପୃକ୍ତ ବିଭାଗର ନିର୍ବାହୀଯନ୍ତ୍ରୀ ଦାୟିତ୍ୱରେ ଥିବା ଆର୍ତତ୍ରାଣ ସାହୁଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଉକ୍ତ ପୋଖରୀ ଚାରିପାଖ ବଣଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ସଫା କରିବା ପାଇଁ ଅଫିସ୍ କର୍ମଚାରୀମାନଙ୍କୁ କୁହାଯାଇଥିଲା। ସେଥିପାଇଁ କୌଣସି ପ୍ରକଳ୍ପ କିମ୍ବା କାର୍ଯ୍ୟାଦେଶ କିମ୍ବା ଚୁକ୍ତିନାମା ହୋଇ ନ ଥିଲା କି ଥିବା ଗଛଗୁଡ଼ିକ କଟାଯିବାର ନିଷ୍ପତ୍ତି ନିଆଯାଇ ନ ଥିଲା।

# ରାଜ୍ୟରେ ୨୦ ହଜାର ଗଭୀର ନଳକୂପ ଖନନ ହେବ

## ୧୯ ବର୍ଷ ହେଲା ଲୋୟର ସୁକ୍‌ତେଲ ପ୍ରକଳ୍ପ ଅଧାରେ ଲଟକିଛି

**ଭୁବନେଶ୍ୱର, ୧୮।୭(ବ୍ୟୁରୋ)**

ବଲାଙ୍ଗୀର ଜିଲାକୁ ଜଳସେଚନ ସୁବିଧା ମିଳୁନାହିଁ। ରାଜ୍ୟ ସରକାର ସବୁ ବ୍ଲକକୁ ୩୫ ପ୍ରତିଶତ ଜଳସେଚନ ସୁବିଧା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବଲାଙ୍ଗୀର ଜିଲାର ଅନେକ ବ୍ଲକରେ ୧ ପ୍ରତିଶତ ଜଳସେଚନ ମଧ୍ୟ ହୋଇନାହିଁ। ଲୋୟର ସୁକ୍‌ତେଲ ପ୍ରକଳ୍ପ ଦୀର୍ଘବର୍ଷ ହେବ ଶେଷ ହୋଇପାରୁନାହିଁ। ଏହି ଜିଲାର କେଉଁ ବ୍ଲକକୁ କେତେ ଜଳସେଚନ କରାଯାଇଛି, ସେନେଇ ସରକାର ଜବାବ ଦିଅନ୍ତୁ ବୋଲି କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ଗୁରୁବାର ପ୍ରଶ୍ନୋତ୍ତର କାଳରେ ଦାବି କରିଥିଲେ। ତେବେ ମନ୍ତ୍ରୀ ଦେଇଥିବା ଲିଖିତ ଉତ୍ତରରେ ସେ ସନ୍ତୁଷ୍ଟ ହୋଇ ନ ଥିଲେ। ଭାଜପା ସଭ୍ୟ ମୋହନ ଚରଣ ମାଝି ରାଜ୍ୟର କେତୋଟି ନିଅଣ୍ଟିଆ ବ୍ଲକକୁ ୩୫ ପ୍ରତିଶତ ଜଳସେଚନ ଯୋଗାଇ ଦିଆଯାଇଛି ବୋଲି ପଚାରିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି କୋରାପୁଟ ଜିଲା ମୁନିଗୁଡ଼ା ବ୍ଲକର ୫/୭ଟି ପଞ୍ଚାୟତକୁ ପାଣିଯାଉନି। ମେଗା ଲିଫ୍ଟ ପଏଣ୍ଟ କରି ଜଳସେଚନ ସୁବିଧା ହେବ କି ବୋଲି ପଚାରିଥିଲେ। ଭାଜପା ସଭ୍ୟ ମୁକେଶ ମାହାଲିଙ୍ଗ ଲୋୟର ସୁକ୍‌ତେଲ ପ୍ରୋଜେକ୍ଟ କେବେ ଶେଷ ହେବ ଓ ଏଥିରେ କେତେ ଜମିକୁ ଜଳସେଚନ ଯୋଗାଇ ଦିଆଯିବ ବୋଲି ପଚାରିଥିଲେ। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଅନୁପସ୍ଥିତିରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ଯେ, ୨୦୦୯ ମାର୍ଚ୍ଚ ଶେଷସୁଦ୍ଧା ୨୮.୬୯ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦିଆଯାଇଥିଲା। ୨୦୦୯ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ୧୩.୨୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଦିଆଯାଇଛି। ୨୦୧୯ ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ମୋଟ ୪୧.୮୯ ଲକ୍ଷ ହେକ୍ଟର ଚାଷଜମିରେ ଜଳସେଚନ ସୁବିଧା କରାଯାଇଛି। ତେବେ ରାଜ୍ୟର ବିଭିନ୍ନ ଜିଲାରେ ୧୫ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ୨୩ଟି କ୍ଷୁଦ୍ର, ୧୭ଟି ବୃହତ୍ ଉଠା ଜଳସେଚନ, ୮୩୨ଟି ଆଡ଼ିବନ୍ଧ ଏବଂ ୧୪୫୦ଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ଆହୁରି ୧୫ଟି ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଚଳିତବର୍ଷ ଆରମ୍ଭ କରାଯିବ। ଏହାଛଡ଼ା ରାଜ୍ୟରେ ୨୦ ହଜାର ଗଭୀର ନଳକୂପ ଓ ୬୦୦ ଅଗଭୀର ନଳକୂପ ଖନନ କରାଯିବ। ବଲାଙ୍ଗୀର ଜିଲାରେ ମୋଟ ୩.୪୬ ଲକ୍ଷ ହେକ୍ଟର ଚାଷଜମିରୁ ୨୦୧୯ ମାର୍ଚ୍ଚ ଶେଷସୁଦ୍ଧା ୧.୭୩ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦିଆଯାଇଛି। ଏହି ଜିଲାରେ ଏପର୍ଯ୍ୟନ୍ତ ୩୩.୭୪ ପ୍ରତିଶତ ଜଳସେଚନ ସୁବିଧା କରାଯାଇଛି। ୩୫ ପ୍ରତିଶତ କରିବା ପାଇଁ ଲୋୟର ସୁକ୍‌ତେଲ, ଲୋୟର ଇନ୍ଦ୍ର, ୩୯ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ୩୭ଟି ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଚଳିତ ବର୍ଷ ୧୫ ଶହ ଗଭୀର ନଳକୂପ ଖୋଳାଯିବ। ଲୋୟର ସୁକ୍‌ତେଲ ପ୍ରକଳ୍ପ ସ୍ଥାନୀୟ ଲୋକଙ୍କ ଗଣ୍ଡଗୋଳ ଯୋଗୁ ଶେଷହୋଇପାରୁନି। ଲୋଇସିଂହା ବିଧାୟକ ସହଯୋଗ କଲେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ମନ୍ତ୍ରୀ କହିଥିଲେ।

### ଏମ୍‌ପିଙ୍କ ପ୍ରଶ୍ନର ଜବାବ ରଖିଲା ରେଳ ମନ୍ତ୍ରଣାଳୟ

# ୫୦ ପ୍ରତିଶତ ଅର୍ଥ ସହ ଜମି ଯୋଗାନ୍ତୁ ରାଜ୍ୟ ସରକାର

**ଗୁଣପୁର,୧୮।୭(ଡି.ଏନ.ଏ.)**

ବହୁ ଦାବି ପରେ ୨୦୧୭-୧୮ ସାଧାରଣ ବଜେଟରେ ଗୁଣପୁର-ଥେରୁବାଲି ରେଳପଥ ସ୍ଥାନ ପାଇଥିଲା। ଦୀର୍ଘ ୪୭ ବର୍ଷ ପରେ ଏହି ଦାବି ପୂରଣ ହେବାରୁ ଗୁଣପୁର ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଥିଲା। ୭୯.୧୫ କିମି ରେଳପଥ ନିମନ୍ତେ ୯୩୫.୭୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ବର୍ତ୍ତମାନ ଏହି ରେଳପଥ ପାଇଁ ଅର୍ଥର ଅଭାବ ରହିଛି। ରାଜ୍ୟ ସରକାର ମାଗଣା ଜମି ଯୋଗାଇବା ସହ ୫୦ ପ୍ରତିଶତ ଅର୍ଥ ଯୋଗାଇଲେ ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟ ହୋଇ ପାରିବ ବୋଲି ରେଳ ମନ୍ତ୍ରଣାଳୟ କହିଛି। ଗତ ୨ ତାରିଖରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଏହି ରେଳପଥର ଅଗ୍ରଗତି ନେଇ ସଂସଦରେ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଉପରୋକ୍ତ ଜବାବ ବୁଧବାର ଦିଆଯାଇଛି। ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାକୁ ଅଗ୍ରାଧିକାର ଏବଂ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

> **ଗୁଣପୁର-ଥେରୁବାଲି ରେଳପଥ**

### ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ଧର୍ମେନ୍ଦ୍ର

# ତୈଳ, ଗ୍ୟାସ ଭିତ୍ତିଭୂମି ମଜଭୁତ କରିବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୧୮।୭(ବ୍ୟୁରୋ):** ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟରେ ତୈଳ ଏବଂ ଗ୍ୟାସର ଭିତ୍ତିଭୂମିକୁ ମଜଭୁତ କରିବା ସହ ମହାରାଷ୍ଟ୍ରର ବିକାଶ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିବା ସାମାଜିକ ଗଣମାଧ୍ୟମରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଏହି ଆଲୋଚନା ସମୟରେ ମହାରାଷ୍ଟ୍ର ବିକାଶ, ରୋଜଗାର ଏବଂ ରାଜ୍ୟର ସାମଗ୍ରିକ ବିକାଶର ବୃଦ୍ଧି କରିବା ପାଇଁ ତୈଳ ଏବଂ ଗ୍ୟାସର ଭିତ୍ତିଭୂମିକୁ ମଜଭୁତ କରିବା ଉପରେ ଧର୍ମେନ୍ଦ୍ର ଗୁରୁତ୍ୱ ଆରୋପ କରିଥିବା ଦର୍ଶାଇଛନ୍ତି।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହାଣିଲେ

**ବାଲେଶ୍ୱର ଅଫିସ,୧୮।୭:** ବାଲେଶ୍ୱର ସହଦେବଖୁଣ୍ଟା ଥାନା ଶୋଭାରାମପୁର ନିକଟସ୍ଥ ରେଳଲାଇନ୍ ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ୩ଜଣ ଦୁର୍ବୃତ୍ତ ଭୁଜାଲିରେ ଆକ୍ରମଣ କରି ହାଣି ପକାଇଛନ୍ତି। ପୂର୍ବଶତ୍ରୁତାରୁ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇବା ପରେ ଯୁବକଙ୍କୁ ଅଚେତ୍ ଅବସ୍ଥାରେ ଛାଡ଼ି ପଳାଇଥିଲେ। ସ୍ଥାନୀୟ ଲୋକ ସହଦେବଖୁଣ୍ଟା ଥାନାରେ ଖବର ଦେବାରୁ ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଇଛି। ଭାସ୍କରଗଞ୍ଜ ଅଞ୍ଚଳର ରବୀନ୍ଦ୍ର ସେଠୀଙ୍କ ପୁଅ ବଳରାମ (୨୪) ହରିଆଣାର ଏକ ଘରୋଇ କମ୍ପାନୀରେ କାମ କରନ୍ତି। ଭଉଣୀ ବାହାଘର ପାଇଁ କିଛିଦିନ ତଳେ ସେ ଘରକୁ ଆସିଥିଲେ।

OFFICE OF THE PRINCIPAL, S.B.R.G.
WOMEN'S COLLEGE, BERHAMPUR, GANJAM

No.1369 **QUOTATION CALL NOTICE** Date: 17.07.19

Sealed quotations are invited from registered mans Service providing firms for supply of lady Security personnel to be engaged in the S.B.R.G. Women's College ladies Hostel. The Sealed Quotation should reach the undersigned on or before 24.07.2019 positively. For details contact office of the Superintendant, S.B.R.G. Women's College, Hostel Berhampur.

Sd./- Principal

**ଆସିକା ବ୍ଲକ୍‌ରେ ବିହନ ବିଶୋଧନ ଅଭିଯାନ ଖରିଫ୍-୨୦୧୯**

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଯୋଜନା ୨୦୧୮-୧୯ ମାଧ୍ୟମରେ ଚଳିତ ଖରିଫ୍ ଋତୁରେ ଆସିକା ବ୍ଲକର ନିମ୍ନଲିଖିତ ଗ୍ରାମରେ ଜୁଲାଇ ୦୭ ତାରିଖଠାରୁ ଅଦ୍ୟାବଧି ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଉକ୍ତ କାର୍ଯ୍ୟକ୍ରମରେ ବିହନ ବିଶୋଧନ ପ୍ରଣାଳୀ ସମ୍ବନ୍ଧରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଇବା ସହିତ ତାଲିମ୍ ଓ ବିହନ ବିଶୋଧନ ପ୍ରଣାଳୀ ପ୍ରଦର୍ଶନ କରାଯାଉଅଛି। ଏହି ଅଭିଯାନରେ ସାମିଲ ହୋଇ ନିଜ ନିଜ ବିହନକୁ ବୁଣିବା ବା ତଳି ପକାଇବା ପୂର୍ବରୁ ବିଶୋଧନ କରି ଫସଲକୁ ରୋଗପୋକ ଦାଉରୁ ସୁରକ୍ଷିତ ରଖିବା ନିମନ୍ତେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ। ଗ୍ରାମର ନାମ: ପଥରା, ଖଣ୍ଡଦେଉଳୀ, ବାବନପୁର, ମଙ୍ଗଳପୁର, ବାଲିସିରା, ଆମ୍ବପୁଆ, କେ.ନୁଆପଲ୍ଲୀ, ରାଙ୍କୁଡ଼ା, ଅଡ଼ଭାଗ, ହୁମୁକି, ସାନଖୋଲି।

ସହକାରୀ କୃଷି ଅଧିକାରୀ, ଆସିକା (ଗଞ୍ଜାମ)

**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)

NOTICE INVITATION FOR BIDS (NIFB)
e-Procurement Notice No. BP -I/03/2019-20 dt.17.07.2019

1. Nature of Work : Furnishin wor & Electrical work
2. Total No.of Works : 2 Nos.
3. Value of Works : Rs. 24.94 lakhs to 39.44 lakhs
4. Bid Security : 1% of the amount put to tender
5. Class of Contractor : C, B & H.T Electrical Contractor
6. Period of Completion: 1 (One) months to 6(Six) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Executive Engineer, B.P.Division No. I, OTDC Ltd. | BP-I/03/2019-20 dt. 17.07.2019 | From 19.07.2019 | To 29.07.2019 | 11.30 Hours of dt.30.07.2019 in the office of the Executive Engineer B.P. Division No.I), OTDC Ltd, Bhubaneswar |

*Further details can be seen from the Govt. Website* **www.tenderodisha.gov.in**

Sd/- Executive Engineer
B.P.Division No. I

No. CAD-205
37002/11/0004/1920

**Capital Region Urban Transport**
Block-1, 2nd Floor, BMC Bhawani Mall, Saheed Nagar Bhubaneswar ,
E-mail: crutbbsr@gmail.com, Phone No. 0674- 2395155

Notice No. 1442/CRUT Date. 18/07/2019

**EXPRESSION OF INTEREST (EOI)**
**FOR EMPANELMENT OF AGENCIES**
**FOR COLLECTION OF FARE BOX REVENUE FROM THE CITY BUS SERVICES OPERATED BY CAPITAL REGION URBAN TRANSPORT (CRUT)**

1. Capital Region Urban Transport (CRUT) invites interested agencies for the above mentioned purpose. Please refer the EOI document for details.
2. The EOI document shall be available from **19/07/2019** onwards in following web portals: www.capitalregiontransport.in,www.bda.in & www.bmc.gov.in. **Any further intimation (i.e. Corrigendum/ Addendum/ Responses to the queries/ Clarifications) shall be uploaded in the above websites only.**
3. Applicants are required to submit duly filled Proposal as per the prescribed formats on or before **17/08/2019 by 4:00 PM**. The Proposals received shall be opened at **5:00 PM** on **17/08/2019**.
4. A pre-bid meeting shall be organised for the same on **31/07/2019 at 4:00 PM** in Conference Hall of CRUT.
5. In case of any queries/clarifications, please contact: 0674-2395155 or e-mail at crutbbsr@gmail.com
6. CRUT reserves the right to accept or reject bid process without assigning any reasons thereof.

Sd/-
Managing Director
Capital Region Urban Transport

**ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ, ସୁନ୍ଦରଗଡ଼**
**DISTRICT MINERAL FOUNDATION, SUNDARGARH**
(1st Floor, DMF Office), District Rural Development Agency
Email: dmfsundergarh@gmail.com, Sundargarh-770001
Tel./Fax No. 06622-273846

No. 356/(DMF) Dated 18.07.2019

**EXPRESSION OF INTEREST**

The Collector and Chairperson, District Mineral Foundation, Sundargarh invites Expression of Interest (EoI) from the Chartered Accountants empanelled with C&AG (Comptroller and Auditor General of India) for statutory Audit of District Mineral Foundation, Sundargarh for the financial year 2018-19.

Interested CA firms are requested to download the EoI documents from the website www.sundergarh.nic.in. Last date of receipt of EoI documents is 29.07.2019 upto 5.30PM. Bid documents are to be submitted by Speed Post / Registered Post (India Post) only.

Sd./- Collector & Chairperson
DMF, Sundargarh

**ODISHA STATE ROAD TRANSPORT CORPORATION**
(A GOVT. OF ODISHA UNDERTAKING)
PARIBAHAN BHAWAN
SACHIBALAYA MARG,P.O.-ASHOK NAGAR
BHUBANESWAR-751009

CAD-208

EXPRESSION OF INTEREST(EOI) FOR GST AUDIT
No 8190 /OSRTC/TZE(A)-33/19/DT.18.07.2019

OSRTC invites 'Expression of Interest (EOI) from Service Providers towards empanelment for supply of man power as and when required by OSRTC.

The EOI documents and further details regarding requirement of man power and terms & conditions, please visit our website: www.osrtc.in

Sd/-
F.A. & Chief Accounts Officer,
OSRTC, Bhubaneswar.

38002/11/0001/1920



**ସଦ୍ୟସମାପ୍ତ ଆଇସିସି ବିଶ୍ୱକପ୍ ସବୁ ଦୃଷ୍ଟିକୋଣରୁ ଐତିହାସିକ ସାବ୍ୟସ୍ତ ହୋଇଛି। କ୍ରିକେଟର ଜନକ କୁହାଯାଉଥିବା ଇଂଲଣ୍ଡ ପ୍ରଥମଥର ପାଇଁ ଟାଇଟଲ ଜିତିବାକୁ ସକ୍ଷମ ହୋଇଛି। ସେହିପରି ଗତଥରର ରନର୍ସଅପ୍ ନ୍ୟୁଜିଲାଣ୍ଡ ପୁଣି ଥରେ ଅଳ୍ପକେ ଫାଇନାଲରେ ପରାସ୍ତ ହୋଇଛି। ବିଶ୍ୱକପ୍‌ର ଦୃଢ଼ ଦାବିଦାର କୁହାଯାଉଥିବା ଭାରତ ଓ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଫାଇନାଲର ରୋମାଞ୍ଚ ବିଶ୍ୱବ୍ୟାପୀ କ୍ରିକେଟପ୍ରେମୀଙ୍କୁ ବେଶ୍ ଆମୋଦିତ କରିଥିଲା।**

# ନୂଆ ଚାମ୍ପିୟନ



ନିର୍ମଳ କୁମାର ମିଶ୍ର





କ୍ରିକେଟ୍ ଜଗତକୁ ମିଳିଛି ନୂଆ ବିଶ୍ୱ ଚାମ୍ପିୟନ। ଦୀର୍ଘ ୪୪ବର୍ଷ ପରେ କ୍ରିକେଟ୍‌ର ସୃଷ୍ଟିକର୍ତ୍ତା ଇଂଲଣ୍ଡର ସ୍ୱପ୍ନ ସାର୍ଥକ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏକଦିବସୀୟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନଲକି ନ୍ୟୁଜିଲାଣ୍ଡକୁ ଏକ ଉତ୍କଣ୍ଠାପୂର୍ଣ୍ଣ ତଥା ରୋମାଞ୍ଚକ ଫାଇନାଲ ମ୍ୟାଚରେ ହରାଇ ଚାମ୍ପିୟନ ହୋଇ ଇତିହାସ ସୃଷ୍ଟି କରିଛି। ସବୁ ଦୃଷ୍ଟିକୋଣରୁ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଟାଇଟଲର ଦୃଢ଼ ଦାବିଦାର ରୂପେ ଗଣାଯାଉଥିବା ଶକ୍ତିଶାଳୀ ଇଂଲଣ୍ଡ ମ୍ୟାଚ୍ ଟାଇ, ସୁପର ଓଭର ଟାଇ ହେବା ସହିତ ତାର ଇନିଂସରେ ଅପେକ୍ଷାକୃତ ଅଧିକ ୨୬ଟି ବାଉଣ୍ଡରି ମାରିଥିବାରୁ ଚାମ୍ପିୟନ ହୋଇଛି। ଅନ୍ୟପଟେ ନ୍ୟୁଜିଲାଣ୍ଡ ପୂରା ଇନିଂସ ଅବସରରେ ୧୭ଟି ବାଉଣ୍ଡରିରେ ସୀମିତ ରହିଥିବାରୁ ଟାଇଟଲ ମୁକାବିଲାରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। କ୍ରିକେଟ୍‌ର ମକ୍କା ରୂପେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ ଦେଖୁଥିବା ଦର୍ଶକ ଏବଂ ସମଗ୍ର ବିଶ୍ୱର କ୍ରିକେଟ୍ ପ୍ରେମୀମାନେ ଏହି ରୋମାଞ୍ଚକ ମ୍ୟାଚ ଦେଖି ଆତ୍ମବିଭୋର ହୋଇଛନ୍ତି। ନାଟକୀୟ ମୁହୂର୍ତ୍ତରେ ପରିପୂର୍ଣ୍ଣ ଏହି ହାଇପ୍ରୋଫାଇଲ୍ ମ୍ୟାଚରେ ଶେଷରେ କ୍ରିକେଟ୍‌ର ବିଜୟ ହୋଇଛି। ପଏଣ୍ଟ ଟେବୁଲରେ ୩ୟ ଏବଂ ୪ର୍ଥ ସ୍ଥାନରେ ଥିବା ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ଆଶ୍ଚର୍ଯ୍ୟଜନକ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚାମ୍ପିୟନ ହେବାର ଦୃଢଦାବିଦାର ଟିମ୍ ଇଣ୍ଡିଆ ଏବଂ ଅଷ୍ଟ୍ରେଲିଆ ଦଳ ସମାନ ଅବସ୍ଥାରେ ଫାଇନାଲ ଟିକେଟ ହାସଲ କରିବାରେ ବିଫଳ ହୋଇଥିଲେ। ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଥିବା ଅଷ୍ଟ୍ରେଲିଆ ଏବଂ ତୃତୀୟ ଟାଇଟଲ ଲକ୍ଷ୍ୟରେ ଥିବା ଟିମ୍ ଇଣ୍ଡିଆକୁ ନିଜର ଗେମ ପ୍ଲାନ୍‌ରେ ତ୍ରୁଟି ଯୋଗୁଁ ନିରାଶ ହେବାକୁ ପଡିଛି। ଚାମ୍ପିୟନ ଇଂଲଣ୍ଡକୁ ୪୦ଲକ୍ଷ ଆମେରିକୀୟ ଡଲାର ମିଳିଥିବା ବେଳେ ରନର୍ସଅପ୍ ନ୍ୟୁଜିଲାଣ୍ଡକୁ ୨୦ଲକ୍ଷ ଡଲାର ମିଳିବା ସହିତ ମୋଟ ୧ କୋଟି ଡଲାରର ପୁରସ୍କାର ରାଶି ଆଇସିସି ଦ୍ୱାରା ପ୍ରଦାନ କରାଯାଇଛି।

ଲିଗ୍ ପର୍ଯ୍ୟାୟରୁ ଆରମ୍ଭ କରି ସେମିଫାଇନାଲ ପର୍ଯ୍ୟନ୍ତ ପଏଣ୍ଟ ଟେବୁଲରେ ନିଜର ଆଧିପତ୍ୟ ବିସ୍ତାର କରିଥିବା ୪ଟି ଦଳ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ପରିଶେଷରେ ସେମିଫାଇନାଲ ଖେଳିଥିଲେ। ପଏଣ୍ଟ ଓ ନେଟ୍ ରନ୍‌ରେଟ୍ ଦୃଷ୍ଟିରୁ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲରେ ଶକ୍ତିଶାଳୀ ଏବଂ ଚାମ୍ପିୟନ ହେବାର ଦୃଢ ଦାବିଦାର ଭାରତକୁ ଏକ ରୋମାଞ୍ଚକର ମ୍ୟାଚରେ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଥିଲା, ଫଳରେ ବିଶ୍ୱକପ୍‌ର ଆକର୍ଷଣରେ ଅବନତି ପରିଲକ୍ଷିତ ହୋଇଥିଲା। ସେହିପରି ଇଂଲଣ୍ଡ ଦଳ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିବା ଦ୍ୱାରା ସମଗ୍ର କ୍ରିକେଟ୍ ଜଗତ ଏକ ନୂତନ ଚାମ୍ପିୟନ ପାଇବାର ପଥ ପରିଷ୍କାର ହୋଇଥିଲା। ଫଳରେ ଦୁଇ ଦଳ ଫାଇନାଲରେ ଏକ ରୋମାଞ୍ଚକର ମ୍ୟାଚ ଖେଳିବା ସହିତ ସମଗ୍ର କ୍ରିକେଟ୍ ଜଗତର ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହେଲେ। ଅନଲକି ନ୍ୟୁଜିଲାଣ୍ଡ ଅଳ୍ପକେ ଟାଇଟଲ ଦୌଡରୁ ବଞ୍ଚିତ ହୋଇଥିଲେ ମଧ୍ୟ ସମଗ୍ର ବିଶ୍ୱର କ୍ରିକେଟ୍ ପ୍ରେମୀଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛି।

ଭାରତ ବିଶ୍ୱକପର ତୃତୀୟ ଥର ଚାମ୍ପିୟନ ହେବା ପାଇଁ ଦୃଢ ଦାବିଦାର ରହିଥିବା ବେଳେ ଦୁର୍ବଳ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବାକୁ କ୍ରୀଡାପ୍ରେମୀ, ପୁରାତନ ଖେଳାଳିମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଅଭ୍ୟାସ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବାର ଚାପ ସହିତ ଗ୍ରୁପ ପର୍ଯ୍ୟାୟରେ ବର୍ଷାଯୋଗୁଁ ପଏଣ୍ଟ ଭାଗ କରିବା ବେଶ ମହଙ୍ଗା ପଡିବା ସହିତ ପୁନର୍ବାର ସେମିଫାଇନାଲରେ ନ୍ୟୁଜିଲାଣ୍ଡର ଗେମ୍‌ପ୍ଲାନକୁ ଠିକ୍ ରୂପେ ବୁଝି ନ ପାରିବା ଯୋଗୁଁ ଭାରତକୁ ବହୁମୂଲ୍ୟ ଦେବାକୁ ହେଲା। ସେମିଫାଇନାଲ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁକାବିଲା। ଏହି ମ୍ୟାଚରେ ହିସାବ ଅଲଗା ଏବଂ ଚାପ ମଧ୍ୟ ଭିନ୍ନ ହୋଇଥାଏ। ଟିମ୍‌ଇଣ୍ଡିଆ ଯଦିଓ ଫାଇନାଲ ଖେଳିବାରୁ ବଞ୍ଚିତ ହେଲା ତଥାପି ଯଶପ୍ରୀତ ବୁମରାଙ୍କ ବୋଲି ଏବଂ ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କ ବ୍ୟାଟିଂ ବେଶ୍ ଆକର୍ଷଣୀୟ ତଥା ପ୍ରଶଂସନୀୟ ହୋଇଥିଲା। ବିଶ୍ୱକପରେ ଗୋଟିଏ ସଂସ୍କରଣରେ ୫ଟି ଶତକ ହାସଲ କରି ରୋହିତ ସର୍ବାଧିକ ୬୪୮ରନ୍ କରିବା ବେଶ୍ ଉଲ୍ଲେଖନୀୟ ଘଟଣା ଥିଲା। ଫାଇନାଲରେ ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମ୍ୟାନ ଅଫ୍ ଦି ମ୍ୟାଚ ହେବା ସହିତ ନ୍ୟୁଜିଲାଣ୍ଡର ଅଧିନାୟକ କେନ୍ ଉଇଲିୟମସନ୍ ୪ର୍ଥ ସର୍ବାଧିକ ସ୍କୋର ୫୭୮ ରନ୍ ସହିତ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେହିପରି ଅଷ୍ଟ୍ରେଲିଆର ଷ୍ଟାର ବୋଲର ମିଚେଲ ଷ୍ଟାର୍କ ସର୍ବାଧିକ ୨୭ଟି ଉଇକେଟ୍ ନେଇ ସର୍ବାଗ୍ରେ ରହିଛନ୍ତି।

ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ୪ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଏହା ଏକ ରେକର୍ଡ ସାବ୍ୟସ୍ତ ହେବା ସହିତ ପଏଣ୍ଟ ଟେବୁଲରେ ତା'ର ପ୍ରଭାବ ଦେଖିବାକୁ ମିଳିଥିଲା। ନଚେତ୍ ସେମିଫାଇନାଲ ଲାଇନ୍ ଅପ୍‌ର ରୂପରେଖ ନିଶ୍ଚିତ ଭାବେ ଅଲଗା ହୋଇଥାନ୍ତା। ଚଳିତ ବିଶ୍ୱକପ୍‌ରେ ୨ଟି ହ୍ୟାଟ୍ରିକ୍ ହୋଇଥିବା ବେଳେ ଆଫଗାନିସ୍ତାନ ବିପକ୍ଷରେ ଭାରତର ମହମ୍ମଦ ସାମି ଏବଂ ନ୍ୟୁଜିଲାଣ୍ଡ ଟ୍ରେଣ୍ଟ ବୋଲ୍ଟ ଅଷ୍ଟ୍ରେଲିଆ ବିପକ୍ଷରେ ଏହି ସଫଳତା ଅର୍ଜନ କରିଥିଲେ।

ପ୍ରଥମରୁ ଇଂଲଣ୍ଡ ଏଣ୍ଡ ୱେଲସ୍ କ୍ରିକେଟ୍ ବୋର୍ଡ (ଇସିବି) ତରଫରୁ ବିଶ୍ୱକପ୍‌ରରେ ଅଧିକାଂଶ ମ୍ୟାଚରେ ଗୋଟିଏ ଦଳ ୫୦୦ରୁ ଅଧିକ ରନ ହେବ ବୋଲି ଦାବି କରାଯାଇଥିଲା। ତେବେ କୌଣସି ମ୍ୟାଚରେ ଗୋଟିଏ ଦଳ ୫୦୦ରନ୍ ଅତିକ୍ରମ କରିବା ଦେଖାଯାଇ ନ ଥିଲା। ଟୁର୍ନାମେଣ୍ଟ ସର୍ବାଧିକ ଦଳୀୟ ସ୍କୋର ୩୯୭ ରନ୍ ରହିଥିଲା। ସେହିପରି ଇଂଲଣ୍ଡ ପିଚ୍‌ଗୁଡିକରେ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଅଧିକାଂଶ ପିଚ୍‌ରେ ଘାସ ନଥିବା ବେଳେ ସେଗୁଡିକ ସ୍ଲୋ ଏବଂ ଶୁଖିଲା ରହିଥିଲା। ସୁଇଙ୍ଗ୍ କଣ୍ଡିଶନ ରହିଥିବା ବେଳେ ବଲ ସୁଇଙ୍ଗ୍ କରିବାର ଆଦୌ ଦେଖାଯାଇ ନ ଥିଲା। ମ୍ୟାଚ ସମୟରେ ପିଚ୍‌ଗୁଡିକ ଶୁଖିଲା ଯୋଗୁଁ ଧୂଳି ଉଡୁଥିବାର ଲକ୍ଷ୍ୟ କରାଯାଇଥିଲା। ସମସ୍ତ ପେଶ୍ ବୋଲରମାନଙ୍କୁ ସ୍ଲୋ ବାଉନସର ବୋଲି ମନେ କରି ପ୍ରତିପକ୍ଷ ବ୍ୟାଟସମ୍ୟାନ ସମସ୍ୟାରେ ପଡିଥିଲେ।

ଏଥର ବିଶ୍ୱକପ୍‌ରେ ୨୭ ଥର ୩୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ ବିଭିନ୍ନ ଦଳ ପକ୍ଷରୁ କରାଯାଇଥିଲା। ଇଂଲଣ୍ଡ ୬ଥର ୩୦୦ରୁ ଅଧିକ ରନ୍ ଅତିକ୍ରମ କରିଛି। ଆଫଗାନିସ୍ତାନ ବିପକ୍ଷରେ ଇଂଲଣ୍ଡ ୬ ଉଇକେଟ ହରାଇ ୩୯୭ ରନ ସଂଗ୍ରହ କରିଥିଲା। ଏହା ବିଶ୍ୱକପ୍‌ର ସର୍ବୋଚ୍ଚ ଦଳୀୟ ସ୍କୋର ସାବ୍ୟସ୍ତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରନର୍ସଅପ୍ ନ୍ୟୁଜିଲାଣ୍ଡ କୌଣସି ଦଳ ବିପକ୍ଷରେ ୩୦୦ ରନ୍ କରି ନ ଥିଲା। ତେବେ ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର ୨୯୧ ରନ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ରହିଛି। ଚଳିତ ବିଶ୍ୱକପ୍‌ର ୪୮ଟି ମ୍ୟାଚରେ ମୋଟ ୨୯ଟି ଶତକ ବିଭିନ୍ନ ଦଳର ଖେଳାଳିମାନଙ୍କ ଦ୍ୱାରା ଅର୍ଜନ କରାଯାଇଛି। ଅଷ୍ଟ୍ରେଲୀୟ ବିସ୍ଫୋରକ ଓପନର ଡେଭିଡ୍ ୱାର୍ନର ବାଂଲାଦେଶ ବିପକ୍ଷରେ ସର୍ବାଧିକ ୧୬୬ରନ୍‌ର ଶତକୀୟ ପାଳି ଖେଳିଥିଲେ। ଇଂଲଣ୍ଡର ଅଧିନାୟକ ଇଅନ ମୋର୍ଗାନ୍ ଗୋଟିଏ ଇନିଂସରେ ୧୭ଟି ଛକା ମାରି ୧୪୮ରନ୍ କରିବା ମଧ୍ୟ ଏକ ରେକର୍ଡ ଅଟେ। ଏଥି ସହିତ ଇଂଲଣ୍ଡ ତରଫରୁ ବିଭିନ୍ନ ବ୍ୟାଟ୍ସମ୍ୟାନ ୭ଟି ଶତକ ଚଳିତ ବିଶ୍ୱକପ୍‌ରେ ହାସଲ କରିଥିବା ବେଳେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ୩୫୩ଟି ଛକା ବିଭିନ୍ନ ମ୍ୟାଚରେ ମରା ଯାଇଛି। ୧୦ଜଣ ବୋଲର ଗୋଟିଏ ଇନିଂସ୍‌ରେ ୫ରୁ ଊର୍ଦ୍ଧ୍ୱ ଉଇକେକେଟ୍ ନେଇଛନ୍ତି। ବିଶ୍ୱକପ୍‌ର ଅନ୍ୟଏକ ବିଶେଷତ୍ୱ ହେଲା ଯେ ବିଭିନ୍ନ ଦେଶର ଅନେକ ଷ୍ଟାର ଖେଳାଳି କ୍ରିକେଟ୍‌କୁ ଅଲବିଦା କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଦକ୍ଷିଣ ଆଫ୍ରିକାର ଇମ୍ରାନ୍ ତାହିର, ଜେପି ଡୁମିନି, ପାକିସ୍ତାନର ସୋଏବ ମଲ୍ଲିକ, ଶ୍ରୀଲଙ୍କାର ଲସିଥ୍ ମାଲିଙ୍ଗା ଏବଂ ବାଂଲାଦେଶର ମଶ୍ରାଫି ମୋର୍ତ୍ତାଜା। ଏପରି କି ଭାରତର ଅଭିଜ୍ଞ ଉଇକେଟ୍‌କିପର ମହେନ୍ଦ୍ର ସିଂ ଧୋନୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିଛି। ତେବେ ଅଦ୍ୟାବଧି ଧୋନୀ ଏ ବିଷୟରେ ନୀରବ ରହିଛନ୍ତି। ଭାରତ ସେମିରେ ପରାସ୍ତ ହୋଇ ବିଦାୟ ନେଇଥିଲେ ମଧ୍ୟ ଯଶପ୍ରୀତ୍ ବୁମରା ବୋଲିଂରେ ଏବଂ ହିଟ୍ ମ୍ୟାନ୍ ରୋହିତ ଶର୍ମା କ୍ରିକେଟ୍ ପ୍ରେମୀମାନଙ୍କ ହୃଦୟ ଜିଣିବାକୁ ସକ୍ଷମ ହୋଇଛନ୍ତି।

## ଆଇସିସି ବିଶ୍ୱକପ୍

**ତାରିଖ: ୩୦ ମେ'ରୁ ୧୪ ଜୁଲାଇ**
**ଆୟୋଜକ: ଇଂଲଣ୍ଡ**
**ଚାମ୍ପିୟନ: ଇଂଲଣ୍ଡ**
**ରନର୍ସଅପ୍: ନ୍ୟୁଜିଲାଣ୍ଡ**
**ଦଳ: ୧୦**
**ମ୍ୟାଚ୍: ୪୮**
**ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ: କେନ୍ ୱିଲିୟମସନ**
**ମ୍ୟାନ୍ ଅଫ୍ ଦି ଫାଇନାଲ: ବେନ୍ ଷ୍ଟୋକ୍ସ**
**ସର୍ବାଧିକ ରନ: ରୋହିତ ଶର୍ମା (୬୪୮)**
**ସର୍ବାଧିକ ଉଇକେଟ: ମିଚେଲ ଷ୍ଟାର୍କ (୨୭)**

## ପୁରସ୍କାର ରାଶି

**(ଆମେରିକୀୟ ଡଲାର)**
**ଚାମ୍ପିୟନ: ୪, ୦୦୦,୦୦୦**
**ରନର୍ସଅପ୍: ୨,୦୦୦,୦୦୦**
**ସେମିରେ ହାରିଥିବା ଦଳ: ୮,୦୦,୦୦୦**

---

# ଶିଖରରେ ସିମୋନା



ସିମୋନା ହାଲେପ ରୋମାନିଆର ପ୍ରଥମ ମହିଳା ଖେଳାଳି ଭାବେ ୱିମ୍ବେଲଡନ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ୨୭ ବର୍ଷୀୟା ହାଲେପ ଫାଇନାଲରେ ଅଭିଜ୍ଞ ଆମେରିକୀୟ ତାରକା ସେରେନା ୱିଲିୟମ୍ସଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହିତ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ବିଶ୍ୱ ରେକର୍ଡ ସମକକ୍ଷ ଲକ୍ଷ୍ୟରେ ଥିବା ସେରେନାଙ୍କ ଆଶା ଧୂଳିସାତ୍ ହୋଇଛି।

ରୋମାନିଆର ସାଇମୋନା ହାଲେପ ଏଥର ୱିମ୍ବେଲଡ଼ନ ଟାଇଟଲ ହାସଲ କରି ବିରଳ ସଫଳତା ହାସଲ କରିଛନ୍ତି। ବର୍ଷର ଏହି ହାଇପ୍ରୋଫାଇଲ ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବେଲଡ଼ନ ଫାଇନାଲରେ ହାଲେପ ୩୭ ବର୍ଷୀୟା ଆମେରିକାର ସେରେନା ଉଇଲିୟମ୍ସଙ୍କୁ ପରାସ୍ତ କରିଛନ୍ତି। ଏଥିସହିତ ରୋମାନିଆର ପ୍ରଥମ ମହିଳା ଖେଳାଳିଭାବେ ସେ ଏହି ଟାଇଟଲ ଅର୍ଜନ କରିଛନ୍ତି। ପୂର୍ବରୁ ସେରେନା ଏହି ଟୁର୍ନାମେଣ୍ଟରେ ୭ଥର ଟାଇଟଲ ହାସଲ କରିଥିଲେ। ସେରେନାଙ୍କୁ ଚକ୍‌ମା ଦେଇ ହାଲେପ୍ ଦ୍ୱିତୀୟଥର ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ଅର୍ଜନ କରିଛନ୍ତ। ଏହା ପୂର୍ବରୁ ଗତବର୍ଷ ସେ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରି କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଅର୍ଜନ କରିଥିଲେ। ଫାଇନାଲରେ ସେରେନାଙ୍କୁ ମାତ୍ର ୫୬ ମିନିଟ୍‌ରେ ୬-୨,୬-୨ ସିଧାସଳଖ ସେଟ୍‌ରେ ହରାଇ ବାଜି ମାରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରି ଟାଇଟଲ ଜିତିଥିବାରୁ ହାଲେପଙ୍କୁ ରୋମାନିଆର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ 'ଷ୍ଟାର ଅଫ୍ ରୋମାନିଆ' ପ୍ରଦାନ କରାଯାଇଥିବା ବେଳେ ଅର୍ଥୋଡକ୍ସ ଚର୍ଚ୍ଚ ତାଙ୍କୁ ପାଟ୍ରିଆର୍ଟିଆଲ କ୍ରସ୍ ପ୍ରଦାନ କରିଛି।

ସେରେନା ଫାଇନାଲ ମ୍ୟାଚ୍ ଜିତିଥିଲେ ବିଶ୍ୱରେକର୍ଡର ସମକକ୍ଷ ହୋଇଥାନ୍ତେ। ସଫଳ ହୋଇଥିଲେ ୩୭ ବର୍ଷୀୟା ସେରେନା ଅଷ୍ଟ୍ରେଲିଆର କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଗାରେଟ କୋର୍ଟଙ୍କ ସର୍ବକାଳୀନ ରେକର୍ଡ ୨୪ଟି ଗ୍ରାଣ୍ଡସ୍ଲାମ ଟାଇଟ ହାସଲ ରେକର୍ଡର ସମକକ୍ଷ ହୋଇଥାନ୍ତେ।

ରୋମାନିଆର ଅନ୍ୟତମ ପୁରାତନ ତଥା ଐତିହାସିକ ସହର କନ୍ଷ୍ଟାନା ବା ଟୋମିସ୍ ସହରରେ ହାଲେପ ଜନ୍ମଗ୍ରହଣ କରିଥିଲେ। ମାତ୍ର ୪ବର୍ଷରୁ ସେ ଟେନିସ ଖେଳିବା ଆରମ୍ଭ କରିଥିଲେ। ୬ବର୍ଷରେ ସେ ସବୁଦିନ ଅଭ୍ୟାସ କରୁଥିଲେ। ଟେନିସ କ୍ୟାରିୟରକୁ ଆଗକୁ ବଢ଼ାଇବା ପାଇଁ ସେ ବୁକାରେଷ୍ଟକୁ ସ୍ଥାନାନ୍ତର ହୋଇଥିଲେ। ବେଲଜିୟମର ଜଷ୍ଟିନ୍ ହେନିନ୍ ଓ ରୋମାନିଆର ପୂର୍ବତନ ଟେନିସ ଖେଳାଳି ଅଣ୍ଡ୍ରେଇ ପାଭେଲଙ୍କୁ ସେ ତାଙ୍କର ଆଦର୍ଶ ଖେଳାଳି ରୂପେ ବିବେଚନା କରନ୍ତି। ୫ ଫୁଟ ୬ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ହାଲେପ ଡାହାଣ ହାତରେ ମୁଖ୍ୟତଃ ଟେନିସ ଖେଳିଥାନ୍ତି। ତେବେ ବ୍ୟାକ୍‌ହ୍ୟାଣ୍ଡ ଶଟ୍ ଖେଳିବା ବେଳେ ସେ ଦୁଇହାତରେ ଶଟ୍ ଖେଳିଥାନ୍ତି। ସିଙ୍ଗଲ୍ସ କ୍ୟାରିୟରରେ ତାଙ୍କର ସଫଳତା ହାର ୭୦.୧ ପ୍ରତିଶତ ରହିଛି। ୪୮୬ଟି ସିଙ୍ଗଲ୍ସ ମ୍ୟାଚ୍ ଜିତିଥିବା ବେଳେ ୨୦୭ଟି ମ୍ୟାଚ୍‌ରେ ସେ ପରାଜୟ ବରଣ କରିଛନ୍ତି। କ୍ୟାରିୟରରେ ସେ ମୋଟ ଉପରେ ୧୯ଟି ଡବ୍ଲ୍ୟୁଟିଏ ଟାଇଟଲ ଅର୍ଜନ କରିଛନ୍ତି। ସେହିପରି ସେ ୬ଟି ଆଇଟିଏଫ୍ ଟାଇଟଲ ମଧ୍ୟ ଜିତିଛନ୍ତି। ବର୍ତ୍ତମାନ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ରେ ହାଲେପ ୪ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ୨୦୧୭ ଅକ୍ଟୋବର ୯ ତାରିଖରେ ସେ ନଂ ୧ ସ୍ଥାନ ହାସଲ କରିଥିଲେ। ଗ୍ରାଣ୍ଡସ୍ଲାମରେ ତାଙ୍କର ପ୍ରଦର୍ଶନ ସେତେଟା ଉତ୍ସାହଜନକ ନ ଥିଲେ ମଧ୍ୟ ସେ ୱିମ୍ବେଲଡ଼ନ ସହ ଗତ ବର୍ଷ ଫ୍ରେଞ୍ଚ୍ ଓପନ୍ ଟାଇଟଲ ଜିତିଥିଲେ। ସେହିପରି ୨୦୧୮ ଅଷ୍ଟ୍ରେଲିଆନ୍ ଓପନ୍‌ର ଫାଇନାଲରେ ପ୍ରବେଶ କରିଥିଲେ। ଏହାପୂର୍ବରୁ ସେ ୨୦୧୫ରେ ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ।

ଡବଲ୍ସରେ ତାଙ୍କର ସଫଳତା ହାର ୫୦ ପ୍ରତିଶତ ରହିଛି। ସେ ଗୋଟିଏ ଡବ୍ଲ୍ୟୁଟିଏ ଡବଲ୍ସ ଟାଇଟଲ ଜିତିଥିବା ବେଳେ ୪ଟି ଆଇଟିଏଫ୍ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ଗ୍ରାଣ୍ଡସ୍ଲାମ ମହିଳା ଡବଲ୍ସରେ ଅବଶ୍ୟ ସେ ସେତେଟା ସଫଳତା ହାସଲ କରିପାରି ନାହାନ୍ତି। ୨୦୧୫ରେ ୟୁଏସ୍ ଓପନ ମିକ୍ସଡ ଡବଲ୍ସରେ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୨୦୧୪-୧୫ରେ ହାଲେପ ଡବ୍ଲ୍ୟୁଟିଏ ମୋଷ୍ଟ ପପୁଲାର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ। ୨୦୧୭, ୨୦୧୮ରେ ସେ ଡବ୍ଲ୍ୟୁଟିଏ ଫ୍ୟାନ ଫେଭରାଇଟ ସିଙ୍ଗଲ୍ସ ପ୍ଲେୟାର ବିବେଚିତ ହୋଇଥିଲେ। ସେହିପରି ୨୦୧୮ରେ ସେ ଡବ୍ଲ୍ୟୁଟିଏ ପ୍ଲେୟାର ଅଫ୍ ଦି ଇୟର ଭାବେ ପୁରସ୍କୃତ ହୋଇଥିଲେ। ରୋମାନିଆର ତୃତୀୟ ମହିଳା ଖେଳାଳି ଭାବେ ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ଟପ୍ ୧୦ରେ ପ୍ରବେଶ କରିଥିଲେ। ସେ ମଧ୍ୟ ଇଏସ୍‌ପିଏନ୍‌ର ମୋଷ୍ଟ ଡୋମିନାଣ୍ଟ ଟେନିସ ଖେଳାଳି ଭାବେ ବିବେଚିତ ହୋଇଥିଲେ। ହାଲେପଙ୍କ ପିତା ଜଣେ ଲିଗ୍ ସ୍ତରୀୟ ଫୁଟବଲ ଖେଳାଳିଥିଲେ। ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସେ ଜଣେ ବଡ଼ ପ୍ରଶଂସିକା।

## ସଂକ୍ଷେପରେ......

**ଦେଶ: ରୋମାନିଆ**
**ଜନ୍ମ: ୨୭ ସେପ୍ଟେମ୍ବର ୧୯୯୧**
**ବୟସ: ୨୭**
**କୋଚ୍: ଡାରେନ କାହିଲ (୨୦୧୬-୨୦୧୮), ଡାନିଏଲ ଡୋବ୍ରେ (୨୦୧୯)**
**ଉଚ୍ଚତା: ୫ ଫୁଟ ୬ ଇଞ୍ଚ୍**
**ଏବେକାର ର୍‍ୟାଙ୍କିଙ୍ଗ: ନମ୍ବର ୪**
**ଉଚ୍ଚତମ ର୍‍ୟାଙ୍କିଙ୍ଗ୍: ନଂ ୧ (୯ ଅକ୍ଟୋବର, ୨୦୧୭)**
**ଫ୍ରେଞ୍ଚ୍ ଓପନ ଚାମ୍ପିୟନ: ୨୦୧୮**
**ୱିମ୍ବେଲଡ଼ନ ଚାମ୍ପିୟନ: ୨୦୧୯**
**ସିଙ୍ଗଲ୍ସ ଟାଇଟଲ: ୧୯ ଡବ୍ଲ୍ୟୁଟିଏ, ୬ ଆଇଟିଏଫ୍**

## ପ୍ରଥମ

ନ୍ୟୁଜିଲାଣ୍ଡକୁ ଭଣ୍ଡେଇ ଇଂଲଣ୍ଡ
ମୁଣ୍ଡକୁ ପକାଇ ମୁଣ୍ଡ
ଚୌରାଳିଶ ବର୍ଷ ପରେ ୱାର୍ଲ୍ଡକପ୍
କ୍ରିକେଟରେ ହେଲା ଷଣ୍ଢ
ବିରାଟ ବାହିନୀ ଭାଣ୍ଡ
ସେମିରେ ଟୁ ଫର୍ଟି କରିପାରିଲାନି
ତମ୍ପ ହୋଇ ହେଲା ଧଣ୍ଡ।।।୧

ବିଶ୍ୱକପ୍ ଫାଇନାଲରେ ପ୍ରଥମ
ସୁପର ଓଭର ଏଇ
ୱାର୍ଲ୍ଡକପ୍ କ୍ରିକେଟ ଇତିହାସରେ ଏ
ଫାଇନାଲ ମ୍ୟାଚ୍ ଟାଇ
ଫାଷ୍ଟଥର ପୁଣି ସୁପର ଓଭର
ଟାଇ ଲେଖିରଖ ଭାଇ
ୱିଲିୟମସନ ଶୋଇ
କହେ ଭାଗ୍ୟସାଥ ଦେଉନି ହାରୁଛୁ
ଫାଇନାଲ ଦି' ଥର ଯାଇ।।।୨



ୱିନରକୁ ଟ୍ରଫି ସହ କ୍ୟାଶମନି
ସାଢ଼େ ଅଠେଇଶ କୋଟି
ରନର୍ସଅପ୍‌କୁ ଅଧା ଏ ଟଙ୍କାର
ଗିଫ୍ଟ ପୁଣି ପେଟିପେଟି
ସୁନା ପାଲଟିଲା ମାଟି
ଯୁଦ୍ଧ ବେଳେ ଟିମ୍ ଶୌଚାଳୟ ଯାଏ
ଲିଷ୍ଟ ରହିଅଛି ବେଟି।।।୩

**–ସୁବାସ ଚନ୍ଦ୍ର ପ୍ରଧାନ**

| Dollar | Sensex | Nifty | Gold | Silver |
|---|---|---|---|---|
| 68.97 (↑15) | ↓318.18 38,897.46 | ↓90.60 11,596.90 | ↑₹170 35,670.00 | ↑₹910 41,100.00 |

“ ସ୍ମାର୍ଟଫୋନ ଇନ୍‌ଷ୍ଟଲେଶନ କ୍ଷେତ୍ରରେ ଏଣ୍ଟରଟେନମେଣ୍ଟ ଆପ୍ ଭାବେ ହଟ୍‌ଷ୍ଟାର ୪୯ ବଜାର ଅଂଶ ସହ ସର୍ବାଗ୍ରେ ରହିଛି।
-ଫୈଜଲ କାଉସା, ଟେକ୍ଏଆର୍‌ସି ପ୍ରତିଷ୍ଠାତା



“ ନୂଆ ଡାଇରେକ୍ଟ ଟ୍ୟାକ୍ସ କୋଡ୍ ନେଇ ଗଠିତ ଟାସ୍କଫୋର୍ସ ଚଳିତ ମାସ ସୁଦ୍ଧା ସେମାନଙ୍କର ରିପୋର୍ଟ ଦେବ।
-ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ପାର୍ଲାମେଣ୍ଟରେ ଉପସ୍ଥାପନ ହେବ ଆଇବିସି ସଂଶୋଧନ ବିଲ୍

ନୂଆଦିଲ୍ଲୀ,୧୮-୭: କେନ୍ଦ୍ର ସରକାର ସୋମବାର ପାର୍ଲାମେଣ୍ଟରେ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ସଂଶୋଧନ ବିଲ୍ ଉପସ୍ଥାପନ କରିବେ ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଛି। ବିଲ୍‌ରେ ହୋଇଥିବା ସଂଶୋଧନ ବର୍ତ୍ତମାନ ଚାଲୁଥିବା ସମସ୍ତ ଆଇବିସି ମାମଲାରେ କାର୍ଯ୍ୟକାରୀ ହେବ। ସେହିପରି ବିଚାରାଧୀନ ଥିବା ସମସ୍ତ ମାମଲାରେ ମଧ ସଂଶୋଧନ ଲାଗୁ ହେବ। ଆଇବିସି ବିଲ୍‌ର ୭ ଧାରାରେ ୮ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଯୋଗୁ ଏକାଧିକ ଋଣ ପ୍ରଦାନକାରୀ ଥିବା ଅବସ୍ଥାରେ ଭୋଟିଂରେ ଦେଖାଦେଉଥିବା ବାଧା ଦୂର ହେବ। ବୁଧବାର କେନ୍ଦ୍ର କ୍ୟାବିନେଟ ଆଇବିସି ସଂଶୋଧନ ବିଲ୍‌କୁ ଅନୁମୋଦନ କରିଥିଲେ।

### ଭାରତର ଜିଡିପି ଅନୁମାନ ୭%କୁ ହ୍ରାସ କଲା ଏଡିବି

ନୂଆଦିଲ୍ଲୀ,୧୮-୭: ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ହାର ଅନୁମାନକୁ ୭.୨ରୁ ୭%କୁ ହ୍ରାସ କରିଛି। ଗୁରୁବାର ଏଡିବି ପକ୍ଷରୁ ଜାରି ରିପୋର୍ଟରେ କୁହାଯାଇଛି ଯେ, ବିକଶିତ ଦେଶଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ହ୍ରାସ ପାଇବା କାରଣରୁ ଭାରତର ଜିଡିପି ଅନୁମାନ କମାଯାଉଛି। ଏହାସତ୍ତ୍ୱେ ଭାରତ ବିଶ୍ୱର ସର୍ବାଧିକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବେ ଆଗେଇ ଯିବ ବୋଲି ଏଡିବି କହିଛି। ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ଏହା ଚାଇନାଠାରୁ ଆଗରେ ରହିବ।

### ଜୁନିୟର କର୍ମଚାରୀଙ୍କୁ ୧ ଲକ୍ଷ ଲେଖାଏ ବୋନସ୍ ଦେଲା ଓ୍ୱିପ୍ରୋ

ବେଙ୍ଗାଲୁରୁ,୧୮-୭: ଦେଶର ଅନ୍ୟତମ ପ୍ରମୁଖ ଆଇଟି କମ୍ପାନୀ ଓ୍ୱିପ୍ରୋ ଲିମିଟେଡ ଏହାର ଜୁନିୟର କର୍ମଚାରୀଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ବୋନସ୍ ପ୍ରଦାନ କରିଛି। ଓ୍ୱିପ୍ରୋରେ ନିଜର କ୍ୟାରିୟର ଆରମ୍ଭ କରିଥିବା ଏବଂ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ରହିଛି ସେମାନଙ୍କୁ କମ୍ପାନୀ ଏହି ବୋନସ୍ ଦେଇଛି। କମ୍ପାନୀ ଗତ କିଛିବର୍ଷ ହେବ ଏହି ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଯୋଜନା ଆପଣାଇଛି। କମ୍ପାନୀର ହ୍ୟୁମାନ ରିସୋର୍ସେସ୍ ଡିପାର୍ଟମେଣ୍ଟ ଅଧ୍ୟକ୍ଷ ସୌରଭ ଗୋଭିଲ କହିଛନ୍ତି, ଏହାକୁ ରିଟେନ୍ସନ ବୋନସ୍ କୁହାଯାଉଛି ଏବଂ ଏହା ଏକ ବର୍ଷ ପାଇଁ କାର୍ଯ୍ୟକାରୀ ହୋଇଥାଏ। ସେ କହିଛନ୍ତି ଯେ, ୩ରୁ୪ ବର୍ଷର ଅଭିଜ୍ଞତା ଥିବା କର୍ମଚାରୀଙ୍କୁ ୧୦ ପ୍ରତିଶତ ଏବଂ ଅଧିକ ଦରମା ଏବଂ ଡିଜିଟାଲ ସ୍କିଲ୍ ଥିବା କର୍ମଚାରୀଙ୍କୁ ସିଙ୍ଗଲ ଡିଜିଟ୍‌ରୁ ଡବଲ ଡିଜିଟ ପର୍ଯ୍ୟନ୍ତ ଦରମା ବୃଦ୍ଧି କରାଯାଇଛି।

### ଡିଜିଟାଲ ଟ୍ରାଞ୍ଜାକ୍‌ସନ ୫୧% ବୃଦ୍ଧି

ନୂଆଦିଲ୍ଲୀ,୧୮-୭: ଦେଶରେ ଡିଜିଟାଲ ଟ୍ରାଞ୍ଜାକ୍‌ସନ ୨୦୧୮-୧୯ରେ ୫୧% ବୃଦ୍ଧି ପାଇ ୩,୧୩୩.୫୮ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସରକାର ଗୁରୁବାର ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ରାଜ୍ୟ ସଭାରେ ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ମାସରେ ଡିଜିଟାଲ ଟ୍ରାଞ୍ଜାକ୍‌ସନ ପ୍ରାୟ ୩୧୩ କୋଟି ଟଙ୍କାରେ ଛୁଇଁଛି। ତେବେ ବିକଳ୍ପ ଦେୟ ପ୍ରଦାନ ନେଇ ଶିକ୍ଷା ପ୍ରତିଷ୍ଠାନ ତଥା ପଲିସି ଇନ୍‌ଷ୍ଟିଚ୍ୟୁଶନ ସହ ସରକାରଙ୍କ କୌଣସି ପ୍ରକାର ସହଯୋଗ ହେବାର ସମ୍ଭାବନା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ବନ୍ଦ ହୋଇଯିବ ଗରିବ ରଥ ଏକ୍ସପ୍ରେସ



**ଶସ୍ତାରେ ଏସି ଟ୍ରେନ ଯାତ୍ରା ସୁବିଧା ଶେଷ**

- ଗରିବ ରଥ ସ୍ଥାନରେ ଗଢ଼ିବ ସୁପରଫାଷ୍ଟ ଏକ୍ସପ୍ରେସ
- ଟ୍ରେନରେ ୧୨ ସ୍ଥାନରେ ୧୬ ଡବା ଲାଗିବ
- ଭଡ଼ା ବଢ଼ିଲା
- ଏସି ସହ ସ୍ଲିପର, ସାଧାରଣ ବଗି ରହିବ
- ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ଯୋଗୁ କ୍ଷତି ବୃଦ୍ଧି
- ଏବେ ଚାଲୁଛି ୨୬ ଯୋଡା ଟ୍ରେନ
- ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ

ନୂଆଦିଲ୍ଲୀ,୧୮-୭

ଗରିବଙ୍କୁ ଶସ୍ତାରେ ଏସି ଟ୍ରେନରେ ଯାତ୍ରା କରିବାର ଆନନ୍ଦ ଦେବା ଲାଗି ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପକ୍ଷରୁ ଗରିବ ରଥ ଏକ୍ସପ୍ରେସ୍‌କୁ ଆରମ୍ଭ କରାଯାଇଥିଲା। ବର୍ତ୍ତମାନର ଏନ୍‌ଡିଏ ୨.୦ ସରକାର ଏହାକୁ ବନ୍ଦ କରିଦେବେ। ପ୍ରଥମ ପଦକ୍ଷେପ ସ୍ୱରୂପ ୨ଟି ଟ୍ରେନ୍‌କୁ ସୁପରଫାଷ୍ଟ ଟ୍ରେନରେ ପରିବର୍ତ୍ତନ କରାଯାଇସାରିଲାଣି।

ପୂର୍ବତନ ରେଳମନ୍ତ୍ରୀ ଲାଲୁ ଯାଦବଙ୍କ ଦ୍ୱାରା ୨୦୦୬ରେ ଆରମ୍ଭ କରାଯାଇଥିବା ଗରିବ ରଥ ଏକ୍ସପ୍ରେସ୍‌କୁ ବନ୍ଦ କରିବା ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ କାଠଗୋଦାମ-ଜମ୍ମୁତ ୱି ଏବଂ କାଠଗୋଦାମ-କାନପୁର ସେଣ୍ଟ୍ରାଲ ଗରିବରଥ ଏକ୍ସପ୍ରେସକୁ ଚଳିତ ମାସ ୧୬ରୁ ବଦଳାଇଦେଇଛି। ଅର୍ଥାତ ଏହି ରୁଟ୍‌ରେ ଗରିବ ରଥର ଶସ୍ତା ଯାତ୍ରା ବନ୍ଦ ହୋଇଯାଇଛି। ଏହି ରୁଟ୍‌ରେ ଏବେ ମେଲ୍ ଅଥବା ଏକ୍ସପ୍ରେସ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଗରିବ ରଥ ଏକ୍ସପ୍ରେସରେ ପୂର୍ବରୁ ୧୨ ଡବା(ସମସ୍ତ ଏସି) ଥିଲା ବେଳେ ଏବେ ନୂଆ ସୁପରଫାଷ୍ଟ ଟ୍ରେନରେ ୧୬ ଡବା ଲଗାଯାଇଛି। ନୂଆ ବ୍ୟବସ୍ଥାରେ ଗୋଟିଏ ବର୍ଗଙ୍କୁ ସୁବିଧା ମିଳିବାକୁ ଯାଉଥିବା ବେଳେ ଅନ୍ୟ ଏକ ବର୍ଗ ଏସି ସୁବିଧା ହରାଇବାକୁ ଯାଉଛନ୍ତି। ଏଥିରେ ଜେନେରାଲ, ସ୍ଲିପର ଓ ଏସି କୋଚ୍ ରହିଛି। ଏଥିସହିତ ରେଳ ମନ୍ତ୍ରଣାଳୟ ଟ୍ରେନ ଭଡା ମଧ ବଢ଼ାଇ ଦେଇଛନ୍ତି। ପୂର୍ବରୁ କାଠଗୋଦାମ-ଜମ୍ମୁତ ୱି ଗରିବ ରଥରେ ଏସି କୋଚ୍ ଭଡା ୭୫୫ ଟଙ୍କା ଥିଲା, ଯାହା ଏବେ ସୁପରଫାଷ୍ଟ ହେବା କାରଣରୁ ୧୦୭୦ ଟଙ୍କାକୁ ବୃଦ୍ଧିପାଇଛି। ଏହି ଟ୍ରେନର ସ୍ଲିପର କୋଚ୍‌ର ଭଡା ୩୯୦ ଟଙ୍କା ରଖାଯାଇଛି। ସେହିପରି କାଠଗୋଦାମ-କାନପୁର ଗରିବ ରଥର ଏସି ଭଡାରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏହା ୬୭୫ ଟଙ୍କାରେ ଅପରିବର୍ତ୍ତିତ ରହିଛି। ଏହାର ସ୍ଲିପର କୋଚ୍ ଭଡ଼ା ୨୫୦ ଟଙ୍କା ଧାର୍ଯ୍ୟ ହୋଇଛି। ଗରିବ ରଥର ଡବା ନିର୍ମାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅର୍ଥାତ୍ ବର୍ତ୍ତମାନ ଚାଲୁଥିବା ସମସ୍ତ ଡବା ପ୍ରାୟ ୧୩ରୁ ୧୪ ବର୍ଷ ପୁରୁଣା। ପୁରୁଣା ଡବାଗୁଡ଼ିକର ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଧିକ ହେଉଥିବାରୁ ରେଲୱେ ଦୈନନ୍ଦିନ କ୍ଷତି ବଢ଼ିବାରେ ଲାଗିଛି। ଏଣୁ ଏହି ବଗି ସ୍ଥାନରେ ଏବେ ନୂଆ ତଥା ଅତ୍ୟାଧୁନିକ ଡବା ନିର୍ମାଣ ହେଉଛି। ଏହି କାରଣରୁ ଗରିବ ରଥର ଡବାଗୁଡ଼ିକୁ ଏବେ ମେଲ୍ ଅଥବା ଏକ୍ସପ୍ରେସ୍‌ରେ ବଦଳାଯାଉଛି। ଏହି କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହୋଇଗଲାଣି। ଦେଶରେ ଏବେ ପ୍ରାୟ ୨୬ ଯୋଡା ଗରିବ ରଥ ଏକ୍ସପ୍ରେସ ଟ୍ରେନ ଚାଲୁଛି। ଯାହାକୁ ପର୍ଯ୍ୟାୟକ୍ରମେ ବନ୍ଦ କରିଦିଆଯିବ ଏବଂ ଏହା ସ୍ଥାନରେ ସୁପରଫାଷ୍ଟ ଟ୍ରେନ ଚାଲିବ। ଲାଲୁ ଯାଦବଙ୍କ ଦ୍ୱାରା ଗରିବ ରଥ ପ୍ରଚଳନ ନେଇ ଘୋଷଣା ହେବା ପରେ ମଧ୍ୟବିତ୍ତ ଶ୍ରେଣୀ ଏହାକୁ ସ୍ୱାଗତ କରିଥିଲେ। କାରଣ ଅଳ୍ପ ଭଡାରେ ଏସି ଟ୍ରେନରେ ଯାତ୍ରା କରିବାର ସ୍ୱପ୍ନ ସେତେବେଳେ ସାକାର ହୋଇଥିଲା। ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ପ୍ରଚଳନ ଯୋଗୁ ଏଣିକି ମଧ୍ୟବିତ୍ତଙ୍କୁ ଅଧିକ ଭଡା ଗଣିବାକୁ ହେବ। ଗରିବ ରଥ ସର୍ବାଧିକ ୧୪୦କିମି ବେଗରେ ଗତି କରିବାରେ ସକ୍ଷମ ଥିଲାବେଳେ ଏହାର ସମସ୍ତ ଡବା ଥାର୍ଡ ଏସିଯୁକ୍ତ ଥିଲା। କିନ୍ତୁ ଏହାର ଭଡା ସାମାନ୍ୟ ଥାର୍ଡ ଏସିଯୁକ୍ତ ଟ୍ରେନ ତୁଳନାରେ ୪୦ ପ୍ରତିଶତ କମ ରହିଛି। ଉଦାହରଣ ସ୍ୱରୂପ ଆନନ୍ଦବିହାର ଠାରୁ ପାଟନା ଜଙ୍କ୍‌ଶନ ଗରିବ ରଥ ଟ୍ରେନର ଭଡା ପ୍ରାୟ ୯୦୦ ଟଙ୍କା ହୋଇଥିବା ବେଳେ ଏହି ରୁଟ୍‌ରେ ମେଲ୍ ଏକ୍ସପ୍ରେସ୍ ଟ୍ରେନର ଏସି-୩ କ୍ଲାସ୍‌ର ଭଡା ୧୩୦୦ ଟଙ୍କା ରହିଛି। ଅର୍ଥାତ୍ ପ୍ରାୟ ୪୦୦ ଟଙ୍କା ଫରକ ରହିଛି। ଯାତ୍ରୀଙ୍କୁ ଖାଦ୍ୟପେୟ ଓ ବେଡ୍ ରୋଲ୍ ଲାଗି ସ୍ୱତନ୍ତ୍ର ଭାବେ ଅର୍ଥ ପ୍ରଦାନ କରିବାକୁ ପଡୁଛି। ଗୋଟିଏ ବେଡ୍ ରୋଲ ପାଇଁ ଯାତ୍ରୀଙ୍କ ଠାରୁ ୨୫ ଟଙ୍କା ଆଦାୟ କରାଯାଉଛି। ଏଥିରେ ଗୋଟିଏ ତକିଆ, ଗୋଟିଏ କମ୍ବଳ ଓ ଦୁଇଟି ଚାଦର ଦିଆଯାଉଛି। ପ୍ରଥମ ଗରିବ ରଥ ଏକ୍ସପ୍ରେସ ଟ୍ରେନ ସହର୍ସା-ଅମୃତସର ମଧ୍ୟରେ ଚାଲିଥିଲା। ଏହାକୁ ୨୦୦୬ ଅକ୍ଟୋବର ୫ରେ ତତ୍କାଳୀନ ରେଳମନ୍ତ୍ରୀ ଲାଲୁ ଯାଦବ ପ୍ରଚଳନ କରିଥିଲେ।

## ବଜାଜର ନୂଆ ପ୍ଲାଟିନା, ସିଟି ୧୧୦



ଭୁବନେଶ୍ୱର, ୧୮-୭

ବଜାଜ ଅଟୋ ପକ୍ଷରୁ ନୂଆ ପ୍ଲାଟିନା ୧୧୦ ଏଚ୍-ଗିୟର ଏବଂ ସିଟି ୧୧୦ ମଡେଲ ବଜାରକୁ ଆସିଛି। ହାଇୱେ ରାଇଡିଂକୁ ନଜରରେ ରଖି ନୂଆ ପ୍ଲାଟିନାକୁ ପ୍ରସ୍ତୁତ କରାଯାଇଛି। ଏଥିରେ ଡିଜିଟାଲ କନସୋଲ ଏବଂ ଗିୟରସିଫ୍ଟ ଗାଇଡ ସ୍ଥାନିତ ହୋଇଛି। ସେହିଭଳି ଗ୍ରାହକମାନେ ଆଣ୍ଟି ସ୍କିଡ ବ୍ରେକିଂ ସିଷ୍ଟମ, କମ୍ଫରଟେକ ଟେକ୍ନୋଲୋଜି, ନାଇଟ୍ରକ୍ସ ଏସ୍ଓଏସ୍ ସସ୍‌ପେନ୍‌ଶନ, ବ୍ରଡର ରବର ଫୁଟପ୍ୟାଡ୍, ଲମ୍ବା ସିଟ୍,ଟ୍ୟୁବଲେସ ଟାୟାର, ୩ଡି ଲୋଗୋ, ନୂଆ ଡେକାଲ ଭଳି ଅନ୍ୟ ଫିଚର ପାଇପାରିବେ। ଏହାର ଡ୍ରମ ଭାରିଆଣ୍ଟ ବଜାର ଦର ୫୩,୩୭୬ ଟଙ୍କା ଏବଂ ଡିସ୍କ ଭାରିଆଣ୍ଟ ବଜାର ଦର ୫୫,୩୭୩ ଟଙ୍କା ରହିଛି। ଇବୋନି ବ୍ଲାକ ସହ ବ୍ଲୁଡେକାଲ , ଇବୋନି ବ୍ଲାକ ସହ ରୟାଲ ବରଗଣ୍ଡି ଡେକାଲ ଏବଂ କକଟେଲ ୱାଇନ ରେଡ ରଙ୍ଗରେ ଆସୁଛି। ଏହି ମଡେଲଟିରେ ଗ୍ରାହକ ଆରାମ, ମାଇଲେଜ, ପିକଅପ୍ ଏବଂ ଷ୍ଟାଇଲ ପାଇପାରିବେ ବୋଲି କମ୍ପାନୀର ମୋଟର ସାଇକେଲ ବାଣିଜ୍ୟ ସଭାପତି ସାରଙ୍ଗ କନାଦେ କହିଛନ୍ତି।

ସେହିଭଳି ନୂଆ ସିଟି ୧୧୦ ଏଣ୍ଟ୍ରି ଲେଭଲ ମୋଟର ସାଇକେଲ କ୍ଷେତ୍ରରେ ବେଷ୍ଟ ଭାଲ୍ୟୁ ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ୩୭,୯୯୭ ଟଙ୍କା ରହିଛି। ଏଥିରେ ୧୧୫ ସିସି ଡିଟିଏସ୍ଆଇ ଇଞ୍ଜିନ, ଉନ୍ନତ ମାଇଲେଜ, ଉନ୍ନତ ଗ୍ରାଉଣ୍ଡ କ୍ଲିୟରାନ୍ସ, ଦୃଢ କ୍ରାସ୍ ଗାର୍ଡ ସହ ଉନ୍ନତ ବୈଶିଷ୍ଟ୍ୟ ରହିଛି। ଏହାର କିକ୍ ଷ୍ଟାର୍ଟ ଭାରିଆଣ୍ଟ ମୂଲ୍ୟ ୩୭,୯୯୭ ଟଙ୍କା ହୋଇଥିବା ବେଳେ ଇଲେକଟ୍ରିକ ଷ୍ଟାର୍ଟ ବଜାର ଦର ୪୪,୪୮୦ ଟଙ୍କା ରହିଛି। ମେଟ ଅଲିଭ୍ ଗ୍ରୀନ ସହ ହଳଦୀ ରଙ୍ଗର ଡେକାଲ୍ସ, ଗ୍ଲସି ଇବୋନି ବ୍ଲାସ ସହ ନୀଳ ଡେକାଲ୍ସ, ଗ୍ଲସ୍ ଫ୍ଲେମ ରେଡ୍ ସହ ବ୍ରାଇଟ ରେଡ ଡେକାଲ୍ସ ରଙ୍ଗରେ ଏହା ଆସୁଛି। ଗ୍ରାହକ ଏହି ମଡେଲରେ ଗୁଣବତ୍ତା ସହ ଶକ୍ତି,ମାଇଲେଜ ଏବଂ ଆକର୍ଷଣୀୟ ମୂଲ୍ୟ ଲାଭ କରିପାରିବେ ବୋଲି କନାଦେ କହିଛନ୍ତି।

## ରେଲୱେ ବୋର୍ଡରେ ଯୋଗଦେଲେ ପୂର୍ଣ୍ଣେନ୍ଦୁ ମିଶ୍ର

ଭୁବନେଶ୍ୱର, ୧୮-୭,(ବ୍ୟୁରୋ)



ରେଲୱେ ବୋର୍ଡ ଯାତାୟାତ ସଦସ୍ୟ (ମେମ୍ବର ଟ୍ରାଫିକ) ଭାବେ ପୂର୍ଣ୍ଣେନ୍ଦୁ ମିଶ୍ର ଯୋଗ ଦେଇଛନ୍ତି। ସେ ଭୁବନେଶ୍ୱର ବାସିନ୍ଦା ଅଟନ୍ତି। ଏହା ପୂର୍ବରୁ ସେ କଲିକତାଠାରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଏବଂ ସ୍ୱଳ୍ପ ସମୟ ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଛନ୍ତି । ୧୯୮୨ ମସିହାରେ ସେ ଭାରତୀୟ ରେଳବାଇ ଟ୍ରାଫିକ ସେବାରେ ଯୋଗ ଦେଇଥିଲେ। ରେଲୱେ ଯାତାୟାତ ପରିଚାଳନାରେ ସେ ଦୀର୍ଘ ଦିନର ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ରେଳବାଇ ବୋର୍ଡ ନିରାପତ୍ତା ଉପଦେଷ୍ଟା ଏବଂ କର୍ପୋରେଟ କମ୍ୟୁନିକେଶନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ରାୟପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଓ ମୁମ୍ବାଇସ୍ଥିତ ପଶ୍ଚିମ ରେଳପଥର ପ୍ରମୁଖ ପରିଚାଳନା ପ୍ରବନ୍ଧକ ଭାବେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ଏପରି ସ୍ଥିତିରେ ରେଳବାଇ ବୋର୍ଡରେ ନିର୍ଣ୍ଣାୟକ ପଦବୀରେ ଯୋଗଦାନ କରିଛନ୍ତି ଯେତେବେଳେ ବହୁ ଗୁରୁତ୍ୱ ବହନ କରୁଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ ଓ ସମାପ୍ତ ଅଥବା କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି। ରେଳପଥରେ ଭିତ୍ତିଭୂମିର ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ପୂର୍ବତଟ ରେଳପଥ ସହିତ ଏହି ଅଞ୍ଚଳରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଅଂଶୀଦାର ବା ସହଭାଗୀ ଉପଭୋକ୍ତା ଏବଂ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରକ୍ଷାକରି ପ୍ରକଳ୍ପଗୁଡ଼ିକୁ ଆଗେଇ ନେବା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିବ ବୋଲି ଆଶା କରାଯାଉଛି।

## ଫେବୃୟାରୀରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି

ନୂଆଦିଲ୍ଲୀ,୧୮-୭

ଆସନ୍ତାବର୍ଷ ଫେବୃୟାରୀ ୧୧ରୁ ତିନିଦିନ ଧରି ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି କରାଯିବ ବୋଲି ବ୍ରିଟେନ ହାଇକୋର୍ଟ ପକ୍ଷରୁ ଗୁରୁବାର ପ୍ରକାଶ କରାଯାଇଛି। ଏଥିପୂର୍ବରୁ ଚଳିତ ମାସ ୨ରେ ଲଣ୍ଡନ ହାଇକୋର୍ଟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ବିରୋଧରେ ଆଗତ ଅପିଲକୁ ଗ୍ରହଣ କରି ସମ୍ପୂର୍ଣ୍ଣ ଶୁଣାଣି ପାଇଁ ଅନୁମତି ଦେଇଛନ୍ତି। ହାଇକୋର୍ଟରୁ ମାଲ୍ୟାଙ୍କୁ ଆଶ୍ୱସ୍ତି ମିଳି ନ ଥିଲେ ତାଙ୍କୁ ତୁରନ୍ତ ଭାରତକୁ ପ୍ରତ୍ୟର୍ପଣ କରାଯାଇଥାନ୍ତା। କିଙ୍ଗଫିଶର ଏୟାରଲାଇନ୍ସର ପ୍ରମୋଟରଙ୍କୁ ପୂର୍ବରୁ ପଳାତକ ଆର୍ଥିକ ଅପରାଧୀ ଭାବେ ଘୋଷଣା କରାଯାଇସାରିଛି। ମାଲ୍ୟା ମଧ ଏହାକୁ ଚ୍ୟାଲେଞ୍ଜ କରି ବମ୍ବେ ହାଇକୋର୍ଟରେ ଅପିଲ କରିଛନ୍ତି, ଯାହାର ଶୁଣାଣି ଆରମ୍ଭ ହୋଇଛି। ସୂଚନାଥାଉ କି, ଭାରତର ଏକାଧିକ ବ୍ୟାଙ୍କରୁ ପ୍ରାୟ ୯ହଜାର କୋଟି ଟଙ୍କା ନେଇ ମାଲ୍ୟା ବ୍ରିଟେନ ପଳାଇଥିଲେ। ତାଙ୍କ ବିରୋଧରେ ମନିଲଣ୍ଡରିଂ ଅଭିଯୋଗ ହୋଇଛି।

## କିଆ ସେଲ୍‌ଟସର ବୁକିଂ ଆରମ୍ଭ

- ଦିନକରେ ୬ ହଜାର ୟୁନିଟ ଟପିଲା



ନୂଆଦିଲ୍ଲୀ,୧୮-୭

କିଆ ମୋଟର୍ସର ନୂଆ ମଡେଲ ସେଲ୍‌ଟସର ବୁକିଂ ଆରମ୍ଭ ହୋଇଛି। ପ୍ରଥମ ଦିନରେ କମ୍ପାନୀ ଏହି ମଡେଲର ୬,୦୪୬ ୟୁନିଟ୍ ଲାଗି ବୁକିଂ ହାସଲ କରିଛି। ଭାରତୀୟ ଅଟୋମୋବାଇଲ ଇଣ୍ଡଷ୍ଟ୍ରି ଲାଗି ଏହା ଏକ ରେକର୍ଡ। ଏହି ରେକର୍ଡ ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ଭଲ ପାଇବା ଦର୍ଶାଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ମଙ୍ଗଳବାର କମ୍ପାନୀର ଅନ୍‌ଲାଇନ ସାଇଟ ୨ ଲକ୍ଷ ହିଟ୍ ହାସଲ କରିଥିବା ବେଳେ ଦିନକରେ ୧୬୨୮ ଅନଲାଇନ ବୁକିଂ ଆସିଛି। କିଆ ମୋଟର୍ସ ଇଣ୍ଡିଆ ଦେଶର ୧୬୦ ଡିଲରଶିପରେ ସେଲଟସ୍ ଲାଗି ପ୍ରିବୁକିଂ ଗ୍ରହଣ କରୁଛି।

ଗ୍ରାହକଙ୍କଠାରୁ ଏଭଳି ରେସପନ୍ସ ଲାଭ କରି ଅତ୍ୟନ୍ତ ଖୁସି ବୋଲି କିଆ ମୋଟର୍ସ ଇଣ୍ଡିଆର ସେଲ୍‌ସ ମାର୍କେଟିଂ ଉପସଭାପତି ତଥା ମୁଖ୍ୟ ମନୋହର ଭଟ୍ଟ କହିଛନ୍ତି। ଭାରତୀୟ ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି। ଏହା ବିଏସ୍-୬ ଇଞ୍ଜିନ ଯୁକ୍ତ ମଧ୍ୟମବର୍ଗ ଏସ୍‌ୟୁଭି, ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଆସୁଛି। ସମସ୍ତ ପାଓ୍ୱାର ଟ୍ରେନରେ ଏହାର ମାନୁଆଲ ଏବଂ ଅଟୋମେଟିକ ବିକଳ୍ପ ଉପଲବ୍ଧ କରାଯାଉଛି। ଭାରତରୁ ଏହି ମଡେଲଟି ବିଶ୍ୱ ବଜାରରେ ପ୍ରବେଶ କରିଛି। ଡିଜାଇନ,ଗୁଣବତ୍ତା ଏବଂ ବିଶ୍ୱସ୍ତରୀୟ ବୈଶିଷ୍ଟ୍ୟ ଦୃଷ୍ଟି କୋଣରୁ ଏହା ଗ୍ରାହକଙ୍କ ଧ୍ୟାନ ଆକର୍ଷଣ କରିଛି। ଗ୍ରାହକଙ୍କ ଆକାଂକ୍ଷା ଏହାକୁ ବହୁପ୍ରତୀକ୍ଷିତ କାର ଭାବେ ରୂପାନ୍ତରିତ କରିଛି। ଏହା ଟେକ୍ ଲାଇନ ଏବଂ ଜିଟି ଲାଇନ ଭଳି ୨ ଟ୍ରିମରେ ଆସିଛି।

**ମଡେଲର ଅନ୍ୟ ପ୍ରମୁଖ ଫିଚର**

- ୮.୦ ହେଡ ଅପ୍ ଡିସ୍‌ପ୍ଲେ
- ୧୦.୨୫ ଏଚ୍‌ଡି ଟଚ୍‌ସ୍କ୍ରିନ
- ହାଇଟେକ ସାଉଣ୍ଡମୋଡ ଲ୍ୟାମ୍ପ,ରିୟର ଶେଡ୍ କର୍ଟେନ
- ୩୬୦ ଡିଗ୍ରୀ ଭିୟୁ ମନିଟର,ବ୍ଲାଇଣ୍ଡ ସ୍ପଟ ମନିଟରିଂ
- ଓ୍ୱାର୍ଲଡ ଫାଷ୍ଟ କନେକ୍ଟ ଏୟାର ପ୍ୟୁରିଫାୟର
- ୟୁଭିଓ କନେକ୍ଟ ସିଷ୍ଟମ, ଓ୍ୱେରଲେସ୍ କମ୍ୟୁନିକେଶନ
- ୮ ସ୍ପିକର ବୋସ୍ ହାଇଫାଇ ସିଷ୍ଟମ

## ଓଡ଼ିଶାରେ ୪ଜି ସେବା ପାଇଁ ବିଏସ୍‌ଏନ୍‌ଏଲ୍‌ର ଯୋଜନା



ଭୁବନେଶ୍ୱର, ୧୮-୭,(ବ୍ୟୁରୋ)

ଚଳିତ ବର୍ଷ ଶେଷ ସୁଦ୍ଧା ସାରା ଦେଶରେ ୪-ଜି ଇଣ୍ଟରନେଟ ସେବା ଯୋଗାଣ ଲାଗି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ୍) ଯୋଜନା ରଖିଛି। ଏପରି ସ୍ଥିତିରେ ଓଡ଼ିଶାରେ କମ୍ପାନୀ ସେବା ଯୋଗାଣ ଲାଗି ମଧ ଲକ୍ଷ୍ୟ ରଖିଛି। ଏଥିପାଇଁ ରାଜ୍ୟରେ ପ୍ରାୟ ୫୦୦ କୋଟି ଟଙ୍କା ନିବେଶ ହୋଇପାରେ ବୋଲି ବିଏସ୍ଏନ୍ଏଲ୍ ଓଡ଼ିଶା ସର୍କଲ ସିଜିଏମ୍ ଉଦୟ ଶଙ୍କର ପଣ୍ଡା ଗୁରୁବାର କହିଛନ୍ତି। ଏଠାରେ ଅନୁଷ୍ଠିତ ଏକ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ଆଗାମୀ ଦିନରେ ଅଲ୍ଟ୍ରା। ହାଇସ୍ପିଡ୍ ୫-ଜି ସେବା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯିବ। କମ୍ପାନୀ କେତେକ ଅଂଶୀଦାରଙ୍କ ସହ ଚୁକ୍ତି କରିଛି। ଏହି ଅବସରରେ ଭୁବନେଶ୍ୱରରେ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ଆଧାର ସେବା କେନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ରାଜ୍ୟର କମନ ସର୍ଭିସ ସେଣ୍ଟରଗୁଡ଼ିକରେ ଏଭଳି ୯୫ ସେଣ୍ଟର ଆଧାର ସେବା ପ୍ରଦାନ କରାଯିବ। ସାରା ଦେଶରେ ୩୦୦୦ ସେଣ୍ଟରରେ ଏହି ସେବା ପ୍ରଦାନ ନେଇ ଯୋଜନା ରଖାଯାଇଛି। ଏଥିପାଇଁ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ। ଓଡ଼ିଶାରେ ୩ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ରାଜ୍ୟରେ ଥିବା କମ୍ପାନୀର ଆସେଟ ମନେଟାଇଜେଶନ ନେଇ ପ୍ରସ୍ତାବ ରହିଥିବା ପଣ୍ଡା କହିଛନ୍ତି।

## ଏୟାର ଇଣ୍ଡିଆ ବିକ୍ରି ମନ୍ତ୍ରିଗୋଷ୍ଠୀର ନେତୃତ୍ୱ ନେବେ ଅମିତ୍ ଶାହ

ନୂଆଦିଲ୍ଲୀ,୧୮-୭

କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଏୟାର ଇଣ୍ଡିଆ ବିକ୍ରି(ପୁଞ୍ଜି ପ୍ରତ୍ୟାହାର) ସଂକ୍ରାନ୍ତ ପୁନର୍ଗଠିତ ମନ୍ତ୍ରିଗୋଷ୍ଠୀର ନେତୃତ୍ୱ ନେବେ। ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଏଥିରୁ ହଟାଇ ଦିଆଯାଇଛି। ଗୁରୁବାର ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏହି ମନ୍ତ୍ରିଗୋଷ୍ଠୀ ଏୟାର ଇଣ୍ଡିଆକୁ ବିକ୍ରି କରିବାର ପନ୍ଥାପଦ୍ଧତି ନିର୍ଦ୍ଧାରଣ କରିବେ। ଏହି ଗୋଷ୍ଠୀରେ ୪ କେନ୍ଦ୍ରମନ୍ତ୍ରୀ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ବାଣିଜ୍ୟ ଏବଂ ରେଳମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ରହିଛନ୍ତି। ସୂଚନାଥାଉ କି, ୨୦୧୭ ଜୁନ୍‌ରେ ପ୍ରଥମ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଥିଲା। ଏହାକୁ ଏୟାର ଇଣ୍ଡିଆ ସ୍ୱତନ୍ତ୍ର ବିକଳ୍ପ ବ୍ୟବସ୍ଥା (ଏଆଇଏସ୍ଏମ୍) ନାମ ଦିଆଯାଇଥିଲା।

## ଭାରତନେଟ୍‌କୁ ମିଳିଲା ୨୦,୪୩୧ କୋଟି

**ଅଢ଼େଇ ଲକ୍ଷ ଗାଁରେ ପହଞ୍ଚିବ ହାଇସ୍ପିଡ୍ ଇଣ୍ଟରନେଟ୍**

ନୂଆଦିଲ୍ଲୀ,୧୮-୭

କେନ୍ଦ୍ର ସରକାର ଭାରତନେଟ୍ ପ୍ରକଳ୍ପ ଲାଗି ଅଦ୍ୟାବଧି ୨୦,୪୩୧ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏହି ଅର୍ଥ ବ୍ୟୟ କରି ଦେଶର ୨.୫ ଲକ୍ଷ ଗାଁକୁ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ନେଟ୍‌ଓ୍ୱାର୍କ ସହ ଯୋଡାଯିବ ବୋଲି ସରକାର ପ୍ରକାଶ କରିଛନ୍ତି। ଟେଲିକମ୍ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଗୁରୁବାର ରାଜ୍ୟ ସଭାରେ ଏକ ଲିଖିତ ଜବାବରେ କହିଛନ୍ତି ଯେ, ଦୁଇଟି ପର୍ଯ୍ୟାୟର ଭାରତନେଟ୍ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ମୋଟ ୪୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ଦେଶର ୨.୫ ଲକ୍ଷ ଗ୍ରାମପଞ୍ଚାୟତକୁ ୱାଇ-ଫାଇ ଅଥବା ଅନ୍ୟ କୌଣସି ଉଚିତ୍ ବ୍ରଡବ୍ରାଣ୍ଡ ଟେକ୍ନୋଲୋଜି,ଇଣ୍ଟରନେଟ ସେବା ସହ ଯୋଡାଯିବ। ୱାଇ-ଫାଇ ଜରିଆରେ ଦେଶରେ ଜଣେ ଗ୍ରାହକ ହାରାହାରି ପ୍ରାୟ ୫୨ ଏମ୍‌ବି ଡାଟା ପ୍ରତି ମାସରେ ବ୍ୟବହାର କରିଥାଏ ବୋଲି ସେ କହିଛନ୍ତି। ୨୦୧୮ ଜୁଲାଇ ୪ ସୁଦ୍ଧା ଦେଶରେ ପ୍ରାୟ ୩,୪୫,୭୭୯ କିମି ଅପ୍ଟିକାଲ ଫାଇବର କେବଲ ବିଛା ଯାଇଛି। ଏହାଦ୍ୱାରା ୧,୩୧,୩୯୨ ଗ୍ରାମପଞ୍ଚାୟତକୁ ଯୋଡାଯାଇଛି। ଏଥିମଧ୍ୟରୁ ୧,୨୦,୫୬୨ ଗାଁରେ ଇଣ୍ଟରନେଟ୍ ସେବା ମିଳିବାକୁ ଯାଉଛି। ସେ କହିଛନ୍ତି ଯେ, ଭାରତନେଟ୍ ପ୍ରକଳ୍ପ ଅଧୀନରେ ସାଟେଲାଇଟ ମିଡିଆ ଜରିଆରେ ପ୍ରାୟ ୩୬୨୦ ଗ୍ରାମପଞ୍ଚାୟତକୁ ଯୋଡିବାର ଯୋଜନା ରହିଛି। ଏହି ଗାଁଗୁଡ଼ିକ ଅରୁଣାଚଳ ପ୍ରଦେଶ, ମେଘାଳୟ, ମଣିପୁର, ମିଜୋରାମ୍, ଝାଡ଼ଖଣ୍ଡ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ରହିଛି। ଏହି ଗାଁଗୁଡ଼ିକୁ ଜିସାଟ୍-୧୧ ଜରିଆରେ ଇଣ୍ଟରନେଟ୍ ସଂଯୋଗ ଦିଆଯିବ ବୋଲି ପ୍ରସାଦ ସ୍ପଷ୍ଟ କରିଛନ୍ତି।

## ବାଣିଜ୍ୟ ବିବାଦ ସମାଧାନ ଲାଗି ଆମେରିକା ଯିବେ ଗୋୟଲ

ନୂଆଦିଲ୍ଲୀ,୧୮-୭

କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଆସନ୍ତା ମାସରେ ଆମେରିକା ଯିବେ। ୱାଶିଂଟନରେ ପହଞ୍ଚିବା ପରେ ଆମେରିକା ବାଣିଜ୍ୟ ପ୍ରତିନିଧି(ୟୁଏସ୍‌ଟିଆର୍) ମୁଖ୍ୟ ରବର୍ଟ ଲାଇଟହାଇଜରଙ୍କୁ ସେ ଭେଟିବେ। ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ବାଣିଜ୍ୟ ବିବାଦର ସମାଧାନ ଏହି ବୈଠକର ମୁଖ୍ୟ ପ୍ରସଙ୍ଗ ହେବ ବୋଲି ଗୁରୁବାର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଗୋୟଲ ଅଗଷ୍ଟ ୭,୮ ଓ ୯ରେ ତାଙ୍କର ସମକକ୍ଷଙ୍କ ସହ ଦୁଇ ଦେଶର ବାଣିଜ୍ୟ ନେଇ ଆଲୋଚନା କରିବେ। ଆମେରିକା ଓ ଭାରତ ବିଭିନ୍ନ ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଥିବାରୁ ଦୁଇଦେଶର ବାଣିଜ୍ୟକୁ ନେଇ ଏବେ ମତଭେଦ ସୃଷ୍ଟି ହୋଇଛି। ଏହି କାରଣରୁ ଗୋୟଲଙ୍କ ବୈଠକ ବେଶ୍ ଗୁରୁତ୍ୱ ବହନ କରୁଛି।



❝ ମୁଁ ଚର୍ମ କର୍କଟ ରୋଗରେ ପୀଡ଼ିତ ଥିଲେ ମଧ୍ୟ ଆସନ୍ତା ମାସରେ ହେବାକୁ ଥିବା ଆଶେସ ସିରିଜ ବେଳକୁ କମେଣ୍ଟ୍ରି ଦେବା ପାଇଁ ଫିଟ୍ ହୋଇଯାଇଥିବି ।

–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ



❝ ନଭେମ୍ବରରେ ଟୋକିଓ ଅଲିମ୍ପିକ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡ ପୂର୍ବରୁ ଆସନ୍ତା ୩ ମାସ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

–ମନପ୍ରୀତ ସିଂ, ଭାରତୀୟ ହକି ଦଳ ଅଧିନାୟକ

## ସଂକ୍ଷେପରେ

### ପିଟି ଉଷା ଆଇଏଏଫ୍‌ର ଭେଟେରାନ ପିନ୍ ମନୋନୀତ

ନୂଆଦିଲ୍ଲୀ,୧୮।୭(ପିଟି): ଦେଶର ଟ୍ରାକ୍ ଓ ଫିଲ୍ଡ କିମ୍ବଦନ୍ତୀ ପି.ଟି. ଉଷାଙ୍କୁ ଅନ୍ତର୍ଜାତୀୟ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଫ୍)ର ଭେଟେରାନ ପିନ ଭାବେ ମନୋନୀତ କରାଯାଇଛି। ଉଷା ଭାରତର ଅନ୍ୟତମ ଶ୍ରେଷ୍ଠ ଧାବିକା। ଟ୍ରାକ୍‌ରେ ଚମକପ୍ରଦ କ୍ୟାରିୟର ଯୋଗୁ ତାଙ୍କୁ କୁଇନ୍ ଅଫ ଟ୍ରାକ୍ ଓ ଫିଲ୍ଡ କୁହାଯାଉଥିଲା। ୧୦୦ ମିଟର, ୨୦୦ମି., ୪୦୦ ମି. ଦୌଡ଼, ୪୦୦ ମି. ବାଧା ଦୌଡ଼ ଓ ୪ ଗୁଣା ୪୦୦ ରିଲେ ଇଭେଣ୍ଟରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୯୮୫ରେ ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ୫୫ ବର୍ଷୀୟା ପୂର୍ବତନ ଧାବିକାଙ୍କୁ ଜାକର୍ତ୍ତାଠାରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବକୁ ଆମନ୍ତ୍ରଣ କରାଯାଇଛି। ୫୨ତମ ଆଇଏଏଫ୍ କଂଗ୍ରେସ ବୈଠକ ବେଳେ ହେବାକୁ ଥିବା ପୁରସ୍କାର ବିତରଣ ଉତ୍ସବରେ ଯୋଗଦେବା ଆମନ୍ତ୍ରଣ ପାଇବା ମୋ ପାଇଁ ଖୁସିର ବିଷୟ। ଉଲ୍ଲେଖଥାଉ କି, ୧୯୮୪ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ଭାବେ ୪୦୦ ମି. ବାଧା ଦୌଡ଼ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିବା ଉଷାଙ୍କ କ୍ୟାରିୟରର ସବୁଠୁ ସ୍ମରଣୀୟ ସଫଳତା। ସେଠାରେ ଏକ ସେକେଣ୍ଡରୁ ଆହୁରି କମ୍ ସମୟରେ ସେ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲେ।

### ହଲ୍ ଅଫ୍ ଫେମ୍ ଓପନରୁ ରାମକୁମାର ବିଦା

ନ୍ୟୁପୋର୍ଟ(ୟୁଏସ୍‌ଏ),୧୮।୭(ପିଟି)-ଏଠାରେ ଚାଲିଥିବା ହଲ୍ ଅଫ୍ ଫେମ୍ ଓପନ ଟେନିସ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରୁ ରାମକୁମାର ରମାନାଥନ ସିଧାସଳଖ ସେଟ୍‌ରେ ଫ୍ରାନ୍ସର ଉଗୋ ହମବର୍ଟଙ୍କଠାରୁ ପରାଜୟ ବରଣ କରିଛନ୍ତି। ଗତବର୍ଷ ଏଠାରେ ରନର୍ସଅପ୍ ହୋଇଥିବା ରାମକୁମାର ୬(୫)-୭, ୦-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଏହି ପରାଜୟ ତାଙ୍କ ର୍‍ୟାଙ୍କିଙ୍ଗ୍‌କୁ ନିଶ୍ଚିତ ପ୍ରଭାବିତ କରିବ। ବର୍ତ୍ତମାନ ଏଟିପି ର୍‍ୟାଙ୍କିଙ୍ଗ୍‌ର ୧୩୪ତମ ସ୍ଥାନରେ ଥିବା ରମାନାଥନ ୧୮୧ତମ ମାନ୍ୟତାକୁ ଖସି ଯାଇପାରନ୍ତି। ଅନ୍ୟପକ୍ଷରେ ଭେଟେରାନ ଲିଆଣ୍ଡର ପେସ ଓ ତାଙ୍କ ନ୍ୟୁଜିଲାଣ୍ଡ ସାଥୀ ମାର୍କୁସ ଡାନିଏଲ ପୁରୁଷ ଡବଲ୍ସ ବର୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପେସ ଓ ଡାନିଏଲ ୨-୬, ୬-୨, ୧୦-୫ ସେଟ୍‌ରେ ଅଷ୍ଟ୍ରେଲିଆର ଲୁକ ସାଭିଲେ ଓ ମ୍ୟାକ୍ସ ପରସେଲଙ୍କୁ ହରାଇଛନ୍ତି। ଇଣ୍ଡୋ-ନ୍ୟୁଜିଲାଣ୍ଡ ଯୋଡ଼ି ପରବର୍ତ୍ତୀ ରାଉଣ୍ଡରେ ମାଥ୍ୟୁ ଇବଡେନ ଓ ରବର୍ଟ ଲିଣ୍ଡଷ୍ଟଟଙ୍କୁ ଭେଟିବେ।







କଟକରେ ଚାଲିଥିବା ରାଜ୍ୟ ଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଗୁରୁବାର ମହିଳା ବିଭାଗରେ ଭାରତର ଅର୍ଚ୍ଚନା କାମାଥ ଓ ମାଲେସିଆର ଟି ଆଇ ଜିନ୍ ଏବଂ ପୁରୁଷ ବିଭାଗରେ ଶ୍ରୀଲଙ୍କାର ମିଲିନ୍ଦା ଲଖିଥା ଓ ଭାରତର ମାନବ ଠକ୍କରଙ୍କ ମଧ୍ୟରେ ମୁକାବିଲା ।

# ରାଜ୍ୟ ଟିଟିର ସ୍ରଷ୍ଟା ଏବେ ଅଲୋଡ଼ା

**ଗ୍ୟାଲେରିରେ ସନ୍ନ୍ୟାସୀ ବେଶରେ ସୁଢ଼ଳ**

କଟକ ଅଫିସ,୧୮।୭

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଛି ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା। ଗ୍ୟାଲେରିର ୯ନଂ ବ୍ଲକର ଶେଷ ଚେୟାରରେ ବସିଥାନ୍ତି ଜଣେ ବ୍ୟକ୍ତି, ଯାହାଙ୍କର ବେଶଭୂଷା ଷ୍ଟାଡିୟମର କ୍ରୀଡ଼ା ମାହୋଲକୁ ଆଦୌ ସୁହାଉ ନ ଥାଏ। ମୁଣ୍ଡରେ କପଡ଼ା ବାନ୍ଧିବା ସହ ଗେରୁଆ ବସ୍ତ୍ର ପରିଧାନ କରିଥାନ୍ତି ସେ। ମୁହଁରେ ଦାଢ଼ି ରଖିଥିବା ଏହି ବ୍ୟକ୍ତିଙ୍କୁ ଯିଏ ବି ଦେଖିବ ଜଣେ ସନ୍ନ୍ୟାସୀ ବୋଲି ହିଁ ଅନୁମାନ କରିବ। ହେଲେ ତାଙ୍କ ନିକଟକୁ ଯିବା ବେଳେ ସେ ହଠାତ୍ ଇଂରାଜୀରେ କଥାବାର୍ତ୍ତା କରିବା ଆରମ୍ଭ କରିଥିଲେ। ଏପରିକି ଖେଳାଳିମାନେ ଭଲ ଖେଳିପାରୁନାହାନ୍ତି ବୋଲି ମଧ୍ୟ ସେ କହିଥିଲେ। ତାଙ୍କ ପରିଚୟ ଜାଣିବାକୁ ଚେଷ୍ଟା କରିବା ବେଳେ ଯାହା ଜଣାପଡ଼ିଲା ତାହା ଚକିତ କରିଥିଲା। ଏହି ବ୍ୟକ୍ତି ଜଣଙ୍କ ଥିଲେ ରାଜ୍ୟ ଟେବୁଲ ଟେନିସ କ୍ରୀଡ଼ାର ସ୍ରଷ୍ଟା, ରାଜ୍ୟ ମହିଳା କ୍ରିକେଟର ଜନକ, ରାଜ୍ୟ ଟେବୁଲ ଟେନିସ କ୍ରୀଡ଼ାର ପୂର୍ବତନ ସମ୍ପାଦକ, ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ପୂର୍ବତନ ଟେକ୍ନିକାଲ କମିଟି ଅଧ୍ୟକ୍ଷ ସୁଢ଼ଳ ମହାନ୍ତି। ରାଜ୍ୟ କ୍ରୀଡ଼ା ଜଗତର ବେତାଜ ବାଦଶାହା ବୋଲି ସୁଢ଼ଳ କ୍ରୀଡ଼ା ସଙ୍ଗଠକମାନଙ୍କ ମଧ୍ୟରେ ପରିଚିତ ।

୮୨ ବର୍ଷରେ ପଦାର୍ପଣ କରିସାରିଥିବା ଏହି କ୍ରୀଡ଼ା ସଙ୍ଗଠକଙ୍କର ଏପରି ଅବସ୍ଥା ଦୁଃଖଦାୟକ ମଧ୍ୟ ଥିଲା। ପରିଣତ ବୟସରେ ଠିକରେ ସେ ଚଲାବୁଲା କରି ପାରୁନାହାନ୍ତି। ହେଲେ ଟେବୁଲ ଟେନିସ ଟୁର୍ନାମେଣ୍ଟ ଦେଖିବାକୁ ସେ ରାଜ୍ୟର ସବୁ ଭେନ୍ୟୁରେ ପହଞ୍ଚନ୍ତି। ତାଙ୍କ ସହ କିଛି ସମୟର କଥାବାର୍ତ୍ତାରୁ ଜଣାପଡ଼ିଥିଲା ଯେ, ସେ ଏକ ଦୀକ୍ଷା ନେଇଛନ୍ତି। ଏହି ଦୀକ୍ଷା ଅନୁସାରେ ତାଙ୍କୁ ଗୋଟିଏ ସ୍ଥାନରେ ରହିବା ବାରଣ ହୋଇଛି। ଏଣୁ ସେ କେତେବେଳେ ଗଡ଼ଗଡ଼େଶ୍ୱର ମନ୍ଦିରରେ ତ କେତେବେଳେ ଚହଟା ଘାଟ ପାଖରେ। ଏ ପରିକି ଷ୍ଟେଶନ ବାରଣ୍ଡାରେ ମଧ୍ୟ ଜୀବନଯାପନ କରୁଛନ୍ତି। ଇଂଲିଶରେ ପ୍ରଗାଢ଼ ଜ୍ଞାନ ଥିବା ସୁଢ଼ଳଙ୍କ ଘର ହେଉଛି ସୁକିନ୍ଦା ଅଞ୍ଚଳରେ। କ୍ରୀଡ଼ା ପ୍ରତି ଆଗ୍ରହ ଥିବା ଯୋଗୁ ସତୁରୀ ଦଶକରେ ସେ ଏହି ଦୁନିଆରେ ପାଦ ଥାପିଥିଲେ। କଟକରେ ଟେବୁଲ ଟେନିସ ଖେଳ ଆରମ୍ଭ କରିବା କ୍ଷେତ୍ରରେ ଯେଉଁ କେତେଜଣ ବ୍ୟକ୍ତିବିଶେଷଙ୍କ ନାମ ଆସେ, ସେମାନଙ୍କ ମଧ୍ୟରେ ସୁଢ଼ଳ ଅନ୍ୟତମ। ଏପରି କି ସୁଢ଼ଳଙ୍କ ପ୍ରଚେଷ୍ଟାରେ ଭାରତ–କୋରିଆ ବିପକ୍ଷ ଟିଟି ଟୁର୍ନାମେଣ୍ଟ କଟକରେ କରାଯାଇଥିଲା। ପରେ ମହିଳା କ୍ରିକେଟ ମଧ୍ୟ ସୁଢ଼ଳଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ୧୯୯୦ ପରଠାରୁ ସୁଢ଼ଳଙ୍କୁ ଷ୍ଟାଡିୟମରେ ଦେଖିବାକୁ ମିଳୁନି ବୋଲି ଜଣେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ କହିଛନ୍ତି। ସେ ଏ କଥା ବି କହିଥିଲେ, ସୁଢ଼ଳଙ୍କ ସ୍ୱାଭିମାନ ହିଁ ତାଙ୍କୁ ସନ୍ନ୍ୟାସୀ କରିବାକୁ ବାଧ୍ୟ କରିଛି । ସୁଢ଼ଳ କାହା ଆଗରେ ମୁଣ୍ଡ ନୁଆଁଉ ନ ଥିଲେ। ପରବର୍ତ୍ତୀ ସମୟରେ ଯେଉଁମାନେ କ୍ରୀଡ଼ା ସଙ୍ଗଠକ ଭାବେ ଆଗକୁ ଆସିଥିଲେ ସେମାନଙ୍କ ସହ ସୁଢ଼ଳଙ୍କର ଆଚରଣ ଖାପ ଖାଉ ନ ଥିଲା। ସଚ୍ଚୋଟ କାର୍ଯ୍ୟ ଯୋଗୁ ସୁଢ଼ଳ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲେ। ମିଶନ ସ୍କୁଲରେ ଟେବୁଲ ପକାଇ ଟିଟି ଟୁର୍ନାମେଣ୍ଟ ଏହି ବ୍ୟକ୍ତି ଜଣଙ୍କ ଆରମ୍ଭ କରିଥିଲେ। ଦିନେ ସନ୍ଧ୍ୟାରେ ସୁଢ଼ଳଙ୍କୁ କିଛି କ୍ରୀଡ଼ା ସଙ୍ଗଠକ ନିର୍ଘୃଣ ମାଡ଼ ମାରିଥିଲେ ବୋଲି ମଧ୍ୟ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଜଣଙ୍କ କହିଛନ୍ତି। ହେଲେ ସୁଢ଼ଳଙ୍କ ଉପରେ ହୋଇଥିବା ଅନ୍ୟାୟର ସାକ୍ଷୀ କେହି ବି ଜଣେ ନାହାନ୍ତି। ସେବେଠାରୁ ସୁଢ଼ଳ କ୍ରୀଡ଼ା ଦୁନିଆରୁ ଦୂରେଇ ଯାଇଛନ୍ତି ବୋଲି ସେ କୁହନ୍ତି ।

ଅନ୍ୟପକ୍ଷରେ ଗୁରୁବାର ସୁଢ଼ଳ ଷ୍ଟାଡିୟମରେ ପହଞ୍ଚି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କୁ ଭେଟିବାକୁ ଯାଇଥିଲେ। ଗେଟ୍ ପାଖରେ ପୋଲିସମାନେ ତାଙ୍କୁ ଭିତରକୁ ଯିବାକୁ ଦେଇ ନ ଥିଲେ। ରବୀନ୍ଦ୍ର ଘଟଣା ସମ୍ପର୍କରେ ଜାଣି ତୁରନ୍ତ ଆସି ତାଙ୍କର ଖାଦ୍ୟପେୟ, ମ୍ୟାଚ୍ ଦେଖିବାର ବ୍ୟବସ୍ଥା କରିବା ସହ ଯିବା ପାଇଁ ଗାଡ଼ି ଭଡ଼ା ମଧ୍ୟ କରିଦେଇଥିବା ଦେଖିବାକୁ ମିଳିଥିଲା ।



# ସେମିରେ ଭାରତ

**ରାଜ୍ୟଗୋଷ୍ଠୀ ଟିଟି**

କଟକ ଅଫିସ,୧୮।୭

ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ସୁପର ଏଇଟ୍ ପ୍ରତିଯୋଗିତାରେ ଭାରତର ଦୁଇଟି ଯାକ ବିଭାଗର ଦଳ ଚମତ୍କାର ପ୍ରଦର୍ଶନ କରିବା ସହ ସହଜ ବିଜୟ ହାସଲ କରିଥିଲେ। ସୁପର ଏଇଟ୍‌ରେ ଭାରତ ପୁରୁଷ ଦଳ ଏଫ ଗ୍ରୁପରେ ସ୍ଥାନ ପାଇଥିଲା। ପ୍ରଥମ ରାଉଣ୍ଡରେ ଦଳ ଶ୍ରୀଲଙ୍କାକୁ ୩–୦ ସେଟରେ ପରାସ୍ତ କରିଥିଲା। ଏ ଅମଲ ରାଜ, ଜି ସାଥିୟାନ ଓ ମାନଭ ଠାକର ଭାରତ ପକ୍ଷରୁ ଏହି ରାଉଣ୍ଡରେ ପ୍ରତିନିଧିତ୍ୱ କରୁଥିଲେ। ଏ ଅମଲ ରାଜ, ଶରଥ କମଲ ଓ ହରମିତ ଦେଶାଇଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟ ରାଉଣ୍ଡରେ ମାଲେସିଆକୁ ମଧ୍ୟ ୩–୦ ସେଟରେ ହରାଇଥିଲା। ସୁପରଏଇଟରେ ଭାରତୀୟ ମହିଳା ଦଳ ମଧ୍ୟ ଗ୍ରୁପ–ଏଫରେ ସ୍ଥାନ ପାଇଥିଲା। ମାଧୁରିକା ପାଟେକର, ଅର୍ଚ୍ଚନା କାମଥ ଓ ଆହିକା ମୁଖାର୍ଜୀ ପ୍ରଥମ ରାଉଣ୍ଡରେ ୱେଲସକୁ ୩–୦ ସେଟରେ ପରାସ୍ତ କରିଥିଲେ। ଏହି ରାଉଣ୍ଡରେ ମାଧୁରିକା ପାଟେକରଙ୍କର ୱେଲସର ଖେଳାଳି ଚାରଲୋଟ କ୍ୟାରେଙ୍କ ସହ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ହୋଇଥିଲା। ଦ୍ୱିତୀୟ ରାଉଣ୍ଡରେ ଭାରତ ୩–୦ ସେଟରେ ମାଲେସିଆକୁ ପରାସ୍ତ କରିଛି। ଅର୍ଚ୍ଚନା କାମଥ, ମାଧୁରିକା ପାଟେକର ଓ ମନିକା ବାତ୍ରା ଦ୍ୱିତୀୟ ରାଉଣ୍ଡରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ମହିଳା ବିଭାଗରେ ସିଙ୍ଗାପୁର, ଇଂଲଣ୍ଡ ଓ ନାଇଜେରିଆ ମଧ୍ୟ ସେମିରେ ସ୍ଥାନ ସୁରକ୍ଷିତ କରିଛନ୍ତି।

# ସ୍ୱଦେଶ ଫେରିଲେ ନ୍ୟୁଜିଲାଣ୍ଡ ଖେଳାଳି

ଅକ୍‌ଲାଣ୍ଡ, ୧୮।୭

ଆଇସିସି ବିଶ୍ୱକପ୍‌ର ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ନିକଟରୁ ବାଉଣ୍ଡାରୀ ବ୍ୟବଧାନରେ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିବା ନ୍ୟୁଜିଲାଣ୍ଡ ଦଳ ଗୁରୁବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛି। ସିନିୟର ଖେଳାଳି ତଥା ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କ ସମେତ ଟିମ୍ ସୌଦୀ, ଅଲ୍‌ରାଉଣ୍ଡର କଲିନ୍ ଡି ଗ୍ରାଣ୍ଡହୋମ୍, ସ୍ପିନର ମିଚେଲ ସାଣ୍ଟନରଙ୍କ ସମେତ ୭ଜଣ କିୱି ଖେଳାଳି ଅକ୍‌ଲାଣ୍ଡ ବିମାନବନ୍ଦରରେ ଓହ୍ଲାଇଛନ୍ତି। 'ଏହିଭଳି ଏକ ଚମତ୍କାର ବିଶ୍ୱକପ୍ ଫାଇନାଲ ଖେଳିବା ଅଭୂତପୂର୍ବ ଅଭିଜ୍ଞତା ଥିଲା। ମ୍ୟାଚ୍‌ର ୫୦ତମ ଓଭରରେ ମୋ ବଲ୍‌ରେ ଛକା ହୋଇଥିଲା। ବେନ୍ ଷ୍ଟୋକ୍ସ ଓ ଜୋ ରୁଟ୍ ଚମତ୍କାର ପାର୍ଟନରଶିପ୍ କରିଥିଲେ। ବିଜୟୀ ଲାଗି ଇଂଲଣ୍ଡ ଦଳକୁ ଅଭିନନ୍ଦନ' ବୋଲି ବୋଲ୍ଟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



ଅକ୍‌ଲାଣ୍ଡରେ ପହଞ୍ଚିବା ପରେ ଖେଳାଳିମାନେ ସେଲ୍‌ଫି ନେଉଛନ୍ତି।

# ୩ ବର୍ଷର ବ୍ୟବଧାନ ପରେ ଡୁରାଣ୍ଡ କପ୍

କୋଲକାତା, ୧୮।୭

ବିଶ୍ୱର ୩ୟ ତଥା ଏସିଆର ସର୍ବପୁରାତନ ଫୁଟ୍‌ବଲ ଟୁର୍ନାମେଣ୍ଟ ଡୁରାଣ୍ଡ କପ୍‌ର ୧୨୯ତମ ସଂସ୍କରଣ ଅଗଷ୍ଟ ୨ରୁ ସ୍ଥାନୀୟ ସଲ୍ଟଲେକ୍ ଷ୍ଟାଡିୟମଠାରେ ଆରମ୍ଭ ହେବ। ଉଦ୍‌ଘାଟନୀ ଦିବସରେ କୋଲକାତାର ଦୁଇ ଜଣାଶୁଣା କ୍ଲବ ମୋହନ ବାଗାନ ଓ ମହମ୍ମଡାନ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ। ତିନି ବର୍ଷର ବ୍ୟବଧାନ ପରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପୁଣିଥରେ ଆରମ୍ଭ ହୋଇଛି। ଶେଷଥର ପାଇଁ ୨୦୧୬ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ନେରୋକା ଏଫ୍‌ସିକୁ ପରାସ୍ତ କରି ଆର୍ମି ଗ୍ରୀନ୍ ଟାଇଟଲ୍ ବିଜୟୀ ହୋଇଥିଲା। ଚଳିତଥର ଆଇ–ଲିଗ୍ ଓ ଆଇଏସ୍‌ଏଲ୍‌କୁ ମିଶାଇ ମୋଟ୍ ୧୬ ଟିମ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଚାମ୍ପିୟନ ଦଳକୁ ୪୦ ଲକ୍ଷ ଏବଂ ରନର୍ସଅପ୍ ଦଳକୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ସେମିଫାଇନାଲରୁ ବିଦାୟ ନେଇଥିବା ଦୁଇ ଦଳ ୫ ଲକ୍ଷ ଲେଖାଏ ଟଙ୍କା ପାଇବେ। ୧୮୮୮ରେ ପ୍ରଥମଥର ଲାଗି ଆର୍ମି କପ୍ ଭାବେ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ପରେ ଏଥିରେ ଅନ୍ୟସବୁ କ୍ଲବକୁ ଖେଳିବାର ସୁଯୋଗ ମିଳିଥିଲା।

# ଚୟନ କମିଟି ବୈଠକ ଘୁଞ୍ଚିଲା

**ୱେଷ୍ଟଇଣ୍ଡିଜ ଟୁର୍**

ନୂଆଦିଲ୍ଲୀ, ୧୮।୭ (ପି.ଟି.)

ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଭାରତୀୟ କ୍ରିକେଟ ଦଳ ମନୋନୟନ ଲାଗି ହେବାକୁଥିବା ସିଲେକ୍ସନ କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ସମ୍ପାଦକଙ୍କ ପରିବର୍ତ୍ତେ ପ୍ୟାନେଲର ଚେୟାରମ୍ୟାନଙ୍କ ଆବାହକତ୍ୱରେ ଏହି ବୈଠକ ହେବ ବୋଲି ପ୍ରଶାସକ କମିଟି(ସିଓଏ)ର ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକ ପ୍ରକୃତରେ ଶୁକ୍ରବାର ବସିବାର ଥିଲା। ମାତ୍ର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସମ୍ବିଧାନ ଅନୁସାରେ ନିୟମରେ ପରିବର୍ତ୍ତନ କରାଯାଇଛି। ଏଥିଲାଗି ଆଇନଗତ କାଗଜପତ୍ର ପ୍ରସ୍ତୁତ ହେବା ଦରକାର। ଖେଳାଳିମାନଙ୍କ ଫିଟ୍‌ନେସ୍ ରିପୋର୍ଟ ମଧ୍ୟ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଉପଲବ୍ଧ ହେବ। ବୈଠକଟି ଶନିବାର କିମ୍ବା ରବିବାର ହେବ। ପୁନଶ୍ଚ ନିୟମ ଅନୁସାରେ ବୈଠକ ଲାଗି ଅଧିନାୟକଙ୍କ ଉପଲବ୍ଧି ସମ୍ପର୍କରେ ବିସିସିଆଇର କ୍ରିକେଟ ଅପରେଶନ୍ସ ଟିମ୍ ଚେୟାରମ୍ୟାନଙ୍କୁ ଅବଗତ କରାଇବା ଆବଶ୍ୟକ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପୂର୍ବରୁ ପ୍ରଶାସକ କମିଟି ଏକ ୪ ଦଫା ସମ୍ବଳିତ ନିର୍ଦ୍ଦେଶାବଳୀ ଜାରିକରିଛି। ତଦନୁସାରେ ସମ୍ପାଦକ ଅମିତାଭ ଚୌଧାରୀ ସିଲେକ୍ସନ କମିଟି ବୈଠକରେ ବସିପାରିବେ ନାହିଁ। ଏହାଛଡ଼ା କ୍ରିକେଟ ସମ୍ପର୍କିତ କୌଣସି ନିଷ୍ପତ୍ତି ଲାଗି ତାଙ୍କ ଅନୁମୋଦନର ଆବଶ୍ୟକ ପଡ଼ିବ ନାହିଁ।

# ନିଶାମଙ୍କ ଛକା ସମୟରେ ଚାଲିଗଲା କୋଚ୍‌ଙ୍କ ଜୀବନ

ଅକ୍‌ଲାଣ୍ଡ, ୧୮।୭ (ପି.ଟି.)

ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆଇସିସି ବିଶ୍ୱକପ୍‌ର ରୋମାଞ୍ଚକଭରା ଫାଇନାଲରେ ଉଭୟ ମ୍ୟାଚ୍ ଓ ସୁପର ଓଭର ଟାଇ ରହିବା ପରେ ଅଧିକ ବାଉଣ୍ଡାରୀ ଭିତ୍ତିରେ ଇଂଲଣ୍ଡକୁ ଚାମ୍ପିୟନ ଘୋଷିତ କରାଯାଇଥିଲା। ତେବେ ସୁପର୍ ଓଭରରେ ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬ ରନର ଟାର୍ଗେଟ୍‌କୁ ପିଛା କରୁଥିବାବେଳେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଜିମ୍ମି ନିଶାମ ଏକ ଛକା ମାରିଥିଲେ। ନିଶାମଙ୍କ ଏହି ଛକା ସମୟରେ ତାଙ୍କ ପିଲାଦିନର ହାଇସ୍କୁଲ ଶିକ୍ଷକ ତଥା କୋଚ୍ ଡେଭିଡ୍ ଗର୍ଡନଙ୍କ ହାର୍ଟ ଆଟାକ୍‌ରେ ଜୀବନ ଚାଲିଯାଇଥିବା ଘଟଣା ଏବେ ଜଣାପଡ଼ିଛି। ଗର୍ଡନଙ୍କ ଝିଅ ଲିଓନି ଏ ସମ୍ପର୍କରେ କହିଛନ୍ତି ଯେତେବେଳେ ସୁପର୍ ଓଭରରେ ନ୍ୟୁଜିଲାଣ୍ଡ ୧୬ ରନର ଟାର୍ଗେଟ୍‌କୁ ପିଛା କରୁଥିଲା ବାପା ସେତେବେଳେ ହସ୍ପିଟାଲ ବେଡ୍‌ରେ ରହିଥିଲେ। ନିଶାମ ସୁପର୍ ଓଭରର ୨ୟ ବଲ୍‌ରେ ଏକ ଛକା ମାରିଥିଲେ। ସେହି ସମୟରେ ପିତାଙ୍କ ଦେହାନ୍ତ ହୋଇଥିଲା। 'ଜଣେ ନର୍ସ ସୁପର୍ ଓଭର ସମୟରେ ଆସି କହିଥିଲେ ତାଙ୍କ ବାପାଙ୍କ ହୃତ୍‌ସ୍ପନ୍ଦନ ବଦଳୁଛି। ବୋଧ ହୁଏ ନିଶାମଙ୍କ ଛକା ପରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି' ବୋଲି ଏକ ଗଣମାଧ୍ୟମକୁ ସାକ୍ଷାତକାର ଅବସରରେ ଲିଓନି ଏହା ପ୍ରକାଶ କରିଛନ୍ତି। ଏହି ଘଟଣାରେ କୋଚ୍ ଗର୍ଡନଙ୍କୁ ନିଶାମ ଗୁରୁବାର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। 'ଡେଭିଡ୍ ଗର୍ଡନ, ମୋ ହାଇସ୍କୁଲ ଶିକ୍ଷକ, କୋଚ୍, ବନ୍ଧୁ। ଏହି ଖେଳ ପ୍ରତି ଆପଣଙ୍କ ଅଗାଧ ଭଲ ପାଇବା ଥିଲା। ଯେଉଁମାନେ ଆପଣଙ୍କ ତତ୍ତ୍ୱାବଧାନରେ ଖେଳିଛନ୍ତି ସେମାନେ ସମସ୍ତେ ଭାଗ୍ୟବାନ। ଆଶା କରୁଛି ଆପଣ ସେଥିଲାଗି ଗର୍ବ ଅନୁଭବ କରୁଥିବେ। ଏତେସବୁ ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ। ସ୍ୱର୍ଗରେ ଆପଣଙ୍କ ଆତ୍ମାକୁ ଶାନ୍ତି ମିଳୁ' ବୋଲି ନିଶାମ ତାଙ୍କ ଟୁଇଟର୍ ପୃଷ୍ଠାରେ ଉଲ୍ଲେଖ କରିଛନ୍ତି।



ଜିମ୍ମି ନିଶାମ ଓ ଡେଭିଡ୍ ଗର୍ଡନ

# କଟକ ସାଇ ହଷ୍ଟେଲରୁ ଭଲିବଲ ବାଦ୍

**୧୨ ଓଡ଼ିଆ ଖେଳାଳିଙ୍କୁ ଝାଡ଼ଖଣ୍ଡ ପଠାଯିବ**

କଟକ ଅଫିସ,୧୮।୭

ରାଜ୍ୟ ଭଲିବଲ କ୍ରୀଡ଼ା ପ୍ରତି ଘନେଇଛି ବଡ଼ ଧରଣର ସଙ୍କଟ। ଓଡ଼ିଶାକୁ ଭାରତୀୟ କ୍ରୀଡ଼ାର କେନ୍ଦ୍ରସ୍ଥଳ ବୋଲି ବିବେଚନା କରାଯାଉଥିବା ବେଳେ ଭଲିବଲ ଭଳି ଏକ ଅଲିମ୍ପିକ କ୍ରୀଡ଼ାକୁ କଟକ ସାଇ ହଷ୍ଟେଲରୁ ବାଦ ଦେବା ପାଇଁ ଏବେ ନିର୍ଦ୍ଦେଶ ଆସିଛି। ଦେଶର ୨୮ଟି ସାଇ ହଷ୍ଟେଲ ଏହି ନିର୍ଦ୍ଦେଶନାମାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ପ୍ରତ୍ୟେକ ସାଇ ହଷ୍ଟେଲରେ ଅତିକମରେ ୨ଟି ଓ ଅତିବେଶିରେ ୩ଟି କ୍ରୀଡ଼ାକୁ ସାମିଲ କରାଯିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତେବେ କଟକ ସାଇ ହଷ୍ଟେଲରୁ ଭଲିବଲ କ୍ରୀଡ଼ାକୁ ଉଠାଇ ଦିଆଗଲେ ଏହା ରାଜ୍ୟ ଭଲିବଲର ବିକାଶରେ ବଡ଼ ଧରଣର ପ୍ରଭାବ ପକାଇବ ବୋଲି ଖେଳାଳିମାନେ କହିଛନ୍ତି। ଗତ କିଛିବର୍ଷ ହେବ ରାଜ୍ୟ ଭଲିବଲ ବିକାଶର ପଥରେ ରହିଛି। ଏଣୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଉକ୍ତ ନିଷ୍ପତ୍ତିକୁ ଗ୍ରହଣ କରିବା ରାଜ୍ୟ ଭଲିବଲ ଖେଳାଳିଙ୍କ ପାଇଁ ସହଜ ହୋଇନି। ଏପରିକି ଏବେ କଟକ ସାଇ ହଷ୍ଟେଲରେ ରହୁଥିବା ୧୨ଜଣ ଅନ୍ତେବାସୀଙ୍କୁ ଝାଡ଼ଖଣ୍ଡ ସାଇ ହଷ୍ଟେଲକୁ ପଠାଇ ଦେବାକୁ କୁହାଯାଇଛି।

ଗତ କିଛି ମାସ ପୂର୍ବେ ନୂଆଦିଲ୍ଲୀଠାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସାଇ ହଷ୍ଟେଲଗୁଡ଼ିକୁ ନୂତନ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ନେଇ ନିଷ୍ପତ୍ତି ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ତେବେ ବୈଠକରେ କୁହାଯାଇଥିଲା ଯେ, ପ୍ରତ୍ୟେକ ରାଜ୍ୟର ସାଇ ହଷ୍ଟେଲରେ ୨ରୁ ୩ଟି କ୍ରୀଡ଼ାକୁ ରଖାଯିବ। କେଉଁ କ୍ରୀଡ଼ାକୁ ବାଦ ଦିଆଯିବ ସେ ନେଇ ମତାମତ ମଧ୍ୟ ନିଆଯାଇଥିଲା। କଟକ ସାଇ ହଷ୍ଟେଲରେ ମୋଟ ୪ଟି କ୍ରୀଡ଼ା ରହିଛି। ଏହା ହେଲା ଆଥଲେଟିକ୍, ବାସ୍କେଟବଲ, ଫୁଟବଲ ଓ ଭଲିବଲ। ଭଲିବଲକୁ ବାଦ ଦେଇ ଉପରୋକ୍ତ ଅନ୍ୟ ତିନି କ୍ରୀଡ଼ା ସୁରକ୍ଷିତ ରହିଛି। ଗତ ୩ବର୍ଷ ତଳେ ଭଲିବଲ ସାଇ ହଷ୍ଟେଲ ସହ ଯୋଡ଼ି ହୋଇଥିଲା। କଟକ ସାଇ ହଷ୍ଟେଲରେ ୧୦୧ଜଣ ଅନ୍ତେବାସୀ ରହିବା ନିମନ୍ତେ ବ୍ୟବସ୍ଥା ହୋଇଛି। ଏହି ୧୦୧ଜଣ ପ୍ରାଧିକରଣର ରେସିଡେନ୍ସିଆଲ ନିୟମ ଅନୁଯାୟୀ ଅବସ୍ଥାପିତ ହୋଇଛନ୍ତି, ଯେଉଁମାନେ ଏଠାରେ ରହିବା ସହ ଖେଳିବାର ସୁଯୋଗ ପାଇବେ। ପୂର୍ବରୁ କଟକ ସାଇ ହଷ୍ଟେଲରେ ନନ–ରେସିଡେନ୍ସିଆଲ ବ୍ୟବସ୍ଥା ମଧ୍ୟ ଥିଲା। ଯେଉଁ ନିୟମ ଅନୁଯାୟୀ, ଖେଳାଳିମାନେ ଘରେ ରହି ହଷ୍ଟେଲର ଦକ୍ଷ କୋଚ୍‌ଙ୍କ ପାଖରେ ପ୍ରଶିକ୍ଷଣ ନେଇ ପାରିବେ। କିଛି ବର୍ଷ ହେବ ଏଠାରୁ ନନ–ରେସିଡେନ୍ସିଆଲ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ଭଲିବଲକୁ ବାଦ ଦେବା ପାଇଁ ନିର୍ଦ୍ଦେଶ କରାଯିବା ପରେ ମଧ୍ୟ ୧୦୧ଜଣ ଖେଳାଳି ରହିବେ ବୋଲି ସ୍ପଷ୍ଟ କରାଯାଇଛି। ହେଲେ ନିୟମରେ ଏକ ପରିବର୍ତ୍ତନ ଆସିଛି। ବାଳିକା ଓ ବାଳକ ଖେଳାଳି ସମାନ ସଂଖ୍ୟାରେ ରଖିବାକୁ ପ୍ରାଧିକରଣ ନିର୍ଦ୍ଦେଶ ଦେଇଛି। ହେଲେ ଭଲିବଲ ଖେଳକୁ ବାଦ ଦେବା ପଛରେ ଭଲିବଲ କୋଚ୍ ଓ ପ୍ରାଧିକରଣର ଅଧିକାରୀଙ୍କ ମଧ୍ୟରେ ବିବାଦ ହିଁ କାରଣ ବୋଲି ରାଜ୍ୟ ଭଲିବଲ ସଂଘର ଜଣେ ପୂର୍ବତନ କର୍ମକର୍ତ୍ତା କହିଛନ୍ତି। ରାଜ୍ୟ ଭଲିବଲ ସଂଘର ସମ୍ପାଦକ ଡ. ଗଗନେନ୍ଦୁ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଭଲିବଲକୁ ସାଇ ହଷ୍ଟେଲରୁ ଉଠାଇ ଦିଆଗଲେ ରାଜ୍ୟ ଭଲିଭଲ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉପରେ ପ୍ରଭାବ ପଡ଼ିବ। ଏହି ନିଷ୍ପତ୍ତିକୁ ଆମେ ବିରୋଧ କରୁ ବୋଲି ଗଗନେନ୍ଦୁ କହିଥିଲେ।

## ସଂକ୍ଷେପରେ

### ହିରୱାନୀ ମହିଳା ଦଳର ସ୍ପିନ୍ ବୋଲିଂ ପରାମର୍ଶଦାତା



ନୂଆଦିଲ୍ଲୀ, ୧୮।୭ (ପି.ଟି.): ପୂର୍ବତନ ଭାରତୀୟ କ୍ରିକେଟର ତଥା ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ) ସ୍ପିନ କୋଚ୍ ନରେନ୍ଦ୍ର ହିରୱାନୀଙ୍କୁ ଗୁରୁବାର ନୂଆ ଦାୟିତ୍ୱ ମିଳିଛି। ସେ ଭାରତୀୟ ମହିଳା କ୍ରିକେଟ୍ ଦଳର ସ୍ପିନ ବୋଲିଂ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଛନ୍ତି। ଫଳରେ ଆସନ୍ତା ସେପ୍ଟେମ୍ବରରୁ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁ ଥିବା ଦ୍ୱିପାକ୍ଷିକ ସିରିଜରେ ସେ ଭାରତୀୟ ଦଳ ସହ ରହିବା ସ୍ପଷ୍ଟ ହୋଇଛି। ୫୦ ବର୍ଷ ବୟସ ଏହି ପୂର୍ବତନ ଲେଗ୍-ସ୍ପିନର ଜାତୀୟ ଦଳ ପକ୍ଷରୁ ୧୭ ଟେଷ୍ଟ ଓ ୧୮ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୬୬ ଓ ୨୩ ଉଇକେଟ୍ ଅକ୍ତିଆର କରିଛନ୍ତି। ଦଳରେ ଅଧିକ ସ୍ପିନର ରହିଥିବାରୁ ଜଣେ ସ୍ପିନ ବୋଲିଂ କୋଚ୍‌ଙ୍କ ଆବଶ୍ୟକତା ରହିଛି ବୋଲି ନିକଟରେ ଭାରତୀୟ ଟି୨୦ ଦଳର ଅଧିନାୟିକା ହର୍ମନପ୍ରୀତ୍ କୌର କହିଥିଲେ। ଭାରତୀୟ ଦଳରେ ବର୍ତ୍ତମାନ ପୁନମ ଯାଦବ, ଏକତା ବିଷ୍ଟ ଓ ଦୀପ୍ତି ଶର୍ମାଙ୍କ ରୂପରେ ୩ଜଣ ସ୍ପିନର ରହିଛନ୍ତି। 'ହିରୱାନୀ ଜାତୀୟ କ୍ରିକେଟ ଏକାଡେମୀ ସହ ବ୍ୟସ୍ତ ରହୁଥିବାରୁ ଏହା ଏକ ପୂର୍ଣ୍ଣକାଳୀନ ଦାୟିତ୍ୱ ନୁହେଁ। ସେ ଦଳ ସହିତ ଗସ୍ତ କରିବେ। ସେହିଭଳି ନିକଟରେ ଏନ୍‌ସିଏରେ ଚାଲିଥିବା ଟିମ୍‌ର କ୍ୟାମ୍ପରେ ମଧ ସେ କାର୍ଯ୍ୟ କରିବେ' ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି। ଗତ ମାର୍ଚ୍ଚ ମାସରୁ ପ୍ରତିଦ୍ୱନ୍ଦ୍ୱୀତାମୂଳକ କ୍ରିକେଟ୍ ଖେଳି ନ ଥିବା ଭାରତୀୟ ଦଳ ସେପ୍ଟେମ୍ବରରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।

### ଏଚ୍‌ସିଏ ସଭାପତି ପ୍ରାର୍ଥୀ ହେବେ ଆଝାରୁଦ୍ଦିନ

ହାଇଦ୍ରାବାଦ୍,୧୮।୭(ପିଟି): ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ହାଇଦ୍ରାବାଦ୍ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ସଭାପତି ପଦ ପାଇଁ ପ୍ରାର୍ଥୀ ହେବେ ବୋଲି ଗୁରୁବାର କହିଛନ୍ତି। ଏପର୍ଯ୍ୟନ୍ତ ଏଚ୍‌ସିଏ ନିର୍ବାଚନ ସମ୍ପର୍କରେ ଘୋଷଣା ହୋଇନାହିଁ। ଆସନ୍ତା ୨୧ ତାରିଖରେ ଆନୁଆଲ ଜେନେରାଲ ବୈଠକ (ଏଜିଏମ୍) ଅନୁଷ୍ଠିତ ହେବ। ଏଥିରେ ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯିବ ବୋଲି ଆଶା କରାଯାଉଛି।



ବ୍ରିଟିଶ ବକ୍ସର ଅମିର ଖାଁଙ୍କ ସହିତ ଲଢେଇ ପାଇଁ ଭୟ କରୁଛି ବୋଲି ଯାହା କୁହାଯାଉଛି ଠିକ୍ ନୁହେଁ, ଚ୍ୟାଲେଞ୍ଜ ଲାଗି ମୁଁ ପ୍ରସ୍ତୁତ।
–ବିଜେନ୍ଦର ସିଂ, ଭାରତୀୟ ପ୍ରଫେସନାଲ ବକ୍ସର



ବାଉଣ୍ଡାରି ସଂଖ୍ୟା ଭିତ୍ତିରେ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ ଫାଇନାଲରେ ପରାଜୟଜନିତ କଷ୍ଟ ଭୁଲିବା ଲାଗି ଅତିକମ୍‌ରେ ୨ବର୍ଷ ଲାଗିବ।
–ଟ୍ରେଣ୍ଟ ବୋଲ୍ଟ, ନ୍ୟୁଜିଲାଣ୍ଡ ପେସ୍ ବୋଲର

# ମୁଖ୍ୟ ଚୟନକର୍ତ୍ତା ଡକାଇବେ କମିଟି ବୈଠକ

ନୂଆଦିଲ୍ଲୀ,୧୮।୭(ପି.ଟି.)

ଏଥର ଚୟନ କମିଟି ବୈଠକ ଡକାଇବେ ମୁଖ୍ୟ ଚୟନକର୍ତ୍ତା ବା କମିଟିର ଅଧ୍ୟକ୍ଷ। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଏ ନେଇ ନିର୍ଦ୍ଦେଶ ଦେବା ପରେ ପୁରୁଣା ନିୟମରେ ପରିବର୍ତ୍ତନ ହୋଇଛି। ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାଧାରଣ ସମ୍ପାଦକ ଏହି ବୈଠକ ଡକାଉଥିଲେ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଷ୍ଟିସ ଆର.ଏମ. ଲୋଧା ପ୍ୟାନେଲ ଦ୍ୱାରା ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ସ୍ୱରୂପ ସିଓଏ ଏହି ନିୟମରେ ପରିବର୍ତ୍ତନ କରି ଚୟନ କମିଟିମୁଖ୍ୟଙ୍କୁନୂଆ ଦାୟିତ୍ୱପ୍ରଦାନକରିଛି।

ବିଦେଶ ଗସ୍ତ ପାଇଁ ଆଡମିନିଷ୍ଟ୍ରେଟିଭ ମ୍ୟାନେଜର ବା ପ୍ରଶାସନିକ ପ୍ରବନ୍ଧକ ଏହି

### ନିୟମ ବଦଳିଲା

ବୈଠକ ଡକାଇପାରିବେ ବୋଲି ସିଓଏ ତରଫରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏବେଠାରୁ ବୋର୍ଡ ସମ୍ପାଦକ ଏହି ଚୟନ କମିଟି ବୈଠକ ଡକାଇପାରିବେ ନାହିଁ ବୋଲି ସ୍ପଷ୍ଟ ଭାବେ କୁହାଯାଇଛି। ଦଳ ଚୟନରେ କିମ୍ବା ଖେଳାଳି ପରିବର୍ତ୍ତନରେ ମଧ ସମ୍ପାଦକଙ୍କ କୌଣସି ଭୂମିକା ରହିବ ନାହିଁ ବୋଲି ସିଓଏ ସ୍ପଷ୍ଟ କରିଛି। ସିଓଏର ଏହି ନିଷ୍ପତ୍ତି ସମ୍ପାଦକଙ୍କ ସ୍ଥିତିକୁ ଦୁର୍ବଳ କରିବ। ବୋର୍ଡର ପୁରୁଣା ସମ୍ବିଧାନ ଅନୁଯାୟୀ ସମ୍ପାଦକ ହିଁ ଚୟନ କମିଟିର ବୈଠକ ଡକାଇବାର ଅଧିକାର ହାସଲ କରିଥିଲେ। ଲୋଧା ପ୍ୟାନେଲଙ୍କ ସଂସ୍କାରମୂଳକ ନୀତି ଅନୁଯାୟୀ କ୍ରିକେଟ ସମ୍ପର୍କିତ ମାମଲାରେ ସ୍ୱତନ୍ତ୍ର ଅଭିଜ୍ଞତା ଥିବା ବ୍ୟକ୍ତି ବା ସ୍ପେଶାଲିଷ୍ଟମାନେ ନିଷ୍ପତ୍ତି ନେଇପାରିବେ। ତେବେ ଯଦି ଆବଶ୍ୟକ ହୁଏ ବିଦେଶ ଗସ୍ତ ପାଇଁ ପ୍ରଶାସନିକ ପ୍ରବନ୍ଧକ ବୈଠକ ଡକାଇପାରିବେ ବୋଲି




କୁହାଯାଇଛି। ତେବେ ନୂଆ ସମ୍ବିଧାନ ଲାଗୁ ହେବା ପରେ ମଧ ସମ୍ପାଦକ ପୂର୍ବପରି ଚୟନ କମିଟି ବୈଠକରେ ଯୋଗ ଦେଇପାରିବେ ବୋଲି କୁହାଯାଇଛି।

ତେବେ ବୋର୍ଡ ସମ୍ପାଦକଙ୍କୁ ଚୟନ କମିଟି ମେଲ୍ କରିବା ଜାରି ରଖିବ। ଦଳରେ କୌଣସି ପରିବର୍ତ୍ତନ କରାଗଲେ ସମ୍ପାଦକଙ୍କ ଅନୁମତି ନିଆଯାଇପାରିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ନୂଆ ସମ୍ବିଧାନ ଅନୁସାରେ ବୋର୍ଡ କାର୍ଯ୍ୟ ଚାଲୁ ରହିବ ବୋଲି ସିଓଏ ତରଫରୁ କୁହାଯାଇଛି।

ବିଦେଶ ଗସ୍ତକୁ ବାଦ୍ ଦେଲେ ପୁରୁଷ ଦଳ ଚୟନ କମିଟି, ଜୁନିୟର ଚୟନ କମିଟି ଓ ମହିଳା ଚୟନ କମିଟି ବୈଠକ କମିଟି ଅଧ୍ୟକ୍ଷ ଡକାଇପାରିବେ। ଏହି କମିଟି ବୈଠକରେ କୌଣସି ପଦାଧିକାରୀ ବା ମୁଖ୍ୟକାର୍ଯ୍ୟ ନିର୍ବାହୀ କୌଣସି କମିଟି ବୈଠକରେ ଯୋଗ ଦେଇପାରିବେ ନାହିଁ। ତେବେ ସବୁ ବୈଠକ ବିସ୍ତୃତ ବିବରଣୀ କମିଟି ଅଧ୍ୟକ୍ଷଙ୍କୁ ନିଜ ହସ୍ତାକ୍ଷର ସହ ସମ୍ପାଦକଙ୍କୁ ଦେବାକୁ ହେବ। ଦଳରେ କୌଣସି ପରିବର୍ତ୍ତନ ବା ଚୟନ ସଂକ୍ରାନ୍ତରେ ଚୟନ କମିଟି ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇପାରିବ ଓ ଏଥିପାଇଁ ମୁଖ୍ୟକାର୍ଯ୍ୟ ନିର୍ବାହୀଙ୍କଠାରୁ ଅନୁମତି ନେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ମ୍ୟାଚ୍ ଦେଖିବା ପାଇଁ ଚୟନକର୍ତ୍ତାଙ୍କ ଯାତ୍ରା ସମ୍ପର୍କିତ ଓ ଅନ୍ୟାନ୍ୟ ବନ୍ଦୋବସ୍ତ ମୁଖ୍ୟକାର୍ଯ୍ୟ ନିର୍ବାହୀ କରିବେ। ତେବେ ଏ ସମ୍ପର୍କରେ ମୁଖ୍ୟକାର୍ଯ୍ୟ ନିର୍ବାହୀଙ୍କୁ ମେଲ୍ କରାଯିବାକୁ କୁହାଯାଇଛି।

## ଜୁନିୟର ଶୁଟିଂ ବିଶ୍ୱକପ୍: ସରବ୍‌ଜୋତ୍‌ଙ୍କୁ ସ୍ୱର୍ଣ୍ଣ

ସୁଲ୍(ଜର୍ମାନୀ),୧୮।୭(ପିଟି)

ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍‌ରେ ଭାରତୀୟ ଦଳର ସ୍ୱର୍ଣ୍ଣ ପଦକ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ଗୁରୁବାର ଅନୁଷ୍ଠିତ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସରବଜୋତ୍ ସିଂ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ପଦକ ରାଉଣ୍ଡରେ ସର୍ବାଧିକ ୨୩୯.୬ ସ୍କୋର କରିଥିଲେ। ସରବଜୋତ୍‌ଙ୍କ ସଫଳତା ଯୋଗୁ ଉଭୟ ମହିଳା ଓ ପୁରୁଷ ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ଭାରତ ଶୀର୍ଷ ସ୍ଥାନ ପୋଛିନେଇଛି। ୧୪ ବର୍ଷୀୟା ଇଶା ସିଂ ବୁଧବାର ମହିଳା ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ରତିଯୋଗିତା ଶେଷହେବାକୁ ଗୋଟିଏ ଦିନ ବାକି ଥିବାବେଳେ ଭାରତ ୯ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୪ ବ୍ରୋଞ୍ଜ ମୋଟ ୨୨ ପଦକ ସହ ତାଲିକା ଶୀର୍ଷରେ ରହିଛି।



ଜାମାଇକା ବିପକ୍ଷ ଦୃଷ୍ଟିହୀନ କ୍ରିକେଟ୍ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିବା ଓଡ଼ିଶାର ଦୁଇ କ୍ରିକେଟର ଜାଫର ଇକ୍‌ବାଲ ଓ ପଙ୍କଜ ଭୁଏ।

## କେନିଆ ଧାବିକା ୮ବର୍ଷ ବାସନ୍ଦ

ନାଇରୋବି, ୧୮।୭ (ଏଏଫପି)

କେନିଆର ମାରାଥନ ଧାବିକା ସାଲୋମ୍ ବିଓଟ ୮ବର୍ଷ ପାଇଁ ସସ୍‌ପେଣ୍ଡ ହୋଇଛନ୍ତି। ଦ୍ୱିତୀୟ ଥର ଡୋପ୍ ଟେଷ୍ଟରେ ଧରାପଡ଼ିଥିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଜୁନ୍‌ରେ ସାଓପଲୋ ଇଣ୍ଟରନ୍ୟାଶନାଲ ମାରାଥନରେ ଭାଗନେବା ସମୟରେ ଏହି ୩୬ ବର୍ଷୀୟା ଧାବିକାଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍‌ର ମାତ୍ରା ଦେଖିବାକୁ ମିଳିଥିଲା। ପୂର୍ବରୁ ୨୦୧୨ରେ ନାଇରୋବି ମାରାଥନ ଜିତିବା ପରେ ବିଓଟ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ତାଙ୍କ ସାମ୍ପଲରୁ ସମାନ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା। ଏଥିପାଇଁ ତାଙ୍କୁ ଦୁଇବର୍ଷ ବାସନ୍ଦ ଦଣ୍ଡ ଭୋଗିବାକୁ ହୋଇଥିଲା। ବିଓଟ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦୧୬ ହମବର୍ଗ ମାରାଥନରେ କରିଥିଲେ। ତାଙ୍କର ଟାଇମିଂ ୨ଘଣ୍ଟା ୩୦ ମିନିଟ୍ ଓ ୪୭ ସେକେଣ୍ଡ ରହିଥିଲା। ଡୋପିଙ୍ଗ ପାଇଁ ଲମ୍ବା ସମୟ ବାସନ୍ଦ ହେବାରେ ବିଓଟ ହେଉଛନ୍ତି କେନିଆର ତୃତୀୟ ଆଥଲେଟ୍। ଅନ୍ୟ ଦୁଇଜଣ ହେଲେ ରିଓ ଅଲିମ୍ପିକ ଚାମ୍ପିୟନ ଜେମିମା ସମ୍‌ଗଙ୍ଗ୍ ଏବଂ ଲିଲିଆନ୍ ମୋରା ମାରିଟା। ସୂଚନାଯୋଗ୍ୟ, ବିଓଟଙ୍କୁ ମିଶାଇ ଏଆଇୟୁ ଚଳିତ ବର୍ଷ ଡୋପ୍ ଅପରାଧ ପାଇଁ କେନିଆର ୧୦ ଏଲିଟ୍ ଆଥଲେଟଙ୍କୁ ସସ୍‌ପେଣ୍ଡ କରିସାରିଲାଣି।

## ଏକାଧିକ ମହିଳାଙ୍କ ସହ ସମ୍ପର୍କ ରଖିଥିବା ସ୍ୱୀକାର କଲେ ରଜାକ

ନୂଆଦିଲ୍ଲୀ, ୧୮।୭

ଆଇସିସି ବିଶ୍ୱକପ୍ ସମୟରେ ଭାରତୀୟ କ୍ରିକେଟର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଅଫର୍ କରି ଚର୍ଚ୍ଚାକୁ ଆସିଥିଲେ ପୂର୍ବତନ ପାକିସ୍ତାନ ଅଲ୍‌ରାଉଣ୍ଡର ଅବଦୁଲ ରଜାକ। ପାଣ୍ଡ୍ୟାଙ୍କୁ ପ୍ରଶିକ୍ଷଣ ଦେବା ସହ ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ବନାଇବାକୁ ଚାହୁଁଛନ୍ତି ବୋଲି ରଜାକ ବିଶ୍ୱକପ୍ ସମୟରେ କହିଥିଲେ। ଏବେ କିନ୍ତୁ ସର୍ବସାଧାରଣ ସ୍ଥାନରେ ଏକ ବିବାଦୀୟ ବୟାନ ଦେଇ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି ପାକିସ୍ତାନର ଏହି ୩୯ ବର୍ଷୀୟ ଅଲ୍‌ରାଉଣ୍ଡର।

ନିକଟରେ ଏକ ଟିଭି ଶୋ' ଅବସରରେ ରଜାକ ନିଜ ବିଷୟରେ ଏମିତି କିଛି ମତ ରଖି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ବିବାହ ପରେ ୫–୬ ମହିଳାଙ୍କ ସହ ସମ୍ପର୍କ ରଖିଥିବା ନେଇ ଏକ ଟିଭି ପ୍ରୋଗ୍ରାମରେ ରଜାକ ସର୍ବସମ୍ମୁଖରେ ଏହା କହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ସହ ଦେଢ଼ବର୍ଷ ଧରି ସମ୍ପର୍କ ରଖିଥିବା ଏହି ପାକିସ୍ତାନ ଭେଟେରାନ କ୍ରିକେଟର୍ ସ୍ୱୀକାର କରିଛନ୍ତି। ବିବାହ ପୂର୍ବରୁ ଏହିସବୁ ଘଟଣା ଘଟିଥିଲା ବୋଲି ଶୋ' ପରିଚାଳନା କରୁଥିବା ପରିଚାଳିକା ପ୍ରଶ୍ନ କରିବାରୁ ରଜାକ ବୈବାହିକ ଜୀବନ ଆରମ୍ଭ ହେବାପରେ ଏହା ହୋଇଥିଲା ବୋଲି କହିଥିଲେ। ଏହି ଟିଭି ଶୋ'ର ଏକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ପାଣ୍ଡ୍ୟାଙ୍କୁ କାହିଁକି ପ୍ରଶିକ୍ଷଣ ଦେବାକୁ ରଜାକ ଇଚ୍ଛୁକ ଥିଲେ ତାହାର କାରଣ ଏବେ ମିଳିଯାଇଛି ବୋଲି କେତେକେ ଟୁଇଟର୍‌ରେ ଉଲ୍ଲେଖ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ, ପୂର୍ବରୁ ଏହିଭଳି ଏକ ଟିଭି ଶୋ' ଅବସରରେ ପାଣ୍ଡ୍ୟା ସମାନ ଧରଣର ବୟାନ ଦେଇ ବେଶ୍ ବିବାଦୀୟ ହୋଇଥିଲେ। ଏଥିଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କୁ ବାସନ୍ଦ କରିବା ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲା। ରଜାକ ପାକିସ୍ତାନ ପକ୍ଷରୁ ୪୬ ଟେଷ୍ଟ, ୨୬୫ ଦିନିକିଆ ଓ ୩୨ ଟି୨୦ ମ୍ୟାଚ୍ ଖେଳି ପାଖାପାଖି ସାଢ଼େ ସାତ ହଜାର ରନ୍ ସଂଗ୍ରହ କରିବା ସହ ୩ ଫର୍ମାଟରେ ୩୮୯ ଉଇକେଟ୍ ଅକ୍ତିଆର କରିଛନ୍ତି।

## ସିନ୍ଧୁ କ୍ୱାର୍ଟର ଫାଇନାଲରେ

ଜାକର୍ତ୍ତା, ୧୮।୭ (ପି.ଟି.)

ଭାରତର ଟପ୍ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆନ ଓପନ୍ ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଅଣ ସିଡ୍ ତଥା ଡେନମାର୍କର ମିଆ ବ୍ଲିଚଫିଲ୍‌ଡେଟ୍‌ଙ୍କୁ ୨୧–୧୪, ୧୭–୨୧, ୨୧–୧୧ରେ ହରାଇ ଦେଇଛନ୍ତି। ବିଶ୍ୱର ଏହି ୧୩ ନମ୍ବର ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କ ତୃତୀୟ ବିଜୟ। ଭାରତୀୟ ଷ୍ଟାର ଖେଳାଳି ଏହା ପୂର୍ବରୁ ଇଣ୍ଡିଆନ ଓପନ୍ ଏବଂ ସିଙ୍ଗାପୁର ଓପନରେ ବ୍ଲିଚଫିଲ୍‌ଡେଟଙ୍କୁ ସିଧାସଳଖ ଗେମ୍‌ରେ ପରାସ୍ତ କରିଥିଲେ। ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୧୦୦୦ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ସିନ୍ଧୁ ମାଲେସିଆର ସୋନିଆ ଚେ କିମ୍ବା ଜାପାନର ତଥା ତୃତୀୟ ସିଡ୍ ନୋଜୋମି ଓକୁହାରାଙ୍କ ସହିତ ମୁକାବିଲା କରିବେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ୍ ଶେଟ୍ଟି ଦ୍ୱିତୀୟ ରାଉଣ୍ଡରେ ସ୍ଥାନୀୟ ଯୋଡ଼ି ମାର୍କସ ଫର୍ନାଲ୍‌ଡି ଗିଡେଅନ୍ ଏବଂ କେଭିନ୍ ସଞ୍ଜୟ ସୁକାମୁଲ୍‌ଜୋଙ୍କଠାରୁ ୧୫–୨୧, ୧୪–୨୧ ଗେମ୍‌ରେ ପରାସ୍ତ ହୋଇଯାଇଛନ୍ତି।

# ମୋର୍ଗାନ, ୱିଲିୟମସନଙ୍କ ନେତୃତ୍ୱ ଦୃଷ୍ଟାନ୍ତମୂଳକ

କୁମାର ସାଙ୍ଗକାରା

ଟୁର୍ନାମେଣ୍ଟ ପୂର୍ବରୁ ଯେଭଳି ଚର୍ଚ୍ଚା ଓ ଅନୁମାନ କରାଯାଉଥିଲା ଆଇସିସି ବିଶ୍ୱକପ୍ ସେଭଳି ହୋଇ ନ ଥିଲା। ବିଶ୍ୱକପ୍‌ରେ ଛକା ଓ ଚୌକାର ବର୍ଷା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ କଥା ଅଲଗା ହୋଇଥିଲା। ଲିଗ୍ ପର୍ଯ୍ୟାୟରେ ବର୍ଷା ଓ ଖରାପ ପାଗ କାରଣରୁ କେତୋଟି ମ୍ୟାଚ୍ ପ୍ରଭାବିତ ହୋଇଥିଲା। ତେବେ ଏହା ସତ୍ତ୍ୱେ ପୂର୍ବରୁ କୌଣସି ବିଶ୍ୱକପ୍‌ର ଫାଇନାଲରେ ଏପରି ରୋମାଞ୍ଚ ଓ ଉତ୍କଣ୍ଠା ଦେଖିବାକୁ ମିଳି ନ ଥିଲା। ଏହା ଏକ ଚମତ୍କାର ଫାଇନାଲ ଥିଲା। ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଉପସ୍ଥିତ ସବୁ ଦର୍ଶକ ଉତ୍କଣ୍ଠାର ସହିତ ମ୍ୟାଚ୍‌ର ଫଳାଫଳକୁ ଅପେକ୍ଷା କରିଥିଲେ। ପ୍ୟାଭିଲିୟନର ବେଞ୍ଚରେ ୧୯୭୫, ୧୯୭୯, ୧୯୮୩ ଓ ୧୯୯୯ ବିଶ୍ୱକପ ଦେଖିଥିବା ବୟସ୍କ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଦର୍ଶକମାନେ ପୁଣି ଥରେ ଏଭଳି ଏକ ଦମ୍‌ଦାର ମ୍ୟାଚ୍ ସମ୍ଭବତଃ ଭବିଷ୍ୟତରେ ଦେଖିବେ ନାହିଁ।

ଇଂଲଣ୍ଡ ଶେଷରେ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଥିଲା। ପ୍ରତିକୂଳ ପରିସ୍ଥିତିରେ ବୋଲରଙ୍କ ସମେତ ଦୁଇଦଳର ବ୍ୟାଟ୍ସମ୍ୟାନ କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଥିଲେ। ନ୍ୟୁଜିଲାଣ୍ଡ କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ଅଳ୍ପକେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲେ ମଧ ସାହସିକ ଖେଳ ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡ ସାରା ବିଶ୍ୱର ହୃଦୟ ଜିଣିବାରେ ସଫଳ ହୋଇଥିଲା। କ୍ରମାଗତ ଦ୍ୱିତୀୟଥର ଫାଇନାଲରେ ହାରିବା ନିଶ୍ଚିତ ଭାବେ କଷ୍ଟ ଦେଇଥିବ। ଆମ ଦଳ ଶ୍ରୀଲଙ୍କା ମଧ ୨୦୦୭ ଓ ୨୦୧୧ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇ ସମାନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଥିଲା। ସେହିପରି ୨୦୦୯ ଓ ୨୦୧୨ରେ ମଧ ଟି୨୦ ବିଶ୍ୱକପ୍‌ରେ ଆମେ ସମାନ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇଥିଲୁ। ଜଣେ ଖେଳାଳି ହିସାବରେ ଏହାକୁ ହଜମ କରିବା ନିହାତି କଷ୍ଟକର। ତେବେ ନ୍ୟୁଜିଲାଣ୍ଡ ଖେଳାଳିମାନେ ନିଜକୁ ନିଶ୍ଚିତ ଭାବେ ଦାୟୀ କରିଥିବେ। ୨୦୧୫ରେ ଅଷ୍ଟ୍ରେଲିଆର ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ଏଥର ନ୍ୟୁଜିଲାଣ୍ଡ ଭଲ ଖେଳି ଫାଇନାଲରେ ପ୍ରବେଶ କରିଥିଲା।

ଇଂଲଣ୍ଡ ବିଜୟର ହକ୍‌ଦାର ଥିଲେ ଓ ବିଶ୍ୱକପ୍‌ର ହଟ୍ ଫେଭରାଇଟ ବିବେଚିତ ହେଉଥିଲା। ଟୁର୍ନାମେଣ୍ଟ ମଝିରେ କେତୋଟି ମ୍ୟାଚ୍‌ରେ ପରାସ୍ତ ହୋଇ ଇଂଲଣ୍ଡ ବିପଦରେ ପଡିଥିଲା। ତେବେ ଚାପରେ ଲଢୁଆ ଖେଳ ପ୍ରଦର୍ଶନ କରି ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲା। ଲଢୁଆ ଓ ସାହସିକ କ୍ରିକେଟ ଖେଳି ଇଂଲଣ୍ଡ ତା'ର ଲକ୍ଷ୍ୟ ପୂର୍ବରୁ ସ୍ଥିର କରିସାରିଥିଲା। ୨୦୧୫ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡିଥିବା ଇଂଲଣ୍ଡ ଯୋଜନା ଅନୁସାରେ ଖେଳି ବିଶ୍ୱର ଶ୍ରେଷ୍ଠ ଦିନିକିଆ ଦଳ ଭାବେ ପ୍ରତିଷ୍ଠା ଲାଭ କରିଛି। ବିଶ୍ୱକପ୍‌ରେ କିପରି ଖେଳିବାକୁ ହେବ ଇଂଲଣ୍ଡ ପୂର୍ବରୁ ଠିକ୍ କରିସାରିଥିଲା। ଏଥିପାଇଁ ଅଧିନାୟକ ଓ ଖେଳାଳି ଚୟନରେ ଇଂଲଣ୍ଡ ଆଦୌ ହେଳା କରି ନ ଥିଲା।

ଆଗାମୀ ୪ ବର୍ଷରେ ଶ୍ରୀଲଙ୍କା ମଧ ଇଂଲଣ୍ଡର ପଥ ଅନୁସରଣ କରିବା ଉଚିତ। ଭାରତରେ ଖେଳାଯିବାକୁ ଥିବା ୨୦୨୩ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କା ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଉଚିତ। ଆଗାମୀ ବିଶ୍ୱକପ୍‌ରେ ଆମ ପାଇଁ ଅବଶ୍ୟ ଅପେକ୍ଷାକୃତ ଅଧିକ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ଆଗୁଆ ଯୋଜନା କରି ଆମକୁ ଏକ ଶକ୍ତିଶାଳୀ ଦଳ ଗଠନ ଉପରେ ଧ୍ୟାନ ଦେବାକୁ ହେବ। ଇଂଲଣ୍ଡର ସଫଳତା ପଛରେ ଅଧିନାୟକ ଇଅନ ମୋର୍ଗାନଙ୍କ ନେତୃତ୍ୱକୁ ଶ୍ରେୟ ଦିଆଯିବା ଉଚିତ। ଗତ ୪ ବର୍ଷରେ ଓ ବିଶ୍ୱକପ୍‌ରେ ତାଙ୍କ ନେତୃତ୍ୱ ଦୃଷ୍ଟାନ୍ତମୂଳକ ଥିଲା। ଖେଳାଳିମାନଙ୍କୁ ଆତ୍ମବିଶ୍ୱାସ ଦେବା ସହ ସ୍ୱାଧୀନତା ଦେଇଥିଲେ। ଫଳରେ ଖେଳାଳିମାନେ ମଧ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବାରେ ହେଳା କରିନାହାନ୍ତି।

କେନ୍ ୱିଲିୟମସନ ମଧ ଜଣେ ଅସାଧାରଣ ଅଧିନାୟକ ଥିଲେ। ନ୍ୟୁଜିଲାଣ୍ଡ ତରଫରୁ ସର୍ବାଧିକ ରନ ସଂଗ୍ରହ କରି ସେ ଦଳର ଚାପକୁ ନିଜ ମୁଣ୍ଡକୁ ନେଇଥିଲେ। ଅତିସୁନ୍ଦର ଭାବେ ସେ ନେତୃତ୍ୱ ନେଇଥିଲେ। ଦଳକୁ ବିଜୟ ଦେବା ପାଇଁ ସେ ସବୁ ପ୍ରକାର ରଣନୀତି ଆପଣାଇଥିଲେ। ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ପାଇଁ ସେ ବିଶ୍ୱକପର ସବୁଠାରୁ ଯୋଗ୍ୟ ଖେଳାଳି ଥିଲେ ବୋଲି ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ।

(ଗେମ୍ ପ୍ଲାନ୍)




CLASSIFIED DISPLAY


















# ଛାତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

- ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟରେ ଚିକିତ୍ସା ଅବହେଳା
- ସ୍କୁଲ ପରିଚାଳନା କମିଟି ସଭାପତି, ଗ୍ରାମବାସୀଙ୍କ ଧାରଣା

**କେସିଙ୍ଗା,୧୮।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଳକ ଅନ୍ତର୍ଗତ ଅଧମୁଣ୍ଡା ଗ୍ରାମପଞ୍ଚାୟତ ଅଧୀନ ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟର ଜଣେ ୫ମ ଶ୍ରେଣୀର ଛାତ୍ରଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଥୁଆମୂଳ ରାମପୁର ବ୍ଳକ କର୍ଲାପାଟ ଗ୍ରାମପଞ୍ଚାୟତ ଖୁଲାଣ୍ଡି ଗ୍ରାମର କୀର୍ତ୍ତି ଚନ୍ଦ୍ର ମାଝିଙ୍କ ପୁଅ ଆଶିଷ (୧୦) । ସ୍କୁଲ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅବହେଳା ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁବାର ସ୍କୁଲ ପରିଚାଳନା କମିଟି ସଭାପତି ଝସକେତନ ବେମାଲ ଓ ଉକ୍ତ ସ୍କୁଲ ପ୍ରତିଷ୍ଠାତା କୁମରମଣି ମାଝିଙ୍କ ସମେତ ଓ ଗ୍ରାମବାସୀ ସ୍କୁଲ ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିଲେ । ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ମିଳିଥିବା ସୂଚନା ଅନୁଯାୟୀ, ଗତ ୧୩ ତାରିଖ ସକାଳେ ଆଶିଷଙ୍କୁ ଜ୍ୱର ହୋଇଥିଲା। ହଷ୍ଟେଲ ଦାୟିତ୍ୱରେ ଥିବା ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ନବକିଶୋର ମହାନନ୍ଦଙ୍କୁ ଆଶିଷ ଜ୍ୱର ହୋଇଥିବା କହି ଔଷଧ ମାଗିଥିଲେ। ନବକିଶୋର ଆଶିଷଙ୍କ କଥାକୁ ହାଲ୍କା ଭାବେ ଗ୍ରହଣ କରି



ସଭାପତି ଓ ଗ୍ରାମବାସୀଙ୍କ ଗଣଧାରଣା ।

ପାରାସିଟାମଲ ଟାବଲେଟ୍ ଅଧଫାଳ ଦେଇଥିଲେ। ସେଥିରେ ଜ୍ୱର ନ କମିବାରୁ ଆଶିଷ ତାଙ୍କୁ ଦେଖାକରି ଡାକ୍ତରଙ୍କ ପାଖକୁ ନେବାକୁ ଅନୁରୋଧ କରିଥିଲେ। ଅନ୍ୟ ଛାତ୍ରମାନେ ମଧ୍ୟ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏ କଥା ଜଣାଇ ଆଶିଷଙ୍କୁ ଡାକ୍ତରଖାନା ନେବାକୁ କହିଥିଲେ। କିନ୍ତୁ ସେ କାହା କଥା ଶୁଣି ନ ଥିଲେ। ଏପରି ୪ ଦିନ ବିତିଥିଲେ ମଧ୍ୟ ଆଶିଷଙ୍କ ଜ୍ୱର ଭଲ ହୋଇ ନ ଥିଲା । ବୁଧବାର ସକାଳେ ଆଶିଷଙ୍କ ଆଈ ଓ ତାଙ୍କର ଜଣେ ସମ୍ପର୍କୀୟ ସ୍କୁଲକୁ ନାତିକୁ ଦେଖିବାକୁ ଆସିଥିଲେ। ହେଲେ ଆଶିଷଙ୍କ ଏପରି ଅବସ୍ଥା ଦେଖି ତାଙ୍କୁ ତୁରନ୍ତ ଭବାନୀପାଟଣା ସରକାରୀ ଡାକ୍ତରଖାନାକୁ ଆଣିଥିଲେ । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଶିଷଙ୍କ ସେଦିନ ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ପୋଲିସ ମୃତ୍ୟୁଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଆଶିଷର ଅଜା ଉଦ୍ଧବ ମାଝି ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡାଙ୍କ କହିଛନ୍ତି ଏହି ଘଟଣାର ତଦନ୍ତ କରାଯାଉଛି। ଯାହାର ଭୁଲ ଥିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଧାନଶିକ୍ଷକ ଅଗସ୍ତି ସାହୁ ଚିକିତ୍ସାରେ ଅବହେଳା ହୋଇଥିବା ସ୍ୱୀକାର କରିଛନ୍ତି। ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ମହାନନ୍ଦ କହିଛନ୍ତି, ଆଶିଷଙ୍କ ଜ୍ୱର ହୋଇଥିବା ଜାଣିବା ପରେ ମୁଁ ପାରାସିଟାମଲ୍ ବଟିକାକୁ ଅଧା ଫାଳ ଦେଇଥିଲି ।






ଗିରଫ ୩ ଅଭିଯୁକ୍ତ ।

# ଭବାନୀପାଟଣାରେ ସେକ୍ସ ର୍‍ୟାକେଟ, ୩ ଗିରଫ

**ଭବାନୀପାଟଣା, ୧୮।୭ (ଡି.ଏନ.ଏ.)**

**ମହିଳାଙ୍କୁ ଶର୍ଟଷ୍ଟେ ହୋମକୁ ପଠାଗଲା**

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ସେକ୍ସ ର୍‍ୟାକେଟ ଠାବ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଟାଉନ ଥାନା ପୋଲିସ ପିପଲନାଲା ନିକଟ ଏକ ଭଡାଘରେ ଚଢାଉ କରି ଅସଂଯତ ଅବସ୍ଥାରେ ଜଣେ ମହିଳାଙ୍କ ସହ ୩ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪ ମୋବାଇଲ, ୧୩୮୦ ଟଙ୍କା ଓ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ସେମାନେ ହେଲେ ବଜାରପଡାର ରିଆଜ ମହମ୍ମଦ (୨୬), ଖରିଆରର ଅଙ୍କିତ ପ୍ରଧାନ (୨୨) ଓ ରଶ୍ମିରଞ୍ଜନ ସିଂ (୨୪)। ସେମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ପଶ୍ଚିମବଙ୍ଗର ମହିଳାଙ୍କୁ ପୋଲିସ ଶର୍ଟଷ୍ଟେ ହୋମକୁ ପଠାଇଛି। ଭବାନୀପାଟଣା ଟାଉନ ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ପିପଲନାଲାସ୍ଥିତ ଏକ ଭଡାଘରେ ବୁଧବାର ରାତିରେ ଚଢାଉ କରିଥିଲା । ଏହି ସେକ୍ସ ର୍‍ୟାକେଟର ମୁଖ୍ୟ କୁହାଯାଉଥିବା ରିଆଜ ଗତବର୍ଷ ନଭେମ୍ବର ୧୮ ତାରିଖରେ ଗିରଫ ହୋଇ ଜେଲ ଯାଇଥିଲେ । ଜାମିନରେ ଆସିବା ପରେ ସେ ପୁଣିଥରେ ଧରାପଡିଛନ୍ତି।



*T&C apply. Ex-showroom price Odisha of TVS Radeon ES Mag BS IV Variant. Prices subject to change without prior notice. #For further details, please visit www.tvsradeon.com.
^5 year warranty without any additional charges. ##Finance at the sole discretion of the financer. TVS Showrooms are open on all Sundays.

TVS 5 YEAR WARRANTY ^ ବଢ଼ିଆ ମାଇଲେଜ୍

FOR ALL BULK/INSTITUTIONAL REQUIREMENTS PLEASE MAIL:corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734. Authorised Dealers: Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nownit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005 ; Udanbandh, Vinit Automobiles, Ph : 7326042333, 7326042335.




| Mega EXCHANGE Carnival | Models | Hexa | Nexon | Tiago | Tigor |
|---|---|---|---|---|---|
| | Ex-Showroom Price | ₹13.26L* | ₹6.72L* | ₹4.50L* | ₹5.70L* |
| | Maximum Benefit | ₹73,000* | ₹48,000* | ₹59,000* | ₹58,000* |

▸ 18th - 21st ଜୁଲାଇ ମଧ୍ୟରେ କର୍ମ୍ମଚାରୀ କାର୍ ଓ୍ୱାସ୍* ▸ 18th - 21st ଜୁଲାଇ ମଧ୍ୟରେ ₹5000 ର ବୁକିଂ ଉପରେ ମାଗଣା ଆକ୍ସେସରିଜ୍*

TATA NEXON ଭାରତର ନିରାପଦ କାର ★★★★★ GLOBAL NCAP

AMT ଉପଲବ୍ଧ

100% ପର୍ଯ୍ୟନ୍ତ ଅନ୍-ରୋଡ଼ ଫଣ୍ଡିଂ ଓ ଅବଧି 84 ମାସ ପର୍ଯ୍ୟନ୍ତ* | To know more, visit http://drivethefuture.tatamotors.com | Toll free number: 18002098282 | /tatamotorsgroup /tatamotors

Special offers for Government / Corporate Employees, Police Dept., LIC Employees & Agents, Bank Employees, Government Hospital-Doctors & Staff.*

SPECIAL OFFERS FOR CSD EXCHANGE THROUGH TATA MOTORS ASSURED

Authorised Tata Motors Dealers:

BALANGIR: Laxmi Sales & Service 8448576946 | BARGARH: Laxmi Sales & Service 8448576946 | BHAWANIPATNA: Laxmi Sales & Service 8448576946 | SAMBALPUR: Maa Samleswari Auto- 7303658604 | JHARSUGUDA: Maa Samaleshwari Automobiles- 8448512528 | SONEPUR: Maa Samaleshwari Automobiles-8448512528 | BOUDH: Monalisha Motors 8448576936 | ROURKELA: Balaram Motors 7303658556 | SUNDARGARH: Balaram Motors 8448512739

* Terms and Conditions Apply. Offers valid on sole discretion of TATA Motors Limited. Insurance offers are the discretion of TATA Motors Insurance and are subject to change without any prior notice. Finance offers mentioned above are solely at the discretion of the Finance Company. Offer valid on Tata Tiago, Tata Tigor, Tata Nexon and Tata Hexa. Price is Ex-Showroom Bhubaneswar.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୯ ଜୁଲାଇ, ୨୦୧୯



ଅସମ୍ଭବ କଥା ସ୍ୱଚକ୍ଷୁରେ ଦେଖିଥିଲେ ମଧ କାହା ଆଗରେ କହିବା ଅନୁଚିତ। କାରଣ ପଥର ପାଣିରେ ଭାସୁଛି କିମ୍ବା ମାଙ୍କଡ଼ ଗୀତ ଗାଉଛି, ଏକଥା କହିଲେ କିଏ ଅବା ବିଶ୍ୱାସ କରିବ।

- ଚାଣକ୍ୟ



## ସଂକ୍ଷେପରେ

### ଯୁବତୀଙ୍କ ଆତ୍ମହତ୍ୟା

ବଘିଆପଡା,୧୮।୭(ଡି.ଏନ.ଏ)

ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଲକ୍ଷ୍ମୀପଦର ଗ୍ରାମରେ ଜଣେ ଯୁବତୀ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି । ମୃତା ଯୁବତୀ ହେଲେ ସବିତା ନାଏକ(୨୪) । ସେ ୪ବର୍ଷ ତଳେ ସେହି ଗ୍ରାମର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ । ବିବାହ ପରେ ବାରମ୍ବାର ଶରୀର ଅସୁସ୍ଥ ରହିବାରୁ ସବିତାଙ୍କ ସ୍ୱାମୀ ତାଙ୍କୁ ବାପ ଘରେ ଛାଡି ଦେଇଥିଲେ । ବାରମ୍ବାର ଚିକିତ୍ସା କରାଯିବା ପରେ ମଧ୍ୟ ସବିତା ସୁସ୍ଥ ନ ହେବାରୁ ମାନସିକ ଅଶାନ୍ତି ମଧ୍ୟରେ ରହୁଥିଲେ । ବୁଧବାର ରାତିରେ ଘରେ ସମସ୍ତେ ଖାଇସାରି ଶୋଇବାକୁ ଯିବା ପରେ ସବିତା ଘରଠାରୁ ଅଳ୍ପ ଦୂରରେ ଥିବା ଏକ ଗଛରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ନିକଟରୁ ସୂଚନା ପାଇ ବଘିଆପଡା ପୋଲିସ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପର୍ବତାରୋହୀ ଲିପିକା ସେଠଙ୍କୁ ସମ୍ବର୍ଦ୍ଧନା

ଭେଡ଼େନ, ୧୮।୭ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ଡ଼ାଲବ ଗ୍ରାମର ଯୁବ ପର୍ବତାରୋହିଣୀ ଲିପିକା ସେଠଙ୍କୁ ଭେଡ଼େନ ତହସିଲଦାର ସୀମା ସବିତା କୁଲୁ ଗୁରୁବାର ସମ୍ବର୍ଦ୍ଧିତ କରିଛନ୍ତି । ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂସ୍ଥା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଯୋଜକ ପଦ୍ମଲୋଚନ ଭୋସାଗର ପରିଚାଳନା କରିଥିଲେ। ପର୍ବତାରୋହିଣୀ ଲିପିକା ଦକ୍ଷିଣ ଆଫ୍ରିକାର ୫୮୫୯ ଫୁଟ ଉଚ୍ଚ କିଲିମାଞ୍ଜାରୋ ଶୃଙ୍ଗ ଆରୋହଣ କରି ଗୌରବ ହାସଲ କରିଛନ୍ତି । ସେ ଆଗାମୀ ଅଗଷ୍ଟ ମାସରେ ୟୁରୋପ ଗସ୍ତ କରି ସେଠାକାର ଶୃଙ୍ଗ ଆରୋହଣ କରିବାର କାର୍ଯ୍ୟକ୍ରମ ରହିଛି । ଭେଡ଼େନ ତହସିଲଦାର କୁଲୁ ପର୍ବତ ଆରୋହଣ ପାଇଁ ଲିପିକାଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ସରକାରୀ ଭାବେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

### ପିକ୍‌ଅପ୍ ଭ୍ୟାନ୍-ଟ୍ରକ୍ ମୁହାଁମୁହିଁ

ବରଗଡ଼ ଅଫିସ୍,୧୮।୭

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ପଁର୍ରାପାଟ୍ ମନ୍ଦିର ସମ୍ମୁଖ ଫୋର୍‌ଲେନ୍ ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଏକ ପିକ୍‌ଅପ୍ ଭ୍ୟାନ ଓ ଅନ୍ୟ ଏକ ଟ୍ରକ ମୁହାଁମୁହିଁ ଧକ୍କା ହେବା ଯୋଗୁ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ପିକ୍‌ଅପ୍ ଭ୍ୟାନର ଡ୍ରାଇଭର ହୋଇଥିବାବେଳେ ତାଙ୍କ ଠିକଣା ଜଣାପଡ଼ିନାହିଁ । ପ୍ରକାଶ ଯେ, ସମ୍ବଲପୁରରୁ ବରଗଡ଼ ପଟକୁ ଏକ ଟ୍ରକ ଆସୁଥିବାବେଳେ ବିପରୀତ ଦିଗରୁ ପିକ୍‌ଅପ୍ ଭ୍ୟାନଟି ଆସୁଥିଲା ଏବଂ ପଁର୍ରପାଟ୍ ମନ୍ଦିର ନିକଟରେ ଉଭୟ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପିକ୍‌ଅପ୍ ଭ୍ୟାନର ସମ୍ମୁଖ ଭାଗ ଚୂରମାର୍ ହୋଇଯାଇ ଥିବାରୁ ଆହତ ହୋଇଥିବା ଡ୍ରାଇଭରଙ୍କୁ ମଧ୍ୟ ବହୁ କଷ୍ଟରେ ବାହାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ବରଗଡ଼ ଟାଉନ ଥାନା ପୋଲିସ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ କରୁଛି ।

# ବାଟବଣା କାଳିଆ ଯୋଜନା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧୮।୭

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଚାଷୀଙ୍କ ପାଇଁ କାଳିଆ ଯୋଜନା ଘୋଷଣା କରିଥିଲେ। ନିର୍ବାଚନ ପ୍ରଚାରରେ ଏହି ଯୋଜନାକୁ ରାଜ୍ୟ ସରକାର ପ୍ରମୁଖ ପ୍ରସଙ୍ଗ ରଖି ଚାଷୀଙ୍କ ପାଖକୁ ପହଞ୍ଚିଥିଲେ ସୁଦ୍ଧା ସେହି ଯୋଜନାର କାର୍ଯ୍ୟକାରିତାରେ ଶୀଥିଳତା ସରକାରଙ୍କୁ ଅଡୁଆରେ ପକାଇଥିଲା । ଚୟନ ହୋଇଥିବା ହିତାଧିକାରୀଙ୍କ ମଧ୍ୟରୁ ଅନେକ ଚାଷୀଙ୍କ ଆକାଉଣ୍ଟକୁ ପ୍ରାପ୍ୟରାଶି ପହଞ୍ଚି ପାରି ନ ଥିବାରୁ ସେତେବେଳେ ରାଜ୍ୟ ସରକାରଙ୍କୁ ସମାଲୋଚିତ ହେବାକୁ ପଡ଼ିଥିଲା । ଏଭଳି ସ୍ଥିତିରେ ନିର୍ବାଚନ ପରେ ଅବଶିଷ୍ଟ ଚାଷୀଙ୍କ ଆକାଉଣ୍ଟରେ ସେହି ରାଶି ଜମା ହେବ ବୋଲି ରାଜ୍ୟ ସରକାର ଚାଷୀଙ୍କୁ ଆଶ୍ୱାସନା ଦେଇଥିଲେ । ମାତ୍ର ଇତିମଧ୍ୟରେ ନିର୍ବାଚନକୁ ୩ମାସ ବିତିଯାଇ ଥିଲେ ସୁଦ୍ଧା ବରଗଡ଼ ଜିଲାର ଅନେକ ଚାଷୀ ତଥା ହିତାଧିକାରୀଙ୍କ ପାଖକୁ କାଳିଆ ଯୋଜନାର ସୁଫଳ ଅପହଞ୍ଚ ହୋଇ ପଡ଼ିଛି । ଫଳରେ ଏହି ଯୋଜନା ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି ।

ବରଗଡ଼ ଜିଲାରେ ୨ଟି ପର୍ଯ୍ୟାୟରେ ହିତାଧିକାରୀ ଚୟନ ସରିଥିବା ବେଳେ ତୃତୀୟ ପର୍ଯ୍ୟାୟ ଚୟନ ଜାରି ରହିଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ଜିଲାରେ ୨ଲକ୍ଷ ୨୨ହଜାର ୨୨୧ ହିତାଧିକାରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ୧ଲକ୍ଷ ୯୭ହଜାର ୬୮୨ ଜଣଙ୍କୁ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇଥିଲା। ୯୮୫୪ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ନ ଥିବାରୁ ସମ୍ପୃକ୍ତ ହିତାଧିକାରୀଙ୍କ ପାଖକୁ କାଳିଆ ଟଙ୍କା ପହଞ୍ଚି ପାରି ନ ଥିବା ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଜଣାପଡ଼ିଛି । ଅନ୍ୟପଟେ ବୁଧବାର ସୁଦ୍ଧା ସେଥିମଧ୍ୟରୁ ୩୮୧୮ଜଣ ହିତାଧିକାରୀଙ୍କ ଆକାଉଣ୍ଟ ଅପଡେଟ୍ ହୋଇ ସାରିଥିବା ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ କହିଛନ୍ତି ଏପର୍ଯ୍ୟନ୍ତ କେତେଜଣ ହିତାଧିକାରୀଙ୍କ ପାଖକୁ କାଳିଆ ଟଙ୍କା ପହଞ୍ଚି ସାରିଛି, ସେ ନେଇ ତାଙ୍କ ପାଖରେ ତଥ୍ୟ ନାହିଁ ଏବଂ ତାହା କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ମିଳିପାରିବ ବୋଲି ସେ କହିଥିଲେ । ସେହିପରି ତୃତୀୟ ପର୍ଯ୍ୟାୟ ହିତାଧିକାରୀ ଚୟନ ଚାଲିଛି ଏବଂ ଏପର୍ଯ୍ୟନ୍ତ ଏହି ପର୍ଯ୍ୟାୟରେ ୧୨ହଜାର ୪୨ଜଣ ଆବେଦନ କରିଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୬୬ଜଣଙ୍କ ଚୟନ ହୋଇ ସାରିଥିବା ଗାନ୍ଧୀ କହିଥିଲେ । ତେବେ ଯୋଜନା ଘୋଷଣାର ୭ମାସ ପରେ ମଧ୍ୟ ହିତାଧିକାରୀ ଚୟନ ଚୂଡ଼ାନ୍ତ ହୋଇ ପାରି ନ ଥିବାରୁ ଏହି ଯୋଜନା କେତେ ଫଳପ୍ରଦ ହେବ, ତାହା ସହଜରେ ଅନୁମେୟ ।

### ଏମାନେ କହନ୍ତି...



“ ମୁଁ ଜଣେ ନାମମାତ୍ର ଚାଷୀ । କ୍ଷୁଦ୍ର, ନାମମାତ୍ର ଚାଷୀଙ୍କ ପାଇଁ କାଳିଆ ଯୋଜନା ଉଦ୍ଦିଷ୍ଟ ବୋଲି ସରକାର କହୁଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେହି ଯୋଜନାର କିଛି ସୁଫଳ ପାଇ ପାରିନାହିଁ । ଏହି ଯୋଜନାରେ ସାମିଲ ହେବା ପାଇଁ ଥରେ ନୁହେଁ, ଦୁଇଥର ଆବେଦନ କରି ସାରିଛି । ତଥାପି ଏପର୍ଯ୍ୟନ୍ତ ମୋତେ ଟଙ୍କା ମିଳିବା ତ ଦୂରର କଥା, ତାଲିକାରେ ମୋ ନାମକୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ । -**ସଞ୍ଜୀବ ପ୍ରଧାନ**, ଚାଷୀ, କୋତନା



“ କାଳିଆ ଯୋଜନା ରାଜ୍ୟ ସରକାରଙ୍କ ନିର୍ବାଚନୀ ଘୋଷଣାପତ୍ର ଥିଲା, ଏହା ଏବେ ସ୍ପଷ୍ଟ ହୋଇଛି । ଯୋଜନା ଘୋଷଣା ହେବାର ୭ମାସ ବିତି ଯାଇଛି । ମାତ୍ର ଅଧେ ବି ହିତାଧିକାରୀ କାଳିଆ ଟଙ୍କା ପାଇଁ ପାରି ନାହାନ୍ତି । ସେହିପରି ସହରାଞ୍ଚଳରେ ମଧ୍ୟ କୃଷି ଶ୍ରମିକ ଅଛନ୍ତି । ଫଳରେ ସେହି ଯୋଜନାରେ ତାଙ୍କୁ ମଧ୍ୟ ସାମିଲ କରାଯିବା କଥା । କିନ୍ତୁ ଯୋଜନାବଦ୍ଧ ଭାବେ ସେମାନଙ୍କୁ ବାଦ୍ ଦିଆଯାଇଛି ଏବଂ ଏହା ଏକ ଫାର୍ସରେ ପରିଣତ ହୋଇଛି । -**ରମେଶ ମହାପାତ୍ର**, ଚାଷୀନେତା



“ କାଳିଆ ଯୋଜନା କେବଳ ଗ୍ରାମାଞ୍ଚଳ ପାଇଁ ଉଦ୍ଦିଷ୍ଟ, ସହରାଞ୍ଚଳ ପାଇଁ ନୁହେଁ । ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟ କିସ୍ତି ଯେଉଁମାନେ ପାଇଛନ୍ତି, ସେଥିରେ କିଛି ଅଯୋଗ୍ୟ ହିତାଧିକାରୀ ଥିଲେ । ତାହା ଯାଞ୍ଚ କରାଯାଉଛି । ସେହିପରି ଆକାଉଣ୍ଟ ଭୁଲ ଥିବାରୁ କିଛି ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇପାରି ନାହିଁ । ତାହା ସଂଶୋଧିତ ହେବା ପରେ ନିଶ୍ଚିତ ଭାବେ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବ।
-ଦୀନବନ୍ଧୁ ଗାନ୍ଧୀ, ଜିଲା କୃଷି ଉପନିର୍ଦ୍ଦେଶକ

# ପାଠ୍ୟଖସଡ଼ା ସହଯୋଗ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭେଡ଼େନ, ୧୮।୭ (ଡ଼ି.ଏନ.ଏ)

ଭେଡ଼େନ ସ୍ଥିତ ବୀର ସୁରେନ୍ଦ୍ର ସାଏ ପବ୍ଲିକ ସ୍କୁଲ ପରିସରରେ ନ୍ୟାଶନାଲ ରୁରାଲ ଡ଼େଭଲପମେଣ୍ଟ କାଉନସିଲ (ଏନଆରଡ଼ିସି) ସୋନପୁର ପକ୍ଷରୁ ପାଠ୍ୟ ଖସଡ଼ା ସହଯୋଗ କାର୍ଯ୍ୟକ୍ରମ ଗୁରୁବାର ଉଦଘାଟିତ ହୋଇଛି । ସଂସ୍ଥାର ସମ୍ପାଦକ ପ୍ରଦୀପ ମହାପାତ୍ରଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭେଡ଼େନ ସିଡ଼ିପିଓ ଝୁନୁ କୁମାରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଗଣିତ, ବିଜ୍ଞାନ ତଥା ଇଂରାଜୀ ଶିକ୍ଷାକୁ ପାଠ୍ୟଖସଡ଼ା ସହ ଆହୁରି ସହଜ ସରଳ କରିବା ଦିଗରେ ପରାମର୍ଶ ଦେଇଥିଲେ । ଏହି ଅବସରରେ ରିସୋର୍ସ ଶିକ୍ଷୟିତ୍ରୀ କବିତା ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠିର ମାହାର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।




ଭେଡ଼େନରେ ପାଠ୍ୟଖସଡ଼ା ସହଯୋଗ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଦିବ୍ୟାଙ୍ଗଙ୍କୁ ସାହାଯ୍ୟର ହାତ୍ ବଢ଼ାଲା ପରଶାସନ

ବରପାଲି, ୧୮।୭ (ଡି.ଏନ୍.ଏ)

ବରପାଲିର ଗୁଟେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂ ହାର୍ଟର ଅନୁରୋଧରେ ଜିଲା ପରଶାସନ ଦୁଇ ଦିବ୍ୟାଙ୍ଗକୁଁ ସାହାଯ୍ୟର ହାତ୍ ବଢ଼େଇଛେ। ବ୍ଲକ ଅଧୀନ ରେମତା ଗାଁର ମଧୁସୂଦନ ଧରୁଆ ଆଏଜ୍‌କେ ୩ ବଛର ଆଗରୁ କୁଲି ମଜୁରି କରୁଥିଲାବେଳେ ହଠାତ୍ ତାକର ଅଁଟାରୁ ତଲକେ ଅକାମି ହେଇଯାଇଥିଲା। ସେ ଭିନେ ଭିନେ ଡାକ୍ତରଖାନାରେ ଚିକିତ୍ସା କରେଇ ନିରାଶ ହେଇଥିଲେ। ଯେନ୍‌ଥିରଲାଗି ପରିବାର ଚଲବାରେ ବଡ଼ଭାରି ଅସବିଧା ଦେଖାଦେଇଥିଲା। ମଧୁ ତାକର ଦୁଖ୍ ଦୁରଦଶା ବାବ୍‌ଦେ ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନକେ ଜନେଇଥିଲେ। ଇତାର ପରେ ଅନୁଷ୍ଠାନର ମେମର ସତ୍ୟାନନ୍ଦ ପାଣ୍ଡେ, ବିଜୟାନନ୍ଦ ଦାଶ, ବେଣୁଧର ବରିହା, ଦେବେନ୍ଦ୍ର ବାରିକ, ମନୋଜ ବେରିହା ପରମୁଖ ଜିଲାପାଲ ଆର ବିଡିଓକୁଁ ଭେଟି ଘଟନା ବାବ୍‌ଦେ ଜନେଇଥିଲେ। ପଛେ ଜିଲା ପରଶାସନ ମଧୁକୁଁ ଗୁଟେ ଟ୍ରାଇସାଇକେଲ ଆର ୧୫ ହଜାର ଟଁକା ଚେକ୍‌ରେ ଦେଇଥିଲା। ସେନ୍ତା ବରପାଲି ଏନ୍‌ଏସି ୧୧ ନମ୍ବର ୱାର୍ଡର ନିରଞ୍ଜନ ବେନୁଆକୁଁ ବି ପରଶାସନ ତରଫୁ ଗୁଟେ ଟ୍ରାଇସାଇକେଲ ଦିଆଯାଇଛେ।



ମଧୁକୁଁ ସାହାଯ୍ ଟଁକା ଚେକ୍‌ରେ ଦିଆଯାଉଛେ।

### ଏୟାରଷ୍ଟ୍ରିପ୍ ପାଚେରି ଭାଙ୍ଗିଲା

ପଦ୍ମପୁର,୧୮।୭(ଡି.ଏନ.ଏ)

ନଳାରେ ବର୍ଷାପାଣି ଜମି ରହିବା ଯୋଗୁ ବରଗଡ଼ ଜିଲା ପଦ୍ମପୁର ନିକଟ ସତୀଭଟାସ୍ଥିତ ପାଚେରି ପାଖରେ ରହିଥିବା ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି। ଏୟାରଷ୍ଟ୍ରିପ ତଥା ଉଡ଼ାଜାହାଜ ଅବତରଣ ପଡ଼ିଆର ସମ୍ପ୍ରସାରଣ କରାଯାଉ ଥିବାବେଳେ ନିର୍ମାଣ କାର୍ଯ୍ୟ ନ ସରୁଣୁ ପଡ଼ିଆର ଉଭୟ ପାର୍ଶ୍ୱର ପ୍ରାୟ ୩୦ଟି ଖୁଣ୍ଟ ଭାଙ୍ଗି ପଡ଼ିଛି । ବାରମ୍ବାର ପାଚେରି ଭାଙ୍ଗି ପଡୁଥିବା ଯୋଗୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି । ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବା ଯୋଗୁ ବାରମ୍ବାର ପାଚେରି ଭାଙ୍ଗି ପଡୁଛି ଏବଂ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ପଦ୍ମପୁର, ୧୮।୭ (ଡି.ଏନ.ଏ)

ବରଗଡ ଜିଲା ପଦ୍ମପୁର ଉପଖଣ୍ଡରେ ସ୍ୱାଧୀନତା ଦିବସ-୨୦୧୯ ପାଳନ ଉପଲକ୍ଷେ ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଯାୟୀ ସକାଳ ସାଢ଼େ ୪ଟା ସମୟରେ ରାମଧ୍ୱନ୍ ଏବଂ ପ୍ରଭାତ ଫେରୀ, ସକାଳ ୬ଟାରୁ ୭ଟା ମଧରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ, ୯ଟା ୧୫ ମିନିଟରେ ରାଜବୋଡାସମ୍ବର ହାଇସ୍କୁଲ ଫୁଟବଲ ପଡିଆରେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ପାଇଁ ସ୍ଥିରୀକୃତ ହୋଇଛି । ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ସେହିପରି ଗତ ହାଇସ୍କୁଲ ଓ ଯୁକ୍ତ ୨ ପରୀକ୍ଷାରେ ଉପଖଣ୍ଡରୁ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବ। ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରକ୍ତଦାନ ଶିବିର ସହିତ ଚିକିତ୍ସାଳୟ, ସବଜେଲ ଏବଂ କୁଷ୍ଠ କଲୋନୀରେ ଫଳ ଓ ବିସ୍କୁଟ ବଣ୍ଟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ପଦ୍ମପୁର ତହସିଲଦାର ସରୋଜିନୀ ପ୍ରସନ୍ନ କୁଲୁ, ରାଜବୋଡାସମ୍ବର ବିଡିଓ ଏଲିଜା ମିଶ୍ର, ସହକାରୀ ଜିଲାପାଳ ଦୀପ୍ତିମୟୀ ଭୁଏ, ପଦ୍ମପୁର ଆଇଆଇସି ମାନସ ରଞ୍ଜନ ପ୍ରଧାନ, ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଖବରଦାତା ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି ।

# ପେଟୁପାଲି ହାଇସ୍କୁଲରେ ବନ ମହୋତ୍ସବ

ଘେଁସ,୧୮।୭(ଡି.ଏନ.ଏ)

ସୋହେଲା ବ୍ଲକ ପେଟୁପାଲି ଗ୍ରାମ ପଞ୍ଚାୟତ ହାଇସ୍କୁଲ ପକ୍ଷରୁ ସାମାଜିକ ବନୀକରଣ ଯୋଜନା ଓ ସଂରକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଘେଁସ ବନ ବିଭାଗ ଫରେଷ୍ଟର ଗିରିରାଜ କୁମ୍ଭାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ପରିବେଶ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା । ପରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷଚାରା ରୋପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ପରିଚାଳନା ସମିତି ସଦସ୍ୟ ସହଯୋଗ କରିଥିଲେ ।



ଛାତ୍ରୀଛାତ୍ରଙ୍କ ସଚେତନତା ରାଲି ଗ୍ରାମ ପରିକ୍ରମା କରୁଛି ।

### ୨୧ରେ ଛାତ୍ରୀଛାତ୍ର ଚୟନ

ବରଗଡ଼ ଅଫିସ୍,୧୮।୭

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ ପକ୍ଷରୁ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ବିନା ମୂଲ୍ୟରେ ଯୁକ୍ତଦୁଇ ବିଜ୍ଞାନ ପାସ୍ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଆବାସିକ ଆବାସିକ କୋଚିଂ ବ୍ୟବସ୍ଥା କରାଯାଇଛି । ଆସନ୍ତା ୨୧ତାରିଖ ବରଗଡ଼ ଜର୍ଜ ହାଇସ୍କୁଲରେ ପୂର୍ବାହ୍ନ ସାଢ଼େ ୧୦ଟାରୁ ମଧ୍ୟାହ୍ନ ସାଢ଼େ ୧୨ଟା ପର୍ଯ୍ୟନ୍ତ ଏଥିପାଇଁ ଛାତ୍ରୀଛାତ୍ର ଚୟନ କରାଯିବ । ଫଳରେ ଇଚ୍ଛୁକ ଛାତ୍ରୀଛାତ୍ର ନିଜ ଶିକ୍ଷାଗତ ପ୍ରମାଣପତ୍ର ସହିତ ନିର୍ଦ୍ଧାରିତ ସମୟରେ ଜର୍ଜ ହାଇସ୍କୁଲରେ ଉପସ୍ଥିତ ରହି ଏହି ସୁଯୋଗ ନେବା ପାଇଁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଜଣାଇଛନ୍ତି ।

# ଜିଲାପାଳ ଅଫିସ ଆଗରେ ବିକ୍ଷୋଭ



ଜିଲାପାଳ ଅଫିସ ଆଗରେ ଧାରଣା ଦେଇ କୃଷି ଶ୍ରମିକଙ୍କ ବିକ୍ଷୋଭ ପ୍ରଦର୍ଶନ ।

### କାଳିଆ ଯୋଜନାରେ ସାମିଲ ଦାବି

ବରଗଡ଼ ଅଫିସ୍,୧୮।୭

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନ କୃଷି ଶ୍ରମିକଙ୍କୁ ସାମିଲ କରାଯାଇନାହିଁ । ଫଳରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ସେମାନଙ୍କୁ ମଧ୍ୟ କାଳିଆ ଯୋଜନାରେ ସାମିଲ କରିବା ଦାବି ନେଇ ଗୁରୁବାର ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୯ର ଭୂମିହୀନ କୃଷି ଶ୍ରମିକମାନେ ଜିଲାପାଳ ଅଫିସ ଆଗରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାସହିତ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ରାଜ୍ୟ ସରକାର ଘୋଷଣା କରିଥିବା କାଳିଆ ଯୋଜନାରେ ଭୂମିହୀନ କୃଷି ଶ୍ରମିକଙ୍କୁ ୧୨ହଜାର ୫୦୦ ଟଙ୍କା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ମାତ୍ର ଏଥିରେ ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନ କୃଷି ଶ୍ରମିକଙ୍କୁ ବାଦ୍ ଦିଆଯାଇଛି । ସେମାନେ ସହରାଞ୍ଚଳରେ ବସବାସ କରୁଥିଲେ ହେଁ ଗ୍ରାମାଞ୍ଚଳକୁ ଯାଇ କୃଷି ଶ୍ରମିକ ଭାବେ ଖଟୁଛନ୍ତି ଏବଂ ସେଥିରୁ ରୋଜଗାର ଟଙ୍କାରେ ପରିବାର ଚଳାଉଥିବା ସେମାନେ କହିଛନ୍ତି । ଫଳରେ ସେମାନଙ୍କୁ ମଧ୍ୟ କାଳିଆ ଯୋଜନାରେ ସାମିଲ କରାଯାଇ ନିର୍ଦ୍ଧାରିତ ସହାୟତା ରାଶି ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି । ଆପ୍ ନେତା ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର, ମେରିୟମ ବାର୍ଲା, ରମେଶ ମହାପାତ୍ରଙ୍କ ନେତୃତ୍ୱରେ କୃଷି ଶ୍ରମିକମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଫେନ୍‌ଘାଏ ବଁଦୀ ଜୀବନ୍ ବିତଉଛନ୍ ଲିଲିମା

ଜାମଟିକ୍ରା, ୧୮।୭ (ଡି.ଏନ୍.ଏ.):

ବରଗଡ଼ ଜିଲା ଅତାବିରା ବ୍ଲକ ଟାଙ୍ଗରପାଲି ପଁଚେତ ରେଙ୍ଗାଲିପାଲି ଗାଁର ମାନସିକ୍ ରୁଗୀ ଲିଲିମା ଭୋରାସାଗର(୨୪)। ଲିଲିମା ଉପରେ ଗଲା ୨୦୧୮ ଅକ୍ଟୋବର ୮ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଶିଁକ୍‌ଲା ବଁଧା ଜୀବନ୍ ବିତଉଛନ୍ ଲିଲିମା' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ସମ୍ବଲପୁରର ଗୁଟେ ସ୍ୱେଚ୍ଛାସେବୀ ସଂଗଠନର ଉଦିଅମରେ ଲିଲିମାକେ ଗଲା ଅକ୍ଟେବର ୧୭ରେ ବୁର୍ଲା ଭୀମସାରର ମାନସିକ ରୋଗ ବିଭାଗରେ ଚିକିତ୍ସା ଲାଗି ଭରତି କରାଯାଇଥିଲା। ସେଠାନେ ଲିଲିମାକେ ଗୁଟେ ହପ୍ତା ଚିକିତ୍ସା କଲା ଉତାରୁ ସେ ଟିକେ ଭଲ ହେଇଥିଲେ। ସେ ହିସାବେ ଅକ୍ଟୋବର ୨୬ରେ ତାହାକୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଥିଲା। ଘରେ ଦିନାକେତେ ଠିକ୍‌ଠାକ୍ ରହେଲେ। ହେଲେ ଅଭାବ ଅନାଟନ ଲାଗି ପରିବାର ଲୋକ ଫିଦିନ ଲିଲିମାକେ ଉଷୋକଷା ନାଇଁ ଦେଇପାରଲେ। ଯେନ୍‌ଥିରଲାଗି ଲିଲିମା ଏହେଦେ ଫେନ୍ ତାକର ପୂରବର ଅବସ୍ତାକେ ଫିରିଛନ୍। ଏନ୍ତାଥି ଘରର ଲୋକ୍ ଉପେ ଶୁଇନ୍ ହେଇ ଫେନ୍ ତାକର ହାତ୍‌ଗୋଡ଼ ଲୁହା ଶିଁକ୍‌ଲା ଆର ଦଉରାଥି ବାଁଧିକରି ରଖିଛନ୍।

ପୂରବର ସୂଚନା ହିସାବେ ରେଙ୍ଗାଲିପାଲି ଝୁଣ୍ଟିଡ଼ିପଡ଼ାର ଅର୍ଜୁନ ବାଗ(୬୫)। ସେ ନିହାତି ଗରିବ୍ ହେଇଥିଲାବେଲେ କୁଲି ମଜୁରିକରି କୁଟୁମ ପୁଷୁଥିଲେ। ଅର୍ଜୁନ ତାକର ଗୁଟେବଲି ଝିଁ ଚନ୍ଦ୍ରକାନ୍ତି(୪୨)କେ ବରଗଡ଼ ଜିଲା ଭଟଲି ବ୍ଲକ କରଲାଜୁରୀ ଗାଁର ବିକ୍ରମ ଭୋରାସାଗରକୁଁ ବିହା କରେଇଥିଲେ। ତାକର ଦୁଇଟା ଝିଁ ହେଲା ଉତାରୁ ବିକ୍ରମ ମାନସିକ୍ ରୋଗ୍‌ରେ ପୀଡ଼ିତ ହେଇ ଆରପାରକେ ଚାଲିଗଲେ। ଏନ୍ତାଥି ଚନ୍ଦ୍ରକାନ୍ତି ଦୁଇ ଝିଁକୁ ଧରି ବାପ୍ ଘରକେ ପଲେଇ ଆଏଲେ। ହେଲେ ଆଏଜ୍‌କେ ୧୪ ବଛର ହେଲା ଚନ୍ଦ୍ରକାନ୍ତିକଁର ଝିଁ ଲିଲିମା ମାନସିକ୍ ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ପରିବାରଟା ଅଭାବ ଅନାଟନ ଲାଗି ଲିଲିମାର ଚିକିତ୍ସା କରେଇ ନାଇପାରବାର। ଶେଷେ ତାକର ବେଭାର ଆଚାରରେ ପରିବରତନ୍ ହେଲାରୁ ଘରର ଲୋକ୍ ଗୋଡ଼ହାତ୍ ଶିଁକ୍‌ଲାଥି ବାଁଧି ରଖିଥିଲେ। ଇ ପରିବାର ଉପରେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଟିକିନିଖିନୁ ଖବର ବାହାରଲାରୁ ଲିଲିମା ଚିକିତ୍ସା ସାହାଯ୍ ସଂଗେ ଭିନ୍ନକ୍ଷମ ଭତା ପାଇଥିଲେ। ସେନ୍ତା ତାକର ମା' ଚନ୍ଦ୍ରକାନ୍ତି ବି ବିଧବା ଭତା ପାଏବାର ସଂଗେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଖଁଡ଼େ ପାଇଛନ୍। ଯେନ୍‌ଥିରଲାଗି ସେ ଧରିତ୍ରୀକେ ଧଏନ୍‌ବାଦ ଜନେଇଛନ୍। ସେ ଫେନ୍‌ଘାଏ ଗଣମାଧମ ଜରିଆରେ ଝିଁର ଚିକିତ୍ସା ଲାଗି ଥାନୀୟ ପରଶାସନକେ ଗୁହାରି କରିଛନ୍।



ହାତ୍‌ଗୋଡ଼ ବାଁଧା ହେଇଥିବାର ଅବସ୍ତାରେ ଲିଲିମା।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ

## ସଂକ୍ଷେପରେ

### ଜବରଦଖଲ ଉଚ୍ଛେଦ ପାଇଁ ମହିଳାଙ୍କ ଦାବି

**ସୋନପୁର,୧୮।୭(ନି.ପ୍ର.):** ସୋନପୁର ବ୍ଲକ କଳାପଥର ପଞ୍ଚାୟତ ବାବୁପାଲି ଗ୍ରାମରେ ସର୍ବସାଧାରଣଙ୍କ ଜମିକୁ ଜବରଦଖଲ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମର ମହିଳାମାନେ ଗୁରୁବାର ଜିଲାପାଳ ମନୀଷା ବାନାର୍ଜୀଙ୍କୁ ଭେଟି ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ ବାରଣ ସତ୍ତ୍ୱେ ଜବରଦଖଲକାରୀ ନାମ ମଣ୍ଡପ ଜାଗାକୁ ମଧ ମାଡି ବସିଛନ୍ତି। ଏଠାରେ ନାମ ମଣ୍ଡପ ତିଆରି ପାଇଁ ବିଧାୟକ ନିରଞ୍ଜନ ପୂଜାରୀ ନିଜ ହାତପାଣ୍ଠିରୁ ୩ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। କିନ୍ତୁ ସ୍ଥାନ ଅଭାବରୁ ଏହା ନିର୍ମାଣ ହୋଇପାରୁନି। ଅଭିଯୋଗ ପାଇବା ପରେ ଜିଲାପାଳ ସରକାରୀ ଜମି ଜବରଦଖଲମୁକ୍ତ କରିବା ପାଇଁ ସୋନପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ମହିଳାମାନେ ଅତିରିକ୍ତ ତହସିଲଦାର ତ୍ରିପୁରା ମହାନନ୍ଦଙ୍କୁ ଭେଟିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

### କାର ଧକ୍କାରେ ବାଇକ ଆରୋହୀ ଗୁରୁତର

**ବିନିକା,୧୮।୭(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ଗଣ୍ଡାମେହେର ପୋଲ ନିକଟରେ ଗୁରୁବାର ସନ୍ଧ୍ୟାରେ କାର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ହେଲେ ବିନିକା ବ୍ଲକ ବାଉଁଶୁଣୀ ଗ୍ରାମର ମୁକୁନ୍ଦ ଭୋଇ। ନିଜ ଗ୍ରାମରୁ ବାଇକରେ କ୍ଷୀର ଧରି ବିନିକାକୁ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକେ ମୁକୁନ୍ଦଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କନ୍ଧ ସମାଜ ବୈଠକ: ଅଞ୍ଚଳର ସମସ୍ୟା ପ୍ରତି ସଂଘ ରଖିବ ନଜର

**ଘଣ୍ଟାପଡା, ୧୮।୭ (ଡି.ଏନ.ଏ):** କଣ୍ଟାମାଳ ବ୍ଲକ ରେଗଡୋଲ ଗ୍ରାମର ମହୁଲତୋଟାଠାରେ କନ୍ଧ ସମାଜର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦ ସଭାପତି ସାମନ୍ତ ମାଝୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସଭାରେ କୁଦୁର୍କା, ତୁର୍କା, ମୁହାସିଙ୍ଗ ଓ ବିଲବିଟ ପ୍ରଗଣାର ସଭାପତି, ସମ୍ପାଦକ ଓ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେଇ ସମାଜର କୂଳାଚାର, ଆଦର୍ଶ, ଶିକ୍ଷା ଉପରେ ଆଲୋଚନା କରିଥିଲେ । ଏହାସହ ଖୁଣ୍ଟିଗୋରା-ଦେଉଳି ନିର୍ମାଣାଧୀନ ରାସ୍ତା, ମେଗା ଜଳସେଚନ ପ୍ରକଳ୍ପ ଓ ଘଣ୍ଟାପଡା ଅଞ୍ଚଳରେ ହୋଇଥିବା ଗଜା ମରୁଡି ଉପରେ ଆଲୋଚନା ହୋଇଥିଲା । ସଭାରେ କନ୍ଧ ସମାଜର ଧର୍ମୁ କହଁର, ବିପିନ ଭୋଇ, ସାମନ୍ତ ମାଝୀ, ପିତାମ୍ବର ଭୋଇ, ବଂଶୀଧର ମାଝୀ, ରବୀନ୍ଦ୍ର ମାଝୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ

**ବୌଦ୍ଧ,୧୮।୭(ସ୍ୱ.ପ୍ର):** ବୌଦ୍ଧ ଜିଲା ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ସେଣ୍ଟେନାରୀ ହଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଗେନ୍ଦ୍ରା କୁଜୁର, କଣ୍ଟାମାଳ ବିଇଓ ଦଶରଥ ମେହେର, ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲା, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଘୁଟା ଓ ବିଜ୍ଞାନ ପରିଦର୍ଶକ ଦେବେନ୍ଦ୍ର କୁମାର ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମଗ୍ର ଜିଲାର ୭୦ ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜିଲାପାଳ ମିଶ୍ର ଜିଲାରେ ଯେପରି ଶିକ୍ଷାର ଉନ୍ନତି ହୋଇପାରିବ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗ କାମନା କରିଥିଲେ। ଏଥିସହିତ ଜିଲାର ସମସ୍ତ ହାଇସ୍କୁଲରେ ଜୁନିୟର ରେଡକ୍ରସ ଖୋଲିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋବୃତ୍ତି ସୃଷ୍ଟି କରିବାକୁ ଜିଲାପାଳ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷା ବିଭାଗର ଅଧିକାରୀମାନେ ଗୁଣାତ୍ମକ ଶିକ୍ଷା, ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି ଓ ଜିଲାରେ ଶିକ୍ଷାର ସାମଗ୍ରିକ ଉନ୍ନତି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଶେଷରେ ଆମ୍ବଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଦେବରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ତଳଗାଁ ଛାତ୍ରୀ ନିବାସରେ ଗୁଣିଗାରେଡି ଭୟ

# ହଷ୍ଟେଲ ଛାଡ଼ିଲେ ୨୫ ଛାତ୍ରୀ

**ତଳଗାଁ, ୧୮।୭(ଡି.ଏନ.ଏ)**

ଗୁଣିଗାରେଡି ଭୟରେ ବୌଦ୍ଧ ଜିଲା ଆଦିବାସୀ ଅଧ୍ୟୁଷିତ ହରଭଙ୍ଗା ବ୍ଲକର ତଳଗାଁ ଛାତ୍ରୀ ନିବାସରେ ବୁଧବାର ରାତି ଓ ଗୁରୁବାର ସକାଳେ ୨୫ ଜଣ ଛାତ୍ରୀ ହଷ୍ଟେଲ ଛାଡିଥିବା ଜଣାପଡିଛି ।

ସୂଚନା ମୁତାବକ, ଛାତ୍ରୀ ନିବାସର ୫/୬ ଜଣ ଛାତ୍ରୀ ବାରମ୍ବାର ଅଚେତ ହୋଇ ପେଟରେ କଷ୍ଟ ଅନୁଭବ କରିବା ପ୍ରକାଶ କରିଥିଲେ । ସପ୍ତମ ଶ୍ରେଣୀ ଛାତ୍ରୀ ମମିମିତା ବେହେରା, ଦଶମ ଶ୍ରେଣୀ ଛାତ୍ରୀ ସର୍ମିତା ବେହେରା ଏବଂ ଆଉ ତିନିଜଣ ଛାତ୍ରୀ ପେଟରେ କଷ୍ଟ ଅନୁଭବ କରିବା ସହିତ ଅଚେତ ହୋଇ ପଡିଥିଲେ । ବୁଧବାର ରାତିରେ ଏଭଳି ପରିସ୍ଥିତି ଦେଖି ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଦୀପ୍ତ କୁମାର ଉର୍ମା ସଙ୍ଗେ ସଙ୍ଗେ କିଛି ଗ୍ରାମବାସୀ ଓ ଅଭିଭାବକଙ୍କୁ ଡକାଇ ଅସୁସ୍ଥ ଛାତ୍ରୀମାନଙ୍କୁ ୩ କିମି ବାଟ ନେଇ ଜଣେ ଗୁଣିଆ ପାଖରେ ଝଡାଫୁଙ୍କା କରିଥିଲେ ଏବଂ ପରେ ତଳଗାଁ ମେଡିକାଲକୁ ନେଇଥିଲେ । କିନ୍ତୁ ମେଡିକାଲରେ ଡାକ୍ତର ନ ଥିବାରୁ ରୋଗର ଲକ୍ଷଣ ଜଣାପଡି ନ ଥିଲା।



ସ୍କୁଲରୁ ଛାତ୍ରୀମାନେ ଘରକୁ ବାହାରୁଛନ୍ତି ।

ଗୁରୁବାର ସକାଳୁ ପୁଣି ୨/୩ ଜଣ ଛାତ୍ରୀ ସେଭଳି ହେବାରୁ ଅଭିଭାବକ ଏହି ଖବର ଜାଣିବା ପରେ ହଷ୍ଟେଲରୁ ଛାତ୍ରୀମାନଙ୍କୁ ନେବାକୁ ଶିକ୍ଷକଙ୍କୁ କହିଥିଲେ । ଫଳରେ ଗୁରୁବାର ୨୫ ଜଣ ଛାତ୍ରୀ ବିଦ୍ୟାଳୟ ଛାଡିଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ୪ ଜଣ ଶିକ୍ଷୟିତ୍ରୀ ଥିବାବେଳେ ହଷ୍ଟେଲରେ କୌଣସି ଶିକ୍ଷୟିତ୍ରୀଙ୍କୁ ଛାତ୍ରୀମାନଙ୍କୁ ଦେଖାରଖା ଦାୟିତ୍ୱ ଦିଆଯାଇନାହିଁ। ଫଳରେ ଛାତ୍ରୀମାନେ ସେମାନଙ୍କ ଅସୁବିଧା କହିପାରୁନାହାନ୍ତି । ଏଠାରେ ଯେଉଁ ମହିଳା ଜଣକ ରୋଷେଇ କରୁଛନ୍ତି, ସେ ହିଁ ପିଅନ, ମେଟ୍ରନ ଓ ରାତ୍ର ଜଗୁଆଳି କାର୍ଯ୍ୟ କରୁଛନ୍ତି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଦୀପ୍ତ କୁମାର ଉର୍ମାଙ୍କୁ ପଚାରିବାରୁ ସେ କହିଲେ, ଏହି ଅଞ୍ଚଳ କନ୍ଧ ମାଟି । ତେଣୁ ଗୋଟିଏ ଦେବୀ ଏଭଳି କରୁଛି । ଏଣୁ ଆମେ ତୁରନ୍ତ ଅସୁସ୍ଥ ପିଲାମାନଙ୍କୁ ଗୁଣିଆ ପାଖରେ ଝଡାଫୁଙ୍କା କରାଇଥିଲୁ ଏବଂ ମେଡିକାଲରେ ଦେଖାଇଥିଲୁ । ଯଦି ଅଭିଭାବକ ଚାହିଁବେ ତାଙ୍କ ପିଲାମାନଙ୍କୁ ନେଇ ପାରିବେ ବୋଲି ଉର୍ମା କହିଥିଲେ। ଏ ନେଇ ହରଭଙ୍ଗା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ନାଏକଙ୍କୁ ପଚାରିବାରୁ ଶିକ୍ଷକ ଜଣକ ଏ ବିଷୟରେ ମୋତେ କହିଛନ୍ତି। ଦିନେ ଦୁଇଦିନ ପାଇଁ ସ୍କୁଲ ଛୁଟି କରିଦେବାକୁ ତାଙ୍କୁ ପରାମର୍ଶ ଦେଇଥିବା କହିଥିଲେ ।

### ଆମ ପୋଲିସ ସମିତିର ବୈଠକ

## ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଡୁଙ୍ଗୁରିପାଲି, ୧୮।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅର୍ନ୍ତଗତ ରାମପୁର ଥାନାରେ ଅଭ୍ୟର୍ଥନା ସଭା ଗୃହରେ ଆମ ପୋଲିସ ସମିତି ବୈଠକ ଥାନା ସବ୍‌ଇନ୍ସପେକ୍ଟର ଭାନୁ ଶଙ୍କର ଯାଦବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ବୈଠକରେ ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା ଯୋଗ ଦେଇଥିଲେ। ଦୁଇଚକିଆ ଯାନ ଚାଳକଙ୍କ ହେଲମେଟ ବ୍ୟବହାର, ରାସ୍ତାରେ ସ୍ପିଡ୍‌ବ୍ରେକର ଦେବା, ନିଜ ଏଟିଏମ୍ କାର୍ଡ ନମ୍ବର, ଆକାଉଣ୍ଟ ନମ୍ବର ଅନ୍ୟ କାହାକୁ ନ ଦେବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ଦୁଇ ଚକିଆ ଓ ଚାରିଚକିଆ ଯାନରେ ରାତିରେ ହେଲୋଜେନ୍ ଲାଇଟ୍ ନ ଲଗାଇବା, ରାମପୁରରେ ଟ୍ରାଫିକ୍ ନିୟମ ମାନି ଯାତାୟାତ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହାର ସମାଧାନ ପାଇଁ ଏସ୍‌ଡିପିଓ ପଣ୍ଡା ସବ୍‌ଇନ୍ସପେକ୍ଟର୍ ଭାନୁ ଶଙ୍କର ଯାଦବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ବୈଠକରେ ଆମ ପୋଲିସ ସମିତିର ପଞ୍ଚା ମାଝୀ, ଦେବ ପ୍ରସାଦ ରଣା, ରାମ ନାରାୟଣ ସରାଫ, ଡିଲେଶ୍ୱର ମିଶ୍ର, ସୁକଦେବ ପଧାନ, ଆନନ୍ଦ ଯୁଆଡି, କ୍ଷମା ସାହୁ, ସନ୍ତୋଷ ଦଣ୍ଡସେନାଙ୍କ ସମେତ ୨୦ଜଣ ସଭ୍ୟ ଉପସ୍ଥିତ ଥିଲେ। ଏହି ବୈଠକ ପରିଚାଳନାରେ ଏସ୍‌ଆଇ ବିଜୟ କୁମାର ବାରିକ, ଏଏସ୍‌ଆଇ ମୋହନ ବରିହା, ପ୍ରମୁଖ ସହଯୋଗ କରିଥିଲେ। ଏଏସ୍‌ଆଇ ରବି ଚରଣ ଗୋକୁଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍‌ଆଇ ଅଫିସ୍ ନିର୍ମାଣ କାମ ଅଧାପନ୍ତରିଆ

**ଘଣ୍ଟାପଡା,୧୮।୭(ଡି.ଏନ.ଏ.)**

କଣ୍ଟାମାଳ ବ୍ଲକ ଘଣ୍ଟାପଡାଠାରେ ନିର୍ମାଣାଧୀନ ଥିବା ଦୁଇମହଲା ବିଶିଷ୍ଟ ରାଜସ୍ୱ କାର୍ଯ୍ୟାଳୟ ଓ ଆବାସିକ ଗୃହ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଫଳରେ ଅଫିସ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେବା ସହ କର୍ମଚାରୀମାନେ ଅନ୍ୟତ୍ର ରହୁଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନରୁ ଘଣ୍ଟାପଡା ଫାଣ୍ଡି ନିକଟସ୍ଥ ରାଜସ୍ୱ ବଙ୍ଗଳାରେ ଅଫିସ ଚାଲିଛି । ଅଞ୍ଚଳବାସୀଙ୍କ ଦାବି ପରେ ୨୦୧୬-୧୭ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଘଣ୍ଟାପଡାର ହାଟପଦା ନିକଟରେ ରାଜସ୍ୱ କାର୍ଯ୍ୟାଳୟ ଓ ବାସଗୃହ ନିର୍ମାଣ କାମ ହୋଇଥିଲା। ଇତି ମଧ୍ୟରେ ନିର୍ମାଣର ଅବଧି ସରିଯାଇଥିଲେ ମଧ ଠିକାଦାର କାମକୁ ଅଧାପନ୍ତରିଆ କରି ରଖିଛନ୍ତି ।

## ଶିବିରରେ ୮୩ଜଣଙ୍କ ଚକ୍ଷୁ ପରୀକ୍ଷା

**ସୋନପୁର,୧୮।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଲଛିପୁର ଫରେଷ୍ଟ ସେକ୍ସନ ଅଫିସ ପରିସରରେ କମ୍ପ୍ୟୁଟରୀକୃତ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି, ବୀରମହାରାଜପୁରର ମିଳିତ ଆନୁକୁଲ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ବାଲପୁର, ବାଦିପଡିଆ, ପିପିଲିପାଲି, ଡୁମେରଖୋଲ, ଖେମୁଣ୍ଡିଆମୁଣ୍ଡା ଓ ଛକୋରମାଲ ଆଦି ଜଙ୍ଗଲ ସଂଲଗ୍ନ ଗ୍ରାମରୁ ଲୋକେ ଆସି ଚକ୍ଷୁ ପରୀକ୍ଷା କରିଥିଲେ। ଶିବରରେ ମୋଟ ୮୩ ଜଣଙ୍କର ଚକ୍ଷୁ ପରୀକ୍ଷା ହୋଇଥିଲା। ସେଥିମଧ୍ୟରୁ ୩୮ ଜଣଙ୍କର ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୨୦ ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟକୁ ନିଆଯାଇଛି। ଜିଲା ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରେଞ୍ଜର ରଞ୍ଜନ କୁମାର ମହାନ୍ତି ଓ ଛକୋରମାଲ ସରପଞ୍ଚ ଶଙ୍କର ପ୍ରସାଦ ସା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହାନଦୀ ନେତ୍ର ଚିକିତ୍ସାଳୟର କ୍ୟାମ୍ପ ପରିଚାଳକ ଧର୍ମରାଜ ନାଏକ, ଚକ୍ଷୁ ବିଶେଷଜ୍ଞ ସହଯୋଗୀ ସତ୍ୟନାରାୟଣ ଦାସ, ଚଷମା ବିଭାଗର ନିମାଇଁ ଚରଣ ଦଳବେହେରା, ଚକ୍ଷୁ ନିରୀକ୍ଷକ ଜଗମୋହନ ସେଠୀ ଓ ଜୟନ୍ତ କାଣ୍ଡ ପ୍ରମୁଖ ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ। ବନପାଳ ବିନୋଦ ବିହାରୀ ସାହୁ, ଅଜୟ ବାରା, ଟିମ୍ ଲିଡର ସଞ୍ଜିବ ନାଗ, ବନରକ୍ଷୀ ପ୍ରବୀଣ ରଥ, ସସ୍ମିତା ଷଡଙ୍ଗୀ ଶିବିର ଆୟୋଜନରେ ସହଯୋଗ କରିଥିଲେ ।



ଶିବିରରେ ଜଣେ ବୃଦ୍ଧାଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

### ଆମ ପୋଲିସ ସମିତିର ବୈଠକ

**ଉଲୁଣ୍ଡା, ୧୮।୭ (ଡି.ଏନ.ଏ.)**

ଉଲୁଣ୍ଡା ଥାନା ପରିସରରେ ଗୁରୁବାର ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବି.ବି.ପୁଟାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡିଏସପି ହେମସାଗର ନନ୍ଦ, ଏମଭିଆ ରବିନ ପଟ୍ଟନାୟକ, ଜୁନିୟର ଏମଭିଆଇ ଜହନ ପ୍ରତାପ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସ୍କୁଲ ସମୟରେ ଉଲୁଣ୍ଡା ସହର ଭିତରେ ଭାରିଯାନ ଚଳାଚଳ ବନ୍ଦ କରିବା, ଟାଉନରେ ବୁଲାଗୋରୁଙ୍କୁ ଅଟକ ରଖି ମାଲିକଙ୍କଠାରୁ ଜରିମାନା ଆଦାୟ କରିବା, ଥାନା ଛକରେ ହାଇମାଷ୍ଟ ଲାଇଟ ଲଗାଇବା, ଚଢେଇପଙ୍କ ମହାନଦୀ ସେତୁ ଏବଂ ସିଣ୍ଡୋଲ ଛକରେ ଥାନା ଆଉଟପୋଷ୍ଟ ଗଠନ, ସିଣ୍ଡୋଲ ଫିଡରରେ ହେଉଥିବା ନିୟମିତ ବିଦ୍ୟୁତ୍ କାଟ୍‌କୁ ବନ୍ଦ ଏବଂ କୁତମେଣ୍ଡାରେ ଝୁଲି ପଡିଥିବା ବିଦ୍ୟୁତ୍ ତାରକୁ ସଜାଡିବା ପ୍ରଭୃତି ଅଭିଯୋଗ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଗଣେଷ ପୂଜାହାରୀ, ଜିତେନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ଭୁକ୍ତା, ନରେନ୍ଦ୍ର ଆଚାର୍ଯ୍ୟ, ସତ୍ୟନାରାୟଣ ପାଣିଗ୍ରାହୀ, କାଳିଆ କାହ୍ନୁ ଆଚାର୍ଯ୍ୟଙ୍କ ସମେତ ଆମ ପୋଲିସ ସମିତିର ସଦସ୍ୟମାନେ ଯୋଗଦେଇଥିଲେ। ଏଏସଆଇ ବିଭୀଷଣ ଜଗଦଳା ଏବଂ ଅଭିମନ୍ୟୁ ରଥଙ୍କ ସହ ଥାନା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜିଲାପାଳ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ବର୍ହିଃବିଭାଗ ପରିଦର୍ଶନ ସମୟରେ ଡାକ୍ତରଙ୍କ ସହିତ ଆଲୋଚନା କରୁଛନ୍ତି ।

### ଅଚାନକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

## ପରିମଳ ବ୍ୟବସ୍ଥାକୁ ନେଇ ଅସନ୍ତୋଷ

**ସୋନପୁର,୧୮।୭(ନି.ପ୍ର.)**

ସୁବର୍ଣ୍ଣପୁରର ନୂତନ ଜିଲାପାଳ ମନୀଷା ବାନାର୍ଜୀ ଗୁରୁବାର ଅଚାନକ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି । ଜିଲାପାଳ ମୁଖ୍ୟ ବର୍ହିଃବିଭାଗ ପରିଦର୍ଶନ ସମୟରେ ଡାକ୍ତରଙ୍କ ଟେବୁଲରେ ମେଡିକାଲ ରିପ୍ରେଜେଣ୍ଟିଟିଭ୍ ପ୍ରଦାନ କରିଥିବା ସେମ୍ପୁଲ ମେଡିସିନ ପଡିଥିବା ଦେଖିବାକୁ ପାଇଥିଲେ । ଏଥିରେ ବିରକ୍ତ ପ୍ରକାଶ କରି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ମେଡିକାଲ ରିପ୍ରେଜେଣ୍ଟିଟିଭ୍‌ଙ୍କୁ ସାକ୍ଷାତ ନ କରିବାକୁ ଡାକ୍ତରଙ୍କୁ ତାଗିଦ୍ କରିଥିଲେ। ପରେ ଆନ୍ତଃବିଭାଗ ପରିଦର୍ଶନ ସମୟରେ ସମସ୍ତ ଶଯ୍ୟା ନିକଟକୁ ଜିଲାପାଳ ବାନାର୍ଜୀ ନିଜେ ଯାଇ ରୋଗୀ ଓ ସମ୍ପର୍କୀୟଙ୍କ ସହିତ କଥା ହୋଇଥିଲେ। ଡାକ୍ତର ନିୟମିତ ୱାର୍ଡ ପରିଦର୍ଶନ କରୁଛନ୍ତି କି ନାହିଁ, ମାଗଣା ଔଷଧ ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ନିରାମୟ ଯୋଜନାରେ ମାଗଣା ଔଷଧ ମିଳୁଥିବା ଓ ଡାକ୍ତର ନିୟମିତ ଆସୁଥିବା ରୋଗୀମାନେ କହିଥିଲେ। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା ଅତି ଖରାପ ଥିବାରୁ ଜିଲାପାଳ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପରିସରକୁ ସଫାସୁତୁରା ନ ରଖିଲେ ଟେଣ୍ଡର ବାତିଲ କରାଯିବ ବୋଲି ଠିକାସଂସ୍ଥାକୁ ଡାକି ତାଗିଦ୍ କରିଥିଲେ। ଆଗକୁ ଏଭଳି ଅଚାନକ ପରିଦର୍ଶନରେ ଆସିବେ ବୋଲି ଜିଲାପାଳ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁଙ୍କୁ ଜଣାଇଥିଲେ।

### ଗୋଦାମରୁ ସାର ଚୋରି ଘଟଣା

## ଉଦ୍ଧାର ହେଲା ୭୮ ପ୍ୟାକେଟ

**ବିନିକା,୧୮।୭(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସେବା ସମବାୟ ସମିତି ଗୋଦାମ ଗୃହରୁ ମଙ୍ଗଳବାର ୧୧୫ ପ୍ୟାକେଟ ସାର ଚୋରି ହୋଇଥିବା ନେଇ ପ୍ୟାକ୍ସ ସମ୍ପାଦକ ପ୍ରଶାନ୍ତ ନାୟକ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ବିନିକା ପ୍ୟାକ୍ସ ଅଞ୍ଚଳର ଚାଷୀଙ୍କୁ ଯୋଗାଇ ଦେବା ପାଇଁ ୟୁରିଆ ଓ ଗ୍ରୋମୋର ସାର ବିନିକା -ସିଲାଟୀ ରାସ୍ତାର ଗୁଲୁଣ୍ଡା ନିକଟରେ ଥିବା ଗୋଦାମ ଗୃହରେ ରଖାଯାଇଥିଲା। ଉକ୍ତ ସାର ବଣ୍ଟନ ପାଇଁ ସମ୍ପାଦକ ନାୟକ ଓ ଷ୍ଟାଫ୍ ମଙ୍ଗଳବାର ଗୋଦାମ ଗୃହକୁ ଯାଇଥିଲେ । ସେଠାରେ ଶଟ୍‌ରର ତାଲା ଭାଙ୍ଗିଥିବା ଦେଖିବାକୁ ମିଳିଥିଲା। ଗୋଦାମ ଗୃହ ଯାଞ୍ଚବେଳେ ୧୧୨ ପ୍ୟାକେଟ୍ ୟୁରିଆ ଓ ୩ ପ୍ୟାକେଟ୍ ଗ୍ରୋମର ସାର ଚୋରି ହୋଇଥିବା ଜଣା ପଡିଥିଲା। ବିନିକା ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ଏହି ଘଟଣାରେ ୩ ଜଣଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚୁରା କରୁଛି। ଏ ନେଇ ବିନିକା ଥାନାରେ ଏକ ମାମଲା ରୁଜୁ ହୋଇଛି ।

ଅପରପକ୍ଷରେ ବିନିକା ଥାନା ଅଧିକାରୀ ରାଜେନ୍ଦ୍ର ସମରିଆ ଓ ଷ୍ଟାଫ୍ ସନ୍ଦେହରେ ଭେଡେନ ଥାନା ଅନ୍ତର୍ଗତ ପିପିଲିପାଲି ଗ୍ରାମର ରାମଚନ୍ଦ୍ର ପଧାନଙ୍କଠାରୁ ୩ ପ୍ୟାକେଟ ଗ୍ରୋମର ଜବତ କରିଥିଲା। ପରେ ବରପାଲି ଥାନା ଅନ୍ତର୍ଗତ କୁମ୍ଭାରୀ ଗ୍ରାମର ଘନ ସାହୁ ଓ ଡାକ୍ତର ନାୟକଙ୍କ ଘରୁ ୭୫ ପ୍ୟାକେଟ ୟୁରିଆ ଜବତ କରାଯାଇଛି। ଜବତ ସାରକୁ ଅଣାଯାଇ ବିନିକା ଥାନାର ଅଭ୍ୟର୍ଥନା କକ୍ଷରେ ରଖାଯାଇଛି। ଅବଶିଷ୍ଟ ଚୋରି ହୋଇଥିବା ସାର ପ୍ୟାକେଟକୁ ନେଇ ପୋଲିସ ଖୋଳତାଡ ଜାରି ରଖିଛି।

## ତଦନ୍ତରେ ସଫଳତା ପାଇଥିବା ୪୦ ଆଇଓ ସମ୍ବର୍ଦ୍ଧିତ



କ୍ରାଇମ ବ୍ରାଞ୍ଚ ସମ୍ମିଳନୀ କକ୍ଷରେ ଡିଜିପି ଡ. ଆର୍.ପି. ଶର୍ମା ଓ ବରିଷ୍ଠ ଅଧିକାରୀଙ୍କ ଗହଣରେ ଉପସ୍ଥିତ ସମ୍ବର୍ଦ୍ଧିତ ହୋଇଥିବା ପୋଲିସ ଅଧିକାରୀମାନେ।

**କଟକ ଅଫିସ,୧୮।୭**

କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କ୍ଷେତ୍ରରେ ସଫଳତା ପାଇଥିବା ୪୦ ଜଣ ତଦନ୍ତକାରୀ ଅଧିକାରୀ(ଆଇଓ)ଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବଳାତ୍କାର, ହତ୍ୟା ଭଳି ଜଘନ୍ୟ ଆପରାଧିକ ମାମଲାରେ ଠିକ୍ ତଦନ୍ତ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ହୋଇଥିବା ଅଫିସରମାନେ ହେଲେ କୋରାପୁଟ ଏସ୍‌ପି କନୱାର ବିଶାଳ ସିଂ, କ୍ରାଇମବ୍ରାଞ୍ଚ ଏସ୍‌ପି ମଡକର ସନ୍ଦୀପ ସମ୍ପତ୍ତ, ଏସ୍‌ଟିଏଫ୍‌ର ଡିଏସ୍‌ପି ପ୍ରିୟରଞ୍ଜନ ଶତପଥୀ, ଏଚ୍‌ଆରପିସି ଡିଏସ୍‌ପି ରଞ୍ଜିତ୍ ନାୟକ, ମୟୂରଭଞ୍ଜ ଜିଲା ଉଦଳା ଏସ୍‌ଡିପିଓ ସ୍ୱପ୍ନା ରଞ୍ଜନ ମହାପାତ୍ର। ସେହିପରି ଇନ୍ସପେକ୍ଟର ର୍‍ୟାଙ୍କର କମିଶନରେଟ୍ ପୋଲିସ ଭୁବନେଶ୍ୱରର ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ନୟାଗଡ ପୋଲିସ ଜିଲାର ନିରଞ୍ଜନ ଧୀର, ଦେଓଗଡର ସୁରେନ୍ଦ୍ର ନାୟକ, ବୌଦ୍ଧର ଗୋପୀନାଥ ପ୍ରଧାନ, ଭୁବନେଶ୍ୱର ଭିଜିଲାନ୍ସ ସେଲ୍‌ର ରୂପାଧର ନାୟକ, କନ୍ଧମାଳର ପି. ଶ୍ୟାମସୁନ୍ଦର ରାଓ, କଟକ ଭିଜିଲାନ୍ସ ଡିଭିଜନର ଅନୁପମା ସାହୁ, ରାଉରକେଲା ଭିଜିଲାନ୍ସର ରୀତାଞ୍ଜଳି ପ୍ରଧାନ, ମାଲକାନଗିରିର ରଞ୍ଜନ ସାହୁ, ନୂଆପଡାର ସୁଧୀର ସାହୁ, ଜଗତ୍‌ସିଂହପୁର ରଜନୀକାନ୍ତ ମିଶ୍ର, ମୟୂରଭଞ୍ଜର ମୁକ୍ତି କୁମାର କୁଲୁ, ବଲାଙ୍ଗୀରର ସଂଗ୍ରାମ କିଶୋର ପଟ୍ଟନାୟକ, ପୁରୀର ଅଭିମନ୍ୟୁ ନାୟକ, ଅନୁଗୋଳର ପ୍ରୀତିମଞ୍ଜରୀ ମେଣ୍ଡୁଲି, କେନ୍ଦୁଝରର ମାନସ ରଞ୍ଜନ ବାରିକ, କୋରାପୁଟର ଗୌରହରି ସାହୁ, ରାୟଗଡାର ସୁଙ୍କାନୀ ସାହୁ, କମିଶନରେଟ ପୋଲିସ କଟକର ଅନୀତା ସାହୁ, ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ସରିତା ତ୍ରିପାଠୀ, ରାଉରକେଲାର ସନ୍ତୋଷ ଜେନା, କମିଶନରେଟ ପୋଲିସ ଭୁବନେଶ୍ୱରର ଜୟଦେବ ବିଶ୍ୱଜିତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସେହିପରି ଏସ୍‌ଆଇ ର୍‍ୟାଙ୍କର ଯାଜପୁରର ଜିନିମା ସାମଲ, ଅନୁଗୋଳର ଯୁଗୋଳ କିଶୋର ଦାସ, ଗଜପତିର ଆଲୋକ ରଞ୍ଜନ ଜଗଦଲ, ଦେଓଗଡର ସଞ୍ଜୀବ ରଣଭିଁଶା, ଇଓଡବ୍ଲ୍ୟୁର ସୁଶାନ୍ତ ବଢେଇ, ଗଞ୍ଜାମର ସୁଶାନ୍ତ ପ୍ରଧାନ, ବାଲେଶ୍ୱରର ମନୋରମା ବାରିକ, ନୂଆପଡାର ସଦାନନ୍ଦ ନାୟକ, ଗଞ୍ଜାମର ବିଧୁଟି ମହାନ୍ତି, ଭଦ୍ରକର ସୁଜାତା ଖମାରି, କେନ୍ଦୁଝରର ପ୍ରତିଭା ମଞ୍ଜରୀ ସାହୁ, ବାଲେଶ୍ୱରର ପ୍ରଶାନ୍ତ ଜେନା, କେନ୍ଦ୍ରାପଡାର ତ୍ରିଲୋଚନ ବେହେରା ସମ୍ବର୍ଦ୍ଧିତ ହୋଇଛନ୍ତି। କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରତିବର୍ଷ ଏଭଳି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଉଛି। ଏହାଦ୍ୱାରା ଆଇଓମାନଙ୍କର ତଦନ୍ତକ୍ଷେତ୍ରରେ ଆଗ୍ରହ ବଢିବ ବୋଲି ଡିଜିପି କହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ, ଆଇଜି ଅରୁଣ ବୋଥ୍ରା ଉପସ୍ଥିତ ଥିଲେ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
-ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଜବରଦଖଲ ଉଚ୍ଛେଦ ପାଇଁ ମହିଳାଙ୍କ ଦାବି

**ସୋନପୁର,୧୮।୭(ନି.ପ୍ର.):** ସୋନପୁର ବ୍ଲକ କଳାପଥର ପଞ୍ଚାୟତ ବାବୁପାଲି ଗ୍ରାମରେ ସର୍ବସାଧାରଣଙ୍କ ଜମିକୁ ଜବରଦଖଲ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମର ମହିଳାମାନେ ଗୁରୁବାର ଜିଲାପାଳ ମନୀଷା ବାନାର୍ଜୀଙ୍କୁ ଭେଟି ଅନୁରୋଧ କରିଛନ୍ତି। ଗ୍ରାମବାସୀଙ୍କ ବାରଣ ସତ୍ତ୍ୱେ ଜବରଦଖଲକାରୀ ନାମ ମଣ୍ଡପ ଜାଗାକୁ ମଧ ମାଡି ବସିଛନ୍ତି। ଏଠାରେ ନାମ ମଣ୍ଡପ ତିଆରି ପାଇଁ ବିଧାୟକ ନିରଞ୍ଜନ ପୂଜାରୀ ନିଜ ହାତପାଣ୍ଠିରୁ ୩ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। କିନ୍ତୁ ସ୍ଥାନ ଅଭାବରୁ ଏହା ନିର୍ମାଣ ହୋଇପାରୁନି। ଅଭିଯୋଗ ପାଇବା ପରେ ଜିଲାପାଳ ସରକାରୀ ଜମି ଜବରଦଖଲମୁକ୍ତ କରିବା ପାଇଁ ସୋନପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ମହିଳାମାନେ ଅତିରିକ୍ତ ତହସିଲଦାର ତ୍ରିପୁରା ମହାନନ୍ଦଙ୍କୁ ଭେଟିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

### କାର ଧକ୍କାରେ ବାଇକ ଆରୋହୀ ଗୁରୁତର

**ବିନିକା,୧୮।୭(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ଗଣ୍ଡାମେହେର ପୋଲ ନିକଟରେ ଗୁରୁବାର ସନ୍ଧ୍ୟାରେ କାର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ହେଲେ ବିନିକା ବ୍ଲକ ବାଉଁଶୁଣୀ ଗ୍ରାମର ମୁକୁନ୍ଦ ଭୋଇ। ନିଜ ଗ୍ରାମରୁ ବାଇକରେ କ୍ଷୀର ଧରି ବିନିକାକୁ ଆସୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ତାଙ୍କୁ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକେ ମୁକୁନ୍ଦଙ୍କୁ ଉଦ୍ଧାର କରି ବିନିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କନ୍ଧ ସମାଜ ବୈଠକ: ଅଞ୍ଚଳର ସମସ୍ୟା ପ୍ରତି ସଂଘ ରଖିବ ନଜର

**ଘଣ୍ଟାପଡା, ୧୮।୭ (ଡି.ଏନ.ଏ):** କଣ୍ଟାମାଲ ବ୍ଲକ ରେଗଡୋଲ ଗ୍ରାମର ମହୁଲଡୋଟାଠାରେ କନ୍ଧ ସମାଜର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦ ସଭାପତି ସାମନ୍ତ ମାଝୀଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ସଭାରେ କୁଦୁର୍କା, ଡୁର୍କା, ମୁହାସିଙ୍ଗ ଓ ବିଲବିଟ ପ୍ରଗଣାର ସଭାପତି, ସମ୍ପାଦକ ଓ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେଇ ସମାଜର କୁଳାଚାର, ଆଦର୍ଶ, ଶିକ୍ଷା ଉପରେ ଆଲୋଚନା କରିଥିଲେ । ଏହାସହ ଖୁଣ୍ଟିଗୋରା-ଦେଉଳି ନିର୍ମାଣାଧୀନ ରାସ୍ତା, ମେଗା ଜଳସେଚନ ପ୍ରକଳ୍ପ ଓ ଘଣ୍ଟାପଡା ଅଞ୍ଚଳରେ ହୋଇଥିବା ଗଜା ମରୁଡି ଉପରେ ଆଲୋଚନା ହୋଇଥିଲା । ସଭାରେ କନ୍ଧ ସମାଜର ଧର୍ମୁ କହଁର, ବିପିନ ଭୋଇ, ସାମନ୍ତ ମାଝୀ, ପିତାମ୍ବର ଭୋଇ, ବଂଶୀଧର ମାଝୀ, ରବୀନ୍ଦ୍ର ମାଝୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଆର୍‌ଆଇ ଅଫିସ୍ ନିର୍ମାଣ କାମ ଅଧାପନ୍ତରିଆ: ବଙ୍ଗଳାରେ ଚାଲିଛି ଅଫିସ କାମ

**ଘଣ୍ଟାପଡା,୧୮।୭(ଡି.ଏନ.ଏ.):** କଣ୍ଟାମାଲ ବ୍ଲକ ଘଣ୍ଟାପଡାଠାରେ ନିର୍ମାଣାଧୀନ ଥିବା ଦୁଇମହଲା ବିଶିଷ୍ଟ ରାଜସ୍ୱ କାର୍ଯ୍ୟାଳୟ ଓ ଆବାସିକ ଗୃହ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି । ଫଳରେ ଅଫିସ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେବା ସହ କର୍ମଚାରୀମାନେ ଅନ୍ୟତ୍ର ରହୁଥିବା ଅଭିଯୋଗ ହୋଇଛି । ଦୀର୍ଘ ଦିନରୁ ଘଣ୍ଟାପଡା ଫାଣ୍ଡି ନିକଟସ୍ଥ ରାଜସ୍ୱ ବଙ୍ଗଳାରେ ଅଫିସ ଚାଲିଛି ।

## ତଳଗାଁ ଛାତ୍ରୀ ନିବାସରେ ଗୁଣିଗାରେଡି ଭୟ

# ହଷ୍ଟେଲ ଛାଡ଼ିଲେ ୨୫ ଛାତ୍ରୀ

**ତଳଗାଁ, ୧୮।୭(ଡି.ଏନ.ଏ)**

ଗୁଣିଗାରେଡି ଭୟରେ ବୌଦ୍ଧ ଜିଲା ଆଦିବାସୀ ଅଧ୍ୟୁଷିତ ହରଭଙ୍ଗା ବ୍ଲକର ତଳଗାଁ ଛାତ୍ରୀ ନିବାସରେ ବୁଧବାର ରାତି ଓ ଗୁରୁବାର ସକାଳେ ୨୫ ଜଣ ଛାତ୍ରୀ ହଷ୍ଟେଲ ଛାଡିଥିବା ଜଣାପଡିଛି ।

ସୂଚନା ମୁତାବକ, ଛାତ୍ରୀ ନିବାସର ୫/୬ ଜଣ ଛାତ୍ରୀ ବାରମ୍ବାର ଅଚେତ ହୋଇ ପେଟରେ କଷ୍ଟ ଅନୁଭବ କରିବା ପ୍ରକାଶ କରିଥିଲେ । ସପ୍ତମ ଶ୍ରେଣୀ ଛାତ୍ରୀ ମମିମିତା ବେହେରା, ଦଶମ ଶ୍ରେଣୀ ଛାତ୍ରୀ ସର୍ମିତା ବେହେରା ଏବଂ ଆଉ ତିନିଜଣ ଛାତ୍ରୀ ପେଟରେ କଷ୍ଟ ଅନୁଭବ କରିବା ସହିତ ଅଚେତ ହୋଇ ପଡିଥିଲେ । ବୁଧବାର ରାତିରେ ଏଭଳି ପରିସ୍ଥିତି ଦେଖି ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଦୀପ୍ତ କୁମାର ଉର୍ମା ସଙ୍ଗେ ସଙ୍ଗେ କିଛି ଗ୍ରାମବାସୀ ଓ ଅଭିଭାବକଙ୍କୁ ଡକାଇ ଅସୁସ୍ଥ ଛାତ୍ରୀମାନଙ୍କୁ ୩ କିମି ବାଟ ନେଇ ଜଣେ ଗୁଣିଆ ପାଖରେ ଝଡାଫୁଙ୍କା କରିଥିଲେ ଏବଂ ପରେ ତଳଗାଁ ମେଡିକାଲକୁ ନେଇଥିଲେ । କିନ୍ତୁ ମେଡିକାଲରେ ଡାକ୍ତର ନ ଥିବାରୁ ରୋଗର ଲକ୍ଷଣ ଜଣାପଡି ନ ଥିଲା।



ସ୍କୁଲରୁ ଛାତ୍ରୀମାନେ ଘରକୁ ବାହାରୁଛନ୍ତି ।

ଗୁରୁବାର ସକାଳୁ ପୁଣି ୨/୩ ଜଣ ଛାତ୍ରୀ ସେଭଳି ହେବାରୁ ଅଭିଭାବକ ଏହି ଖବର ଜାଣିବା ପରେ ହଷ୍ଟେଲରୁ ଛାତ୍ରୀମାନଙ୍କୁ ନେବାକୁ ଶିକ୍ଷକଙ୍କୁ କହିଥିଲେ । ଫଳରେ ଗୁରୁବାର ୨୫ ଜଣ ଛାତ୍ରୀ ବିଦ୍ୟାଳୟ ଛାଡିଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ୪ ଜଣ ଶିକ୍ଷୟିତ୍ରୀ ଥିବାବେଳେ ହଷ୍ଟେଲରେ କୌଣସି ଶିକ୍ଷୟିତ୍ରୀଙ୍କୁ ଛାତ୍ରୀମାନଙ୍କୁ ଦେଖାରଖା ଦାୟିତ୍ୱ ଦିଆଯାଇନାହିଁ। ଫଳରେ ଛାତ୍ରୀମାନେ ସେମାନଙ୍କ ଅସୁବିଧା କହିପାରୁନାହାନ୍ତି । ଏଠାରେ ଯେଉଁ ମହିଳା ଜଣକ ରୋଷେଇ କରୁଛନ୍ତି, ସେ ହିଁ ପିଅନ, ମେଟ୍ରନ ଓ ରାତ୍ର ଜଗୁଆଳି କାର୍ଯ୍ୟ କରୁଛନ୍ତି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଦୀପ୍ତ କୁମାର ଉର୍ମାଙ୍କୁ ପଚାରିବାରୁ ସେ କହିଲେ, ଏହି ଅଞ୍ଚଳ କନ୍ଧ ମାଟି । ତେଣୁ ଗୋଟିଏ ଦେବୀ ଏଭଳି କରୁଛି । ଏଣୁ ଆମେ ତୁରନ୍ତ ଅସୁସ୍ଥ ପିଲାମାନଙ୍କୁ ଗୁଣିଆ ପାଖରେ ଝଡାଫୁଙ୍କା କରାଇଥିଲୁ ଏବଂ ମେଡିକାଲରେ ଦେଖାଇଥିଲୁ । ଯଦି ଅଭିଭାବକ ଚାହିଁବେ ତାଙ୍କ ପିଲାମାନଙ୍କୁ ନେଇ ପାରିବେ ବୋଲି ଉର୍ମା କହିଥିଲେ। ଏ ନେଇ ହରଭଙ୍ଗା ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ନାଏକଙ୍କୁ ପଚାରିବାରୁ ଶିକ୍ଷକ ଜଣକ ଏ ବିଷୟରେ ମୋତେ କହିଛନ୍ତି। ଦିନେ ଦୁଇଦିନ ପାଇଁ ସ୍କୁଲ ଛୁଟି କରିଦେବାକୁ ତାଙ୍କୁ ପରାମର୍ଶ ଦେଇଥିବା କହିଥିଲେ ।

# ଟ୍ରାନ୍ସଫର୍ମର ପୋଡି ୧୫ଦିନ ହେଲା ଜଳଯୋଗାଣ ବନ୍ଦ

**ଜହ୍ନାପଙ୍କ,୧୫।୭(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗରରେ ଟ୍ରାନ୍ସଫର୍ମର ପୋଡିଯିବାରୁ ୧୫ଦିନ ହେଲା ଜଳଯୋଗାଣ ବନ୍ଦ ରହିଛି । ଫଳରେ ଲୋକମାନେ ପାଣି ପାଇଁ ନାନା ଅସୁବିଧା ଭୋଗୁଛନ୍ତି ।

ଲକ୍ଷ୍ମୀପ୍ରସାଦ, ଚନ୍ଦ୍ରପୁର ଓ ବାଘପାଲି ଗାଁକୁ ଜଳଯୋଗାଣ ପାଇଁ ଚଣ୍ଡିତଳ ହୁଡାରେ ଏକ ଜଳଯୋଗାଣ ପ୍ରକଳ୍ପ ହୋଇଥିଲା। ଏହି ପ୍ରକଳ୍ପରୁ ନାରାୟଣ ନଗରବାସୀ ପାନୀୟ ଜଳ ପାଇଲେ କିନ୍ତୁ ଚନ୍ଦ୍ରପୁର ଓ ବାଗପାଲି ଗ୍ରାମକୁ ଜଳ ଯୋଗାଣ ହୋଇପାରିଲା ନାହିଁ । ଆବଶ୍ୟକତା ଦୃଷ୍ଟିରୁ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଆଉ ଗୋଟିଏ ବୋରୱେଲ ଖୋଳି ପୁଣି ଟ୍ରାନ୍ସଫର୍ମର ବସି ଦୁଇଟି ବୋରୱେଲକୁ ଲପିଙ୍ଗ୍ କରାଯାଇ ଜଳଯୋଗାଣ ହେଲା। ପୁଣି ପାଣିର ପ୍ରେସର ରହୁ ନ ଥିବାରୁ ଓଭରହେଡ ଟାଙ୍କି ନିର୍ମାଣ କରାଗଲା। ମାତ୍ର ନାରାୟଣ ନଗରରେ ଥିବା ସମସ୍ତ ଟ୍ୟାପ୍‌ରୁ ପାଣିବାହାରିଲା ନାହିଁ। ଲୋକଙ୍କ କହିବା ମୁତାବକ ଘରକୁ ସଂଯୋଗ ନେଇଥିବା ଉପଭୋକ୍ତାମାନେ ପମ୍ପ ସାହାଯ୍ୟରେ ପାଣି ଉଠାଉଥିବାରୁ ଏଭଳି



ସମସ୍ୟା ଦେଖାଦେଇଛି । ଅନ୍ୟପକ୍ଷେ ୧୫ଦିନ ତଳେ ଟ୍ରାନ୍ସଫର୍ମର ପୋଡିଯିବାରୁ ଜଳଯୋଗାଣ ବନ୍ଦ ରହିଛି। ଫଳରେ ଏଠାରେ ବସବାସ କରୁଥିବା ୨୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବା ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଆରଡବ୍ଲ୍ୟୁଏସ୍‌ଏସ୍ ଜେଇ-୨ ସନ୍ତୋଷ ବେହେରାଙ୍କୁ ଯୋଗାଯୋଗ କରିବାରୁ ଇଲେକ୍ଟ୍ରି ଦାୟିତ୍ୱ ଆମର ନୁହେଁ, ଏହା ଇଲେକ୍ଟ୍ରି ଡିପାଟମେଣ୍ଟର ବୋଲି କହିଥିଲେ। ସେହିପରି ୬୦ ହଜାର ଟଙ୍କା ବାକି ଅଛି । ଟଙ୍କା ଡିପୋଜିଟ୍ କଲେ ନୂଆ ଟ୍ରାନ୍ସଫର୍ମର ଦିଆଯିବ ବୋଲି ବାଉଁଶୁଣୀର କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ପ୍ରଧାନ କହିଥିଲେ ।

## ଆଦର୍ଶ ଟାଉନ୍ ଥାନାରୁ ଜମି କାରବାର ଘଟଣା

# ଅଭିଯୁକ୍ତ କନଷ୍ଟେବଲ ଚାକିରିରୁ ନିଲମ୍ବିତ

**ବଲାଙ୍ଗୀର ଅଫିସ, ୧୮।୭**

ବଲାଙ୍ଗୀର ଆଦର୍ଶ ଟାଉନ୍ ଥାନାର ଜଣେ ପୋଲିସ କନ୍‌ଷ୍ଟେବଲ ଜମି ଠକେଇ ଉଦ୍ଦେଶ୍ୟରେ ଚଞ୍ଚକତା କରି ଷ୍ଟାମ୍ପ ପେପରରେ ଜଣେ ଆଦିବାସୀ ମହିଳାଙ୍କଠାରୁ ଦସ୍ତଖତ ନେବା ମାମଲାରେ ନିଲମ୍ବିତ ହୋଇଛନ୍ତି । ଏସପି କେ. ଶିବା. ସୁବ୍ରମଣି କନ୍‌ଷ୍ଟେବଲ ଅଞ୍ଜନ ପ୍ରଧାନଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ମଙ୍ଗଳବାର ରାତିରେ ଟାଉନ୍ ଥାନାରେ ଜଣେ ଆଦିବାସୀ ବିଧବା ମହିଳାଙ୍କଠାରୁ କନ୍‌ଷ୍ଟେବଲ ପ୍ରଧାନ ଚଞ୍ଚକତା କରି ଜମି ଷ୍ଟାମ୍ପ ପେପରରେ ଦସ୍ତଖତ ନେଉଥିଲେ। ଏହା ଜାଣି ପାରି ସମ୍ପୃକ୍ତ ମହିଳା ଷ୍ଟାମ୍ପ ପେପରରେ ଦସ୍ତଖତ ଦେବେନାହିଁ ବୋଲି କହି ଥାନା ପରିସରରୁ ଘରକୁ ଫେରିଯାଉଥିଲେ। ଏହି ସମୟରେ ପ୍ରଧାନ ତାଙ୍କୁ ପିଛା କରି ସରକାରୀ ବସଷ୍ଟାଣ୍ଡ ନିକଟରେ ଅଟକାଇ ଥିଲେ। ମହିଳା ଏହାର ପ୍ରତିବାଦ କରିବାରୁ ପାଖରେ ଥିବା କେତେକ ଲୋକ ହସ୍ତକ୍ଷେପ କରିଥିଲେ । ସମ୍ପୃକ୍ତ ମହିଳାଙ୍କ ଜମି ଲୁଟ୍ କରିବା ପାଇଁ ଏକ ଜମି ମାଫିଆ ଗୋଷ୍ଠୀ ତାଙ୍କ ପଛରେ ଲାଗିଥିବା ଓ କନଷ୍ଟେବଲ ପ୍ରଧାନ ମଧ୍ୟସ୍ତ ଭୂମିକା ନିର୍ବାହ କରୁଥିବା ସେଠାରେ ଉପସ୍ଥିତ ଲୋକେ ଜାଣିବାକୁ ପାଇଥିଲେ। ପରେ



ଅଞ୍ଜନ ପ୍ରଧାନ।

ସେମାନେ କନ୍‌ଷ୍ଟେବଲ ପ୍ରଧାନ ଓ ସେଠାରେ ଥିବା ଜଣେ ଜମି ବ୍ୟବସାୟୀ ବିକାଶ ଜୈନଙ୍କୁ ମାଡ ମାରିଥିଲେ । ଏହି ଘଟଣାକୁ ନେଇ ଆଦିବାସୀ ମହିଳାଙ୍କ ପିତା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୋଲିସ କନ୍‌ଷ୍ଟେବଲ ପ୍ରଧାନ ଓ ବିକାଶ ଜୈନ୍‌ଙ୍କ ବିରୋଧରେ ମାମଲା (ନଂ.୩୫୧/୧୯) ରୁଜୁ କରିଥିଲେ । ପରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତେବେ କୋର୍ଟରେ ଉଭୟେ ଜାମିନ୍ ପାଇଥିଲେ। ତେବେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଟାଉନ୍ ଥାନାରୁ ଜମି ଦଲାଲି ଘଟଣା ଘଟୁଥିବା ଚର୍ଚ୍ଚାର ବିଷୟ ହୋଇଛି । ଏସ୍‌ପି କେ. ଶିବା ସୁବ୍ରମଣି ଜମି କାରବାରରେ ସମ୍ପୃକ୍ତିକୁ ନେଇ କନ୍‌ଷ୍ଟେବଲଙ୍କୁ ନିଲମ୍ବିତ କରିଛନ୍ତି ।

## ସ୍କୁଲ ପରିସର ସାଜିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ

**କୋକସରା,୧୮।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ସଦର ମହକୁମା କୋକସରାଠାରେ ଥିବା ସର୍ବପୁରାତନ ପ୍ରାଥମିକ ବିଦ୍ୟାଳୟ ପରିସର ଏବେ ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡାସ୍ଥଳି ପାଲଟିଛି । ଗତ କିଛି ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ସ୍କୁଲ ଏବେ ଜୁଆଡ଼ି ଓ ମଦୁଆମାନଙ୍କ ଆଡ୍ଡାସ୍ଥଳି ପାଲଟିଛି। ପାଚେରି ନ ଥିବା ଯୋଗୁ ଅସାମାଜିକ ବ୍ୟକ୍ତିମାନେ ଯେକୌଣସି ସମୟରେ ସ୍କୁଲ ପରିସରରେ ପ୍ରବେଶ କରୁଥିବା ଦେଖିବାକୁ ମିଳୁଛି। ମଦୁଆମାନେ ପିଉଥିବା ମଦ ପାଉଚ, ପଲିଥିନ ସବୁ ସ୍କୁଲର ଚାରିପଟେ ପଡ଼ିରହିଥିବା ଦେଖିବାକୁ ମିଳୁଛି। ସକାଳେ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ତାକୁ ଗୋଟାଇ ସଫା କରୁଥିବା କହିଛନ୍ତି। ଏହି ସ୍କୁଲ ପରିସର ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଅଙ୍ଗନୱାଡ଼ି କେନ୍ଦ୍ର, ବାଳିକା ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟ ରହିଛି। ଏହି ସ୍କୁଲକୁ ଲାଗି ଥାନା ରହିଥିଲେ ମଧ ଏଭଳି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲର ଏଭଳି ପରିବେଶକୁ ନେଇ ବୁଦ୍ଧିଜୀବି ଓ ସଚେତନ ନାଗରିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏ ନେଇ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ପଚାରିବାରୁ ଘଟଣାକୁ ସ୍ୱିକାର କରିବା ସହ ପୂର୍ବରୁ ଲିଖିତ ଅଭିଯୋଗ ଥାନାରେ କରାଯାଇଥିଲା। ହେଲେ କିଛି ଦିନ ପୋଲିସ ପାଟ୍ରୋଲିଂ କରିବା ପରେ ଚୁପ ରହିଛନ୍ତି । ଅନ୍ୟପଟେ ଏହି ସମସ୍ୟାକୁ ନେଇ କୋକସରା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ପାଟ୍ରୋଲିଂ କରାଯିବା ସହ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

# ଭାରତୀୟ କିଶାନ ସଂଘର ସଭା

**ଟିକ୍ରାପଡା, ୧୮।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡା ସାପ୍ତାହିକ ବଜାର ପ୍ରାଙ୍ଗଣରେ ଭାରତୀୟ କିଷାନ ସଂଘ ଆନୁକୂଲ୍ୟରେ ଜୋନସ୍ତରୀୟ କୃଷକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି ଓ ଜୁରାବନ୍ଧ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ ।ପ୍ରେମ କଠାର ସଭାରେ ଅଧକ୍ଷତା କରିଥିଲେ । ବ୍ଲକ ସଂଯୋଜକ ମୋହନ ନାଏକ ସଭା ସଂଯୋଜନା କରିଥିଲେ। ଆଇନଜୀବୀ ଟୁନୁ ରାଜପଲିଆ, ବିଶ୍ୱନାଥ ସୁଆର, ନାରାୟଣ ପଣ୍ଡା, ଗଙ୍ଗାଧର ବାରିକ, ଟିକେନନ୍ଦ ମାଝି, ପୀତବାସ ଘିଭେଲା, ସୁଶାନ୍ତ ବେହେରା, ସାର୍ଦ୍ଦୁଳ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୨୦୧୫, ୨୦୧୭-୧୮, ୨୦୧୮-୧୯ର ଇନପୁଟ ସବସିଡି, ୨୦୧୮-୧୯ କୃଷି ବୀମା, କାଳିଆ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ଯୋଜନା ସହାୟତା ରାଶି ଉକ୍ତ ତିନି ପଞ୍ଚାୟତର ଅର୍ଦ୍ଧାଧିକ ଚାଷୀ ପାଇ ନ ଥିବା ଯୋଗୁଁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା । କୃଷି ବିଭାଗର ବିଭିନ୍ନ ସରକାରୀ ସହାୟତା ଓ ପ୍ରୋତ୍ସାହନ ଚାଷୀଙ୍କୁ ମିଳୁ ନ ଥିବା ଅଭିଯୋଗ ହୋଇଥିଲା । ବିଭିନ୍ନ ଚାଷୀ ସମସ୍ୟା ନେଇ ୨୨ ତାରିଖରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ନେଇ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । କିଷାନ ସଂଘ ସଦସ୍ୟତା ଅଭିଯାନକୁ ତୀବ୍ର କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଝିଙ୍କିଡୁଙ୍ଗୁରି ପଞ୍ଚାୟତ ସଂଯୋଜକ ଭାବେ ବିଦୁର କରନ, ବ୍ରହ୍ମା ଦନ୍ତା, ଜୁରାବନ୍ଧ ପଞ୍ଚାୟତ ସଂଯୋଜକ ଧ୍ରୁବଳେଶ୍ୱର ବାରିକ ଓ ଟିକ୍ରାପଡା ପଞ୍ଚାୟତ ସଂଯୋଜକ ଭାବେ ଗଣେଶ ବୁଡେକ ମନୋନୀତ ହୋଇଥିଲେ ।



ସଇଁତଲା ବ୍ଲକ ଟିକ୍ରାପଡାଠାରେ ଅନୁଷ୍ଠିତ କିଶାନ ସଂଘର ସଭାରେ ଉପସ୍ଥିତ କର୍ମକର୍ତ୍ତା।

# ଅଚାନକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ସୋନପୁର,୧୮।୭(ନି.ପ୍ର.)**

ସୁବର୍ଣ୍ଣପୁରର ନୂତନ ଜିଲାପାଳ ମନୀଷା ବାନାର୍ଜୀ ଗୁରୁବାର ଅଚାନକ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି । ଜିଲାପାଳ ମୁଖ୍ୟ ବର୍ହିଃବିଭାଗ ପରିଦର୍ଶନ ସମୟରେ ଡାକ୍ତରଙ୍କ ଟେବୁଲରେ ମେଡିକାଲ ରିପ୍ରେଜେଣ୍ଟିଟିଭ୍ ପ୍ରଦାନ କରିଥିବା ସେମ୍ପୁଲ ମେଡିସିନ ପଡିଥିବା ଦେଖିବାକୁ ପାଇଥିଲେ। ଏଥିରେ ବିରକ୍ତ ପ୍ରକାଶ କରି ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ମେଡିକାଲ ରିପ୍ରେଜେଣ୍ଟିଟିଭ୍‌ଙ୍କୁ ସାକ୍ଷାତ ନ କରିବାକୁ ଡାକ୍ତରଙ୍କୁ ତାଗିଦ୍ କରିଥିଲେ। ପରେ ଆନ୍ତଃବିଭାଗ ପରିଦର୍ଶନ ସମୟରେ ସମସ୍ତ ଶଯ୍ୟା ନିକଟକୁ ଜିଲାପାଳ ବାନାର୍ଜୀ ନିଜେ ଯାଇ ରୋଗୀ ଓ ସମ୍ପର୍କୀୟଙ୍କ ସହିତ କଥା ହୋଇଥିଲେ। ଡାକ୍ତର ନିୟମିତ ୱାର୍ଡ ପରିଦର୍ଶନ କରୁଛନ୍ତି କି ନାହିଁ, ମାଗଣା ଔଷଧ ମିଳୁଛି କି ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ନିରାମୟ ଯୋଜନାରେ ମାଗଣା ଔଷଧ ମିଳୁଥିବା ଓଡାକ୍ତରନିୟମିତଆସୁଥିବାରୋଗୀମାନେ କହିଥିଲେ। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା ଅତି ଖରାପ ଥିବାରୁ ଜିଲାପାଳ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

# ବିଜ୍ଞାନ ଶିକ୍ଷକ ସମ୍ମିଳନୀ

**ଦେଓଗାଁ, ୧୮।୭(ଡି.ଏନ.ଏ.)**

ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ପରିସରରେ ଗୁରୁବାର ଦେଓଗାଁ ଓ ଗୁଡଭେଲା ବ୍ଲକସ୍ତରୀୟ ବିଜ୍ଞାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ କୁମାର ଷାଣ୍ଢଙ୍କ ସଭାପତିତ୍ୱ ତଥା ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରାଙ୍କ ସଂଯୋଜନାରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ବିଜ୍ଞାନ ସୋସାଇଟିର ସଭାପତି ସନାତନ ଠାକୁର, ସମ୍ମାନୀତ ଅତିଥିଭାବେ ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ପ୍ରମୁଖ ଯୋଗଦେଇ ବ୍ଲକର ସମସ୍ତ ସ୍କୁଲମାନଙ୍କରେ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଓ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କିପରି ଭାବେ ସମ୍ପାଦିତ ହୋଇପାରିବ ତାହା ଉପରେ ଆଲୋଚନା କରିଥିଲେ। ବିଜ୍ଞାନ ସମ୍ବନ୍ଧିତ ପ୍ରେସ୍ୱିହିତ ସମ୍ମାନ, ବିଜ୍ଞାନଭିତ୍ତିକ ଡ୍ରାମା, ଆଲୋଚନାଚକ୍ର, ବିଜ୍ଞାନ ମେଳା, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି, ସାଧାରଣଜ୍ଞାନ, କଳା ଉତ୍ସବ, ରୋଲ ପ୍ଲେ, ଫୋକ ଡ୍ୟାନ୍ସ, ସାଇନ୍ସ କଂଗ୍ରେସ ଉପରେ ଅତିଥିବୃନ୍ଦ ଆଲୋଚନା କରିଥଇଲେ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଉପସ୍ଥିତ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସେମାନେ ପରାମର୍ଶ ଦେଇଥିଲେ । ଏଥିସହ ପ୍ରତ୍ୟେକ ବିଦ୍ୟାଳୟମାନଙ୍କରେ କିପରି ବିଜ୍ଞାନଭିତ୍ତିକ କାର୍ଯ୍ୟ ପ୍ରତି ଛାତ୍ରୀଛାତ୍ରମାନେ ଆକର୍ଷିତ ହୋଇପାରିବେ ତାହା ଉପରେ ଆଲୋଚନା କରାଯାଇଥିଲା । ଉଭୟ ଦେଓଗାଁ ଓ ଗୁଡଭେଲା ବ୍ଲକର ହାଇସ୍କୁଲମାନଙ୍କର ୫୦ଜଣ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।




ବ୍ଲକସ୍ତରୀୟ ବିଜ୍ଞାନ ଶିକ୍ଷକ ସମ୍ମିଳନୀ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଭଙ୍ଗା ଇନ୍ଦିରାଆବାସ ଘରେ ଗରିବ ପରିବାର

**ଲାଠୋର, ୧୮।୭(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମ ପଞ୍ଚାୟତ ଅଧୀନ ପିପଲବାହାଲ ଗ୍ରାମର କୈଳାସ ବେଶ୍ରାଙ୍କ ପରିବାରକୁ ସରକାର ଯୋଗାଇ ଦେଇଥିଲେ ଇନ୍ଦିରା ଆବାସ । ସେହିଗୃହରେ ଏବେ ସେ ପରିବାର ସହ ରହୁଛନ୍ତି । ହେଲେ କିଛିବର୍ଷ ତଳେ ଠିକାଦାରଙ୍କ ଦ୍ୱାରା ନିର୍ମିତ ଏହି ଘରଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛାତରୁ ସିମେଣ୍ଟ କଂକ୍ରିଟ ଖସି ରଡ ଦେଖାଯାଉଛି। ବର୍ଷା ହେଲେ ପାଣି ଗଳୁଛି। ଇତିମଧ୍ୟରେ ଘରଟି ଗୋଟିଏ ପଟୁ ଦବିବା ଦେଖାଯାଉଛି। ଭୟରେ ପରିବାର ଲୋକେ ଘର ଭିତରେ ବଡ କାଠ ଡିମଦେଇ ସେଠାରେ ରହୁଛନ୍ତି। କେତେବେଳେ କେଉଁ ପରିସ୍ଥିତିରେ କିଛି ଘଟଣା ଘଟିବାର ଆଶଙ୍କା ଦେଖା ଦେଇଛି। ସ୍ତ୍ରୀ କୁନ୍ତଳା, ୫ ଝିଅ ଓ ଗୋଟିଏ ପୁଅକୁ ନେଇ କୈଳାସଙ୍କ ପରିବାର। ଜମିବାଡି କିଛି ନାହିଁ। ସରକାରୀ ଭାବେ ୫୦ଡିସମିଲ ଜାଗରି ଜମି ପାଇଛନ୍ତି। ପ୍ରତିବର୍ଷ ଦାଦନ ଖଟି ଯାଇ ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ପରିସ୍ଥିତିରେ ନୂଆ ଘର ନିର୍ମାଣ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ଏହି ସବୁ ସମସ୍ୟା ନେଇ ସମ୍ପୃକ୍ତ ପରିବାରବର୍ଗ ଖପ୍ରାଖୋଲ ବିଡିଓଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ପରେ ଡାକଯୋଗେ ଜିଲାପାଳଙ୍କ ନିକଟକୁ ମଧ ଏକ ଦାବିପତ୍ର ପ୍ରେରଣ କରିଛନ୍ତି। ହେଲେ ଦାବିପତ୍ର ପ୍ରଦାନର ୧୧ଦିନ ବିତି ଯାଇଥିଲେ ମଧ ଅଦ୍ୟାବଧି କେହି ତଦନ୍ତରେ ଆସି ନ ଥିବା ପରିବାର ବର୍ଗ କହିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଇନ୍ଦିରାଆବାସ ସମ୍ମୁଖରେ ପରିବାର।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବିବାହର ୩ ମାସ ନ ପୂରୁଣୁ ନବବଧୂଙ୍କ ଆତ୍ମହତ୍ୟା

ଜୁନାଗଡ,୧୮।୭(ଡି.ଏନ.ଏ.)- କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ତଳମଲା ପଞ୍ଚାୟତ ମସିଗାଁରେ ବୁଧବାର ସନ୍ଧାରେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହର ୩ ମାସ ନ ପୂରୁଣୁ ଜଣେ ନବବଧୂ ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ସଙ୍ଗୀତା ମହାଲିକ (୧୯)। ମିଳିଥିବା ସୂଚନା ଅନୁଯାୟୀ, ଗତ ମେ ମାସ ୨ ତାରିଖରେ କୁଲିହାରୀ ଗ୍ରାମର ତୁଳସୀରାମ ମହାଲିକଙ୍କ ଝିଅ ସଙ୍ଗୀତା ମସିଗାଁର ସତ୍ୟ ପ୍ରକାଶ ନାଏକଙ୍କୁ ବୈଦିକ ରିତୀନିତୀରେ ବିବାହ କରିଥିଲେ। ବୁଧବାର ସନ୍ଧାରେ ସତ୍ୟ ପ୍ରକାଶ ଘରେ ନ ଥିବା ସମୟରେ ସଙ୍ଗୀତା ବେକରେ ଶାଢ଼ି ଦେଇ ଫ୍ୟାନରେ ଝୁଲି ରହିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପରେ ପରିବାର ଲୋକେ ଜୁନାଗଡ ପୋଲିସକୁ ସୂଚନା ଦେଇଥିଲେ। ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ମୃତଦେହକୁ ଜବତ କରିଥିଲା। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୧୯) ରୁଜୁ ହୋଇଛି। ତଦନ୍ତ ପରେ ସବୁକିଛି ଜଣାପଡିବ ବୋଲି ଏସ୍ଆଇ ଥବିର ବରିହା ପ୍ରକାଶ କରିଛନ୍ତି।

### ଜବରଦଖଲରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ

ଭବାନୀପାଟଣା/ଲାଞ୍ଜିଗଡ,୧୮।୭(ଡି. ଏନ.ଏ.)- କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଛାତ୍ରପୁର ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ପ୍ରଭାକର ନାଏକ ଏହି ସ୍କୁଲର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସକୁ ନିଜ କବ୍‌ଜାରେ ରଖିଛନ୍ତି। ଏ ନେଇ ଏହି ସ୍କୁଲ ଶିକ୍ଷୟିତ୍ରୀ ମମତା ସେନାପତି ଲିଖିତ ଭାବେ ବିଇଓଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଡିଇଓ ଗତ ଫେବୃୟାରୀ ୨୧ରେ ଚିଠି ନମ୍ବର ୩୧୭ରେ ତାଙ୍କୁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଓ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଅଧୀକ୍ଷକ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ପ୍ରଧାନ ଶିକ୍ଷକ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। ଶିକ୍ଷୟିତ୍ରୀ ଡବ୍ଲ୍ୟୁଇଓ ଲୋକନାଥ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ଅଧିକାରୀ ପ୍ରଧାନଶିକ୍ଷକ ନାଏକଙ୍କୁ ୧୦ ଦିନ ସମୟ ଦେଇଥିଲେ। ଆଜକୁ ୫ ମାସ ବିତି ଯାଇଥିଲେ ମଧ ଶିକ୍ଷୟିତ୍ରୀ ଦାୟିତ୍ୱ ପାଇ ନାହାନ୍ତି । ଏ ନେଇ ବୁଧବାର ଲାଞ୍ଜିଗଡ ବିଇଓ ସଞ୍ଜୀବ ନାଏକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଶିକ୍ଷୟିତ୍ରୀଙ୍କୁ ସ୍କୁଲ କି ଛାତ୍ରୀ ନିବାସର ଦାୟିତ୍ୱ ଦିଆଯାଇ ନ ଥିବାରୁ ଛୁଟି ପରେ ସେ ନିଜ ଘରକୁ ଚାଲି ଆସିଥିଲେ। କିନ୍ତୁ ରାତିରେ ହଷ୍ଟେଲ ପରିସରରେ ପୁରୁଷ ଲୋକଙ୍କ ଯାତାୟାତକୁ ଦେଖି ହଷ୍ଟେଲର ଛାତ୍ରୀମାନେ ସୁରକ୍ଷିତ ନୁହନ୍ତି ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ଏପଟେ ଦାୟିତ୍ୱ ପାଇ ନ ଥିବାରୁ ହଷ୍ଟେଲରେ ରାତିରେ ରହିବା ଉଚିତ ନୁହେଁ ବୋଲି ଶିୟୟିତ୍ରୀ ସେନାପତି ବିଇଓଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ବିଇଓ ନାଏକଙ୍କୁ ପଚାରିବାରୁ ଗୁରୁବାର ଉକ୍ତ ସ୍କୁଲକୁ ଯାଇ ତଦନ୍ତ କରିବେ ବୋଲି ପ୍ରକାଶ କରିଥିଲେ।

# ନକଲି ଶିକ୍ଷକଙ୍କ ଯାଞ୍ଚ ପ୍ରକ୍ରିୟା ଜାରି

ଲାଞ୍ଜିଗଡ଼,୧୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକରେ ଜାଲ୍ ସାର୍ଟିଫିକେଟ୍ ଜରିଆରେ ଅନେକ ଶିକ୍ଷକ ବର୍ଷ ବର୍ଷ ଧରି ଚାକିରି କରୁଥିବା ଅଭିଯୋଗ ହେବା ପରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ସରକାରୀ ଯାଞ୍ଚ ପ୍ରକ୍ରିୟା ଗୁରୁବାର ୩ୟ ଦିନରେ ପହଞ୍ଚିଛି। ୩ ଦିନ ମଧ୍ୟରେ ବ୍ଲକର ବିଶ୍ୱନାଥପୁର, ଚମ୍ପାଦେଇପୁର ଓ ହରେକୃଷ୍ଣପୁର କ୍ଲଷ୍ଟରର ଶିକ୍ଷକମାନଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଛି । ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାଶୀନାଥ ରାଉତରାୟଙ୍କ ନେତୃତ୍ୱରେ ଯାଞ୍ଚ କମିଟି ଶିକ୍ଷକମାନଙ୍କ ପ୍ରମାଣପତ୍ର ଯାଞ୍ଚ କରିବା ସହ ଭେରିଫିକେଶନ୍ ପାଇଁ ଦୁଇସେଟ୍ ଜେରକ୍ସ କପି ସଂଗ୍ରହ କରି ରଖୁଛନ୍ତି । ପ୍ରଥମ ଦିନରେ ୨୫ ଜଣ, ଦ୍ୱିତୀୟ ଦିନରେ ୨୫ ଜଣ ଓ ତୃତୀୟ ଦିନରେ ୧୮ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ମାତ୍ର ୩ ଦିନର ଯାଞ୍ଚରୁ ହିଁ ଅଜବ ଘଟଣା ସାମ୍ନାକୁ ଆସିଛି। ପ୍ରଥମ ଦିନରେ ୩ ଜଣ, ଦ୍ୱିତୀୟ ଦିନରେ ୬ ଜଣ, ତୃତୀୟ ଦିନରେ ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ସଂସ୍କୃତ ମଧ୍ୟମା ପାସ୍ କରିଥିବା ଜଣାପଡ଼ିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ୧୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଜ ଚାକିରି କାଳ ମଧ୍ୟରେ



ଯାଞ୍ଚ କମିଟି ଶିକ୍ଷକମାନଙ୍କ ପ୍ରମାଣପତ୍ର ଯାଞ୍ଚ କରୁଛନ୍ତି ।

**୩ୟ ଦିନରେ ଯାଞ୍ଚ**
- ସଂସ୍କୃତ ମଧ୍ୟମା ଉପରେ ପ୍ରଶ୍ନବାଚୀ
- ଚାକିରି ସହ ପାଠପଢ଼ା ଚାଲିଥିଲା

ବିଭିନ୍ନ ସ୍କୁଲରେ ନିୟୋଜିତ ରହି ଏହି ସଂସ୍କୃତ ମଧ୍ୟମା ପାଠ ପଢ଼ିଛନ୍ତି। ତାହା ପୁଣି ଛୁଟି ନ ନେଇ କିମ୍ବା ଡିଷ୍ଟାନ୍ସ ଷ୍ଟଡି ବି ନୁହେଁ । ଏହି ଶିକ୍ଷକ-ଶିକ୍ଷୟିତ୍ରୀମାନେ ସ୍କୁଲରେ ଡ୍ୟୁଟି କଲେ କେତେବେଳେ ଆଉ ସେସବୁ ସଂସ୍କୃତ କଲେଜ କିମ୍ବା ଷ୍ଟଡି ସେଣ୍ଟରରେ ପାଠ ପଢ଼ିଲେ କେତେବେଳେ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ସେମାନେ ପୂର୍ବରୁ ବିଭାଗୀୟ ଅନୁମତି ନେଇ ନ ଥିବାବେଳେ ସେହି ପାଠ ପଢ଼ିବା ସମୟର ଦରମା ନେଇଛନ୍ତି। ନିୟମାନୁଯାୟୀ, ସମ୍ପୃକ୍ତ ଶିକ୍ଷକମାନେ ଉଚ୍ଚଶିକ୍ଷା ପାଇଁ ଯିବାକୁ ହେଲେ ପ୍ରଥମେ ଛୁଟି ନେବା କଥା । ଆଉ ସେହି ଦୁଇ ବର୍ଷ ସମୟ ମଧ୍ୟରେ ସେମାନଙ୍କ ପାଇଁ 'ନୋ ୱାର୍କ୍ ନୋ ପେ' ନିୟମ ଲାଗୁ ହେବା କଥା। କିନ୍ତୁ ନିଶ୍ଚିତ ଶିକ୍ଷା ଯୋଜନାରେ ଶିକ୍ଷା କର୍ମୀ ଭାବେ ପ୍ରଥମରୁ ନିଯୁକ୍ତ ଏହି ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଗତ ୨୦୦୫ରେ ଗଣଶିକ୍ଷକ ଭାବେ ନିଯୁକ୍ତି ପାଇବା ପରେ ସେହି ସମୟ ମଧ୍ୟରେ ୨୦୦୫ରୁ ୨୦୦୯ ଏପରିକି ୨୦୧୩ ମଧ୍ୟରେ ଉଭୟ ଚାକିରି କରିବା ସହ ରେଗୁଲାର ଭାବେ ପାଠ ପଢ଼ିଥିବା ସେମାନଙ୍କ ପ୍ରମାଣପତ୍ର କହୁଛି । ଏହି ଶିକ୍ଷକମାନେ ନିଜ ଚାକିରି କାଳ ମଧ୍ୟରେ ପିଲାଙ୍କୁ ପାଠ ପଢ଼ାଇବା ଛାଡ଼ି ଦୂର ଦୁରାନ୍ତରରେ ଥିବା ସଂସ୍କୃତ କଲେଜଗୁଡ଼ିକରେ ନିଜେ ପାଠ ପଢ଼ିଲେ। ସେହି ସମୟର ଦରମା କିପରି ନେଲେ ବୋଲି ଏବେ ପ୍ରଶ୍ନ ଉଠୁଛି । ଏହି ୧୫ ଜଣ ଶିକ୍ଷକ ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନ କିଛି ନିର୍ଦ୍ଦିଷ୍ଟ ସଂସ୍କୃତ ଟୋଲ ଓ ସଂସ୍କୃତ କଲେଜରୁ ସଂସ୍କୃତ ମଧ୍ୟମା ପାସ୍ କରିଥିବା ଦର୍ଶାଇଛନ୍ତି। ସେହିପରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଜାଣତରେ କିଭଳି ହେଲା ଏବଂ ଦୀର୍ଘ ଦିନ ଧରି ସମ୍ପୃକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ କାହିଁକି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି । ଏବେ ଯାଞ୍ଚ ପରେ ଏହି ଗୁମର ଫିଟିଥିବାବେଳେ ଆଗାମୀ ଦିନରେ ଆହୁରି ଶିକ୍ଷକମାନଙ୍କ ଯାଞ୍ଚ ହେଲେ ଏଭଳି ଜାଲ ପ୍ରମାଣପତ୍ରର ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଚର୍ଚ୍ଚା ହେଉଛି । କେବଳ ଲାଞ୍ଜିଗଡ ବ୍ଲକ ନୁହେଁ ସାରା ଜିଲାରେ ଶିକ୍ଷକ ନିଯୁକ୍ତିରେ ଏଭଳି ଜାଲିଆତି ହୋଇଥିବା । ଏଥର ଜାଲିଆତି ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂହ କହିଛନ୍ତି ।





ଛାତ୍ରୀଛାତ୍ରମାନେ ବାହ୍ୟ ମଳତ୍ୟାଗମୁକ୍ତ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି ।

# ବାହ୍ୟ ମଳ ମୁକ୍ତ ସଚେତନତା ଅଭିଯାନ

କଲମପୁର,୧୮।୭ (ଡି.ଏନ.ଏ.)

**କଲମପୁର ବ୍ଲକ**

କଳାହାଣ୍ଡି ଜିଲା ସମସ୍ତ ବ୍ଲକକୁ ଜୁଲାଇ ଶେଷ ସୁଦ୍ଧା ବାହ୍ୟ ମଳ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଥିବାରୁ କଲମପୁର ବ୍ଲକର ସମସ୍ତ ସ୍କୁଲରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପସ୍ଥିତିରେ ବାହ୍ୟ ମଳତ୍ୟାଗ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଜାରି ରହିଛି । କଲମପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ୬ଟି କ୍ଲଷ୍ଟରର ୧୦୮ଟି ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଗାଁ ପରିକ୍ରମା କରି ଜନସଚେତନ ସୃଷ୍ଟି କରିଥିଲେ। ଏଥିପାଇଁ ପୋଷ୍ଟର, ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଲୋକଙ୍କୁ ବାର୍ତ୍ତା ଦେଇଛନ୍ତି। ସମସ୍ତେ ନିଜ ଘରେ ପାଇଖାନା ତିଆରି କରିବେ, ପାଇଖାନା ନିୟମିତ ବ୍ୟବହାର କରିବେ, ଖୋଲା ପଡିଆ ଓ ବାହାରେ ମଳତ୍ୟାଗ କରିବେ ନାହିଁ, ଅଳିଆ ଆବର୍ଜନା ପକାଇବେ ନାହିଁ, ପରିବେଶ ସଫା ରଖିବା ବାର୍ତ୍ତା ନେଇ ଜନସଚେତନ କରାଯାଉଛି ।

କୋକସରାର ସର୍ବପୁରାତନ ପ୍ରାଥମିକ ବିଦ୍ୟାଳୟ

# ସ୍କୁଲ ପରିସର ସାଜିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ

କୋକସରା,୧୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ସଦର ମହକୁମା କୋକସରାଠାରେ ଥିବା ସର୍ବପୁରାତନ ପ୍ରାଥମିକ ବିଦ୍ୟାଳୟ ପରିସର ଏବେ ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡାସ୍ଥଳି ପାଲଟିଛି । ଗତ କିଛି ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ସ୍କୁଲ ଏବେ ଜୁଆଡ଼ି ଓ ମଦୁଆମାନଙ୍କ ଆଡ୍ଡାସ୍ଥଳି ପାଲଟିଛି। ପାଚେରି ନ ଥିବା ଯୋଗୁ ଅସାମାଜିକ ବ୍ୟକ୍ତିମାନେ ଯେକୌଣସି ସମୟରେ ସ୍କୁଲ ପରିସରରେ ପ୍ରବେଶ କରୁଥିବା ଦେଖିବାକୁ ମିଳୁଛି। ମଦୁଆମାନେ ପିଉଥିବା ମଦ ପାଉଚ, ପଲିଥିନ ସବୁ ସ୍କୁଲର ଚାରିପଟେ ପଡ଼ିରହିଥିବା ଦେଖିବାକୁ ମିଳୁଛି। ସକାଳେ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ତାକୁ ଗୋଟାଇ ସଫା କରୁଥିବା କହିଛନ୍ତି । ଏହି ସ୍କୁଲ ପରିସର ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଅଙ୍ଗନୱାଡ଼ି କେନ୍ଦ୍ର, ବାଳିକା ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟ ରହିଛି। ଏହି ସ୍କୁଲକୁ ଲାଗି ଥାନା ରହିଥିଲେ ମଧ ଏଭଳି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲର ଏଭଳି ପରିବେଶକୁ ନେଇ ବୃଦ୍ଧିଜୀବି ଓ ସଚେତନ ନାଗରିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏ ନେଇ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ପଚାରିବାରୁ ଘଟଣାକୁ ସ୍ୱିକାର କରିବା ସହ ପୂର୍ବରୁ ଲିଖିତ ଅଭିଯୋଗ ଥାନାରେ କରାଯାଇଥିଲା। ହେଲେ କିଛି ଦିନ ପୋଲିସ ପାଟ୍ରୋଲିଂ କରିବା ପରେ ଚୁପ ରହିଛନ୍ତି । ଅନ୍ୟପଟେ ଏହି ସମସ୍ୟାକୁ ନେଇ କୋକସରା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ପାଟ୍ରୋଲିଂ କରାଯିବା ସହ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।





କୋକସରାଠାରେ ଥିବା ସର୍ବପୁରାତନ ପ୍ରାଥମିକ ବିଦ୍ୟାଳୟ ।

### ରିଷିଡ଼ାରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ: ୩୨ ଘଣ୍ଟା ବ୍ୟାହତ

ରିଷିଡା,୧୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଗତ ୧ ସପ୍ତାହ ହେଲା ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଗତ ବୁଧବାର ସାଢ଼େ ୨ଟାରେ ବିଦ୍ୟୁତ ସେବା ବନ୍ଦ ହୋଇଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ଠପ ହୋଇଯାଇଛି । ଫଳରେ ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି ବ୍ୟାଙ୍କ ସେବା, କମ୍ପ୍ୟୁଟରଗୁଡିକ ବନ୍ଦ ହୋଇଯାଇଛି । କର୍ଲାମୁଣ୍ଡା ବ୍ଲକ ଅଞ୍ଚଳକୁ ପୂର୍ବରୁ ମଦନପୁର ଷ୍ଟକଚରରୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଉଥିଲା । ପରବର୍ତ୍ତି ସମୟରେ ବେଲଗାଁଠାରୁ ସିଧାସଳଖ କର୍ଲାମୁଣ୍ଡା ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କରାଯାଇ କର୍ଲାମୁଣ୍ଡା ଷ୍ଟକଚର କରାଯାଇ କର୍ଲାମୁଣ୍ଡା ବ୍ଲକ ଅଞ୍ଚଳକୁ ବିଦ୍ୟୁତ ଯୋଗାଣ କରାଯାଉଛି । ବିଦ୍ୟୁତ ଗ୍ରାହକମାନେ ଆଶା କରିଥିଲେ ଯେ, ମଦନପୁର ଷ୍ଟକଚରଠାରୁ ଅଲଗା ହେବା ପରେ ବିଦ୍ୟୁତ ସେବା ଠିକ ହେବ । କିନ୍ତ ଏହାର ଓଲଟା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି। ରିଷିଡା ଅଞ୍ଚଳରେ ଗତ ସପ୍ତାହ ହେଲା ବିଦ୍ୟୁତ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ତୁରନ୍ତ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଗ୍ରାହକମାନେ ଦାବି କରିଛନ୍ତି । ଅନ୍ୟପକ୍ଷରେ ଗୁଳୁଗୁଳି ଓ ବିଦ୍ୟୁତ ସେବା ବନ୍ଦ ଯୋଗୁ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ।



ଜିଲାପାଳ ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା ନେଇ ତଦାରଖ କରୁଛନ୍ତି ।

ଜିଲାପାଳଙ୍କ ଅଚାନକ ଲାଞ୍ଜିଗଡ଼ ବ୍ଲକ ଗସ୍ତ

# ହଡ଼ବଡ଼େଇ ଗଲେ ଅଧିକାରୀ

ଲାଞ୍ଜିଗଡ଼,୧୮।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲାପାଳ ଡ. ପରାଗ ଗାଭାଲି ହର୍ଷଦ ଲାଞ୍ଜିଗଡ଼ ବ୍ଲକକୁ ଅଚାନକ ଗସ୍ତ କରିଛନ୍ତି । ଜିଲାପାଳ ବ୍ଲକ କାର୍ଯ୍ୟାଳୟ ବିଶ୍ୱନାଥପୁରଠାରେ ପହଞ୍ଚିବା ପରେ ବ୍ଲକସ୍ତରୀୟ ଅଧିକାରୀମାନେ ହଠାତ୍ ଜିଲାପାଳଙ୍କୁ ଦେଖି ହଡ଼ବଡ଼େଇ ଯାଇଥିଲେ । ଜିଲାପାଳ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିବା ସହ ବ୍ଲକର କର୍ମଚାରୀମାନଙ୍କ କାର୍ଯ୍ୟଶୈଳୀ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ଏହାପରେ ସେ ଦୁର୍ଗମ ତ୍ରିଲୋଚନପୁର ଗସ୍ତ କରିବା ସହ ସେଠାରେ ଚାଲିଥିବା ସ୍ୱଚ୍ଛ ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ତଦାରଖ କରିଥିଲେ । ଏହାସହ ଗ୍ରାମ୍ୟ ପାନୀୟ ଜଳ ବିଭାଗ ଦ୍ୱାରା ସ୍ୱଚ୍ଛ ଭାରତ ମିଶନରେ ଅବ୍ୟବସ୍ଥା ଦେଖି ବିରକ୍ତ ହୋଇଥିଲେ । ସେହିପରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଦ୍ୱାରା ଚାଲିଥିବା ନିମ୍ନମାନର ରାସ୍ତା କାମକୁ ଦେଖି ବିରକ୍ତ ପ୍ରକାଶ କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଜିଲାପାଳ ବିଜେପୁର, ମୁଖାନାଳ ଦେଇ ଭବାନୀପାଟଣା ଫେରି ଯାଇଥିଲେ । ଜିଲାପାଳଙ୍କ ଅଚାନକ ଗସ୍ତକୁ ନେଇ ଅଧିକାରୀ ମହଲରେ ହଇଚଇ ସୃଷ୍ଟି ହୋଇଥିବାବେଳେ ଅଞ୍ଚଳବାସୀ ଜିଲାପାଳ ନିୟମିତ ଅନ୍ତରରେ ଏଭଳି ଗସ୍ତ କଲେ ଅଞ୍ଚଳର ଉନ୍ନତି ସାଧନର ରାସ୍ତା ଖୋଲିଯାଆନ୍ତା ବୋଲି ଆଲୋଚନା କରୁଛନ୍ତି ।

ପିଠିରେ ବଢୁଛେ ହାଡ଼, ମାଉଁସ

# ରାଜ୍‌ର ଚିକିତ୍ସା ଲାଗି ଟଁକା ବାଧକ୍

ଗଣେଶରାମ ବାଗ
କଲମପୁର,୧୮।୭ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ପଁଚେତ୍ ଅଧୀନ ଭାଟିଗାଁର ନିସାହା ବିଧବା ମରୁଆ ଝାଙ୍କର(୪୬)କଁର ସାନ ପୁଓ ରାଜ ଝାଙ୍କର(୬) । କେହେନ୍‌ସି କାରନ୍‌ରୁ ରାଜକଁର ପିଠିରେ ହାଡ୍ ଆର ମାଉଁସ ବଢ଼ବାରେ ଲାଗିଛେ। ହେଲେ ଅଭାବ ଅନାଟନରୁ ମା' ପୁଓର ଚିକିସ୍ସା କରେଇ ନାଇଁ ପାରବାର।

ସୂଚନା ଅନ୍‌ସାରେ ଭାଟିଗାଁର ସ୍ୱର୍ଗତ ମୋହନ ଝାଙ୍କରକଁର ବିଧବା ମାଏକିନା ହେଉଛନ୍ ମରୁଆ ଝାଙ୍କର। ଏହେଦେ ତାକର ପରିବାର କହିଲେ ୩ ପୁଓ ଆର ଗୁଟେ ଝିଁକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ମରୁଆ କୁଲିମଜୁରି କରି ପିଲାଛୁଆକର ପେଟ ପାଲୁଛନ୍। ଆପ୍‌ନେ ମୋହନ ୩ ବଛର ତଲେ ଆରପାରକେ ଚାଲିଯାଇଛନ୍। ହେଲେ ମରୁଆ ଆଏଜ୍‌ତକ ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ଫିମାସ ପାଉଥିବାର ଚାଉଲ ଦୁରା। ହେଲେ ସେଟା ବି ପରିବାରକେ ନିଅଁଟ ହେଉଛେ। ଇ ସମିଆରେ କେହେନ୍‌ସି କାରନ୍‌ରୁ ସାନ୍‌ପୁଓ ରାଜ୍‌ର ପିଠିଥି ହାଡ୍ ଆର ମାଉଁସ ବଢୁଛେ। ମରୁଆ ଅଭାବ ଅନାଟନ ଭିତରେ ବି ଚିକିସ୍ସା ଲାଗି ପୁଓକେ ଭବାନୀପାଟଣାର ଗୁଟେ ଘରୋଇ ଡାକ୍‌ତରଖାନାକେ ନେଇଥିଲେ। ସେଠାନେ ଡାକ୍‌ତର ଇଥିରଲାଗି ଅପରେଶନ ଦରକାର ଆର ଇଥି ବହୁତ ଟଁକା ଖରଚ୍ ହେବା ବଲି କହିଥିଲେ। ଇ କଥା ଶୁନି ମରୁଆ ନିରାଶ ହେଇ ପୁଓକେ ଧରି ଘରକେ ଫିରିଆଏଲେ। ଇଆଡ଼େ କୁଲିମଜୁରି କରି ପିଲାଛୁଆକର ପେଟ ପୁଷ୍‌ଲା ବେଲେ ମରୁଆକୁଁ ଭିଡ଼ ହେଇଯାଉଛେ। ଏନ୍‌ତାଥି ସେ ସାନ୍‌ପୁଓର ଚିକିସ୍ସା ଲାଗି ଚିନ୍‌ତା ବି କରି ନାଇଁପାରବାର। ଏହେଦେ ସେ ଉପେ ଶୂଇନ୍ ହେଇ ଗଣମାଧ୍ୟମ ଜରିଆରେ ପୁଓର ଚିକିସ୍ସା ସାହାଯ୍ ଲାଗି ଜିଲା ଆର ଥାନୀୟ ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ କଲମପୁର ବିଡିଓ ହେମ ସାଗର ଭୋଇକୁଁ ପଚରାଲାରୁ ଇ ଘଟନାଟା ଜିଲାପାଲକଁର ଅଭିଯୋଗ ଶୁନାନିକେ ଆସିଥିଲା। ରାଜର ଚିକିସ୍ସା ବେବସ୍‌ତା କରବାକେ ଜିଲାପାଲ ବି କହିଛନ୍। ଘଟନାଟା ଆମର ନଜରରେ ଅଛେ ଆର ବିଧବା ମରୁଆକୁଁ ବହୁତ ଜଲଦି ଭତା ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ପିଠିରେ ବଢୁଥିବାର ହାଡ଼ ଆର ମାଉଁସ।

ରାସ୍ତାରେ ଜମୁଛି ବର୍ଷା ପାଣି, ନିଷ୍କାସନ ପାଇଁ ବାଟ ନାହିଁ

# ତହସିଲଦାରଙ୍କୁ ଲିଖିତ ଅଭିଯୋଗ

ଜୁନାଗଡ/ଦାସିଗାଁ, ୧୮।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ୱାର୍ଡ ନଂ ୮ରେ ପାଣି ନିଷ୍କାସନ ପାଇଁ ବାଟ ନ ଥିବାରୁ ଅଳ୍ପ ବର୍ଷା ହେଲେ ପଡାର ରାସ୍ତାରେ ଆଣ୍ଠୁଏ ପାଣି ଜମିରହୁଛି। ଫଳରେ ପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷ କରି ଛୋଟଛୋଟ ପିଲାମାନେ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାପାଣି ଜମି ରହୁଥିବାରୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ମଧ ସମ୍ଭାବନା ରହିଛି। ଏପରିସ୍ଥଳେ ପଡାର ଜୈନିକ ବ୍ୟକ୍ତି ରାସ୍ତାର ଗୋଟିଏ ସ୍ଥାନରେ ମୋରୁମ ପକାଇ ଉଚ୍ଚ କରି ଦେଇଥିବାରୁ ଏହି ସମସ୍ୟା ଆହୁରି ଦ୍ୱିଗୁଣିତ ହୋଇଯାଇଛି। ଏହାକୁ ନେଇ ପଡାବାସୀ ଅସନ୍ତୋଷ ବ୍ୟକ୍ତ କରି ଗୁରୁବାର ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ସ୍ଥାନୀୟ ଆରଆଇଙ୍କ ସହ କଥା ହୋଇ ଏହାର ସମାଧାନ କରାଯିବ ବୋଲି କହିଥିଲେ।



ରାସ୍ତାରେ ପାଣି ଜମୁଥିବାରୁ ପିଲାମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



"ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଲୋଇସିଂହା,୧୮।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନାରାୟଣ ଚୌହାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ବୁଧବାର ଦିଆଯାଇଛି । କେଉଁଟିପାଲି ସ୍କୁଲର ପ୍ରଧାନଶିକ୍ଷକ ବ୍ରଜମୋହନ ପଧାନଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସଭାରେ ଏବିଓ ବ୍ୟାସଦେବ ରାଏ ମୁଖ୍ୟ ଅତିଥି, ଶିକ୍ଷକ ନାରାୟଣ ଚୌହାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଅଗଲାପାଲି ସ୍କୁଲର ପ୍ରଧାନଶିକ୍ଷକ ଯବଦୁ ପଧାନ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଦିବାହଲ ସ୍କୁଲର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ତ୍ରିପାଠୀ ସଭା କାର୍ଯ୍ୟ ସଂଯୋଜନା କରିଥିଲେ ।

### ଜିଲା ପରିଷଦ ସଭ୍ୟଙ୍କ ପରଲୋକ



**ବେଲପଡା, ୧୮।୭(ଡି.ଏନ.ଏ.):** ବେଲପଡା ବ୍ଲକ ୨୬ନଂ ଜୋନ ଜିଲା ପରିଷଦ ସଭ୍ୟ ନାଜିର ବର୍ଗେ(୬୦)ଙ୍କ ପରଲୋକ ଘଟିଛି। ହୃଦ୍‌ଘାତରେ ଆକ୍ରାନ୍ତ ହୋଇ କଟକ ଏସସିବି ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ଦେହାନ୍ତ ହୋଇଯାଇଛି। ଗୁରୁବାର ତାଙ୍କ ମରଶରୀର ବେଲପଡା ବ୍ଲକ ଅନ୍ତର୍ଗତ ଖଲିପଥର ଗ୍ରାମରେ ପହଞ୍ଚିବା ପରେ କୁନୁ ମୁଣ୍ଡା, ସତ୍ୟନାରାୟଣ ଭୋଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ବର୍ଗେ ଭାଜପାର ଜଣେ ସକ୍ରିୟ ସଦସ୍ୟ ଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ବିନିକା,୧୮।୭(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ଗଣ୍ଡାମେହେର ପୋଲ ନିକଟରେ ଗୁରୁବାର ସନ୍ଧ୍ୟାରେ କାର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ହେଲେ ବିନିକା ବ୍ଲକ ବାଉଁଶୁଣୀ ଗ୍ରାମର ମୁକୁନ୍ଦ ଭୋଇ।

# ବଲାଙ୍ଗୀରରେ ମରୁଡ଼ି ସ୍ଥିତି

**ବଲାଙ୍ଗୀର ଅଫିସ, ୧୮।୭**



ବର୍ଷା ପାଣି ଅଭାବରୁ ପହ୍ଲା ଅବସ୍ଥା ସାଂଘାତିକ ହେଲାଣି ।

କ୍ରମାଗତ ମରୁଡି ବଲାଙ୍ଗୀର ଜିଲାର ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଉଛି । ଚଳିତବର୍ଷ ପୁଣି ଥରେ ଜିଲାରେ ମରୁଡି ସ୍ଥିତି ଦେଖାଦେଲାଣି । ଜୁନ୍ ଓ ଜୁଲାଇ ମାସରେ ଅସ୍ୱାଭାବିକ ବର୍ଷା ଯୋଗୁଁ ଏଥର ମରୁଡି ହେବାର ଆଶଙ୍କା ପ୍ରକାଶ ପାଇଲାଣି । ପାଣିପାଗ ବିଭାଗ ପକ୍ଷରୁ ଜୁନ୍ ଶେଷ ସପ୍ତାହ ଓ ଜୁଲାଇ ପ୍ରଥମରୁ ଭଲ ବର୍ଷା ହେବ ବୋଲି କୁହାଯାଉଥିଲା । ଜୁନ୍ ମାସରେ ଜିଲାର ସାଧାରଣ ବୃଷ୍ଟିପାତ ୨୦୨.୮ ମିଲିମିଟର ରହିଥିବାବେଳେ ସମଗ୍ର ଜିଲାରେ ମାତ୍ର ୧୨୩.୩୦ ମି ହାରରେ ବୃଷ୍ଟିପାତ ରେକର୍ଡ କରାଯାଇଥିଲା । ତେବେ ଜିଲାର ୧୪ଟି ବ୍ଲକ୍‌ରୁ ଅଧିକାଂଶ ବ୍ଲକରେ ହୋଇଥିବା ଅସ୍ୱାଭାବିକ ବର୍ଷା ସତ୍ତ୍ୱେ ପ୍ରାୟ ୮୦ ହଜାର ହେକ୍ଟର ଚାଷ ଜମିରେ ଧାନ ବୁଣା କାର୍ଯ୍ୟ ହୋଇଥିଲା । ସମସ୍ତ ଚାଷୀ ଜୁନ୍ ଶେଷ ସପ୍ତାହ ଓ ଜୁଲାଇ ପ୍ରଥମ ସପ୍ତାହରେ ଭଲ ବର୍ଷା ହେବ ବୋଲି ଆଶା ରଖିଥିଲେ । ମାତ୍ର ଇତିମଧ୍ୟରେ ଜୁଲାଇ ମାସର ୧୮ ଦିନ ବିତିଯାଇଥିଲେ ମଧ୍ୟ ବର୍ଷାର ଦେଖାନାହିଁ । ଫଳରେ ୮୦ ହଜାର ହେକ୍ଟର ବୁଣା ଧାନର ଅବସ୍ଥା ବେହାଲ ହୋଇଗଲାଣି । ଜୁଲାଇ ମାସରେ କେତେକ ସ୍ଥାନରେ ସ୍ୱଳ୍ପବୃଷ୍ଟି ଛାଡିଦେଲେ ଜିଲାର ପ୍ରାୟ ସମସ୍ତ ବ୍ଲକର ବିଭିନ୍ନ ସ୍ଥାନରେ କାଁ ଭାଁ ବର୍ଷା ହୋଇଛି। ଜୁଲାଇରେ ଜିଲାରେ ସାଧାରଣ ବୃଷ୍ଟିପାତ ୩୬୦.୫ ମିଲି ମିଟର ରହିଛି । ଏ ପର୍ଯ୍ୟନ୍ତ ଜିଲାରେ ମାତ୍ର ୧୫୧.୭୦ ହାରରେ ବର୍ଷା ରେକର୍ଡ କରାଯାଇଛି ।

ବଲାଙ୍ଗୀର ଜିଲାର ପ୍ରାୟ ୧୪ଟି ବ୍ଲକ୍‌ର ଚାଷ ଅବସ୍ଥା ସାଂଘାତିକ ହୋଇପଡିଛି । ବୁଣାଧାନ କରିଥିବା ଚାଷୀମାନେ ଚିନ୍ତାରେ ପଡିଛନ୍ତି । ବର୍ଷା ଅଭାବରୁ ବହୁ ଚାଷୀଙ୍କ ବୁଣାଧାନ ମରିବାକୁ ବସିଲାଣି । ଯେଉଁ ଚାଷୀମାନେ ରୁଆ ଧାନ କରିବାକୁ ପହ୍ଲା ପକାଇଛନ୍ତି । ସେମାନଙ୍କ ଅବସ୍ଥା ମଧ୍ୟ ସଙ୍କଟରେ ପଡିଛି । ବର୍ଷା ଅଭାବରୁ ପହ୍ଲା ବଞ୍ଚାଇବା ବି କଷ୍ଟକର ହୋଇପଡିଲାଣି । ଏଭଳି ସ୍ଥିତିରେ ଚାଷୀ ଆସନ୍ନ ମରୁଡି ଭୟରେ ରହିଛନ୍ତି। ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ବିଡିଘାଟ ଅଞ୍ଚଳରେ ଗଜା ମରୁଡି ସ୍ଥିତି ଉପୁଜିଥିବା ଅଭିଯୋଗ ହେଲାଣି । ଅନେକ ଜମିରେ ଯେଉଁମାନେ ଖରଡି ବୁଣିଥିଲେ ସେମାନଙ୍କ ଚାଷ ପ୍ରାୟତଃ ମରିବା ସ୍ଥିତିକୁ ଆସିଯାଇଛି । ବିଡିଘାଟର ଚାଷୀ ବରୁଣ ବେହେରା ଓ ଲକ୍ଷ୍ମୀଧର କାଲସାଏ କହିଛନ୍ତି ଯେ ସେମାନେ ଗଜା ମରୁଡି କ୍ଷତିରେ ପଡିଛନ୍ତି । ଧାନ ବୁଣି ଦେବା ପରେ ବର୍ଷା ନ ହେବାରୁ ଏହା ଗଜା ହୋଇପାରି ନ ଥିବା କହିଛନ୍ତି । ଏଭଳି ସ୍ଥିତିରେ ସେମାନେ କ'ଣ କରିବେ ସେନେଇ ଚିନ୍ତାରେ ଥିବା କହିଛନ୍ତି । ସରକାର କୃଷିବୀମା କଥା କହୁଥିଲେ ବି ଚାଷୀ ଠିକଣା ସମୟରେ କୃଷିବୀମା କ୍ଷତିପୂରଣ ପାଉ ନ ଥିବାରୁ ଏହା ଏକ ପ୍ରହସନରେ ପରିଣତ ହେଲାଣି । ଜିଲାରେ ଜଳସେଚନ ସୁବିଧା ନାହିଁ । ଏଭଳି ସ୍ଥିତିରେ ଚାଷୀମାନେ ସାମାନ୍ୟ ବର୍ଷାର ବ୍ୟତିକ୍ରମ ହେଲେ ମରୁଡିର ସମ୍ମୁଖୀନ ହେଉଛନ୍ତି । ଫାଇଲିନ୍‌ କ୍, ହୁଡହୁଡ୍ ଓ ତିତିଲି ପ୍ରଭାବିତ ଚାଷୀମାନେ ସରକାରଙ୍କ ଘୋଷିତ ସହାୟତା ପାଇ ନ ଥିବା ଜିଲା କୃଷକ ମହାସଂଘ ସଭାପତି ତଥା ଚାଷୀନେତା ଡା ସୁଧୀର ପରିଚ୍ଛା କହିଛନ୍ତି । ସରକାର ପାଣି ସୁବିଧା ନ କରି କୃଷିବୀମା ନାଁରେ କେତେଦିନ୍ ଜିଲା ଚାଷୀଙ୍କ ସ୍ୱାର୍ଥ ସହ ଖେଳ ଖେଳୁଥିବେ ବୋଲି ପ୍ରଶ୍ନ କରିଛନ୍ତି ।

- ବର୍ଷା ନାହିଁ, ବୁଣା ଧାନରେ ଚଡକ
- ୮୦ ହଜାର ହେକ୍ଟର ବୁଣା ଧାନ ନଷ୍ଟ ହେବ
- ପାଣି ଅଭାବରୁ ପହ୍ଲା ଅବସ୍ଥା ସାଂଘାତିକ

# ପଡ଼ିଆ ପଡ଼ିଛି ୫୦ ପ୍ରତିଶତ ଚାଷଜମି

**ଲୋଇସିଂହା,୧୮।୭(ଡି.ଏନ.ଏ)**

**ବର୍ଷା ଅଭାବ**

ଲୋଇସିଂହା ବ୍ଲକ କୃଷି ବିଭାଗ ପକ୍ଷରୁ ଚଳିତ ବର୍ଷ ବ୍ଲକ ଅଞ୍ଚଳରେ ୧୦୬୫୦ ହେକ୍ଟର ଜମିରେ ଖରିଫ ଧାନଚାଷ ଲକ୍ଷ୍ୟ ରଖାଯାଇଛି । ତନ୍ମଧ୍ୟରୁ ରୁଆ ପାଇଁ ୬୧୨୨ ହେକ୍ଟର ଏବଂ ଅବଶିଷ୍ଟ ଜମି ବେଉଷଣ ପାଇଁ ବୋଲି କୃଷି ବିଭାଗ ସୂତ୍ରରୁ ଜଣାପଡିଛି । ହେଲେ ଆଷାଢ ଯାଇ ଶ୍ରାବଣ ଆସିଥିଲେ ସୁଦ୍ଧା ଚାଷ ଉପଯୋଗୀ ବର୍ଷା ହୋଇ ନ ଥିବାରୁ ଅବଧି ସୁଦ୍ଧା ବ୍ଲକରେ ଗୋଟିଏ ଗାର ମଧ୍ୟ ରୁଆ ବେଉଷଣ ହୋଇ ପାରିନାହିଁ। ଏବେ ଠୋଠୋ ଖାର ଲାଗି ରହିଥିବାରୁ ବୁଣାଧାନ ଏବଂ ପହ୍ଲାଘାରି ସବୁ ପୋଡି ଯାଉଥିବା ଦେଖାଯାଉଛି। ଏଭଳି ପରିସ୍ଥିତି ଲାଗି ରହିଥିବାରୁ ମରୁଡି ନେଇ ଚାଷୀ ଆଶଙ୍କିତ ହୋଇ ପଡିଲାଣି । ଚଳିତ ବର୍ଷ ୧୧ ଦିନ ବିଳମ୍ବରେ ଓଡିଶାରେ ମୌସୁମୀ ବାୟୁ ପ୍ରବେଶ କରିଥିଲା । ଏହାର ପ୍ରଭାବରେ ଲଘୁଚାପ ଜନିତ ବର୍ଷା ହୋଇଥିଲା । ଏହା ପରେ ବ୍ଲକର ଚାଷୀମାନେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ । ବ୍ଲକରେ ଲକ୍ଷ୍ୟ ଧାର୍ଯ୍ୟ ୧୦ ହଜାର ୬୫୦ ହେକ୍ଟର ଜମି ମଧ୍ୟରୁ ୫୬୧୦ ହେକ୍ଟର ଚାଷ ଜମିରେ ଚାଷୀମାନେ ଧାନ ବୁଣିଥିବାବେଳେ ରୁଆ ପାଇଁ ପହ୍ଲା ପକାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବର୍ଷାଭାବ ଯୋଗୁ ୫୦ ପ୍ରତିଶତ ଚାଷ ଜମି ଏବେ ମଧ୍ୟ ପଡିଆ ପଡିଛି। ୧୫ ଜୁଲାଇ ସୁଦ୍ଧା ୩୬୫ ମମି ବର୍ଷା ଆବଶ୍ୟକ କରୁଥିବା ସ୍ଥଳେ ମାତ୍ର ୧୦୭ ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ବୁଣାଧାନ ଏବଂ ପହ୍ଲାଘାରି ସବୁ ନଷ୍ଟ ହେବାକୁ ବସିଲାଣି। ଜୁନରେ ସାଧାରଣ ଭାବେ ୨୦୨ମିମି ବର୍ଷା ହେବାସ୍ଥଳରେ ୧୨୭ ମିମି ବର୍ଷା ହୋଇଥିବାରୁ ଚାଷୀମାନେ ଠିକଭାବେ ଧାନ ବୁଣାବୁଣି କରି ପାରିନାହାନ୍ତି। ମେ ରେ ମାତ୍ର ୧୧ ମିମି ବର୍ଷା ହୋଇଥିଲା । ତେଣୁ ଚାଷୀମାନେ ପ୍ରାରମ୍ଭିକ ଚାଷ କାର୍ଯ୍ୟ କରି ପାରି ନ ଥିଲେ। ସବୁକ୍ଷେତ୍ରରୁ ଦେଖିଲେ ଚଳିତବର୍ଷ ଚାଷ ବହୁ ପଛରେ ପଡିଯାଇଛି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଭାଲେଣି ପଡିଯାଇଛି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସୁଶୀଲ କୁମାର ସେଠୀଙ୍କୁ ପଚାରିବାରୁ ବର୍ଷାଭାବ ଯୋଗୁ ରୁଆ ବେଉଷଣ ଆରମ୍ଭ ହୋଇନାହିଁ । କିଛିଦିନ ମଧ୍ୟରେ ବର୍ଷା ହେଲେ ଚାଷ ଆରମ୍ଭ ହୋଇଯିବ। ବର୍ଷାଭାବ ଯୋଗୁ ଅଧାଜମି ଏବେ ବି ପଡିଆ ପଡିଛି। ବ୍ଲକରେ ଅଣଧାନ ଚାଷ ୧୦୫୬୫ ହେକ୍ଟର ମଧ୍ୟରୁ ୩୬୬୩ ହେକ୍ଟର ଜମିରେ କପା, ଡାଲି ଜାତୀୟ ଫସଲ କରାଯାଇଥିବା ସେ କହିଛନ୍ତି।

# ପରିତ୍ୟକ୍ତ କୂଅରୁ ଅଜଗରକୁ ଉଦ୍ଧାରକଲା ବନ ବିଭାଗ

**ଅମରପାଲି, ୧୮।୭ (ଡି.ଏନ.ଏ)**

ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ସୁବଳୟାରେ ନଦୀପାର୍ଶ୍ୱରେ ଥିବା ଏକ ପରିତ୍ୟକ୍ତ କୂଅରୁ ବନବିଭାଗ ଏକ ଅଜଗରକୁ ଉଦ୍ଧାର କରିଛି । ଉଦ୍ଧାର ହୋଇଥିବା ଅଜଗରକୁ ସ୍ଥାନୀୟ ଦୁରଦୁରା ଜଙ୍ଗଲରେ ଛାଡି ଦିଆଯାଇଛି। ସୂଚନା ଅନୁସାରେ, ଅପରାହ୍ନ ୧ଟା ବେଳେ କେତେକ ଯୁବକ ଅଜଗରଟି କୂଅରେ ଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ ଅଧିକାରୀ ଏସିଏଫ ଅଜିତ ବିଶି, ବନପାଳ ପ୍ରସନ୍ନ ନାୟକ ଓ ଅନ୍ୟାନ୍ୟ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅଜଗରକୁ ଉଦ୍ଧାର କରିଥିଲେ। ଅଜଗରଟି ପ୍ରାୟ ୫ ଫୁଟ ୫ ଇଞ୍ଚ ଲମ୍ବ ଓ ପ୍ରାୟ ୮ ଇଞ୍ଚ ମୋଟେଇ ଅଟେ । ଅକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ଅଜଗରକୁ ଜଙ୍ଗଲରେ ଛାଡି ଦିଆଯାଇଥିବା ଏସିଏଫ୍ ଅଜିତ ବିଶି ପ୍ରକାଶ କରିଛନ୍ତି ।

# ସରକାରୀ ଚିକିତ୍ସା ସାହାଯ୍ୟ ଦାବି

**ଲାଠୋର, ୧୮।୭(ଡି.ଏନ୍.ଏ)**

ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ବିର୍ଡିଆ ପଡ଼ାର କାଳିଆ ସୁନା। ସେ ଝନେ ନିହାତି ଗରିବ୍ ହେଇଥିଲାବେଲେ କେହେନ୍‌ସି ଗୁଟେ ରୋଗ୍ ଲାଗି ଘରେ ପଡ଼ି ରହିଛନ୍। ଏନ୍‌ତାଥି ପରିବାର ଲୋକ୍ ସରକାରୀ ଚିକିତ୍ସା ସାହାଯ୍ ଲାଗି ଥାନୀୟ ପରଶାସନକେ ନିବେଦନ୍ କରିଛନ୍।

ସୂଚନା ଅନ୍‌ସାରେ କାଳିଆକଁର ପରିବାର କହେଲେ ମାଏକିନା ରତ୍ନା ଆର ଦୁଇ ଝିଁକେ ନେଇ ତାକର ସଁସାର। ଜମିବାଡ଼ି ସଁପତି ବଲି ତାକର କିଛି ନାଇଁ। ଲୋକ୍ ମରିହଜି ଗଲେ ପରିବାର ଲୋକ୍ ଯେନ୍ ଦାନ୍‌ଦପାନ କରସନ୍ ସେ ଦାନ୍ ଛିନି ନିଜର କୁଟୁମ ପୁଷୁଥିଲେ। ସରକାରୀ ଯୋଜନାରେ ସେ ଗୁଟେ ପକାଘର ଆର ମାସିକ ୧୦ କେ.ଜି. ଚାଉଲ ପାଉଛନ୍। ହେଲେ ଅନେକ ଦିନ୍ ହେଲା କେହେନ୍‌ସି କାରନରୁ ତାକର ଦୁଇ ଗୋଡ଼ ଫୁଲି ଯାଇ ଘା ହେଇଯାଇଛେ। ନିଜରନେ ଯାହା ଥିଲା ଖରଚ୍ କରି ଚିକିତ୍ସିତ ହେଇ ନିରାଶ ହେଲେ। ଏଭେ ଦିନାକେତେ ତଲେ ସେ ନିଜର ଝନେ ଲାଗେଲେସରନୁ ୩ ହଜର ଟଁକା ଉଧାର ଆନି ପାଟଣାଗଡ଼ର ଗୁଟେ ଘରୋଇ କ୍ଲିନିକରେ ଚିକିତ୍ସିତ ହେଉଥିଲେ। ହେଲେ ଆଏଜ୍‌ତକ ସେ ନିରୋଗ୍ ନୁହେ ହୁଅନ୍। ଇଆଡ଼େ କାଳିଆ ପରିବାରର ଝନେ ବଲି ରୁଜଗାରିଆ ଲୋକ୍। ସେ ଘରେ ପଡ଼ି ରହିଲାବେଲେ ଦିନୁଦିନ୍‌କେ ଘରର ଅବସ୍ତା ଦୁରବଲ ହେତେଲ ଯାଉଛେ। ଇ ଦିଗେ ସ୍ୱାସ୍ଥ୍ୟ ବିଭାଗ ଦୁରୁଷ୍ଟି ଦେଇ କାଳିଆକୁଁ ଉଧାର କରି ସରକାରୀ ଚିକିତ୍ସା ସୁବିଧା ଯୁଗେଇ ଦେବାକେ ଦାବି ହେଉଛେ।



ରୋଗ୍‌ରେ ପୀଡ଼ିତ ଅସାହା କାଳିଆ ସୁନା।



ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ।

# ଉଚ୍ଚ ବିଦ୍ୟାଳୟରେ ବୃକ୍ଷରୋପଣ

**ଲାଠୋର, ୧୮।୭ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଲାଠୋର ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଯୁବ ବାହିନୀ ସଭାପତି ବାଲେଶ୍ୱର ମେହେରଙ୍କ ଉପସ୍ଥିତିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ପିତ କୁମାର ଭୋଇ ପ୍ରଥମେ ଏକ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ବିଜୁ ଯୁବବାହିନୀର ସଦସ୍ୟମାନେ ଚାରାରୋପଣ କରିଥିଲେ। ଏହି ଅବସରରେ ନମିତା ମେହେର, ସଭ୍ୟାସଭ୍ୟ ପୁଷ୍ପାଞ୍ଜଳି ମେହେର, ଶେଷଦେବ ମେହେର, ତାରା ମେହେର, ସନ୍ତୋଷିନୀ ମେହେର ଓ ଯୁବ ବାହିନୀର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

■ ଧୁମାମାଲ ଗ୍ରାମରେ ମଦ ବିକ୍ରିକୁ ବିରୋଧ

# ଏସ୍‌ଏଚ୍‌ଜି ମହିଳା ଥାନାର ଦ୍ୱାରସ୍ଥ

**ମୁରିବାହାଲ, ୧୮।୭(ଡି.ଏନ.ଏ.)**



ମଦବିକ୍ରି ବନ୍ଦ ଦାବି କରି ମୁରିବାହାଲ ଥାନାକୁ ଫେରାଦ ହେବାକୁ ଆସିଥିବା ମହିଳାମାନେ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବଡସାଇମରା ଗ୍ରାମ ପଞ୍ଚାୟତ ଅଧୀନ ଧୁମାମାଲ ଗ୍ରାମରେ ବ୍ୟାପକ ମଦ କାରବାର ଚାଲିଛି। ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗକୁ ଏ ନେଇ ଜଣାଇଲେ ମଧ୍ୟ କୌଣସି ମଦ ବିକ୍ରି ବନ୍ଦ ହେଉନାହିଁ। ତେଣୁ ଗୁରୁବାର ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମୁରିବାହାଲ ଥାନାର ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଅମିତ କୁମାର ପାତ୍ରଙ୍କ ଉପସ୍ଥିତିରେ ୯ ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା କୁଚିଆ ମଦ ବିକ୍ରୟକୁ ବିରୋଧ କରି ଲିଖିତଭାବେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ବର୍ଷବର୍ଷ ଧରି ଏକୱାର୍ଡ ବିଶିଷ୍ଟ ଧାମାମାଲ ଗ୍ରାମରେ ୫ଜଣ କୁଚିଆ ମଦ ବ୍ୟବସାୟୀ କରୁଛନ୍ତି । ୫ ଦିନ ତଳେ ଗ୍ରାମସଭା ମାଧ୍ୟମରେ ମଦ ବିକ୍ରି ବନ୍ଦ କରିବା ପାଇଁ ସମ୍ପୃକ୍ତ ବ୍ୟବସାୟୀମାନଙ୍କୁ ତାଗିଦ୍ କରାଯାଇଥିଲା। ତନ୍ମଧ୍ୟରୁ ୨ଜଣ ବିକ୍ରି ବନ୍ଦ କରିଥିବା ବେଳେ ୩ଜଣ ମଦ ବିକ୍ରି ଚାଲୁ ରଖିଛନ୍ତି। ଏହି ଗ୍ରାମରେ ବ୍ୟାପକ ମଦ କାରବାର ଯୋଗୁଁ ଅଶାନ୍ତିକର ବାତାବରଣ ଦେଖାଦେଉଛି। ଅବାଧ ମଦ କାରବାରର ପ୍ରଭାବ ଯୁବଗୋଷ୍ଠୀ ଉପରେ ପଡୁଛି। ଏଥିପାଇଁ ସାମାଜିକ ବିଭ୍ରାଟ ଦେଖାଦେଉଛି। ରାସ୍ତାପାର୍ଶ୍ୱ ଏପରିକି ବିଦ୍ୟାଳୟ ନିକଟରେ ଖୁଲମଖୁଲା ମଦ ବିକ୍ରି ହେଉଥିବା ଯୋଗୁଁ ନିଶାସକ୍ତଙ୍କ ପାଦୁର୍ଭାବ ଗ୍ରାମବାସୀଙ୍କୁ ଅତିଷ୍ଠ କରୁଛି ବୋଲି ଏସଆଇ ସରୋଜ ରଞ୍ଜନ ରଥଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ଅଭିଯୋଗର ଅନୁସନ୍ଧାନ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଆଇ ରଥ ପ୍ରତିଶ୍ରୁତି ଦେଇଥିବା ଏସଏଚଜି ମହିଳାମାନେ କହିଛନ୍ତି। ଆଗାମୀ ଦିନରେ ଗ୍ରାମରେ ମଦ ବନ୍ଦ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

**କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ**

## ଫଟୋରେ ଖବର







ବଲାଙ୍ଗୀର ସହର ମହାଲକ୍ଷ୍ମୀନଗର ମୁଖ୍ୟରାସ୍ତାରେ କୁଢ଼କୁଢ଼ ଆବର୍ଜନା ଜମି ରହୁଥିଲେ ବି ସଫା କରାଯାଉନାହିଁ (ବାମ)। ବଲାଙ୍ଗୀର ସର୍କିଟ ହାଉସ-କାମାକ୍ଷୀନଗର ରାସ୍ତାକୁ ପୂର୍ତ୍ତ ବିଭାଗ ଅଧାପନ୍ତରିଆଭାବେ ଛାଡି ଦେଇଛି । ଫଳରେ ସାଧାରଣ ଲୋକଙ୍କ ସହ ଛାତ୍ରୀଛାତ୍ରମାନେ ଯାତାୟାତ ବେଳେ ଅସୁବିଧା ଭୋଗୁଛନ୍ତି (ମଝି) । ବଲାଙ୍ଗୀର ସଦର ବ୍ଲକ୍ ଅନ୍ତର୍ଗତ ଶିବତଲା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି । (ଫଟୋ-ସୁନୀଲ)



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।
- ଉତ୍କଳ ଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି କଲେ ଭିଇସି ସଦସ୍ୟ

ଭବାନୀପାଟଣା/ଲାଞ୍ଜିଗଡ,୧୮।୭(ଡି.ଏନ.ଏ.)- କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବସନ୍ତପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି ଦାବି ହୋଇଛି। ଏ ନେଇ ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ନାଏକଙ୍କୁ ସ୍କୁଲ ଭିଇସି ସଦସ୍ୟମାନେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ୨୦୧୬ରେ ଆସିବା ଦିନଠାରୁ ସ୍କୁଲରେ ଭଲ ଭାବେ ପାଠପଢ଼ା ହେଉ ନାହିଁ। ହଷ୍ଟେଲ ଛାତ୍ରଙ୍କୁ ଭଲ ଭାବେ ଖାଦ୍ୟ ଓ ବ୍ୟବହାର ସାମଗ୍ରୀ ସାବୁନ, ବ୍ରସ ଓ ତେଲ ଲଗାଇବା ପାଇଁ ଦିଆଯାଉନାହିଁ। ନିଜେ ପ୍ରଧାନ ଶିକ୍ଷକ ନାଏକ ଓ ଏଠାରେ ଅବସ୍ଥାପିତ ତାଙ୍କ ସ୍ତ୍ରୀ ଝରଣାରାଣୀ ରାଉତ ମଧ ଭଲ ଭାବରେ ପାଠ ପଢ଼ାଉ ନାହାନ୍ତି। ପ୍ରତିଦିନ ସ୍କୁଲ ଛାତ୍ରଙ୍କୁ ଫୁଲ ତୋଳିବା ଓ କ୍ଷୀର ଆଣିବା ପାଇଁ ନିଜ କାମରେ ଲଗାଉଛନ୍ତି। ସ୍କୁଲ ପରିସର ସଫା ସୁତୁରା ରଖାଯାଉନାହିଁ। ସ୍କୁଲ ଭିଇସି କମିଟି ସଭାପତି ହରି ମାଝି, ସଭ୍ୟ ବାଲାଜି ମାଝି, ଚକ୍ର ମାଝି, ପୁଇଲା ମାଝି, ନାଥ ମାଝି, ଜାଲମେ ମାଝି, ଧନେଶ୍ୱର ମାଳି, ଦମରୁ ମାଳି, ଦଶଲା ମାଝି, ବାସୁଦେବ ସାହୁ, ପ୍ରମିଳା ଦେବୀ ଓ ସତିରେଖା ଗଉଡ ଲାଞ୍ଜିଗଡ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ସଞ୍ଜୀବ ନାଏକଙ୍କୁ ପଚାରିବାରୁ ମୁଁ ସେ ଗାଁକୁ ଯାଇଥିଲି । ସ୍କୁଲ ଭିଇସି କମିଟି କାହାକୁ ଭେଟି ପାରିଲି ନାହିଁ। ଏହି ସପ୍ତାହ ଭିତରେ ଆଉ ଥରେ ଯିବି ବୋଲି କହିଛନ୍ତି।



ଭାଙ୍ଗିଯାଇଥିବା କେନାଲ ଅଞ୍ଚଳକୁ ଅଧିକାରୀମାନେ ବୁଲି ଦେଖୁଛନ୍ତି ।



ଭାଙ୍ଗିଯାଇଥିବା କେନାଲ।

ସୁନ୍ଦର ନଦୀ କେନାଲ ଭାଙ୍ଗିଲା, ଚାଷ ଜମି ବାଲିଚର

# ଚାଷୀଙ୍କୁ ଦାଉ ସାଧିଲା କେନାଲ ପାଣି

ନୂଆପଡା ଅଫିସ,୧୮।୭

ଚାଷୀଙ୍କୁ ଖରିଫ ଏବଂ ରବି ଋତୁରେ ଜଳ ସେଚନର ସୁବିଧା ଯୋଗାଇ ଦେବାକୁ ସରକାର ବିଭିନ୍ନ ଜଳ ସେଚନ ପ୍ରକଳ୍ପ ନିର୍ମାଣ କରିଛନ୍ତି । ପୁଣି ସେସବୁର ପୁନରୁଦ୍ଧାର ସହ ରକ୍ଷଣାବେକ୍ଷଣ ସକାଶେ ମଧ୍ୟ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ସେସବୁର ଠିକ ପରିଚାଳନା ଅଭାବରୁ ଚାଷୀ କ୍ଷତିଗ୍ରସ୍ତ ହେଉଥିବା ଦେଖାଯାଇଛି । ଏହାର ଉଦାହରଣ ସୁନ୍ଦର ନଦୀ ଡ୍ୟାମରେ ଦେଖିବାକୁ ମିଳିଛି । ଏହାର ପରିଚାଳନା ସକାଶେ ବିଭିନ୍ନ ସମୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ କେନାଲଗୁଡିକର ଠିକ ମରାମତି କରାଯାଇ ନ ଥିବାରୁ ସବୁ ଭଗ୍ନ ଅବସ୍ଥାରେ ରହିଛି । ଫଳରେ ବିଭିନ୍ନ ଜାଗାରେ ଭାଙ୍ଗିବାକୁ ଲାଗିଛି । ଗୁରୁବାର ସ୍ଥାନୀୟ ଇଚ୍ଛାପୁର-ଠୋଙ୍ଗୋ ମଝିରେ କେନାଲ ଭାଙ୍ଗିଯିବାରୁ ବହୁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ଏଥିପାଇଁ ଚାଷୀମାନେ ବିଭାଗୀୟ ଅବହେଳାର ପ୍ରତିଫଳନ ବୋଲି କହିଛନ୍ତି ।

**ଅଧିକାରୀ ବୁଲି ଦେଖିଲେ**

ନବେ ଦଶକରେ କୋମନା ବ୍ଲକର ମରୁଡି ପ୍ରବଣ ଅଞ୍ଚଳରେ ଜଡାମୁଣ୍ଡା ନିକଟରେ ସୁନ୍ଦର ନଦୀରେ ଡ୍ୟାମ ନିର୍ମାଣ କରାଯାଇଛି । ଏହା ଦ୍ୱାରା ଡ୍ୟାମ ତଳି ଅଞ୍ଚଳରେ ବହୁ ଚାଷୀଙ୍କ ଜମକୁ ଉଭୟ ଖରିଫ ଏବଂ ରବିରେ ପାଣି ମାଡିଥାଏ । ଫଳରେ ଚାଷୀମାନଙ୍କୁ ପାଣି ଚିନ୍ତା କରିବାକୁ ପଡି ନ ଥାଏ । ହେଲେ ଆଜକୁ ୩୦ ବର୍ଷ ବିତିଯିବ, ହେଲେ ଡ୍ୟାମର ପୁନରୁଦ୍ଧାର କରାଯାଇ ନ ଥିବାବେଳେ କେବଳ କେନାଲଗୁଡିକର ମରାମତି କରାଯାଉଛି । ଏହା କେବଳ କାଗଜ କଲମରେ ହେଉଥିବାବେଳେ ଚାଷୀଙ୍କୁ ଏହାର ସୁଫଳ ମିଳୁ ନ ଥିବା କୁହାଯାଉଛି। ଫଳରେ ବିଭିନ୍ନ ସମୟରେ କେନାଲ ସବୁ ଭାଙ୍ଗି ଜଳ ଚର ସୃଷ୍ଟି ହୋଇଥାଏ । ଗତ ରବି ଋତୁରେ ଚାଷୀମାନଙ୍କୁ ପାଣି ଦିଆଯାଇଥିଲା । ସେହି ସମୟରେ ବିଭିନ୍ନ ଜାଗାରେ କେନାଲଗୁଡିକର ଅବସ୍ଥା ଠିକ ନ ଥିବା ଚାଷୀମାନେ ବିଭାଗକୁ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କେହି ଏହାକୁ କର୍ଣ୍ଣପାତ କରି ନ ଥିଲେ । ଏଥର ଠିକ ଖରିଫ ଋତୁ ଚାଷ ସମୟ ଆସିଯିବା ପରେ ଚାଷୀମାନେ ପଲ୍ଲା ପକାଇଥିବାବେଳେ ତଳି ରୁଆ ସକାଶେ କ୍ଷେତ୍ର ପ୍ରସ୍ତୁତ କରିବାରେ ଲାଗିଛନ୍ତି । ଏତିକିବେଳେ ଗୁରୁବାର କେନାଲ ଭାଙ୍ଗିପଡିବାରୁ ଚାଷୀଙ୍କ ଜମି ଜଳ ଚର ସୃଷ୍ଟି ହୋଇଥିବା ଚାଷୀ ହେମନ୍ତ କୁମାର ସାହୁ ଅଭିଯୋଗ କରିଛନ୍ତି । ଖବର ପାଇ ନୂଆପଡା ଜଳ ସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ ଗୁରୁବାର ପୂର୍ବାହ୍ନରେ କ୍ଷେତ୍ର ପରିଦର୍ଶନ କରିଛନ୍ତି । ସେ ସମ୍ପୃକ୍ତ ଅଞ୍ଚଳ ବୁଲି ଏହା ଉପରେ ପଦକ୍ଷେପ ନେବେ ଏବଂ ଖୁବଶୀଘ୍ର କେନାଲର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବର୍ତ୍ତମାନ ଚାଷ ସମୟ ଆସନ୍ନ ହୋଇଥିବାବେଳେ ଚାଷୀଙ୍କୁ ଏହା କାଳ ହୋଇଛି । ଏହା ଉପରେ ତଦନ୍ତ କରି ପ୍ରଶାସନ ତରଫରୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।

କାଳିଆ ଯୋଜନାରେ ସାମିଲ ଦାବି

# ଜିଲାପାଳ ଅଫିସ ଆଗରେ ବିକ୍ଷୋଭ

ବରଗଡ଼ ଅଫିସ,୧୮।୭

ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନ କୃଷି ଶ୍ରମିକଙ୍କୁ ସାମିଲ କରାଯାଇନାହିଁ । ଫଳରେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ସେମାନଙ୍କୁ ମଧ୍ୟ କାଳିଆ ଯୋଜନାରେ ସାମିଲ କରିବା ଦାବି ନେଇ ଗୁରୁବାର ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୯ର ଭୂମିହୀନ କୃଷି ଶ୍ରମିକମାନେ ଜିଲାପାଳ ଅଫିସ ଆଗରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାସହିତ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ରାଜ୍ୟ ସରକାର ଘୋଷଣା କରିଥିବା କାଳିଆ ଯୋଜନାରେ ଭୂମିହୀନ କୃଷି ଶ୍ରମିକଙ୍କୁ ୧୨ହଜାର ୫୦୦ ଟଙ୍କା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ମାତ୍ର ଏଥିରେ ସହରାଞ୍ଚଳରେ ବସବାସ କରୁଥିବା ଭୂମିହୀନ କୃଷି ଶ୍ରମିକଙ୍କୁ ବାଦ୍ ଦିଆଯାଇଛି । ସେମାନେ ସହରାଞ୍ଚଳରେ ବସବାସ କରୁଥିଲେ ହେଁ ଗ୍ରାମାଞ୍ଚଳକୁ ଯାଇ କୃଷି ଶ୍ରମିକ ଭାବେ ଖଟୁଛନ୍ତି ଏବଂ ସେଥିରୁ ରୋଜଗାର ଟଙ୍କାରେ ପରିବାର ଚଳାଉଥିବା ସେମାନେ କହିଛନ୍ତି । ଫଳରେ ସେମାନଙ୍କୁ ମଧ୍ୟ କାଳିଆ ଯୋଜନାରେ ସାମିଲ କରାଯାଇ ନିର୍ଦ୍ଧାରିତ ସହାୟତା ରାଶି ଯୋଗାଇବା ଦିଗରେ ବହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ଆପ୍ ନେତା ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର, ମେରିୟମ ବାର୍ଲା, ରମେଶ ମହାପାତ୍ରଙ୍କ ନେତୃତ୍ୱରେ କୃଷି ଶ୍ରମିକମାନେ ଜିଲାପାଳ ଅଫିସ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଡେଙ୍ଗୁ, ମ୍ୟାଲେରିଆ ମୁକାବିଲା ବୈଠକ

ରାଉରକେଲା ଅଫିସ,୧୮।୭

ରାଉରକେଲା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ମୁକାବିଲା ପାଇଁ ବୁଧବାର ଅପରାହ୍ନରେ ସହରାଞ୍ଚଳ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟ ଅଧକ୍ଷତା କରିଥିଲେ। ଏହି ଅବସରରେ ସେ ଉପରୋକ୍ତ ରୋଗ ନିରାକରଣ ଓ ପ୍ରତିରୋଧ ନେଇ ସକାରାତ୍ମକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ମିଶନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକ୍ତର ପୁଷ୍ପମିତ୍ର ମିଶ୍ର ବକ୍ତବ୍ୟ ପ୍ରଦାନ କରି ଏ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅଧିକାରୀ ଶକ୍ତିପ୍ରସାଦ ମହାପାତ୍ର ରାଉରକେଲା ସହରାଞ୍ଚଳରେ ଏହି ରୋଗ ନିରାକରଣ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷା ବିଭାଗ, ଶିଶୁ ବିକାଶ, ପିଏଚ୍‌ଡି, ପିଡବ୍ଲ୍ୟୁଡି, ଶିଳ୍ପ ବିଭାଗ, ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ, ଷ୍ଟିଲ ପ୍ଲାଣ୍ଟ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଧିକାରୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଆଦି ରୋଗ ସମ୍ପର୍କରେ ସଚେତନ ରହିବାକୁ ଅତିରିକ୍ତ ଜିଲାପାଳ ବିଜୟ ପରାମର୍ଶ ଦେଇଥିଲେ। ଗତ ୧୭ ତାରିଖରୁ ଆରମ୍ଭ କରାଯାଇଥିବା ନିରାକରଣ ସଚେତନତା ଆସନ୍ତା ସେପ୍ଟେମ୍ବର ୧୬ ଯାଏ ଜାରି ରହିବ ବୋଲି ଏଥିରେ ସୂଚନା ଦିଆଯାଇଥିଲା। ବର୍ଷାରେ ଯେପରି ମଶା ବଂଶ ବୃଦ୍ଧି ନ ହେବ ସେ ଦିଗରେ ଧ୍ୟାନ ଦେବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ସରକାରୀ ଓ ବେସରକାରୀ କୋଠା ଓ ପାଣି ଜମୁଥିବା ଅଞ୍ଚଳକୁ ଆବର୍ଜନାମୁକ୍ତ ରଖିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଆର୍‌ଏସ୍‌ପି ଅଞ୍ଚଳ ଅନ୍ତର୍ଗତ ବସ୍ତି ଅଞ୍ଚଳ ପ୍ରତି ପ୍ରାଥମିକତା ଭିତ୍ତିରେ ଧ୍ୟାନ ଦେବାକୁ କୁହାଯାଇଛି। ଏ ଦିଗରେ ଆଶା, ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବେ।

ଜୀବନ ଯୁଧରେ ହାରିଗଲେ ମଳୟ

# ଆଏଁଖ୍ ମୁଜିଦେଲା ଥାନୀୟ ପରଶାସନ

ସିନାପାଲି,୧୮।୭ (ଡି.ଏନ୍.ଏ.)

ସିନାପାଲି ବ୍ଲକ ଅଧୀନ ତିଲେଇମାଲ ଗାଁର କର୍କଟ ରୋଗ୍‌ରେ ପିଡ଼ିତ ମଳୟ(୧୦) ଜୀବନ୍ ଯୁଧରେ ହାରିଯାଇଛନ୍। ଗରିବ୍ ମା'ବାପ୍ ପୁଓକେ ବଁଚାବାର ଲାଗି ବହୁତ୍ ଚେଷ୍ଟା କରି ଶେଷେ ନିରାଶ ହେଇଛନ୍।

ସୂଚନା ଅନ୍‌ସାରେ ତିଲେଇମାଲ ଗାଁର ବୁଧୁରାମ ଆର ଗୌରୀକଁର ପୁଓ ହେଉଛନ୍ ମଳୟ। ଗଲା ବଛର ସାଂଗ୍‌ସାଥିକର ସଂଗେ ଗାଁରେ ଖେଲ୍‌ଲାବେଲେ ମଳୟର ଆଁଖିଥି ଗୁଟେ ବାଡ଼ି ବାଜି ଯାଇଥିଲା। ପଛେ ସେଟା ଘା' ହେଇ ପାଚି ଯିବାର ସଂଗେ କର୍କଟ ରୋଗ୍‌ରେ ପରିନତ ହେଇଥିଲା। ଗରିବ୍ ମା'ବାପ୍ ଥାନୀୟ ଲୁକ୍‌କରନୁ ସାହାଯ୍ ମାଗି ମଳୟକେ ନୂଆପଡ଼ା ଜିଲା ଡାକ୍‌ତରଖାନାରେ ଭରତି କଲେ। ସିଡିଏମ୍‌ଓକଁର ସୁପାରିସରେ ମଳୟକେ ବୁର୍ଲା ଆର ପଛେ କଟକ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା କେନ୍ଦ୍ରରେ ଭରତି କରାଯାଇଥିଲା। ସେଠାନୁ ଡାକ୍‌ତର ଉଚ ଚିକିତ୍ସା ଲାଗି ମଳୟକେ ଦିଲ୍ଲୀ ଏମ୍‌ସକେ ରେଫର କରିଥିଲେ। ହେଲେ ପୁଓର ଚିକିତ୍ସା ଲାଗି ଜମିବାଡ଼ି ବିକି ସରବ୍‌ସୁଆଁତ୍ ହେଇଥିବାର ମା'ବାପ୍ ଲାଗି ଦିଲ୍ଲୀ ଯିବାର ସମ୍‌ଭବ ନାଇଁହେଲା। ଇ ବାବ୍‌ଦେ ଭିନେ ଭିନେ ଗଣମାଧମରେ ଖବର ବାହାରିଥିଲା। ଖବର ପଢ଼ି ଝନେ ସ୍ୱେଚ୍ଛାସେବୀ ମୁଖ୍ୟମନ୍ତ୍ରୀଙ୍କୁ ସୋସିଆଲ ମିଡିଆରେ ମଳୟର ଚିକିତ୍ସା ଲାଗି ଅନୁରୋଧ କରିଥିଲେ। ରାଏଜ୍ ସରକାରକଁର ସୁଆସ୍‌ତିଅ ବିଭାଗରୁ ଇ ବାବ୍‌ଦେ ଉତର ବି ଆସିଥିଲା। ହେଲେ ଥାନୀୟ ପରଶାସନର ଆଁତରିକତା ଅଭାବୁ ମଳୟର ଉଚ ଚିକିତ୍ସା ନାଇଁ ହେଇପାରଲା। ଶେଷେ ବୁଧୁବାର ମଳୟ ସରଗ୍ ସମ ପୁରଥିକେ ସବୁଦିନର ଲାଗି ଛାଡ଼ି ଚାଲିଯାଇଛନ୍।

# ୨ ଆନ୍ତଃ ରାଜ୍ୟ ହାଇୱେ ଲୁଟେରା ଗିରଫ

■ ପିକ୍‌ଅପ୍ ଭ୍ୟାନ୍ ଜବତ, ୩ ଫେରାର

ନୂଆପଡା ଅଫିସ/କୋମନା, ୧୮।୭ (ଡି.ଏନ.ଏ.)

ନୂଆପଡା ଜିଲା କୋମନା ଅଞ୍ଚଳର ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଲୁଟତରାଜ କରୁଥିବା ୨ ଆନ୍ତଃରାଜ୍ୟ ଲୁଟେରାଙ୍କୁ କୋମନା ପୋଲିସ ଗିରଫ କରିଛି। ଗିରଫମାନେ ହେଲେ କୋମନାର ଦେବାଶିଷ ମିର୍ଦ୍ଧା (୩୦) ଏବଂ ପଦଲୁ ମିର୍ଦ୍ଧା (୨୫) । ସେମାନଙ୍କଠାରୁ ଏକ ପିକଅପ ଭ୍ୟାନ ଜବତ କରିଛି । ଅନ୍ୟ ୩ ଜଣ ଫେରାର ରହିଥିବା ନୂଆପଡା ଏସଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଗୁରୁବାର ମଧ୍ୟାହ୍ନରେ କୋମନା ଥାନାରେ ଆହୂତ ଖବରଦାତା ସମ୍ମିଳନୀରେ ଏସଡିପିଓ ସୂଚନା ଦେଇ କହିଥିଲେ ଯେ ଗତ ୬ ତାରିଖ ବିଳମ୍ବିତ ରାତିରେ ଛତିଶଗଡ ଭିଲାଇରୁ ଏକ ପରିବା ବୋଝେଇ ପିକଅପ୍ ଭ୍ୟାନ ଖଡିଆଳ ଅଭିମୁଖେ ଯାଉଥିଲା। କୋମନା ପୋଲ ନିକଟରେ କିଛି ଦୁର୍ବୃତ୍ତ ଗାଡିକୁ ଅଟକାଇଥିଲେ। ଡ୍ରାଇଭରଙ୍କୁ ଧକ୍କା ମାରି ଗାଡିକୁ ଛଡାଇ ନେଇଗଲେ। ଏହାକୁ ନେଇ ଗାଡିର ଡ୍ରାଇଭର ବାସୁଦେବ ନିଶାଦ (ଭିଲାଇ) କୋମନା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୧୬୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତକ୍ରମେ ଲୁଟେରାମାନେ ପିକଅପ ଭ୍ୟାନକୁ ସ୍ଥାନୀୟ ପଏଁର ଗ୍ରାମପଞ୍ଚାୟତ ଅନୁପଗଡ ଘାଟିରେ ନେଇ ରଖିଥିବା ଜଣାପଡିଥିଲା । ପୋଲିସ ସେଠାକୁ ଯାଇ ଗାଡିକୁ ଉଦ୍ଧାର କରିଥିବାବେଳେ ୨ ଜଣ ଯୁବକ କୋମନାର ଦେବାଶିଷ ଏବଂ ପଦଲୁଙ୍କୁ ଗିରଫ କରାଯାଇଛି । ଗାଡିରେ ଲକ୍ଷାଧିକ ଟଙ୍କାର ପରିବା ଥିବାବେଳେ ସେସବୁକୁ ଲୁଟେରାମାନେ ବିକ୍ରି କରିଦେଇଥିବା ଜଣାପଡିଛି। ଖବରଦାତା ସମ୍ମିଳନୀରେ ଏସଡିପିଓ ପଟ୍ଟନାୟକଙ୍କ ସହ ଥାନାଧିକାରୀ ନିର୍ମଳ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଗିରଫ ଲୁଟେରାଙ୍କୁ ହାଜର କରାଯାଉଛି।

# ବୈଶାଳୀ ମୁକ୍ତିଲାଭ କରିବ ଆଜି

ଭବାନୀପାଟଣା,୧୮।୭ (ଡି.ଏନ.ଏ.)

ବୈଶାଳୀ ପ୍ରଡକ୍ସନର ପ୍ରଥମ ଓଡିଆ ଚଳଚ୍ଚିତ୍ର ବୈଶାଳୀ ଆସନ୍ତା ୧୯ ରିଖରେ ଶୁଭମୁକ୍ତି ହେବାକୁ ଯାଉଛି। କେବଳ ପାଇବା ପ୍ରେମ ନୁହେଁ ତ୍ୟାଗ ବି ପ୍ରେମର ପରିଭାଷାକୁ ନେଇ ଏକ ଭିନ୍ନ ସ୍ୱାଦରେ ନିର୍ମିତ ଏହି ବିଗ୍ ବଜେଟ ମୁଭିର ଟାଇଟଲ ଗୀତ ସହ ୪ଟି ଗୀତର ଅଡିଓ ରିଲିଜ ପରେ ମାର୍କେଟ ଜୋର୍ ଧରିଲାଣି। ଟ୍ରେଲର ବି ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହି ମୁଭିରେ ବୈଶାଳୀ ଓ ଦୀପାଳି ନାମରେ ଡବଲରୋଲ ଥିବା ବେଳେ ଦୁଇଜଣ ହିରୋ ରହିଛନ୍ତି। ଏହି ଓଡିଆ ମୁଭିର ସମସ୍ତ ସୁଟିଂ ଓଡିଶା, ସିକିମ, ଗାଙ୍ଗଟକ ଓ ରାଜସ୍ଥାନରେ ହୋଇଛି। ହିରୋ ଭୂମିକାରେ ଅଭିଷେକ ରଥ ଓ ଡାକ୍ତର ପ୍ରୀତ ଜୈନ, ହିରୋଇନ ଭୂମିକାରେ ସୁମନପ୍ରିୟା ଅଭିନୟ କରିଛନ୍ତି। ବିଜୟ ମହାନ୍ତି, ଅପରାଜିତା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା, ମନୀଷା ମିଶ୍ର, ଯୋଗେଣ ଜୋଜୋ, ପ୍ରଜ୍ଞା, ରବି ମିଶ୍ର, ଜୀବନ ପଣ୍ଡା, ସୂର୍ଯ୍ୟ ଆଚାର୍ଯ୍ୟ ଏବଂ ଅଭିଜିତ ମଜୁମଦାରଙ୍କ ନିର୍ଦ୍ଦେଶନାରେ ଓ ଗୀତିକାର ନିର୍ମଳ ନାଏକ ଓ ଅରୁଣ ମନ୍ତ୍ରୀଙ୍କ ଗୀତକୁ ପ୍ରଖ୍ୟାତ ଗାୟକ ଉଦିତ ନାରାୟଣ, ପ୍ରମିଳା ଜୈନ, ହ୍ୟୁମାନ ସାଗର, ଦୀପ୍ତି ରେଖା, ମନ୍ଟୁ ଛୁରିଆ, ଅରବିନ୍ଦ ଦତ୍ତ ଓ ଅମରିତା ନାଏକ ଗାଇଛନ୍ତି। ସୁଧୀର ଜୈନଙ୍କ ପ୍ରଯୋଜନାରେ ଆଶୁତୋଷ ଦାଶ ନିର୍ଦ୍ଦେଶନା ଦେଇଥିବା ବେଳେ ଅଜୟ ସାମଲଙ୍କ ଦ୍ୱାରା ଲିଖିତ ଏହି ମୁଭିକୁ ସୁକୁମାର ରଣା ଏଡିଟ କରିଛନ୍ତି। ଏହି ମୁଭି ଆସନ୍ତା ୧୯ ରିଖରେ ଭବାନୀପାଟଣାସ୍ଥିତ ସିନେପ୍ଲେକ୍ସରେ ଶୁଭମୁକ୍ତି ହେବାକୁ ଯାଉଛି।

ଜିଲାସ୍ତରୀୟ ଯୁବ କୌଶଳ ଦିବସ

# ଉଚ୍ଚ ଆଶା ରଖି କାମ କରିବାକୁ ପରାମର୍ଶ

ନୂଆପଡା ଅଫିସ,୧୮।୭

ସ୍ଥାନୀୟ ଝିଲମିଲାସ୍ଥିତ ତ୍ରିନାଥ ତାଲିମ କେନ୍ଦ୍ରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେଭଦି ଚିଲଡ୍ରେନ, ଆଶା ଓଡିଶା, ଓଏଲଏମ, ନେହେରୁ ଯୁବ କେନ୍ଦ୍ର, ଆରଏସଇଟିଇ, ଡିଡିଇୟୁଜିକେ ଏବଂ ପଲିଟେକନିକଟର ମିଳିତ ଆନୁକୂଲ୍ୟରେ ଗୁରୁବାର ଜିଲାସ୍ତରୀୟ ଯୁବ କୌଶଳ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସେଭ ଦି ଚିଲଡ୍ରେନର ଜିଲା ଅଧିକାରୀ ବିଦ୍ୟାଧର ମେହେର ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ମୁଖ୍ୟଅତିଥି, ପିଡି ଡିଆରଡିଏ ବୃଷଭ ଚନ୍ଦ୍ର ନାଏକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ପଟେଲ ଆଜିର ଯୁବ ଗୋଷ୍ଠୀଙ୍କୁ ପିମ୍ପୁଡି ଏବଂ ଝିଣ୍ଟିକା ଗପ ମାଧ୍ୟମରେ କର୍ମରେ ବିଶ୍ୱାସ ରଖିବାକୁ ପରାମର୍ଶ ଦେଇଥିଲେ। ନିଜ ପାଇଁ କେଉଁ ଜିନିଷ ମୂଲ୍ୟବାନ ତାକୁ ପରଖି କାମ କରିବା କଥା ବୋଲି କହିଥିଲେ। ସବୁବେଳେ ଉଚ୍ଚ ଆଶା ରଖି କାମ କରିବା ଉଚିତ । ଉଦ୍ୟମ କଲେ ପଙ୍ଗୁ ମଧ୍ୟ ଗିରି ଲଙ୍ଘିପାରେ ବୋଲି କହିଥିଲେ। ଏହିଭଳି ପିଡି ନାଏକ କୌଶଳ ଶିଖି ନିଜ ଜୀବନରେ ତାକୁ କାର୍ଯ୍ୟକାରୀ କରିବା ପାଇଁ କହିଥିଲେ । ସେ ନିଜ ଜୀବନ ଜାହାଣୀକୁ ଉପସ୍ଥାପନ କରି ମା'ବାପାଙ୍କ କଥାକୁ ମାନି କାମ କରିବାକୁ ପରାମର୍ଶ କରିଥିଲେ । ଏହି ଅବସରରେ ନୂଆପଡା ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପିଲାମାନେ ଯେଉଁମାନେ କି ବିଭିନ୍ନ କ୍ଷେତ୍ରରେ ତାଲିମ ଗ୍ରହଣ କରି ସଫଳତା ପାଇଛନ୍ତି ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓରମାସ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପ୍ରଧାନ, ପିଡିଏମ ଟିନାନ ବାରା, ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ବିଶ୍ୱଜିତ ପାଣିଗ୍ରାହୀ, ଅନୀତା ପଟେଲ, ପଲିଟେକନିକ କଲେଜରୁ ଜ୍ୟୋତିର୍ମୟୀ ଶବର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୀବ ନାୟକଙ୍କ ସମେତ ଆଶା ଓଡିଶାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।




ଜିଲାସ୍ତରୀୟ ଯୁବ କୌଶଳ ଦିବସରେ ଜଣେ ଯୁବ ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ଛତିଶଗଡ଼ ଜଙ୍ଗଲକୁ କାଟି ଚାଷ କରିବା ଅଭିଯୋଗ

# ଓଡ଼ିଶାର ୧୬ଜଣଙ୍କୁ ଗିରଫ କଲା ବନ ବିଭାଗ

ସିନାପାଲି,୧୮।୭ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ସୀମାନ୍ତ ଛତିଶଗଡ ଉଦନ୍ତୀ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲର ମୂଲ୍ୟବାନ ଗଛଗୁଡିକୁ କାଟି ଜମି ଅକ୍ତିଆର କରି ସେଠାରେ ଝୁପୁଡି ଘର ତିଆରି କରିଛନ୍ତି । ଏହି ଅଭିଯୋଗରେ ଛତିଶଗଡ ଗରିଆବନ୍ଧ ବନ ବିଭାଗ ଓଡିଶାର ୧୬ ଜଣଙ୍କ ନାମରେ ଭାରତୀୟ ବନ ଅଧିନିୟମ ୧୯୨୭ ଅନୁସାରେ ଧାରା ୨୬ (କ) (ଚ) ୩୩, ୫୨ ଏବଂ ବନ୍ୟ ଜୀବ ସଂରକ୍ଷଣ ଅଧିନିୟମ ୧୯୭୨ ଅନୁସାରେ ଧାରା ୯, ୨୭, ୩୧, ୩୮ (କ) ଏବଂ ୫୧ରେ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକ ସୀମାନ୍ତ ଘାଟମାଲ ଗ୍ରାମପଞ୍ଚାୟତଠାରୁ ୫ କି.ମି. ଦୂରବର୍ତ୍ତି ଉଦନ୍ତୀ ସୀତାନଦୀ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲ ମଧ୍ୟରେ ଥିବା ଦକ୍ଷିଣ ଉଦନ୍ତୀ ଅଭୟାରଣ୍ୟର କର୍ଲାଝର ସର୍କଲ ଅଧୀନ ପୁଞ୍ଜିପଥର ବିଟ୍ର ୫୪ ନମ୍ବର ଜଙ୍ଗଲ ରହିଛି। ସେଠାକୁ କିଛି ମାସ ହେବ ଓଡିଶାରୁ ଯାଇ ବହୁ ସଂଖ୍ୟାରେ ଲୋକେ ରହିଥିଲେ। ଏମାନେ ଜଙ୍ଗଲରୁ ଶହ ଶହ ଗଛ କାଟି ଚାଷ ପାଇଁ ଅକ୍ତିଆର କରିଥିଲେ। ସେଠାରେ ୧୬ଟି ଝୁପୁଡି ଘର ନିର୍ମାଣ କରି ଜଙ୍ଗଲ କାଟି ଚାଷ ଜମି ତିଆରି କରିଥିଲେ। ବର୍ତ୍ତମାନ ସୁଦ୍ଧା ସେଠାରେ ୫ ଏକର ଜଙ୍ଗଲକୁ ସଫା କରିଥିବା ବନ ବିଭାଗକୁ ଖବର ମିଳିବା ପରେ ସେଠାରେ ଗତ ବୁଧବାର ଚଢ଼ାଉ କରିଥିଲା । ସୀତାନଦୀ ଉଦନ୍ତୀ ବ୍ୟାଘ୍ର ସଂରକ୍ଷଣ ପରିଚାଳକ ଆରଏନ ସୋରୀ, ବନାଞ୍ଚଳ କ୍ଷେତ୍ର ଅଧିକାରୀ ଟିଆର ନରେଟି, କୁହ୍ଲାଡିଘାଟ କ୍ଷେତ୍ର ଅଧିକାରୀ ଆର.ଏଲ. ପଟେଲଙ୍କ ସମେତ ବନ କର୍ମଚାରୀଙ୍କ ନେତୃତ୍ୱରେ ସେଠାରେ ପହଞ୍ଚି ଚଢାଉ କରି ଗିରଫ କରିଥିଲେ । ଏଥିସହ କୋଦାଳ, ଗଏଁତି, ଟାଙ୍ଗିଆ, ଠେଙ୍ଗା, ଆରି, ଧନୁ, ତୀର, ଭାର ମଧ ଜବତ କରାଯାଇଥିବା ବନ ବିଭାଗ ପ୍ରକାଶ କରିଛି । ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗୋନସ୍ଥିତ ଉଚ୍ଛଳା ଗ୍ରାମର ଅନୁର ସିଂମାଝି, ଗୁରୁବାରୁ, ଫୁଲସ ରାମ, ଅକବର ରାମ, ବିଜୁ ରାମ, ନକୁଳ ରାମ, ଛତର ସିଂ, ଚମାର ସିଂ, ସୁବଳ, ରାମଚନ୍ଦ୍ର, ଲକ୍ଷ୍ମଣ, ଆଶାରାମ, ଚକ୍ରଧର, ପୁନିତ ରାମ, ଫରସ ରାମ, ରାୟନୁ ରାମ । ଏହା ପୂର୍ବରୁ ସିନାପାଲି ରେଞ୍ଜ ଅଧୀନ ଘାଟମାଲ ପଞ୍ଚାୟତ ଅଧୀନରେ ଥିବା ସୁବିସ୍ଥନ ଲୁହାପେନ ଜଙ୍ଗଲ ଉପରେ ମଧ ସେତେବେଳେ ଲଲୁପ ଦୃଷ୍ଟି ପଡିଥିଲା। ସିନାପାଲି ରେଞ୍ଜ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ସେତେବେଳେ ଉକ୍ତ ସ୍ଥାନକୁ ପହଞ୍ଚି ସେମାନଙ୍କୁ ବିତାଡିତ କରିଥିଲା । ଠିକ ୧ ବର୍ଷ ପରେ ଉକ୍ତ ସ୍ଥାନକୁ ଲାଗିଥିବା ଛତିଶଗଡ ସୀତାନଦୀ ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ଏହି ଜଙ୍ଗଲକୁ କଟି ଜମି ପ୍ରସ୍ତୁତ କରୁଥିବା ବେଳେ ପୁଣି ଛତିଶଗଡ ବନ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ ହାଜତକୁ ପଠାଇ ଦିଆଯାଇଛି ।



ଗିରଫ ହୋଇଥିବା ବ୍ୟକ୍ତିମାନେ ।



“ ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ବ୍ରଜରାଜନଗର,୧୮।୭(ଡି.ଏନ୍.ଏ.)- ବ୍ରଜରାଜନଗର ଥାନା ୨ନଂ ଠାକୁରପଡ଼ା ପଡ଼ିଆରେ ସୁଖାବନ୍ଧ ନିକଟ ପେଟ୍ରୋଲ ପମ୍ପରୁ ଡକାୟତି କରିବାକୁ ଯୋଜନା କରୁଥିବା ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଭୁଜାଲି, ଲୁହା ରଡ୍, କଳାମୁଖା ଏବଂ ୫୪୫ ଟଙ୍କା ଜବତ କରାଯାଇଛି। ସେମାନେ ହେଲେ ଗଙ୍ଗାନଗର ଫାଟକପଡ଼ାର ସନ୍ତୋଷ ସିଂ (୨୨), କାଳିଆ ରାଉତ (୨୪), ରିଣ୍ଟୁ ନାୟକ (୨୬), ଧନଞ୍ଜୟ କିଷାନ (୨୩), ଓ ରାମପୁର ଅଞ୍ଚଳର ଅମିତ ସା। ଧନଞ୍ଜୟ ଓ ରିଣ୍ଟୁ ପୂର୍ବରୁ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥାଇ ଗିରଫ ହୋଇଥିଲେ।

### ହାତୀ ଉପଦ୍ରବ, ୬ ଘର ଭାଙ୍ଗିଲେ

କିର୍ମିରା,୧୮।୭ (ଡି.ଏନ୍.ଏ.)- ଝାରସୁଗୁଡ଼ା ବାଗଡିହି ରେଞ୍ଜ ଅନ୍ତର୍ଗତ କିର୍ମିରା ବ୍ଲକରେ ହାତୀ ଉପଦ୍ରବ ଜାରି ରହିଛି। କିଛିଦିନ ପୂର୍ବେ ହାତୀ ନକ୍ସପାଲି, କିର୍ମିରା, ଭାଲୁପତ୍ରା ଗ୍ରାମରେ ଏକାଧିକ ଘର ଭାଙ୍ଗିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ନକ୍ସାପାଲି, କିର୍ମିରା ଏବଂ ଗୌଡ଼ପାନପାଲି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆତଙ୍କ ଖେଳାଇଛି। ରାତି ପ୍ରାୟ ୨ଟାରେ ନକ୍ସାପାଲି ମହୁଲମୁଣ୍ଡା ଜଙ୍ଗଲରୁ ଏକ ଦନ୍ତା ହାତୀ ଗ୍ରାମକୁ ପଶିଆସି ସୂର୍ଯ୍ୟକାନ୍ତି ସିଂ, ଗୋବିନ୍ଦ ଦେହୁରୀ, ରେଙ୍ଗାଲିମାଲର ଉପେନ୍ଦ୍ର ବାଗ, ଜୟନ୍ତୀନଗରର ତୁଳସୀରାମ ମୁଣ୍ଡା, ଅଗ୍ରିଆ ବାଗଡିହିର ସଂସାର ସୁନାନୀଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଦେଇଛି। ବନ ବିଭାଗ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛି।

### ସାମାନ୍ୟ ବର୍ଷାରେ ଇସ୍ପାତ ମାର୍କେଟ ଅବସ୍ଥା ବେହାଲ

ରାଉରକେଲା ଅଫିସ,୧୮।୭-ସାମାନ୍ୟ ବର୍ଷାରେ ଷ୍ଟିଲ ସିଟିର ବ୍ୟସ୍ତବହୁଳ ମାର୍କେଟ ରୂପେ ଜଣାଶୁଣା ଇସ୍ପାତ ମାର୍କେଟ ଅବସ୍ଥା ବେହାଲ ହୋଇପଡ଼ିଛି। ବଜାର ଭିତରକୁ ପଶିବା ସହଜ ହେଉନାହିଁ। ବର୍ଷା ଜଳ ନିଷ୍କାସନ ବାଟ ବନ୍ଦ ଯୋଗୁ ଆଣ୍ଠୁଏ ପାଣିରେ ପଶି ଯାତାୟାତ କରୁଛନ୍ତି ଗ୍ରାହକ। ଏ ନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ଗୁରୁବାର ଅପରାହ୍ନରେ ଅସରାଏ ବର୍ଷାରେ ସ୍ଥାନୀୟ ଦୁର୍ଗା ମଣ୍ଡପ ସମ୍ମୁଖରେ ବର୍ଷାଜଳ ଜମାହୋଇ ରହିଥିଲା। ଫଳରେ ଗ୍ରାହକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଦିନକୁ ଦିନ ବଜାର ଭିତରେ ଜବରଦଖଲ ବୃଦ୍ଧି ପାଉଥିବା ଓ ବର୍ଷାଜଳ ନିଷ୍କାସନ ନେଇ ଉଦ୍ଦିଷ୍ଟ ନାଳ ପୋତି ହୋଇପଡ଼ିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା କୁହାଯାଇଛି। ଆବକୁ ବଡ଼ ବର୍ଷା ହେଲେ ପରିସ୍ଥିତି ଅସମ୍ଭାଳ ହେବ ବୋଲି ବ୍ୟବସାୟୀ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ପାନପୋଷ ମାର୍କେଟ ଜରାଜୀର୍ଣ୍ଣ

# ଏଡିଏମ୍‌ଙ୍କୁ ଭେଟିଲେ ବ୍ୟବସାୟୀ

ରାଉରକେଲା ଅଫିସ,୧୮।୭

୧୯୮୫ରୁ ନିର୍ମାଣ କରାଯାଇଥିବା ପାନପୋଷ ମାର୍କେଟ ଅବସ୍ଥା ଏବେ ଜରାଜୀର୍ଣ୍ଣ। ଏଠାରେ ବ୍ୟବସାୟ କରି ପରିବାର ଚଳାଉଥିବା ୧୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କ ମଧ୍ୟରେ କେତେଜଣ ସ୍ଥାୟୀ ହୋଇଥିବା ବେଳେ ଅଧିକାଂଶ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରନ୍ତି। ଏମାନଙ୍କ ବ୍ୟତୀତ ସହରତଳି ଅଞ୍ଚଳରୁ ପ୍ରତିଦିନ କିଛି ପରିବା ଚାଷୀ ମଧ୍ୟ ନିଜ ଉତ୍ପାଦିତ ପରିବା ବିକ୍ରି ନିମନ୍ତେ ଏଠାକୁ ଆସନ୍ତି। ଏପରି ଅବସ୍ଥାରେ ମହାନଗର ନିଗମ ପକ୍ଷରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ନୋଟିସ ଜାରି କରାଯାଇଛି। ବଜାର ଅବସ୍ଥା ବେହାଲ ହୋଇଥିବା ବେଳେ ଅନ୍ୟତ୍ର ସ୍ଥାନାନ୍ତରକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ବ୍ୟବସାୟୀ। ଏ ନେଇ ଗୁରୁବାର ଏଡିଏମ୍ ଯେଦୁଲା ବିଜୟଙ୍କୁ ଭେଟି ଅଭିଯୋଗ କରିଛନ୍ତି କ୍ଷୁଦ୍ର ହବ୍ୟବସାୟୀ ସଂଘ କର୍ମକର୍ତ୍ତା। ଅଭିଯୋଗ ଅନୁଯାୟୀ, ବଜାର ଆରମ୍ଭରୁ ଦୋକାନ ଗୃହଗୁଡ଼ିକର ମରାମତି କରାଯାଇନି। ଅବସ୍ଥା ଜାରାଜୀର୍ଣ୍ଣ ହୋଇପଡ଼ିଛି। ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଦୋକାନ କାନ୍ଥ, ଛାତ କେତେବେଳେ ଭୁଶୁଡ଼ିବ ତାହା କହିହେବ ନାହିଁ। ବଜାର ପରିସରରେ ବିଜୁଳି ଖୁଣ୍ଟ ରହିଥିବା ବେଳେ ଏହା କାମରେ ଲାଗୁନି। ସନ୍ଧ୍ୟା ନଇଁଲା ପରେ ବଜାର ଅଞ୍ଚଳର ଅର୍ଦ୍ଧାଧିକ ଭାଗ ଅନ୍ଧକାରରେ ବୁଡ଼ି ରହୁଛି। ବଜାର ଭିତରେ କଂକ୍ରିଟ ରାସ୍ତା ନାହିଁ। ପାଣି କାଦୁଅରେ ପଶି ଗ୍ରାହକ କାରବାର କରୁଛନ୍ତି। ଏବେ ବର୍ଷା ଆରମ୍ଭ ହୋଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ସର୍ବନିମ୍ନ ସୁବିଧା କହିଲେ ଏଠାରେ ଆର୍ଜଜନା ପକାଇବା ନେଇ ଡଷ୍ଟବିନଟିଏ ବି ନାହିଁ। ଏଣୁ ମାର୍କେଟ ଅଞ୍ଚଳ ଅପରିଷ୍କାର ହୋଇପଡ଼ିଛି। ବିଶେଷକରି ପନିପରିବା ବିକ୍ରେତାଙ୍କ ଅବସ୍ଥା ନ କହିବା ଭଲ। ତଳେ ବସି ବ୍ୟବସାୟ କରୁଥିବା ଏହି ବ୍ୟବସାୟୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବେଳେବେଳେ ଅଧିକ ବର୍ଷାରେ ପରିବା ଭାସିଯାଉଛି।

ଏମିତି ଦୟନୀୟ ଅବସ୍ଥାରେ ଏହି ସର୍ବ ପୁରାତନ ମାର୍କେଟ ଗତି କରୁଛି। ଆମିଷ ବ୍ୟବସାୟୀଙ୍କ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ସେମାନେ ଅନେକ ସମୟରେ ଜନଗହଳିପୂର୍ଣ୍ଣ ବଜାର ଭିତରକୁ ପଶି ଆସି ବ୍ୟବସାୟ କରୁଛନ୍ତି। ଫଳରେ ଦୁର୍ଗନ୍ଧ ସହ୍ୟ କରିହେଉନି। ଇତିମଧ୍ୟରେ ସହରର ଅନେକ ବ୍ୟବସାୟସ୍ଥଳର ଉନ୍ନତୀକରଣ ହୋଇଛି। ପାନପୋଷ ବଜାର ଏଥିରୁ ବାଦ୍ ରହିଛି। ବଜାରକୁ ଆସୁଥିବା ସହସ୍ରାଧିକ ଗ୍ରାହକଙ୍କ ପାଇଁ ପାର୍କିଂ ବ୍ୟବସ୍ଥା ନାହିଁ। ଯିଏ ଯେଉଁଠି ପାରୁଛି ଗାଡ଼ି ରଖି ଭିତରକୁ ପଶୁଛି। ଏଭଳି ସମସ୍ୟାର ଲମ୍ବା ଚିଠା ଏଡିଏମ୍‌ଙ୍କ ଆଗରେ ଉପସ୍ଥାପନ କରିଥିଲେ ବ୍ୟବସାୟୀ। ତେବେ ଏହି ବଜାରର ନବକଳେବର ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଯାହା ଆବଶ୍ୟକ ଅର୍ଥ ଖର୍ଚ୍ଚ କରାଯାଇ ବଜାରର ଉନ୍ନତୀକରଣ ସହ ଅନ୍ୟ ସମସ୍ତ ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବ ବୋଲି ଏଡିଏମ୍ ବିଜୟ କହିଥିଲେ। ଏ କ୍ଷେତ୍ରରେ ବାଧକ ସାଜିଥିବା ଜବରଦଖଲ ହଟାଇବା ନେଇ ସେ ବ୍ୟବସାୟୀଙ୍କ ସହଯୋଗ କାମନା କରିଥିଲେ। ଏଥିରେ ବୟବସାୟୀ ସଂଘ ପକ୍ଷରୁ ସଭାପତି ରମାକାନ୍ତ ପାଣ୍ଡେ ଓ ସାଧାରଣ ସମ୍ପାଦକ ପବନ ଜଲାଲାଙ୍କ ସହ ବହୁ ବ୍ୟବସାୟୀ ଉପସ୍ଥିତ ଥିଲେ।



ବିଭିନ୍ନ ଦାବି ନେଇ ପାନପୋଷ ବ୍ୟବସାୟୀ ସଂଘ ପକ୍ଷରୁ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।




ଆର୍‌ଏମ୍‌ସି ସଭାଗୃହରେ ଡେଙ୍ଗୁ, ମ୍ୟାଲେରିଆ ମୁକାବିଲା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

# ଡେଙ୍ଗୁ, ମ୍ୟାଲେରିଆ ମୁକାବିଲା ବୈଠକ

ରାଉରକେଲା ଅଫିସ,୧୮।୭

ରାଉରକେଲା ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ମୁକାବିଲା ପାଇଁ ବୁଧବାର ଅପରାହ୍ନରେ ସହରାଞ୍ଚଳ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ଉପରୋକ୍ତ ରୋଗ ନିରାକରଣ ଓ ପ୍ରତିରୋଧ ନେଇ ସକାରାତ୍ମକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ମିଶନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଡାକ୍ତର ପୁଷ୍ପମିତ୍ର ମିଶ୍ର ବକ୍ତବ୍ୟ ପ୍ରଦାନ କରି ଏ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅଧିକାରୀ ଶକ୍ତିପ୍ରସାଦ ମହାପାତ୍ର ରାଉରକେଲା ସହରାଞ୍ଚଳରେ ଏହି ରୋଗ ନିରାକରଣ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷା ବିଭାଗ, ଶିଶୁ ବିକାଶ, ପିଏଚ୍‌ଡି, ପିଡବ୍ଲ୍ୟୁଡି, ଶିଳ୍ପ ବିଭାଗ, ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ, ଷ୍ଟିଲ ପ୍ଲାଣ୍ଟ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅଧିକାରୀଙ୍କୁ ଡେଙ୍ଗୁ, ମ୍ୟାଲେରିଆ ଆଦି ରୋଗ ସମ୍ପର୍କରେ ସଚେତନ ରହିବାକୁ ଅତିରିକ୍ତ ଜିଲାପାଳ ବିଜୟ ପରାମର୍ଶ ଦେଇଥିଲେ। ଗତ ୧୭ ତାରିଖରୁ ଆରମ୍ଭ କରାଯାଇଥିବା ନିରାକରଣ ସଚେତନତା ଆସନ୍ତା ସେପ୍ଟେମ୍ବର ୧୬ ଯାଏ ଜାରି ରହିବ ବୋଲି ଏଥିରେ ସୂଚନା ଦିଆଯାଇଥିଲା। ବର୍ଷାରେ ଯେପରି ମଶା ବଂଶ ବୃଦ୍ଧି ନ ହେବ ସେ ଦିଗରେ ଧ୍ୟାନ ଦେବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ସରକାରୀ ଓ ବେସରକାରୀ କୋଠା ଓ ପାଣି ଜମୁଥିବା ଅଞ୍ଚଳକୁ ଆବର୍ଜନାମୁକ୍ତ ରଖିବାକୁ ପରାମର୍ଶ ଦିଆଯାଇଛି। ବିଶେଷକରି ଆର୍‌ଏସ୍‌ପି ଅଞ୍ଚଳ ଅନ୍ତର୍ଗତ ବସ୍ତି ଅଞ୍ଚଳ ପ୍ରତି ପ୍ରାଥମିକତା ଭିତ୍ତିରେ ଧ୍ୟାନ ଦେବାକୁ କୁହାଯାଇଛି। ଏ ଦିଗରେ ଆଶା, ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରିବେ।

# କୁଳଭୂଷଣ ପ୍ରସଙ୍ଗରେ ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ

ରାଉରକେଲା ଅଫିସ,୧୮।୭

ପାକିସ୍ତାନ ଜେଲରେ ବନ୍ଦୀ ଜୀବନ କାଟୁଥିବା ଭାରତୀୟ ନୌବାହିନୀର ଅବସରପ୍ରାପ୍ତ ଅଧିକାରୀ କୁଳଭୂଷଣ ଯାଦବଙ୍କ ମାମଲାରେ କେନ୍ଦ୍ର ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ ବୋଲି ବରିଷ୍ଠ ଭିଏଚ୍‌ପି ନେତା ଶାନ୍ତନୁ କୁସୁମ ଏକ ବିବୃତିରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପାକିସ୍ତାନ କୋର୍ଟ ଦ୍ୱାରା କୁଳଭୂଷଣଙ୍କୁ ଫାଶୀ ଦଣ୍ଡାଦେଶ ଦିଆଯାଇଥିଲା। ଏହାକୁ ଚ୍ୟାଲେଞ୍ଜ୍ କରି ଭାରତ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ (ଆଇସିଜେ)ରେ ଯେଉଁଭଳି ଗାମ୍ଭୀରତାର ସହ ମାମଲା ଲଢ଼ିଛି ତାହା ଅତ୍ୟନ୍ତ ପ୍ରଶଂସନୀୟ। ବଳିଷ୍ଠ ଯୁକ୍ତି ଓ ପ୍ରମାଣପତ୍ର ଆଧାରରେ ପାକିସ୍ତାନକୁ ମୁହଁତୋଡ଼ ଜବାବ ଦିଆଯିବା ବିଶେଷ ଉଲ୍ଲେଖନୀୟ। କେହି ଜଣେ ବ୍ୟକ୍ତି ପାକିସ୍ତାନ ଦ୍ୱାରା ଗିରଫ ହେଲେ ଭାରତ ମାଟିକୁ ଫେରିବା ସମ୍ଭାବନା କ୍ଷୀଣ। କାରଣ ସେଠାରେ ମାନବାଧିକାରର କୌଣସି ମହତ୍ତ୍ୱ ନାହିଁ। ପାକିସ୍ତାନ ଜେଲ ଭିତରେ ନିର୍ଯାତିତ ହୋଇ କିଛିବର୍ଷ ପୂର୍ବେ ମୃତ୍ୟୁବରଣ କରିଥିବା ସରବଜିତ ସିଂ ମାମଲା ଏହାର ଜ୍ୱଳନ୍ତ ନମୁନା। ଏପରି ଅବସ୍ଥାରେ କୁଳଭୂଷଣଙ୍କ ଅବସ୍ଥା ପ୍ରାୟ ସମାନ ହେବ ବୋଲି ଅଶଙ୍କା କରାଯାଉଥିଲା। ହେଲେ କୁଳଭୂଷଣଙ୍କୁ ବଞ୍ଚାଇବାକୁ ଭାରତ ସରକାରଙ୍କ ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ। ପାକିସ୍ତାନ କୁଳଭୂଷଣଙ୍କୁ ଅପହରଣ କରିନେବା ପରେ ଦୀର୍ଘ ୩ବର୍ଷ ଧରି ନିର୍ଯାତନା ଦେଇଆସୁଛି। ଯାହା ଅତ୍ୟନ୍ତ ନିନ୍ଦନୀୟ। ୨୦୧୭ ଡିସେମ୍ବରରେ କୁଳଭୂଷଣଙ୍କ ମା' ଓ ସ୍ତ୍ରୀ ସୀମା ତେଇଁ ତାଙ୍କୁ ଭେଟିବାକୁ ଯାଇଥିବା ବେଳେ ଯେଉଁଭଳି ଅପମାନିତ କରାଗଲା ତାହାକୁ ଯେତେ ନିନ୍ଦା କଲେ ବି ଶବ୍ଦ ଅଭାବ ପଡ଼ିବ। କୁଳଭୂଷଣଙ୍କ ମୁକ୍ତି ପାଇଁ ଭାରତ ସରକାର ନିଶ୍ଚିତ ରୂପେ ଆଉ ଦୁଇ ପାଦ ଆଗକୁ ବଢ଼ିବେ ବୋଲି କୁସୁମ ଆଶା ବ୍ୟକ୍ତ କରିଛନ୍ତି।

# ବିଶ୍ୱଭୂଷଣଙ୍କ ରାଜ୍ୟପାଳ ନିଯୁକ୍ତିକୁ ଭାଜପାର ସ୍ୱାଗତ

ରାଉରକେଲା ଅଫିସ,୧୮।୭

ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ରୂପେ ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ନିଯୁକ୍ତ ହୋଇଛନ୍ତି। ଏହାକୁ ଭାଜପା ପକ୍ଷରୁ ସ୍ୱାଗତ କରାଯାଇଛି। ପୂର୍ବରୁ ଦ୍ରୌପଦୀ ମୁର୍ମୁଙ୍କୁ ଝାଡ଼ଖଣ୍ଡ ରାଜ୍ୟପାଳ ରୂପେ ନିଯୁକ୍ତ କରାଯାଇଥିଲା। ଏବେ ଆଉ ଜଣେ ଓଡ଼ିଆଙ୍କୁ ଆନ୍ଧ୍ର ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଯାଇଥିବାରୁ ପାନପୋଷ ସାଂଗଠନିକ ଜିଲା ନେତୃମଣ୍ଡଳୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଓଡ଼ିଶା ପ୍ରତି ତାଙ୍କ ଭଲପାଇବା ଏହା ଦ୍ୱାରା ପ୍ରାମାଣିତ ହୋଇଛି ବୋଲି ବରିଷ୍ଠ ନେତା କିଶୁନ ସାହୁ, ନିହାର ରାୟ, ରାଜ୍ୟ ସମ୍ପାଦକ ଧିରେନ ସେନାପତି, ରଘୁ ବଳ ଓ ରାଜେନ୍ଦ୍ର ସାହୁଙ୍କ ସମେତ ସମସ୍ତ ମଣ୍ଡଳ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।




ଦେବଦେବୀଙ୍କୁ ଅସମ୍ମାନ ନେଇ ସେକ୍ଟର-୧୯ ଥାନାରେ ଅଭିଯୋଗ କରିବାକୁ ଆସିଛନ୍ତି ଦୁର୍ଗା ବାହିନୀ କର୍ମକର୍ତ୍ତା।

# ସୀମା ଟପିଲାଣି ଦେବଦେବୀଙ୍କ ପ୍ରତି ଅସମ୍ମାନ

ରାଉରକେଲା ଅଫିସ,୧୮।୭

ଏକ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ହିନ୍ଦୁ ଧାର୍ମିକ ଭାବନା ପ୍ରତି ଆଘାତ କରାଯାଉଥିବା ଅଭିଯୋଗ କରିଛି ଦୁର୍ଗା ବାହିନୀ। ଏ ନେଇ ଗୁରୁବାର ସେକ୍ଟର-୧୯ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ସଂଗଠନ କର୍ମକର୍ତ୍ତା। ଏଥିରେ କୁହାଯାଇଛି ଯେ ସମ୍ପୃକ୍ତ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବହିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ମାନୁଥିବା ଭଗବାନଙ୍କ ସମ୍ପର୍କରେ ଶିକ୍ଷାଦାନ କରାଯାଉଛି। ତାଙ୍କ ବ୍ୟତୀତ ସଂସାରରେ ଆଉ କେହି ଦେବୀଦେବ ନାହାନ୍ତି ବୋଲି ପଢ଼ାଯାଉଛି। ଏହା କିପରି ଶିକ୍ଷା ଓ କେଉଁ ଉଦ୍ଦେଶ୍ୟରେ ପଢ଼ାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଯାହାକୁ ଉପାସନା କରୁଛନ୍ତି ତାଙ୍କୁ କିପରି କୋମଳମତି ପିଲାଙ୍କ ଉପରେ ଲଦି ଦିଆଯାଉଛି ସେ ନେଇ

### ଦୁର୍ଗା ବାହିନୀର ଅଭିଯୋଗ

ଦୁର୍ଗା ବାହିନୀ ପକ୍ଷରୁ ପ୍ରଶ୍ନ କରାଯାଇଛି। ହିନ୍ଦୁ ସମ୍ପ୍ରଦାୟର ସରଳତା ଓ ଆସ୍ଥା ପ୍ରତି ଅନେକ କ୍ଷେତ୍ରରେ ଏଭଳି ଆଚରଣ ନଜରକୁ ଆସୁଛି। ଯାହାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯାଇପାରିବ ନାହିଁ। ଏଭଳି ଧାର୍ମିକ ଶିକ୍ଷା ପ୍ରଦାନ କରାଯିବା ଏକ ଷଡ଼ଯନ୍ତଠାରୁ କିଛି କମ୍ ନୁହେଁ। ଏହାଦ୍ୱାରା ଦୁଇ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି ହେବ। ପୃଥିବୀରେ ସେହି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଠାକୁରଙ୍କୁ ଏକମାତ୍ର ବୋଲି ଆଖ୍ୟାୟିତ କରିବା ଅତ୍ୟନ୍ତ ନିନ୍ଦନୀୟ। ବିଭିନ୍ନ କ୍ଷେତ୍ରରେ ଷଡ଼ଯନ୍ତ୍ର ରଚାଯାଇ ହିନ୍ଦୁ ଭାଷା, ସଂସ୍କୃତି ଓ ସାମାଜିକ ବ୍ୟବସ୍ଥା ବିରୋଧରେ ଯେଉଁମାନେ ଏଭଳି ପଦକ୍ଷେପ ନେଉଛନ୍ତି ସେମାନଙ୍କୁ ଆଦୌ କ୍ଷମାଦେବା ଉଚିତ ନୁହେଁ ବୋଲି କହିଛନ୍ତି ସଂଗଠନ କର୍ମକର୍ତ୍ତା।

ଦେବଦେବୀଙ୍କ ପ୍ରତି ଅସମ୍ମାନ ସୀମା ଉଲ୍ଲଂଘନ କଲାଣି। ବିଭିନ୍ନ ସମୟରେ ଅପପ୍ରଚାର କରାଇ ହିନ୍ଦୁ ସମ୍ପ୍ରଦାୟକୁ ବ୍ୟଥିତ କରାଯାଉଛି। ଏହା ବରଦାସ୍ତ ବାହେରେ ବୋଲି କହିଛନ୍ତି ସଂଗଠନ କର୍ମକର୍ତ୍ତା। ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନମାନି ଦେଶବିରୋଧୀ, ସମ୍ପ୍ରଦାୟ ଓ ସଂସ୍କୃତି ବିରୋଧୀ ବୋଲି କର୍ମକର୍ତ୍ତା ତନ୍ୱି ଶତପଥୀ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଯେଉଁ ସମାଜ ବିରୋଧୀ ତତ୍ତ୍ୱ ଏଭଳି ହୀନ ଆଚରଣ କରିବ ତାକୁ ଦୁର୍ଗା ବାହିନୀ ପକ୍ଷରୁ କଡ଼ା ଜବାବ ଦିଆଯିବ ବୋଲି ଚେତାଇ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ଶତପଥୀଙ୍କ ସହ ବାସନ୍ତୀ ସେଠୀ, ଶର୍ମିଳା ଦୀପ, ରଶ୍ମିତା ପଣ୍ଡା, ପୁରବୀ ପାଲ, ଲଳିତା ଦତ୍ତ, ମୁସ୍କାନ ସାହୁ, ଅନୀତା ଅଗ୍ରୱାଲ, ନୀକି କୁମାରୀ ଓ ହେମଲତା ମହାନନ୍ଦ ପ୍ରମୁଖ ସାମିଲ ଥିଲେ।

# ପାୱାର ହାଉସ୍ ରୋଡ୍‌ରେ ବର୍ଷାଜଳ ଜମିବା ନେଇ ଅସନ୍ତୋଷ

ରାଉରକେଲା ଅଫିସ,୧୮।୭

ବର୍ଷାରେ ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରେ ଗୁରୁବାର ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିବାରୁ ଅସନ୍ତୋଷ ଦେଖାଦେଇଥିଲା। ପାୱାର ହାଉସ୍ ରୋଡ୍ ଅଞ୍ଚଳ ରାସ୍ତା ଉପରେ ପାଣି ଜମି ରହିବାରୁ ଲୋକେ ହନ୍ତସନ୍ତ ହୋଇଥିଲେ। ପାଖରେ ଇଣ୍ଡୋ ସ୍କୁଲ ରହିଥିବାରୁ ଛାତ୍ରୀଛାତ୍ରଙ୍କ ଛୁଟି ପରେ ଅଭିଭାବକ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ବାରମ୍ବାର ଦାବି ସତ୍ତ୍ୱେ ରାସ୍ତା ମରାମତି କରାଯାଉ ନ ଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ୱେରେଜ କାମ ପାଇଁ ରାସ୍ତା ଖୋଳି ଦିଆଯାଉଥିବାବେଳେ ପରବର୍ତ୍ତୀ ସମୟରେ ଏହାର ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।



ପାୱାର ହାଉସ୍ ରୋଡ୍‌ରେ ଜମିରହିଛି ବର୍ଷା ପାଣି।

# ଅନ୍ୱେଷା ପକ୍ଷରୁ ପ୍ରସ୍ତୁତି ବୈଠକ

ରାଉରକେଲା ଅଫିସ,୧୮।୭

ଛେଣ୍ଡ ଗୋପବନ୍ଧୁ ପାଠାଗାରରେ ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ଏହାର ପ୍ରତିଷ୍ଠା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସଭାପତି କଳ୍ପନା ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେ ବାର୍ଷିକୋତ୍ସବ ପାଳନ ନେଇ ଏକ ଚିଠା ଉପସ୍ଥାପନ କରିଥିଲେ। ଏହାକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଛି। ପ୍ରତି ମାସ ପ୍ରଥମ ଶନିବାର ସନ୍ଧ୍ୟାରେ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ମାସର ତୃତୀୟ ରବିବାର ମାସିକ ମାଗଣା ହାଟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ସାମୂହିକ ଜନ୍ମଦିନ ପାଳନ କରାଯିବ। ଚଳିତ ମାସରେ ଦେଓଗାଁ କୁଷ୍ଠ କଲୋନୀରେ ମାଗଣା ହାଟ ଆୟୋଜନ କରିବାକୁ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦିନ ସେମାନଙ୍କୁ ବର୍ଷାତି (ରେନ୍ କୋଟ୍) ଓ ସହ ଛତା ବଣ୍ଟନ କରାଯିବ। ବୈଠକରେ ସୁକାନ୍ତ ଖୁଣ୍ଟିଆ, ରାଜେନ୍ଦ୍ର ପଣ୍ଡା, ପ୍ରଶାନ୍ତ ପାତ୍ର, ତରୁଲତା ସାମଲ, ସୋନାଲି ମହାକୁଡ଼, ସଚିନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଅନ୍ୱେଷା ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## କୋଇଲା ପରିବହନ ନେଇ ୨ଟ୍ରକ୍ ମାଲିକ ସଂଘ ମଧ୍ୟରେ ବିବାଦ

# ଜିଲାପାଳଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା

ଝାରସୁଗୁଡ଼ା ଅଫିସ/ଲଖନପୁର, ୧୮।୭ (ଡି.ଏନ୍.ଏ.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରରୁ ଟ୍ରକ୍‌ରେ ରୋଡ୍ ସେଲ୍ କୋଇଲା ପରିବହନକୁ ନେଇ ମା' ସମଲେଇ ଟ୍ରକ୍ ମାଲିକ ସଂଘ ଓ ୟୁନାଇଟେଡ୍ ଟ୍ରକ୍ ମାଲିକ ଫେଡେରେଶନ୍ ମଧ୍ୟରେ ଦେଖାଦେଇଛି ବିବାଦ। ଏହି ମାମଲା ଜିଲା କୋର୍ଟରୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛି। ହାଇକୋର୍ଟ ଉଭୟ ସଂଘକୁ ମାସରେ ୧୫ ଦିନ ଲେଖାଏଁ କୋଇଲା ପରିବହନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ମା' ସମଲେଇ ଟ୍ରକ୍ ମାଲିକ ସଂଘ ବିରୋଧ କରି ଜିଲାପାଳଙ୍କ ନିକଟରେ ପିଟିଶନ୍ ଦାଏର କରିଛି। ପିଟିଶନ୍‌କୁ ନେଇ ଫେଡେରେଶନ୍ କୋଇଲା ପରିବହନକୁ ଜିଲାପାଳ ସ୍ଥଗିତ ରଖିଛନ୍ତି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଶୁଣାଣି କରିଥିଲେ। ଏଥିରେ ମା' ସମଲେଇ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆଇନଜୀବୀ ନିରଞ୍ଜନ ବିଶ୍ୱାଳ, ସଂଘ ସଭାପତି ଅଖିଳ ସ୍ୱାଇଁ, ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୟୁନାଇଟେଡ୍ ଟ୍ରକ୍ ମାଲିକ ଫେଡେରେଶନ୍ ପକ୍ଷରୁ ଆଇନଜୀବୀ ପି. ରାମମୋହନ ରାଓ, ସଭାପତି କ୍ଷୀରୋଦ ପ୍ରଧାନ, ସାଧାରଣ ସମ୍ପାଦକ ଅରୁଣଦେବ ଝା ଓ ଚନ୍ଦ୍ରଭୂଷଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଉଭୟ ସଂଘର ଆଇନଜୀବୀ ଜିଲାପାଳଙ୍କ ନିକଟରେ ନିଜ ନିଜ ପକ୍ଷ ରଖିଥିଲେ। ମା' ସମଲେଇ ଟ୍ରକ୍ ମାଲିକ ସଂଘ ପିଟିଶନ୍ ଦାଏର କରିଥିବାରୁ ଜିଲାପାଳ ଏ ନେଇ ୟୁନାଇଟେଡ୍ ଟ୍ରକ୍ ମାଲିକ ଫେଡେରେଶନ୍‌କୁ କାରଣଦର୍ଶାଅ ପିଟିଶନ୍ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଫେଡେରେଶନ୍ ଆସନ୍ତା ୨୬ ତାରିଖ ମଧ୍ୟରେ ଜିଲାପାଳଙ୍କ ନିକଟରେ କାରଣ ଦର୍ଶାଅ ପିଟିଶନ୍ ଦାଖଲ କରିବ।

### ୨୬ରେ ପରବର୍ତ୍ତୀ ଶୁଣାଣି

୨୬ ତାରିଖରେ ଜିଲାପାଳଙ୍କ କୋର୍ଟରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଉଭୟ ସଂଘର ଆଇନଜୀବୀ ପ୍ରକାଶ କରିଛନ୍ତି। ହାଇକୋର୍ଟ ରାୟ ପରେ ୨ ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଛି। ଜିଲାପାଳ ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲାପାଳ ଏ ସମ୍ପର୍କରେ ପୋଲିସକୁ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ୍ ନୁହେଁ
- ଶିରିଡି ସାଇବାବା

## ସଂକ୍ଷେପରେ

### ଶ୍ରାବଣରେ ପ୍ରଚଣ୍ଡ ଖରା, ଗୁଳୁଗୁଳି

ବଡ଼ଗାଁ, ୧୮।୭ (ଡି.ଏନ.ଏ)- ବଡ଼ଗାଁ ବ୍ଲକ ଅଞ୍ଚଳରେ ଶ୍ରାବଣରେ ପ୍ରଚଣ୍ଡ ଖରା ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ସବୁଠି ସେଇ ଗୋଟିଏ କଥା ବର୍ଷା କେବେ ହେବ। ଲୋକେ ଖବରକାଗଜ ଓଲଟାଇଲେ ପ୍ରଥମେ ପାଣିପାଗ ବିଭାଗ କଣ କହିଛି ସେଠି ନଜର ପକାଇ ଆଲୋଚନା କରୁଛନ୍ତି। ଯାହାକୁ ରାସ୍ତା ଘାଟ, ଦୋକାନ ବଜାରରେ ଦେଖିଲେ କପାଳରୁ ଝାଳ ପୋଛିବା ଦୃଶ୍ୟ । ଶ୍ରାବଣରେ ବର୍ଷା ଭିଜାଇଥାଏ ହେଲେ ଲୋକେ ଝାଳରେ ଭିଜୁଛନ୍ତି। ଲୋକେ ଶ୍ରାବଣରେ ଜ୍ୟେଷ୍ଠ ମାସର ଅନୁଭବ କରୁଥିବାରୁ ପ୍ରକୃତିର ଏକ ଲୀଳା ବୋଲି କହୁଛନ୍ତି। ମଣିଷ ପ୍ରକୃତି, ପରିବେଶକୁ ନଷ୍ଟ କରି ଚାଲିଛି। ତେଣୁ ତାର ପରିଣାମ ମଧ ଭୋଗିବାକୁ ପଡିବ ବୋଲି ଆଲୋଚନା କରୁଛନ୍ତି। ତେବେ ବର୍ଷା ଅଭାବରୁ କୂଅ, ପୋଖରୀ ଭର୍ତ୍ତି ହୋଇ ନ ଥିବାରୁ ଆଗାମୀ ବର୍ଷ ଜଳାଭାବ ଦେଖାଦେବା ଆଶଙ୍କା କରାଯାଉଛି। ଝାଡା, ଜ୍ୱରର ପ୍ରକୋପ ଦେଖାଗଲାଣି। ଆଗକୁ ବର୍ଷା ନ ହେଲେ ପରିସ୍ଥିତି ଜଟିଳ ହେବା ଆଶଙ୍କାକୁ ଏଡାଯାଇ ନ ପାରେ ।

# ବର୍ଷା ଅଭାବ: ଚାଷ ଜମି ଫାଟିଲା

**ବଡ଼ଗାଁ ବ୍ଲକ**
- ୪ରୁ ୮ ଦିନ ମଧରେ ବର୍ଷା ନ ହେଲେ ନିଶ୍ଚିତ ମରୁଡି
- ପାଣି ଅଭାବରୁ ଧାନ ଚାରା ହଳଦିଆ ଦେଖାଗଲାଣି

ବଡ଼ଗାଁ, ୧୮।୭ (ଡି.ଏନ.ଏ)

ବଡଗାଁ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ବର୍ଷା ଠାରୁ ଅତି କମ୍ ବୃଷ୍ଟିପାତ ଯୋଗୁ ମାଳ ଓ ଗୋଡା ଜମି ଫାଟି ଆଁ କଲାଣି। ବାହାଲ କିସମର କେତେକ ଖାଲୁଆ ଜମିରେ ସାମାନ୍ୟ ଆଦ୍ରତା ଥିଲାବେଳେ ଆଉ କେତେକ ବାହାଲ ଜମି ଶୁଖିଗଲାଣି। ଆସନ୍ତା ୪ରୁ ୮ ଦିନ ମଧରେ ବର୍ଷା ନ ହେଲେ ନିଶ୍ଚିତ ମରୁଡିର ପଦଧ୍ୱନୀ ଶୁଣାଗଲାଣି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ମାତ୍ର ୩୧୭. ୯ ମିମି ବର୍ଷା ହୋଇଥିଲା ବେଳେ ଜୁଲାଇ ୧୧ରୁ ଏ ଯାଏଁ ବର୍ଷାର ଦେଖାନାହିଁ। ଜୁନରେ ୨୩୭. ୪ ମିମି, ଜୁଲାଇରେ ୩୮୬.୪ ମିମି, ଅଗଷ୍ଟରେ ୩୯୩. ୯ ମିମି ଓ ସେପ୍ଟେମ୍ବରରେ ୨୧୧.୫ ମିମି ବୃଷ୍ଟିପାତ ହେଲେ ସ୍ୱାଭାବିକ ବର୍ଷା ଧରାଯାଏ ଓ ଏହା ଚାଷକୁ ଆଗେଇ ନେଇଥାଏ। ସେ ଅନୁଯାଇ ଜୁନ ଓ ଜୁଲାଇରେ ମୋଟ ୬୨୩.୮ ମିମି ବର୍ଷା ହେବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ହୋଇଛି ୩୧୭.୯ ମିମି ବର୍ଷା । ସ୍ୱଳ୍ପ ବର୍ଷା ଯୋଗୁ ହତାଶ ହୋଇପଡିଥିବା ଚାଷୀ ମେଘୁଆ କିମ୍ବା କଳା ହାଣ୍ଡିଆ ମେଘ ଦେଖିଲେ ମନରେ ଆଶା ଉଜ୍ଜିବିତ କରେ। କିନ୍ତୁ କିଛି ସମୟ ପରେ ପ୍ରଚଣ୍ଡ ଖରା ଆଶାକୁ ଝାଉଁଲି କରିଦିଏ। ତେବେ ଯେଉଁ ଚାଷୀମାନେ ଉଚ୍ଚ ଜମି ଯଥା ଗୋଡା, ମାଳ ଓ ବେର୍ଣ୍ଣା କିସମ ଜମିରେ ଧାନ ବୁଣିଥିଲେ ତାହା କେତେକ ସ୍ଥାନରେ ପୋଡି ପାଳ ହୋଇଯାଇଛି। ଆଉ କେତେକ ଧାନ ଚାରା ହଳଦିଆ ଦେଖାଗଲାଣି। ଏହି ଜମିଗୁଡିକରେ ରୁଆ କରିଥିବା ଚାଷୀଙ୍କ ଜମି ଫାଟି ଯାଇଥିବାରୁ ଓ ବର୍ଷାର ଅନିଶ୍ଚିତତା ଯୋଗୁ କୃଷକ ଚାଷ ଜମିକୁ ଯାଉ ନ ଥିବା ଦେଖାଯାଇଛି। ଫଳରେ ଜମିରେ ଗାଇ, ବଳଦ ପଶି ଚରିବା ଆରମ୍ଭ କଲେଣି। ସପ୍ତାହେ ମଧରେ ଭଲ ବର୍ଷା ନ ହେଲେ ଯେଉଁ ଚାଷୀ ରୁଆ ପାଇଁ ତଳି ପକାଇଛନ୍ତି ତାହା ଅନୁପଯୋଗୀ ହେବ। କୃଷକଙ୍କ ଜମି ଖାଲି ପଡି ରହିବ। ଯେଉଁ ଚାଷୀମାନେ ବିଳମ୍ବରେ ତଳି ପକାଇଛନ୍ତି ତାହା ଗଜା ହୋଇ ଶୁଖିଯିବ। ଯେଉଁ ଚାଷୀଙ୍କ ପାଇଁ ଖରିଫ ଧାନ ଚାଷ ହିଁ ପେଟ ପାଟଣାର ମୁଖ୍ୟ ଆଧାର ସେମାନେ ଏଭଳି ପରିସ୍ଥିତି ଦେଖି ମୁଣ୍ଡରେ ହାତଦେଇ ବସିଲେଣି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଜୁନରୁ ଅଗଷ୍ଟ ପର୍ଯ୍ୟନ୍ତ କିଛିଟା ବର୍ଷା ହେବାରୁ ଚାଷୀ ଖରିଫ ଧାନ ଚାଷ ଭଲ ହେବ ଆଶା କରିଥିଲେ। କିନ୍ତୁ ଜୁଲାଇ ମାସରେ ବର୍ଷା ନ ହେବାରୁ ଧାନ ଅମଳ କମିଯାଇଥିଲା। କେତେକ ଜମିର (ଉଚ୍ଚଜମି) ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଗତ ବର୍ଷ ମରୁଡିରେ କ୍ଷତିଗ୍ରସ୍ତ ଚାଷୀ ଚଳିତବର୍ଷ ସମ୍ଭାବ୍ୟ ମରୁଡିରେ ପଡିଲେ ଚାଷୀ ଅଣ୍ଟା ସଳଖାଇବା କଷ୍ଟକର ହୋଇପଡିଛି ।



ବଡ଼ଗାଁ– ଫୁଲବାରୀ ରାସ୍ତା ପାର୍ଶ୍ୱ ଗୋଡା ଜମି ଫାଟି ଆଁ କରିଛି ।

- ଏଲ୍ଆଇ ପଏଣ୍ଟ ଉପଯୋଗୀ କରା ନ ଯିବା ଘଟଣା

# ଭାଜପା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଲେ ଚାଷୀ

ବଡଗାଁ, ୧୮।୭ (ଡି.ଏନ.ଏ)

ବଡଗାଁ ବ୍ଲକ ଅନ୍ତର୍ଗତ ଚାରପାଲି ଗ୍ରାମରେ ୩ବର୍ଷ ପୂର୍ବେ ନିର୍ମିତ ଉଠାଜଳସେଚନ ପଏଣ୍ଟ ଉପଯୋଗ କରାଯାଉ ନ ଥିବା ଓ ସମସ୍ତ ସଂଶୋଧନ ଥାଇ ମଧ ଗତବର୍ଷ ୨୪ ହେକ୍ଟର ଜମିର ଚାଷ ଉଜୁଡିବା ଘଟଣା ଉପରେ ୧୫ ତାରିଖ ଉପଯୋଗ କରାଯାଉ ନାହିଁ ଏଲଆଇ ପଏଣ୍ଟ ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ୧୬ ତାରିଖ ସୁନ୍ଦରଗଡ ଉଠାଜଳସେଚନ ଯନ୍ତ୍ରୀ ବିପ୍ର ସୋରେଙ୍ଗଙ୍କ ସହିତ ୩ଜଣ କର୍ମଚାରୀ ଚାରପାଲି ଗାଁକୁ ଯାଇଥିଲେ। କୃଷକମାନଙ୍କ ସହିତ ଆଲୋଚନା କରି ଏଥିରେ ୱେସ୍କୋ କର୍ମଚାରୀଙ୍କ ତ୍ରୁଟି ଯୋଗୁ ବିଳମ୍ବ ହୋଇଥିବା କହିବା ସହିତ ଚାଷୀ ସଚିନ୍ଦ୍ର ମାଝୀଙ୍କୁ ଆମକୁ ନ ଜଣାଇ ଖବରଦାତାଙ୍କୁ କହିଲେ ବୋଲି କହିଥିଲେ। ଏହା ସହିତ ୪ ରୁ ୫ ଦିନ ମଧରେ ସମସ୍ୟାର ସମାଧାନ କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ବୁଧବାର ଚାଷୀମାନେ ଆମ ପ୍ରତିନିଧିଙ୍କୁ ଠିକ ଖବର ପ୍ରକାଶ କରିଥିବାରୁ ଧରିତ୍ରୀ ଖବରକାଗଜ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହା ସହିତ ବଡ଼ଗାଁ ମଣ୍ଡଳ ଭାଜପା କର୍ମକର୍ତ୍ତାମାନେ ଆମ ପାଇଁ ଲଢ଼ିଥିବା କହି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚାଷୀ କେଦାର ମାଝି, ଦୟା ମାଝି, ପବିତ୍ର ମାଝି, ପରମେଶ୍ୱର ମାଝି, ଇନ୍ଦ୍ରମଣୀ ମାଝି, ପାଲା ବାଗ ପ୍ରମୁଖ ଚାଷୀ ଧନ୍ୟବାଦ ଜଣାଇବା ସହ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସମସ୍ୟା ସମ୍ପର୍କରେ ବୁଧବାର ଯନ୍ତ୍ରୀ ସୋରେଙ୍ଗଙ୍କୁ ପଚାରିବାରେ ସେ ଏଥିପାଇଁ ୱେସ୍କୋ କର୍ମଚାରୀଙ୍କୁ ଦୋଷାରୋପ କରିବା ସହ ୪ ଦିନ ମଧରେ ପଏଣ୍ଟ ଉପଯୋଗୀ କରାଇବେ କହିଛନ୍ତି ।

# ବସ୍‌ଷ୍ଟାଣ୍ଡରେ ଗୋରୁପଲ ଆଡ୍ଡା ଯୋଗୁ ଟ୍ରାଫିକ୍ ସମସ୍ୟା

ବଡ଼ଗାଁ, ୧୮।୭ (ଡି.ଏନ.ଏ.)

ଗୋରୁ ମାଲିକମାନେ ଖୋଲମ ଖୋଲା ଗାଇ, ବଳଦଙ୍କୁ ଛାଡ଼ି ଦେଉଥିବାରୁ ରାସ୍ତା ଉପରକୁ ଚାଲିଆସୁଛନ୍ତି। ଯେତେବେଳେ ଗାଇ କ୍ଷୀର ଦିଏ ଓ ଚାଷ ସମୟରେ ବଳଦର ଆବଶ୍ୟକ ହୁଏ, ସେତେବେଳେ ଗାଇ ମାଲିକଙ୍କୁ ଗୋମାତା ମନେପଡ଼ନ୍ତି। କାମ ସରିଲା ପରେ ପୁଣି ବସ୍‌ଷ୍ଟାଣ୍ଡ ପାଲଟିଥାଏ ଗୁହାଳ। ଆଉ ଗାଡ଼ି ଧକ୍କାରେ ଯାଏ ଗୋମାତାଙ୍କ ଜୀବନ। ସ୍ୱାର୍ଥପର ସାଜିଥିବା ଗାଇ ମାଲିକଙ୍କ ଏଭଳି କାର୍ଯ୍ୟକଳାପ ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଦେଖାଦେଇଛି। ଦିନ ହେଉ ବା ରାତି ବଡ଼ଗାଁ ବସ୍‌ଷ୍ଟାଣ୍ଡର ରାଜପଥ ଗାଇ, ବଳଦଙ୍କ ଆଶ୍ରୟସ୍ଥଳି। ରାଜପଥର ମଝି ରାସ୍ତାରେ ଶୋଇ ପାକୁଳି କରୁଥିବାବେଳେ ଗାଇ ବଳଦଙ୍କ ଯୋଗୁ ଦେଖାଦେଉଛି ଟ୍ରାଫିକ ସମସ୍ୟା। ଏହା ଦୁର୍ଘଟଣାର କାରଣ ସାଜୁଛି। ବାଇକ, କାର୍, ଟ୍ରକ୍, ବସ୍ ଚାଳକମାନେ ଗାଇପଲଙ୍କ ଯୋଗୁ ରାସ୍ତା ପାର୍ଶ୍ୱକୁ ଯାଆନ୍ତି। ବଳଦ ମଧରେ ଲଢ଼େଇ ହେଲେ ପାର୍ଶ୍ୱରେ ଯାଉଥିବା ବାଇକ, ସାଇକେଲ ଚାଳକଙ୍କ ଉପରକୁ ମାଡ଼ିଯାଆନ୍ତି। ଫଳରେ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ରାଜପଥ ୧୦ରେ ଥିବା ବଡ଼ଗାଁ ବସ୍‌ଷ୍ଟାଣ୍ଡରେ ଗାଇଗୋଠ ଜମା ହେଉଥିଲେ ମଧ ଏହାର ପ୍ରତିକାର ଦିଗରେ କେହି ଦୃଷ୍ଟି ଦେଉନାହାନ୍ତି। ବିଶେଷକରି ସଞ୍ଜ ନଇଁଲେ ୨୦ରୁ ୨୫ ଗାଇ, ବଳଦ ରାଜପଥ ଅବରୋଧ କରିଥାନ୍ତି। ସ୍ଥାନୀୟ କେତେକ ଡ୍ରାଇଭର କିମ୍ବା ଦୋକାନୀ ବେଳେବେଳେ ଗାଇ, ବଳଦଙ୍କୁ ରାସ୍ତାରୁ ତଡୁଥିଲେ ମଧ ୧୫ ମିନିଟ୍ ପରେ ଗୋରୁ ପଲ ପୂର୍ବଭଳି ରାସ୍ତା ଉପରକୁ ଆସି ଜମା ହୁଅନ୍ତି। ଟ୍ରାଫିକ୍ ସମସ୍ୟା ଦେଖାଦେଉଥିବାରୁ ପ୍ରତିକାର ଦିଗରେ ପଞ୍ଚାୟତ ଦୃଷ୍ଟି ଦେବା ସହିତ କାଞ୍ଜିଆ ହାଉସ୍ କରି ଗାଇ, ବଳଦ ମାଲିକଙ୍କୁ ଜରିମାନା କରିବାକୁ ଦାବି ହେଉଛି।



ବଡ଼ଗାଁ ବସ୍‌ଷ୍ଟାଣ୍ଡ ରାଜପଥ ଉପରୁ ଗାଇ ବଳଦଙ୍କୁ ଜଣେ ବ୍ୟକ୍ତି ତଡୁଛନ୍ତି।

## ବାଲି ଚୋରା ଚାଲାଣ ବେଳେ ଚଢାଉ

**୨ ଟ୍ରାକ୍ଟର, ୧ ଟିପ୍ପର ଜବତ: ଜରିମାନା ଆଦାୟ**

କୁଆଁରମୁଣ୍ଡା, ୧୮।୭ (ଡି.ଏନ୍.ଏ.)

ରାଏବୋଗା ଥାନା ଅଞ୍ଚଳରେ ଥିବା ଶଙ୍ଖନଦୀ ଶଯ୍ୟା ଦଲକି ଘାଟରୁ ଗୁରୁବାର ବାଲି ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଏହି ସମୟରେ ବାଲି ବୋଝେଇ ୨ଟି ଟ୍ରାକ୍ଟର ଓ ୧ଟି ଟିପ୍ପରକୁ ଜବତ କରାଯାଇଥିବା ବେଳେ ଅନ୍ୟ ଗାଡ଼ିଗୁଡିକ ଫେରାର ହୋଇଯାଇଥିଲେ। ଜବତ ୩ ବାଲି ଗାଡ଼ି ମଧ୍ୟରୁ ୨ଟି ଟ୍ରାକ୍ଟରରୁ ରାଜସ୍ୱ ବିଭାଗ ୧୦ ହଜାର ୩ଶହ ଟଙ୍କା, ଟିପ୍ପରରୁ ୧୧ହଜାର ଟଙ୍କା ଆଦାୟ କରାଯାଇଛି। ସୂଚନାଯୋଗ୍ୟ ଯେ, ସଲଙ୍ଗାବାହାଲ,ଦଲକି ନିକଟସ୍ଥ ଶଙ୍ଖନଦୀ ପଠାରୁ ବେଆଇନଭାବେ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ ହେଉଥିବା ବେଳେ ରାଜସ୍ୱ ବିଭାଗ ଆଖିବୁଜି ଦେଇଛି।

# ଏନ୍‌ଡିଆର୍‌ଏଫ୍‌ର ସଚେତନତା କର୍ମଶାଳା

ବାଲିଶଙ୍କରା, ୧୮।୭ (ଡି.ଏନ.ଏ)

ବାଲିଶଙ୍କରା ପଞ୍ଚାୟତ ସମିତି କନିଷ୍ଠ ମହାବିଦ୍ୟାଳୟରେ ଏନ୍‌ଡିଆରଏଫ୍ (ନ୍ୟାଶନାଲ ଡିଜାଷ୍ଟର ରେସପନ୍ସ ଫୋର୍ସ) କଟକ ତରଫରୁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ କଲେଜ ଅଧ୍ୟକ୍ଷ କୁଳମଣି ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଏହି ସଚେତନତା କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଇନ୍ସପେକ୍ଟର ସୁନୀଲ କୁମାର ଶାନ୍ତି ଓ ସବଇନ୍ସପେକ୍ଟର ମିକେ ବେହେରା ବନ୍ୟା, ଭୂମିକମ୍ପ, ଅଗ୍ନିପାତ, ସର୍ପଦଂଶନ, ରାସ୍ତା ଦୁର୍ଘଟଣା ସମ୍ପର୍କରେ ବୁଝାଇ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କୌଶଳ ନମୁନା ଡେମୋ ପ୍ରଦର୍ଶନ କରିଥିଲେ । କର୍ମଶାଳାରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପକ ଯୋଗେଶ୍ୱର ସାହୁ, ଶୁକଦେବ ଡିଗ୍ଗା, ଶୋଭା ସା, ତନୟା ପଟେଲ, ଦୀପ୍ତିମୟୀ ବେହେରା ପ୍ରମୁଖ ଉପସ୍ଥିତ ରହି କର୍ମଶାଳାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।



ଏନ୍‌ଡିଆରଏଫ୍‌ର ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ସୁନ୍ଦରଗଡ଼, ୧୮।୭ (ଡି.ଏନ୍.ଏ)

ପାଟକୁରାରେ ଜଣେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ପୋଲିସର ଦୁର୍ବ୍ୟବହାର ପ୍ରତିବାଦରେ ଗୁରୁବାର ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ମୁହଁରେ କଳାକନା ବାନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ପ୍ରଦାନ କରାଯାଇଥିଲା।

# ଡ୍ୟୁଟି ରୁମ୍‌ରେ ଡ଼ାକ୍ତର ନ ଥିବାରୁ ଅସନ୍ତୋଷ

ବଡଗାଁ, ୧୮।୭ (ଡି.ଏନ.ଏ)

ବଡଗାଁ ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ– ୧୦ର କୌଣସି ସ୍ଥାନରେ ଗାଡି ଦୁର୍ଘଟଣାରେ ୩ଜଣ ଆହତ ହୋଇ ଗୁରୁବାର ମଧ୍ୟାହ୍ନରେ ଡାକ୍ତରଖାନାକୁ ଆସିଥିଲେ। ଏହି ଖବର ଶୁଣି ବଡଗାଁର ସ୍ୱାଗତ ପାଣିଗ୍ରାହୀ (ଘୁପୁଲୁ), ଭୋଇପାଲି ଗ୍ରାମର ରବୀନ୍ଦ୍ର ପଟେଲ ଡାକ୍ତରଖାନାକୁ ଯାଇଥିଲେ। ସେମାନଙ୍କ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଡାକିବାକୁ ଡ୍ୟୁଟି ରୁମକୁ ଯାଇ ଦେଖିଲାବେଳେ ଡାକ୍ତର ନ ଥିଲେ। ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତ ଥିବା ଦେଖି ଡାକ୍ତରଖାନା (ସିଏଚସି) ଅଧିକାରୀ ଡା. ମନୋଜ ଆଚାର୍ଯ୍ୟଙ୍କୁ ଫୋନ କରିଥିଲେ। ସେ ମଧ ଫୋନ ଉଠାଇ ନ ଥିଲେ । ଏହାପରେ ପଟେଲ ସିଡିଏମଓଙ୍କ ଅଫିସକୁ ଫୋନରେ ଘଟଣା ସମ୍ପର୍କରେ ଅଭିଯୋଗ ଜଣାଇଥିଲେ। ଆହତମାନଙ୍କୁ କେଉଁଠି ଦୁର୍ଘଟଣା ହେଲା ଓ ତାଙ୍କ ପରିଚୟ ପଚାରିବାରେ ସେମାନେ କିଛି କହି ନ ଥିଲେ। ଜଣେ ଆହତଙ୍କୁ ଡ୍ରେସର ଡ୍ରେସିଂ କଲାବେଳେ ଅନ୍ୟ ୨ଜଣ ସେଠାରୁ ଲୁଚି ଚାଲିଯାଇଥିଲେ। ଡ୍ରେସିଂ କରାଯାଇଥିବା ଯୁବକଙ୍କୁ ପଚାରିଲେ ମଧ ସେ କେଉଁଠି ଦୁର୍ଘଟଣା ହେଲା ଓ ସେ କିଏ ପରିଚୟ ନଦେଇ ନୀରବ ରହିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସଙ୍କୁ ଫୋନରେ ସୂଚନା ଦିଆଯାଇଥିଲା। ଥାନା ଅଧିକାରୀ ଦାସଙ୍କଠାରୁ ପ୍ରକାଶ ଯେ, ସେ ଫୋନ ପାଇଲା ପରେ ଜାମବାହାଲ, କୁସୁନା ଛକ ପର୍ଯ୍ୟନ୍ତ ଯାଇ ଦେଖିବାରେ ଗାଡି ଦୁର୍ଘଟଣା ଜଣାପଡି ନ ଥିଲା କିମ୍ବା ଗାଇ ବଳଦ ନ ଥିଲେ। ତେବେ ଦୁର୍ଘଟଣା ପରେ ଆହତଙ୍କୁ ଡାକ୍ତରଖାନାକୁ ଆଣିବା ମଧରେ ପ୍ରାୟ ୧ଘଣ୍ଟା ଲାଗିଥିବାରୁ ଏହି ସମୟ ମଧରେ ଗାଡି ଉଠାଇ ନେଇଯାଇଥିବା ଆଶଙ୍କା ଦୃଢ଼ିଭୂତ କରୁଛି । ଗୋ ଚାଲାଣ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ଆହତ ଦ୍ୱୟ ଧରାପଡିବା ଆଶଙ୍କାରେ ଚିକିତ୍ସିତ ନ ହୋଇ ଲୁଚି ଚାଲିଯାଇଥିଲେ ସନ୍ଦେହ ଘନିଭୂତ କରୁଛି । କାରଣ ଗୋ–ଚାଲାଣ କରୁଥିବା ଗାଡିର ପଛରେ ମୋଟର ସାଇକେଲରେ ଗୋରୁ ବେପାରୀ ଓ ତାଙ୍କ ସହଯୋଗୀମାନେ ଯାଇଥାନ୍ତି । ତେବେ ଡାକ୍ତରଖାନାରେ ଡ୍ୟୁଟି ରୁମରେ ଡାକ୍ତର ନ ରହିବା, ସିଏଚସି ଅଧିକାରୀ ମହକୁମା ବା ହେଡକ୍ୱାଟରରେ ନରହିବା ଏବଂ ଆହତଙ୍କୁ ଚିକିତ୍ସା ସେବା ମିଳି ନ ପାରିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏହା ଉପରେ ୩୦ ତାରିଖ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନ କରାଯିବ ବୋଲି ପଟେଲଙ୍କଠାରୁ ଜଣାପଡିଛି।

# ବାଲିଶଙ୍କରା ବ୍ଲକରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ବାଲିଶଙ୍କରା, ୧୮।୭ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାର ସୀମାନ୍ତବର୍ତ୍ତୀ ବାଲିଶଙ୍କରା ବ୍ଲକରେ ଦିନକୁ ଦିନ ଶିକ୍ଷା ବ୍ୟବସ୍ଥା ଭୁଷୁଡିବାରେ ଲାଗିଛି। ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଆଦିବାସୀ ହରିଜନ ସେବାଶ୍ରମ, ଆବାସିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରି ବିଭିନ୍ନ ସୁବିଧା ସୁଯୋଗ ଦେଉଛନ୍ତି। ଶିକ୍ଷୟିତ୍ରୀ, ଶିକ୍ଷକ ସୁନ୍ଦରଗଡ ମହକୁମାରେ ରହି ପ୍ରତିଦିନ ୩୫ କିମି ଦୂର ବସଯୋଗେ ବାଲିଶଙ୍କରା ବ୍ଲକ ଅଞ୍ଚଳକୁ ଆସି ଶିକ୍ଷାଦାନ ଦେଇଥାନ୍ତି । ଫଳରେ ପ୍ରତିଦିନ ବିଳମ୍ବରେ ଆସି ଶୀଘ୍ର ଚାଲିଯାଉଛନ୍ତି। ବିଦ୍ୟାଳୟରୁ ଯିବା ସମୟରେ ୩ଟାରୁ ସୁନ୍ଦରଗଡ ଅଭିମୁଖେ ବାହାରି ପଡୁଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ପ୍ରତିଦିନ ଦେଢ଼ ଘଣ୍ଟାରୁ ୨ ଘଣ୍ଟା ପାଠ ପଢ଼ାରୁ ବଞ୍ଚିତ ରହୁଛନ୍ତି । ଏ ବିଷୟ ନେଇ ଅଞ୍ଚଳର ଅଭିଭାବକ ବୁଦ୍ଧିଜୀବିମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ କୌଣସି ପ୍ରକାର ପଦକ୍ଷେପ ନେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଶିକ୍ଷାର ମହତ୍ତ୍ୱକୁ ଦେଖି ଦାୟୀତ୍ୱରେ ଥିବା ଅଧିକାରୀ ଏଥିପ୍ରତି ବିହିତ ପଦକ୍ଷେପ ନେବା ପାଇଁ ଅଭିଭାବକ ଓ ବୁଦ୍ଧିଜୀବି ମହଲରେ ଦାବି ହେଉଛି ।

# ହୋମିଓପାଥି ଡାକ୍ତରଖାନାରେ ବନ ମହୋତ୍ସବ



ବନ ମହୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ, ଡ଼ାକ୍ତର।

ସୁନ୍ଦରଗଡ, ୧୮।୭ (ଡି.ଏନ.ଏ.)

ସଦର ବ୍ଲକ ଭଷ୍ମା ପଞ୍ଚାୟତର ଜାମତଳିଆଠାରେ ଥିବା ହୋମିଓପାଥି ଚିକିତ୍ସାଳୟରେ ଗୁରୁବାର ବନମହୋତ୍ସବ ପାଳିତ ହୋଇଯାଇଛି। ଜିଲା ଆୟୁର୍ବେଦ ଚିକିତ୍ସାଳୟ ଓ ଜିଲା ହୋମିଓପାଥିକ ଚିକିତ୍ସାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ବନମହୋତ୍ସବ ଅବସରରେ ଏଠାରେ ଦେଢ଼ ଶହରୁ ଊର୍ଦ୍ଧ ବିଭିନ୍ନ ଫଳ ଓ ଔଷଧୀୟ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ହୋମିଓପାଥି ଚିକିତ୍ସାଧିକାରୀ ଡା. ଜଗଦୀଶ କେରକେଟା, ଆୟୁର୍ବେଦ ଚିକିତ୍ସକ ଡ. ଅନନ୍ତ ଆଚାର୍ଯ୍ୟ, ପୂର୍ବତନ ଜିଲା ଆୟୁର୍ବେଦିକ ଚିକିତ୍ସାଧିକାରୀ ଡ. ଜଗବନ୍ଧୁ ଚମ୍ପତି ଯୋଗଦାନ କରିଥିଲେ। ବୃକ୍ଷର ଉପକାରିତା, ଜଳବାୟୁ ପରିବର୍ତ୍ତନର କାରଣ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଅନନ୍ତ ଅର୍ଗଳ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଚୂଳରାଜ ନାଏକ ଧନ୍ୟବାଦ ଦେଇଥିଲେ। କଂଗ୍ରେସ ନାଏକ, ଗୋପୀନାଥ ନାଏକ, ଗଣେଶରାମ ପଟେଲ, ଦୋଳଗୋବିନ୍ଦ ନାଏକ, ଫୁଲ ନାଏକ, ଲତା ପଟେଲ, ସରସ୍ୱତୀ କିଶାନ, କୃଷ୍ଣ ଚନ୍ଦ୍ର କିଶାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସାମିଲ ଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

- ଆବାସ ଯୋଜନା ଘର ପାଖରେ ଏକ ବୃକ୍ଷରୋପଣ କରିବାକୁ ହିତାଧିକାରୀଙ୍କୁ ପରାମର୍ଶ

ସବ୍‌ଡେଗା, ୧୮।୭ (ଡି.ଏନ.ଏ)

ସବ୍‌ଡେଗା ବ୍ଲକରେ ୨୦୧୯–୨୦ ବର୍ଷର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ବୁଧବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଯେଉଁଥିରେ ପ୍ରଥମ, ଦ୍ୱିତୀୟ ପର୍ଯ୍ୟାୟ କରି ୭ଟି ପଞ୍ଚାୟତକୁ ୭୧୫ ଜଣ ହିତାଧିକାରୀଙ୍କୁ ଦିଆଯାଇଛି। ଆଉ ଏକ ପର୍ଯ୍ୟାୟରେ ଆଉ ୭ପଞ୍ଚାୟତର ହିତାଧିକାରୀଙ୍କୁ ବଣ୍ଟନ କରାଯିବ। କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷ ମନୋଜ ବାରୁଆ ଓ ବିଡିଓ ଲମ୍ବୋଧର ଧରୁଆଙ୍କ ସମେତ ବିଭାଗୀୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସରକାରଙ୍କ କିଛି ନିୟମକୁ ବିଡିଓ ହିତାଧିକାରୀଙ୍କୁ ପାଳନ କରିବାକୁ କହିଥିଲେ। ପ୍ରତ୍ୟେକ ହିତାଧିକାରୀ ନିଜ ଆବାସ ଯୋଜନା ଘର ପାଖରେ ଏକ ବୃକ୍ଷ ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ହିତାଧିକାରୀମାନେ ମାତାପିତାଙ୍କୁ ସମ୍ମାନ ଦେବା ସହ ଆଦରର ସହିତ ରଖିବେ, କୌଣସି ଜାଗାରେ ପାଣିର ଅପବ୍ୟବହାର ହେଉଥିଲେ ତାକୁ ସଞ୍ଚୟ ବା ମରାମତି କରିବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ମଦ ବିକ୍ରି କରିବା ଓ ପିଇବା ଠାରୁ ଦୂରରେ ରହିବେ ଓ ଅନ୍ୟମାନଙ୍କୁ ମଧ ମନା କରି ନିଜ ଅଞ୍ଚଳର ବାତାବରଣ ସୁସ୍ଥ, ପରିଚ୍ଛନ୍ନ ରଖିବାକୁ ଚେଷ୍ଟା କରିବେ ବୋଲି ସମସ୍ତଙ୍କୁ କହିଥିଲେ । ଏଥିପ୍ରତି ଯଥା ଧ୍ୟାନ ଦେବା ପାଇଁ ଶେଷରେ ଅଧ୍ୟକ୍ଷ ମଧ ଅନୁରୋଧ କରିଥିଲେ।



କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମରେ ଉପସ୍ଥିତ ହିତାଧିକାରୀ, ଅଧିକାରୀ।